RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-274 ♦THURSDAY ♦02 APRIL 2026 ♦PAGE-12 ♦₹ 7.00
BHUBANESWAR
♦ବର୍ଷ-୪୩ ♦ସଂଖ୍ୟା-୨୭୪ ♦ଗୁରୁବାର ♦୦୨ ଏପ୍ରିଲ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦



**କେର୍‌ଙ୍କ ଶତକ: ନ୍ୟୁଜିଲାଣ୍ଡର ବିଶ୍ୱ ରେକର୍ଡ**
▶ପୃଷ୍ଠା ୧୨ ଦେଖନ୍ତୁ...

### ସଂସଦରେ ଆସିବ ମହିଳା ସଂରକ୍ଷଣ ବିଲ୍

# ବଢ଼ିବ ବଜେଟ ଅଧିବେଶନ ଅବଧି



**ବିରୋଧୀ ଦଳଙ୍କ ସହିତ ବିଚାରବିମର୍ଶ ଆରମ୍ଭ**

**୮୧୬କୁ ବୃଦ୍ଧିପାଇବ ଲୋକସଭା ଆସନ**

**ମହିଳାଙ୍କ ପାଇଁ ସଂରକ୍ଷିତ ରହିବ ୨୭୩ ଆସନ**

■ ନୂଆଦିଲ୍ଲୀ, ୧।୪ (ଏଜେନ୍ସି): ସୀମା ପୁନଃନିର୍ଦ୍ଧାରଣ ଦ୍ୱାରା ଲୋକସଭା ଆସନ ସଂଖ୍ୟା ୮୧୬କୁ ବୃଦ୍ଧି କରିବା ସହିତ ମହିଳାଙ୍କ ପାଇଁ ୨୭୩ ଆସନ ସଂରକ୍ଷିତ ରଖିବା ଲାଗି ଯୋଜନା କରିଛନ୍ତି କେନ୍ଦ୍ର ସରକାର। ଏଥିପାଇଁ ଚଳିତ ମାସ ସଂସଦରେ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରିବେ। ତେଣୁ ସଂସଦର ବଜେଟ ଅଧିବେଶନକୁ ଆସନ୍ତାକାଲି ଗୁରୁବାର ଲୋକସଭାରେ ବାଚସ୍ପତି ଏବଂ ରାଜ୍ୟସଭାରେ ଅଧ୍ୟକ୍ଷ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିବା କଥା। କିନ୍ତୁ ମହିଳା ସଂରକ୍ଷଣ ବିଲ୍ ପାଇଁ ଯୋଜନାରେ ପରିବର୍ତ୍ତନ କରାଯିବାର ସମ୍ଭାବନା ରହିଛି। କାଲି ସଂସଦ ମୁଲତବୀ ହେବ, କିନ୍ତୁ ଚଳିତ ମାସ ତୃତୀୟ ସପ୍ତାହରେ ଦୁଇ ତିନି ଦିନ ପାଇଁ ପୁଣି ଡକାଯିବ। ୧୬ ତାରିଖରେ ଅଧିବେଶନ ଡକାଯିବାର ସମ୍ଭାବନା ଦିନ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ନକରି ଏହାର ଅବଧିକୁ ବୃଦ୍ଧି କରିପାରନ୍ତି। ସରକାରଙ୍କ ପକ୍ଷରୁ ଏସଂପର୍କରେ ଆନୁଷ୍ଠାନିକ ଭାବେ କିଛି କୁହାଯାଇନଥିଲେ ମଧ୍ୟ ଏଭଳି ଯୋଜନା ଚାଲିଥିବା ସଂପର୍କରେ ନିର୍ଭରଯୋଗ୍ୟ ସୂତ୍ରରୁ ଖବର ମିଳିଛି।

ପୂର୍ବ ଯୋଜନା ଅନୁଯାୟୀ ଜାନୁଆରୀ ୨୮ ତାରିଖରେ ଆରମ୍ଭ ହୋଇଥିବା ବଜେଟ ଅଧିବେଶନ ଏପ୍ରିଲ ୨ ତାରିଖ ଯାଏଁ ଚାଲିବ। ଆସନ୍ତାକାଲି ଦୁଇ ତାରିଖରେ ରହିଛି। ଏହି ସମୟରେ ଲୋକସଭା ଆସନ ସଂଖ୍ୟା ବୃଦ୍ଧି ଓ ମହିଳା ଆସନସଂରକ୍ଷଣ (ନାରୀ ଶକ୍ତି ବନ୍ଦନ ଅଧିନିୟମ) ବିଲ୍ ଆଗତ କରିବେ। ମହିଳା ସଂରକ୍ଷଣ ବିଲ୍ ପାଇଁ ସମ୍ବିଧାନରେ ସଂଶୋଧନ ବିଲ୍ ଅଣାଯିବ। ଏସଂପର୍କରେ ସରକାର ବିରୋଧୀ ଦଳ ସହିତ ଆଲୋଚନା ଆରମ୍ଭ କରିଛନ୍ତି। ଗତକାଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଅଣ-କଂଗ୍ରେସ ବିରୋଧୀ ଦଳର ନେତାମାନଙ୍କ ସହିତ ବିଚାରବିମର୍ଶ କରିଛନ୍ତି। ▶ପୃଷ୍ଠା-୭

## ରୁଷ ସାମରିକ ବିମାନ ଦୁର୍ଘଟଣା; ୩୫ ମୃତ



■ ମସ୍କୋ, ୧।୪ (ଏଜେନ୍ସି): ରୁଷର ଏକ ସାମରିକ ପରିବହନ ବିମାନ ଏଏନ୍-୨୬ କ୍ରିମିଆରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ବିମାନରେ ଥିବା ସମସ୍ତ ୩୫ ଜଣଙ୍କର ମୃତ୍ୟୁ ଘଟିଛି। ବିମାନରେ ୨୯ ଜଣ ଯାତ୍ରୀ ଓ ୬ ଜଣ କ୍ରୁ ସଦସ୍ୟ ଥିଲେ। ରୁଷର ନ୍ୟୁଜ ଏଜେନ୍ସି ତାସ୍ ଅନୁଯାୟୀ, ପ୍ରଥମେ ବିମାନ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା ଏବଂ ପରେ ଏହା ଏକ ପାହାଡ଼ରେ ପିଟି ହୋଇ ଚୂରମାର ହୋଇଥିଲା। ପ୍ରାଥମିକ ତଦନ୍ତରୁ ଏହା ଏକ ବୈଷୟିକ ତ୍ରୁଟି ଯୋଗୁଁ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଅନୁମାନ କରାଯାଉଛି। ତଥାପି ଏହାର ତଦନ୍ତ ଜାରି ରହିଛି। ଏଏନ୍-୨୬ ବିମାନ ସୋଭିଏତ ସମୟର ଏକ ପୁରୁଣା ସାମରିକ ପରିବହନ ବିମାନ, ଯାହାକୁ ଏଣ୍ଟୋନୋଭ କମ୍ପାନୀ ତିଆରି କରିଥିଲା। ଏହି ବିମାନ ପ୍ରଥମେ ୧୯୬୯ରେ ଉଡ଼ାଣ ଭରିଥିଲା।

## ଭାରତ ହେବ ଦୁନିଆର ଡାଟା ହବ୍

**୫ ଲକ୍ଷ କୋଟିର ପୁଞ୍ଜିନିବେଶ ଆଶା**

■ ନୂଆଦିଲ୍ଲୀ, ୧।୪ (ଏଜେନ୍ସି): ଆଗାମୀ ଦିନରେ ଭାରତର ଡାଟା ସେଣ୍ଟର କ୍ଷେତ୍ର ନିବେଶକମାନଙ୍କ ପାଇଁ ଏକ ଆକର୍ଷଣୀୟ ସ୍ଥାନ ହୋଇ ରହିବ। କାରଣ ଇତିମଧ୍ୟରେ ଭାରତ ସାରା ଦୁନିଆର ଡାଟା ହବ୍‌ରେ ପରିଣତ ହେବାକୁ ଯାଉଛି। ରିଅଲ୍ ଇଷ୍ଟେଟ୍ ପରାମର୍ଶଦାତା ସିବିଆର୍‌ଇ ପକ୍ଷରୁ ଏକ ରିପୋର୍ଟରେ ଏହା କୁହାଯାଇଛି। ରିପୋର୍ଟ ଅନୁଯାୟୀ, ଚଳିତ କ୍ୟାଲେଣ୍ଡର ବର୍ଷରେ ଭାରତ ଏହାର ଡାଟା ସେଣ୍ଟରରେ ୫୪ ବିଲିୟନ (ପ୍ରାୟ ୫ ଲକ୍ଷ କୋଟି ଟଙ୍କା)ରୁ ଅଧିକ ମୂଲ୍ୟର ନିବେଶ ଆକର୍ଷିତ କରିବ। ଇଣ୍ଡିଆ ଅଲଟରନେଟ୍ ସେକ୍ଟର ଆଉଟଲୁକ୍ ୨୦୨୬ ଶୀର୍ଷକ ଏହି ରିପୋର୍ଟରେ କୁହାଯାଇଛି ଯେ, ଚଳିତବର୍ଷ ଭାରତର ପ୍ରମୁଖ ସହରଗୁଡ଼ିକରେ ମୋଟ ଡାଟା ସେଣ୍ଟର ଷ୍ଟକ୍ ବାର୍ଷିକ ୩୦ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସହିତ ଡାଟା ଲୋକାଲାଇଜେସନ୍ ଆଇନ ଏବଂ ଏକ୍ଷେତ୍ରରେ ଗୁଗୁଲ ଏବଂ ଆଦାନୀ ଗ୍ରୁପ୍‌ର ପୁଞ୍ଜି ବିନିଯୋଗ ଯୋଗୁଁ ଏଭଳି ଅଭିବୃଦ୍ଧି ସମ୍ଭବ ହୋଇପାରିଛି।

### ଟ୍ରମ୍ପଙ୍କ ଦାବିକୁ ଇରାନର ପ୍ରତ୍ୟାଖ୍ୟାନ

# ଅନିଶ୍ଚିତତାରେ ଯୁଦ୍ଧବିରତି



**ଆମେରିକା ଓ ଇସ୍ରାଏଲ ମଧ୍ୟରେ ମତଭେଦ**

**ଚୁକ୍ତି ବିନା ଇରାନ ଛାଡ଼ିବାକୁ ଟ୍ରମ୍ପ ପ୍ରସ୍ତୁତ**

**ଇରାନ ଉପରେ ଆକ୍ରମଣ ଜାରି ରହିବ: ଇସ୍ରାଏଲ**

■ ୱାଶିଂଟନ, ୧।୪ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ଇରାନ-ଆମେରିକା-ଇସ୍ରାଏଲ ଯୁଦ୍ଧର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଲାଗି ରହିଛି। ଦୁଇ ତିନି ସପ୍ତାହ ମଧ୍ୟରେ ଯୁଦ୍ଧରୁ ଆମେରିକା ଓହରିଯିବ ବୋଲି ରାଷ୍ଟ୍ରପତି ଟ୍ରମ୍ପ ସୂଚନା ଦେଲା ପରେ ଆଜି କହିଥିଲେ ଯେ ଇରାନ ଯୁଦ୍ଧବିରତି ପାଇଁ ପ୍ରସ୍ତାବ ଦେଇଛି। ତେବେ ହର୍ମୁଜ ଖୋଲିଲେ ଯାଇ ଯୁଦ୍ଧବିରତି ସମ୍ଭବ ବୋଲି କହିଥିଲେ। କିନ୍ତୁ ଇରାନ ଆଜି ଟ୍ରମ୍ପଙ୍କ ଏହି ଦାବିକୁ ଖାରଜ କରିଦେଇ କହିଛି ଯେ ଯୁଦ୍ଧବିରତି ପାଇଁ ଇରାନ କୌଣସି ପ୍ରସ୍ତାବ ଦେଇନାହିଁ। ଟ୍ରମ୍ପ ମିଛ କହୁଛନ୍ତି ବୋଲି ଇରାନ ବୈଦେଶିକ ମନ୍ତ୍ରୀ କହିବା ପରେ ପରିସ୍ଥିତି ପୁଣି ଜଟିଳ ହୋଇପଡ଼ିଛି। ସେ କହିଛନ୍ତି ଯେ କେବଳ ଇରାନ ସର୍ତ୍ତରେ ହିଁ ଯୁଦ୍ଧବିରତି ସମ୍ଭବ। ଟ୍ରମ୍ପଙ୍କ ନାଲିଆଖିରେ ଡରିଯିବୁ ନାହିଁ। ହର୍ମୁଜ ସମ୍ପୂର୍ଣ୍ଣ ରୂପେ ଇରାନ ନିୟନ୍ତ୍ରଣରେ ରହିଛି। ଏହା ଉପରେ ହମଲା ହେଲେ ଏହାର ମୁକାବିଲା ଲାଗି ଇରାନ ସଂପୂର୍ଣ୍ଣ ରୂପେ ପ୍ରସ୍ତୁତ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଯୁଦ୍ଧରୁ ଓହରିଯିବା ଲାଗି ଟ୍ରମ୍ପଙ୍କ ଘୋଷଣାକୁ ନେଇ ଆମେରିକା ଓ ଇସ୍ରାଏଲ ମଧ୍ୟରେ ମତଭେଦ ସୃଷ୍ଟି ହୋଇଛି। ଆମେରିକା ଓହରିଗଲେ ମଧ୍ୟ ଇରାନ ଉପରେ ଇସ୍ରାଏଲ ଆକ୍ରମଣ ଜାରି ରଖିବ ବୋଲି ଏହାର ପ୍ରଧାନମନ୍ତ୍ରୀ କହିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ କୌଣସି ଚୁକ୍ତି ନହେଲେ ମଧ୍ୟ ଆମେରିକା ଆଗାମୀ ▶ପୃଷ୍ଠା-୭

# କାଳର କଷଟିରେ ଚମକିଲେ ବିଜୁ

### କ୍ଷମାପ୍ରାର୍ଥନା କଲେ ନିଶିକାନ୍ତ, ଭୂୟସୀ ପ୍ରଶଂସା କଲେ ମୋଦୀ



ବିଜୁବାବୁ ରାଷ୍ଟ୍ରନାୟକ ଥିଲେ ଓ ରହିବେ: ଦୁବେ



ବିଜୁବାବୁ ଅତୁଟ ପ୍ରତିବଦ୍ଧତାର ପ୍ରତୀକ: ମୋଦୀ

■ ନୂଆଦିଲ୍ଲୀ/ ଭୁବନେଶ୍ୱର, ୧।୪ (ସମିସ): ନିଆଁରେ ପୋଡ଼ିଲେ ସୁନାର ଶୁଦ୍ଧତା କମି ଯାଏ ନାହିଁ, ବରଂ ଏହା ଅଧିକ ଜାଜ୍ୱଲ୍ୟମାନ ହୁଏ। ଏବେ ବିଜୁ ପଟ୍ଟନାୟକଙ୍କ କ୍ଷେତ୍ରରେ ଠିକ୍ ତାହାହିଁ ଘଟିଛି। ପ୍ରଖର ରାଷ୍ଟ୍ରବାଦୀ, ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଆ ଅସ୍ମିତାର ପ୍ରଚଣ୍ଡ ପ୍ରବକ୍ତା, ଓଡ଼ିଶା ପ୍ରାଣ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପରଲୋକର ତିନି ଦଶନ୍ଧି ପରେ ବିଜେପି ସାଂସଦ ନିଶିକାନ୍ତ ଦୁବେ ତାଙ୍କ ସମ୍ପର୍କରେ ଦେଇଥିବା ଅକଥ୍ୟ ଓ ଘୃଣ୍ୟ ମନ୍ତବ୍ୟ ବିଜୁ ପଟ୍ଟନାୟକଙ୍କ ବ୍ୟକ୍ତିତ୍ୱକୁ ଅଧିକ ଉଜ୍ଜ୍ୱଳ କରିଛି। ଓଡ଼ିଶାରେ ଏହାକୁ ନେଇ ଦଳମତ ନିର୍ବିଶେଷରେ ତୀବ୍ର ବିରୋଧ ହୋଇଛି। ବିଧାନସଭାରେ ଏହାକୁ ନେଇ ନିନ୍ଦା ପ୍ରସ୍ତାବ ଆସିଛି। ଦେଶର ପ୍ରାୟ ସବୁ ରାଜନୈତିକ ଦଳ, ଏପରିକି ନିଶିକାନ୍ତଙ୍କ ଦଳର ଅନେକ ନେତା ମଧ୍ୟ ବିଜୁଙ୍କ ପ୍ରତି ଏପରି ମନ୍ତବ୍ୟକୁ ଗ୍ରହଣ କରିନାହାନ୍ତି। ସଂସଦ ଓ ସଂସଦ ବାହାରେ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ନିଶିକାନ୍ତଙ୍କୁ ଭର୍ତ୍ସନା କରିଛନ୍ତି। ବିଜୁବାବୁ କେବଳ ଓଡ଼ିଶାର ରତ୍ନ ନୁହନ୍ତି, ସାରା ଭାରତର ରତ୍ନ ଓ ଅନ୍ୟତମ ସାହସୀ ସନ୍ତାନ ବୋଲି ଅଭିହିତ କରିଛନ୍ତି। ସ୍ୱାଧୀନତା ପୂର୍ବ ଦ୍ୱିତୀୟ ବିଶ୍ୱଯୁଦ୍ଧ ଓ ସ୍ୱାଧୀନୋତ୍ତର ଭାରତରେ ବିଜୁ ପଟ୍ଟନାୟକଙ୍କ ଦେଶପ୍ରେମକୁ ସ୍ମରଣ କରିଛନ୍ତି। ଏହି ପ୍ରସଙ୍ଗରେ କଟୁ ସମାଲୋଚନାର ଶିକାର ହେବା ପରେ ଶେଷରେ ନିଶିକାନ୍ତ କ୍ଷମାପ୍ରାର୍ଥନା କରିଛନ୍ତି।

ଅନ୍ୟପକ୍ଷରେ ଓଡ଼ିଶା ଦିବସ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଲେଖିଥିବା ଚିଠିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଜୁବାବୁଙ୍କୁ ଭୂରିଭୂରି ପ୍ରଶଂସା କରିବା ସହ ସାହସୀ ଓ ଦେଶ ଗଠନର ପ୍ରତୀକ ଭାବରେ ଅଭିହିତ କରିଛନ୍ତି। ବିଜୁଙ୍କୁ ପ୍ରଶଂସା ସହ ନିଶିକାନ୍ତ ଦୁବେଙ୍କ ମନ୍ତବ୍ୟକୁ ନେଇ ଓଡ଼ିଶା ସହ ସାରା ଦେଶରେ ସୃଷ୍ଟି ହୋଇଥିବା ବିବାଦକୁ ଶାନ୍ତ କରିବାକୁ ପ୍ରୟାସ କରିଛନ୍ତି ପ୍ରଧାନମନ୍ତ୍ରୀ।

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସମ୍ପର୍କରେ ବିବାଦୀୟ ଟିପ୍ପଣୀକୁ ସାରା ଦେଶରେ ବିରୋଧ ଓ ସମାଲୋଚନା ପରେ ଶେଷରେ ମୁଣ୍ଡ ନୁଆଁଇଛନ୍ତି ବିଜେପି ସାଂସଦ ନିଶିକାନ୍ତ ଦୁବେ। ବୁଧବାର ଏକ୍ସରେ ସେ କହିଛନ୍ତି ଯେ ନେହେରୁ-ଗାନ୍ଧୀ ପରିବାରର କାର୍ଯ୍ୟକଳାପ ସମ୍ପର୍କରେ ବକ୍ତବ୍ୟ ରଖିବା ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଦେଶର ବିଶିଷ୍ଟ ରାଜନେତା ଆଦରଣୀୟ ବିଜୁ ପଟ୍ଟନାୟକଙ୍କ ସମ୍ପର୍କରେ ତାଙ୍କର କଥାରୁ ଭୁଲ୍ ଅର୍ଥ ବାହାର କରାଯାଇଛି। ▶ପୃଷ୍ଠା-୭

## ବାଣିଜ୍ୟିକ ଗ୍ୟାସ ସିଲିଣ୍ଡରର ମୂଲ୍ୟ ୧୯୫ ଟଙ୍କା ବଢ଼ିଲା

■ ନୂଆଦିଲ୍ଲୀ, ୧।୪ (ଏଜେନ୍ସି): ନୂତନ ଆର୍ଥିକବର୍ଷ ଆରମ୍ଭରୁ ରନ୍ଧନ ଗ୍ୟାସ୍‌ର ବାଣିଜ୍ୟିକ ଉପଭୋକ୍ତାଙ୍କୁ ଲାଗିଛି ବଡ଼ ଝଟ୍‌କା। କାରଣ କେନ୍ଦ୍ର ସରକାର ବୁଧବାର ହଠାତ୍ ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟରେ ବୃଦ୍ଧି ଘଟାଇଛନ୍ତି। ଏଥିରେ ୧୯ କିଲୋ ବିଶିଷ୍ଟ ସିଲିଣ୍ଡର ପିଛା ଦର ଏକା ଥରକେ ୧୯୫ରୁ ୨୧୮ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ଘଟିଛି। ଦିଲ୍ଲୀରେ ଏହି ମୂଲ୍ୟ ୨୦୭୮.୫୦ ଟଙ୍କାକୁ ବୃଦ୍ଧି ପାଇଥିବା ବେଳେ ଚେନ୍ନାଇରେ ଏହି ମୂଲ୍ୟ ସର୍ବାଧିକ ୨୨୬.୫୦ ଟଙ୍କା ବୃଦ୍ଧି ପାଇ ୨୨୪୬ ଟଙ୍କାରେ ପହଞ୍ଚିଛି। ସେହିଭଳି ୫ କେଜି ବିଶିଷ୍ଟ ମିନି ସିଲିଣ୍ଡର ଦାମ ୫୧ ଟଙ୍କା ବୃଦ୍ଧି ପାଇ ୫୪୯ ଟଙ୍କାରେ ପହଞ୍ଚିଛି। ତେବେ ଘରୋଇ ସିଲିଣ୍ଡର ଦାମରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଏହାର ଦର ଏବେ ବି ୯୧୩ ଟଙ୍କା ରହିଛି। ଇରାନ ଯୁଦ୍ଧ ପରିପ୍ରେକ୍ଷୀରେ ବାଣିଜ୍ୟିକ ସିଲିଣ୍ଡର ମୂଲ୍ୟରେ ଏହି ବୃଦ୍ଧି କରାଯାଇଛି। ଅନ୍ତର୍ଜାତୀୟ ବଜାରରେ ମୂଲ୍ୟରେ ତୀବ୍ର ବୃଦ୍ଧି ଯୋଗୁ ସରକାର ଏହି ପଦକ୍ଷେପ ନେଇଥିବା କୁହାଯାଉଛି। ବିଶ୍ୱସ୍ତରୀୟ ଏଲପିଜି ଯୋଗାଣର ୨୦-୩୦ ପ୍ରତିଶତ ହର୍ମୁଜ୍ ପ୍ରଣାଳୀ ଦେଇ ପ୍ରଭାବିତ ହେଉଛି, ଯାହା ଯୋଗାଣ ଶୃଙ୍ଖଳକୁ ସଙ୍କୋଚିତ କରିଛି। ଏହା ମୂଲ୍ୟ ବୃଦ୍ଧିର ପ୍ରମୁଖ କାରଣ ବୋଲି କୁହାଯାଉଛି।

### ଓଡ଼ିଶା ଦିବସରେ ରାଜ୍ୟବାସୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା

## ଓଡ଼ିଶାର ଅଛି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିବାର ଶକ୍ତି

**ମୁଖ୍ୟମନ୍ତ୍ରୀଙ୍କୁ ୪ ପୃଷ୍ଠାର ଦୀର୍ଘ ଚିଠି ଲେଖିଲେ ପ୍ରଧାନମନ୍ତ୍ରୀ**

**ଓଡ଼ିଶାର ବାସ୍ତବ ମହାନତା ଏହାର ଲୋକମାନଙ୍କ ପାଖରେ ରହିଛି**

**ଲୋକଙ୍କ ସ୍ୱପ୍ନ ପୂରଣ କରିବାରେ କୌଣସି ସୁଯୋଗ ଛଡ଼ାଯିବ ନାହିଁ**

■ ଭୁବନେଶ୍ୱର, ୧।୪ (ସମିସ): ଉତ୍କଳ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ୪ ପୃଷ୍ଠାର ଚିଠି ଲେଖିଛନ୍ତି। ଚିଠିରେ ଉତ୍କଳ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ଗୁଣଗାନ ଏବଂ ଉଚ୍ଚ ପ୍ରଶଂସା କରିଛନ୍ତି। ଓଡ଼ିଶା ଲୋକଙ୍କ ସହ ନିଜର ଭାବଗତ ସମ୍ପର୍କ ବାବଦରେ ପ୍ରଧାନମନ୍ତ୍ରୀ ଚିଠିରେ ଉଲ୍ଲେଖ କରିବା ସହ ଓଡ଼ିଶାର ବିକାଶ କ୍ଷେତ୍ରର ମଧ୍ୟ ଆଲୋକପାତ କରିଛନ୍ତି।

ନିଜ ଚିଠିରେ ଓଡ଼ିଶାର ସଂସ୍କୃତି ଓ ଐତିହ୍ୟର ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ଏହାର ଗୌରବଶାଳୀ ଇତିହାସ ଏବଂ ଏହି ଅସାଧାରଣ ରାଜ୍ୟର ଲୋକମାନଙ୍କୁ ଦେଖିଲେ ଯେକୌଣସି ବ୍ୟକ୍ତି ଚକିତ ହୋଇଯିବ। ଓଡ଼ିଆ ସଂସ୍କୃତି ଏକ ସଭ୍ୟତାଗତ ଐତିହ୍ୟ। ଓଡ଼ିଶାରେ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେବା ଭଳି ଶକ୍ତି ରହିଛି। ସର୍ବୋପରି ଏଠାରେ ପୁରୀର ଶ୍ରୀ ଜଗନ୍ନାଥ ମନ୍ଦିର, ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର, କୋଣାର୍କ ସୂର୍ଯ୍ୟ ମନ୍ଦିର ଏବଂ ଏପରି ଅନେକ ପ୍ରତିଷ୍ଠିତ ସ୍ଥଳୀ ନିର୍ମାଣ କରାଯାଇଛି, ଯାହା ଆଜି ମଧ୍ୟ ସଗୌରବେ ଦଣ୍ଡାୟମାନ। ଭାରତ ସମେତ ସାରା ବିଶ୍ୱରେ ଓଡ଼ିଶୀ ନୃତ୍ୟ ଅତ୍ୟନ୍ତ ଲୋକପ୍ରିୟତା ଅର୍ଜନ କରିଛି। ରାଜ୍ୟର ସମୃଦ୍ଧ ସଙ୍ଗୀତ ପରମ୍ପରା, ପର୍ବପର୍ବାଣୀ ଏବଂ ଲୋକପ୍ରଥା ଗୁଡ଼ିକ ଏପରି ଏକ ସମାଜକୁ ପ୍ରତିଫଳିତ କରିଥା'ନ୍ତି ଯାହା ନିଜର ଆଧ୍ୟାତ୍ମିକ ମୂଳଦୁଆ ସହିତ ଗଭୀର ଭାବେ ଜଡ଼ିତ। ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟ ମଧ୍ୟ ରାଜ୍ୟରେ ଏକ ଅନନ୍ୟ ବୈଶିଷ୍ଟ୍ୟ ଯୋଡ଼ିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ସେ ପୁଣି କହିଛନ୍ତି ଯେ ବକ୍ସି ଜଗବନ୍ଧୁ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ▶ପୃଷ୍ଠା-୭

### ସ୍ୱାମୀ-ସ୍ତ୍ରୀ କଳିର କରୁଣ ପରିସ୍ଥିତି

## ସ୍ତ୍ରୀକୁ ଜାଳିଦେଲେ; ନିଜେ ଜଳିଗଲେ



■ ଦେଓଗାଁ, ୧।୪ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅଧୀନ ରାମଚନ୍ଦ୍ରପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ର ପରିସରରେ ଅଭାବନୀୟ ଘଟଣା ଘଟିଛି। ଏଠାରେ କାର୍ଯ୍ୟରତ ଜଣେ ବରିଷ୍ଠ ଏଏନ୍‌ଏମ୍ ଏବଂ ତାଙ୍କ ସ୍ୱାମୀଙ୍କ ମଧ୍ୟରେ ପାରିବାରିକ କଳି ଉଗ୍ର ରୂପ ନେଇଛି। ଏଏନଏମ୍‌ଙ୍କୁ ତାଙ୍କ ସ୍ୱାମୀ ଜାଳିଦେବା ସହ ସେ ନିଜେ ମଧ୍ୟ ଜଳି ଯାଇଛନ୍ତି। ମୃତ ମହିଳା ଜଣକ ହେଲେ ଦମୟନ୍ତୀ ବାରିକ(୫୬)। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ସ୍ୱାମୀ ଉପେନ୍ଦ୍ର କାଲସାଏ (୬୧) ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଛନ୍ତି। ଦେଓଗାଁ ଓ ବନ୍ଧପଡା ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଏ ନେଇ ମାମଲା ରୁଜୁ ହୋଇଛି। ତଦନ୍ତ ଚାଲିଥିବା ବନ୍ଧପଡା ଫାଣ୍ଡି ଅଧିକାରୀ ମଳୟ ରଞ୍ଜନ ପଣ୍ଡା ସୂଚନା ଦେଇଛନ୍ତି।

ମଙ୍ଗଳବାର ବିଳମ୍ବିତ ରାତିରେ ଏଏନ୍‌ଏମ୍ ଓ ତାଙ୍କ ସ୍ୱାମୀ ଙ୍କ ମଧ୍ୟରେ ବଚସା ହୋଇ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଉପେନ୍ଦ୍ର ତାଙ୍କ ସ୍ତ୍ରୀଙ୍କ ଦେହରେ ନିଆଁ ଲଗାଇ ଦେଇଥିଲେ। ନିଜେ ମଧ୍ୟ ସେହି ନିଆଁ ସଂସ୍ପର୍ଶରେ ଆସି ଗୁରୁତର ▶ପୃଷ୍ଠା-୭

**ସରିଲା ବଜେଟ ଅଧିବେଶନ**

# ନବୀନଙ୍କ ନେତୃତ୍ୱରେ ବିରୋଧୀ ଏକାଠି

### ବିରୋଧୀଙ୍କ ନିଶାଣରେ ସରକାର ଘାଇଲା; ଆଗକୁ କଣ୍ଟକିତ ରାସ୍ତା

**ଘୋଡ଼ାବେପାର ବଦଳାଇବ କି ରାଜନୈତିକ ସମୀକରଣ**

**ରାଜ୍ୟସଭା ଲାଭକ୍ଷତିର ହିସାବ କରୁଛି ଶାସକ ବିଜେପି**

■ ଭୁବନେଶ୍ୱର, ୧।୪ (ସମିସ): ନିର୍ଦ୍ଧାରିତ ୫ଟି କାର୍ଯ୍ୟଦିବସ ପୂର୍ବରୁ ମଙ୍ଗଳବାର ବିଳମ୍ବିତ ରାତିରେ ଶେଷ ହୋଇଛି ବିଧାନସଭାର ବଜେଟ ଅଧିବେଶନ। ଫେବ୍ରୁଆରୀ ୧୭ରୁ ଆରମ୍ଭ ହୋଇଥିବା ୭ ଦିନିଆ ପ୍ରଥମ ପର୍ଯ୍ୟାୟ ଅଧିବେଶନରେ ମଣ୍ଡି ଅବ୍ୟବସ୍ଥା ଏବଂ ଚାଷୀ ଶୋଷଣକୁ ନେଇ ୬ ଦିନ ଗୃହ ଅଚଳ ହୋଇଥିଲା। ଅନୁରୂପ ଭାବରେ ମାର୍ଚ୍ଚ ୯ରୁ ଦ୍ୱିତୀୟ ପର୍ଯ୍ୟାୟରେ ଏସ୍‌ସିବି ନିଆଁର ତାତି ଗୃହରେ ଅନୁଭୂତ ହୋଇଥିଲା। ୧୭ ତାରିଖରୁ ଆଦୌ ଗୃହକାର୍ଯ୍ୟରେ ଭାଗ ନେଇନଥିବା ବେଳେ ଶେଷଦିନ ଦ୍ୱିତୀୟାର୍ଦ୍ଧରେ ଗୃହକାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ। ମୋଟାମୋଟି ଭାବରେ ସାରା ବଜେଟ୍ ଅଧିବେଶନରେ ବିରୋଧୀଙ୍କ ଷଣ୍ଢଆସୀ ଆକ୍ରମଣରେ ସରକାର ଆକ୍ରାମାକ୍ରା ହୋଇ ଯାଇଥିଲେ। ଏହି ସମୟରେ ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ ଓ ଘୋଡ଼ା ବେପାରରେ ଶାସକ ଦଳ ଅଙ୍କରେ ବାଜି ମାରି ନେଇଥିଲେ ହେଁ ବିରୋଧୀ ବିଜେଡି ଓ କଂଗ୍ରେସର ଯୁଗଳବନ୍ଦୀ ଆଗାମୀ ଦିନରେ ନୂଆ ସମୀକରଣର ସଙ୍କେତ ଦେଇଛି। ଏହି ସମୟରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ଭୂମିକା ଓ ଧାନକିଣା, ଆଇନଶୃଙ୍ଖଳା, ବିତ୍ତୀୟ ପରିଚାଳନା ଓ ଏସ୍‌ସିବି ରୋଗୀ ମୃତ୍ୟୁ ଘଟଣାରେ ତାଙ୍କର ଅଭେଦ୍ୟ ଆକ୍ରମଣ ବିରୋଧୀଙ୍କୁ ଅଧିକ ଉତ୍ସାହିତ କରିଛି। ଯାହା ସରକାରଙ୍କ ପାଇଁ ସବୁଠାରୁ ବଡ଼ ଚିନ୍ତାର ବିଷୟ ପାଲଟିଛି। ଯେକୌଣସି ରାଜ୍ୟ ସ୍ୱାର୍ଥ ପ୍ରସଙ୍ଗରେ ବିଧାନସଭା ଭିତରେ ଓ ବାହାରେ ବିରୋଧୀ ସମ୍ମିଳିତ ଭାବରେ ସରକାରଙ୍କୁ ଆକ୍ରମଣ କରିବାରେ କୌଣସି ସୁଯୋଗ ହାତଛଡ଼ା କରିବ ନାହିଁ ବୋଲି ମିଳିଥିବା ଇଙ୍ଗିତ ସରକାରଙ୍କୁ ଆଗାମୀ ଦିନରେ ଅଡୁଆରେ ପକାଇବା ଆଶଙ୍କା ସୃଷ୍ଟି କରିଛି।

ବଜେଟ ଅଧିବେଶନର ଦ୍ୱିତୀୟ ଦିନରୁ ହିଁ ବିରୋଧୀ ମିଳିତ ଭାବରେ ସରକାରଙ୍କୁ ମିଳିତ ଆକ୍ରମଣ କରିବା ଆରମ୍ଭ କରିଥିଲେ। ଧାନ ବିକ୍ରି ଏବଂ ଚାଷୀ କଷଣ ବିଷୟକୁ ନେଇ ବିଜେଡି-କଂଗ୍ରେସ, ସିପିଏମ ବିଧାୟକ ଗୃହ ହୁଲୁସ୍ଥୁଲ କରିଥିଲେ। ଦୀର୍ଘ ଅନେକ ଦଶନ୍ଧି ପରେ ଶାସକ ଦଳକୁ ବିଧାନସଭାରେ ବିରୋଧୀଙ୍କ ଏପରି ସଶକ୍ତ ଆକ୍ରମଣ ରାଜ୍ୟବାସୀ ପ୍ରତ୍ୟକ୍ଷ କରିଛନ୍ତି। ତେବେ ସଦ୍ୟ ସମାପ୍ତ ରାଜ୍ୟସଭା ନିର୍ବାଚନ ସରକାରଙ୍କ ବିରୋଧରେ ବିରୋଧୀଙ୍କୁ ଏକାଠି ହେବାକୁ ଏକ ବଡ଼ ମଉକା ଦେଇଥିବା ରାଜନୈତିକ ▶ପୃଷ୍ଠା-୭

**ମିଳୁନି ଗ୍ୟାସ୍**

# କଳାବଜାରରେ ସିଲିଣ୍ଡର୍ ୩୦୦୦



■ ସମ୍ବଲପୁର, ୧।୪ (ସମିସ): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଲାଗି ରହିଥିବାବେଳେ ସମ୍ବଲପୁରରେ ରନ୍ଧନ ଗ୍ୟାସ୍ ଅଭାବ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ଲୋକେ ଅନ୍‌ଲାଇନ୍‌ରେ ଗ୍ୟାସ୍ ବୁକିଂ କରିବାସହ ଗ୍ୟାସ୍ ଦୋକାନ ସାମ୍ନାରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଅପେକ୍ଷା କରୁଛନ୍ତି। ଗ୍ୟାସ୍ ବୁକିଂ କରିବାର ପ୍ରାୟ ୧୦ ଦିନ ପର୍ଯ୍ୟନ୍ତ ଗ୍ୟାସ୍ ଯୋଗାଣ ହେଉନାହିଁ। ଲୋକେ ଗ୍ୟାସ ବୁକିଂ କରିବାପରେ ପ୍ରତିଦିନ ଗ୍ୟାସ୍ ବିତରଣ ସଂସ୍ଥାକୁ ଧାଉଁଛନ୍ତି। ଦୁଇରୁ ତିନିଗୁଣା ଗ୍ୟାସ୍ ସିଲିଣ୍ଡର ବୁକିଂ ହେଉଥିବାରୁ ଏଭଳି ଅବସ୍ଥା ହେଉଥିବା ବିତରକ ସଂସ୍ଥାମାନେ କହୁଛନ୍ତି। ଏପରିକି ଗ୍ୟାସ ବୁକିଂ କରିବାପରେ କେତେକସ୍ଥାନରେ ୨୫୦ ବୁକିଂ ଥିବାବେଳେ ମାତ୍ର ୧୦୦ଟି ଯୋଗାଣ ହୋଇ ଆଗାମୀ ଯୋଗାଣକୁ ଅପେକ୍ଷା କରିବାକୁ ପଡୁଛି। ବୁକିଂ ସମୟରେ କେୱାଇସି ମାଗି ବହୁସ୍ଥାନରେ ବିତରକ ସଂସ୍ଥା ବିଳମ୍ବ କରୁଥିବା ଅଭିଯୋଗ ହେଉଛି। ଉପଭୋକ୍ତାଙ୍କୁ ଗ୍ୟାସ୍ ଯୋଗାଣରେ ବିଳମ୍ବ ହେଉଥିବାବେଳେ ଆବଶ୍ୟକ ସଂଖ୍ୟକ ଗ୍ୟାସ୍ ସିଲିଣ୍ଡର ଉପଲବ୍ଧ ରହିଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଉଛି। ଅନ୍ୟପକ୍ଷରେ ଘରୋଇ ରନ୍ଧନ ଗ୍ୟାସ୍ ସିଲିଣ୍ଡର ଦର ୯୭୫ ଟଙ୍କା ହୋଇଥିବାବେଳେ କଳାବଜାରରେ ତାହା ୩୦୦୦ ଟଙ୍କାରୁ ଅଧିକ ଦରରେ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଗ୍ୟାସ ଅଭାବରୁ ମାସକ ପୂର୍ବରୁ ରାସ୍ତାକଡ଼ ଦୋକାନ ଗୁଡ଼ିକ ବନ୍ଦ ହୋଇଯାଇଥିଲା। ରାସ୍ତାକଡ଼ ଦୋକାନୀମାନେ ଦୋକାନ ଖୋଲି କଳାବଜାରରେ ଅଧିକ ଦରରେ ସିଲିଣ୍ଡର କିଣୁଛୁ କହି ଖାଦ୍ୟ ସାମଗ୍ରୀ ଦର ଦୁଇଗୁଣାରୁ ଅଧିକରେ ବିକ୍ରୟ କରୁଛନ୍ତି। ଗଙ୍ଗାଧର ମେହେର ▶ପୃଷ୍ଠା-୭





ସକାଳ THE SAKALA
www.sakalaepaper.com

## ଆଇଆରଜିସି କବ୍‌ଜାରେ ଇରାନ, ରାଷ୍ଟ୍ରପତିଙ୍କ ହାତରୁ କ୍ଷମତା ଗଲା

ତେହରାନ, ୧।୪(ଏଜେନ୍ସି): ଇରାନରେ ସର୍ବୋଚ୍ଚ ନେତା ମୋଜତାବା ଖାମନେଇଙ୍କ ଅନୁପସ୍ଥିତି ଏବଂ ଅସୁସ୍ଥତାର ସୁଯୋଗ ନେଇ ଶକ୍ତିଶାଳୀ ସାମରିକ ସଂଗଠନ ଇସ୍‌ଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆର୍‌ଜିସି) ଏବେ ଦେଶର ପ୍ରକୃତ ଶାସକ ସାଜିଛି। ରାଷ୍ଟ୍ରପତି ମାସୁଦ୍ ପେଜେସ୍କିଆନଙ୍କୁ ସମ୍ପୂର୍ଣ୍ଣ ରୂପେ କ୍ଷମତାଚ୍ୟୁତ କରାଯାଇଥିବା 'ଇରାନ ଇଣ୍ଟରନ୍ୟାସନାଲ' ରିପୋର୍ଟରୁ ଜଣାପଡ଼ିଛି। ଇରାନରେ ଏବେ ଏକ ସାମରିକ ପରିଷଦ ହିଁ ଶାସନ ଚଳାଉଛି। ରାଷ୍ଟ୍ରପତିଙ୍କ କୌଣସି ନିଷ୍ପତ୍ତିକୁ ଆଇଆରଜିସି ଗୁରୁତ୍ୱ ଦେଉନାହିଁ। ବିଶେଷ କରି ଗୁଇନ୍ଦା ମନ୍ତ୍ରୀ ନିଯୁକ୍ତି କ୍ଷେତ୍ରରେ ଆଇଆରଜିସି ମୁଖ୍ୟ ଅହମ୍ମଦ ୱାହିଦି ରାଷ୍ଟ୍ରପତିଙ୍କ ପ୍ରସ୍ତାବକୁ ଖାରଜ କରିଦେଇଛନ୍ତି। ଆୟାତୁଲ୍ଲା ଖାମନେଇଙ୍କ ପରେ ତାଙ୍କ ପୁଅ ମୋଜତାବାଙ୍କୁ ସର୍ବୋଚ୍ଚ ନେତା ନିଯୁକ୍ତ କରାଯାଇଥିଲା। କିନ୍ତୁ ସେ ଏବେ କୋମାରେ ଥିବା କିମ୍ବା ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଆଇଆରଜିସି ମୋଜତାବାଙ୍କ ଚାରିପଟେ ଏକ ଶକ୍ତ ସୁରକ୍ଷା ବଳୟ ତିଆରି କରିଛି। ରାଷ୍ଟ୍ରପ୍ରତିଙ୍କୁ ମୋଜତାବାଙ୍କ ସହ ସାକ୍ଷାତ କରିବାକୁ ସୁଯୋଗ ଦିଆଯାଉନାହିଁ। ଏପରିକି ଦେଶର ସ୍ଥିତି ସମ୍ପର୍କିତ ସରକାରୀ ରିପୋର୍ଟକୁ ମୋଜତାବାଙ୍କ ନିକଟକୁ ପଠାଯାଉନାହିଁ। ରାଷ୍ଟ୍ରପତି ଚାହୁଁଛନ୍ତି ଯେ ପଡୋଶୀ ଦେଶଗୁଡ଼ିକ ଉପରେ ଆକ୍ରମଣ ବନ୍ଦ ହେଉ, ଯାହା ଫଳରେ ଅର୍ଥନୀତି ସୁଧୁରିବ। କିନ୍ତୁ ଆଇଆରଜିସି ଯୁଦ୍ଧ ଜାରି ରଖିବା ସହ ହର୍ମୁଜ ପ୍ରଣାଳୀକୁ ନିଜ ନିୟନ୍ତ୍ରଣରେ ରଖିଛି।

## ବେରୁଟ୍‌ରେ ହିଜବୁଲ୍ଲା କମାଣ୍ଡରଙ୍କୁ ଇସ୍ରାଏଲ ସେନାର ହତ୍ୟା

ବେରୁଟି, ୧।୪(ଏଜେନ୍ସି): ଇସ୍ରାଏଲ ନୌସେନା ପକ୍ଷରୁ ଲୋବନନ ରାଜଧାନୀ ବେରୁଟ୍‌ରେ କରାଯାଇଥିବା ଶକ୍ତିଶାଳୀ ଆକ୍ରମଣରେ ଜଣାଶୁଣା ଆତଙ୍କବାଦୀ ସଂଗଠନ ହିଜବୁଲ୍ଲାର ଜଣେ ଶୀର୍ଷ ସାମରିକ କମାଣ୍ଡର ନିହତ ହୋଇଛନ୍ତି। ଇସ୍ରାଏଲ ପ୍ରତିରକ୍ଷା ବାହିନୀ (ଆଇଡିଏଫ୍) ତରଫରୁ ଏ ନେଇ ସୂଚନା ଦିଆଯାଇଛି। ହିଜବୁଲ୍ଲାର ସଦର୍ଣ୍ଣ ଫ୍ରଣ୍ଟର ମୁଖ୍ୟ ହାଜ୍ ୟୁସୁଫ୍ ଇସମାଇଲ ହାସେମ୍ ଏହି ଆକ୍ରମଣରେ ପ୍ରାଣ ହରାଇଛନ୍ତି। ସେ ଦକ୍ଷିଣ ଲେବାନନରେ ହିଜବୁଲ୍ଲାର ସମସ୍ତ ସାମରିକ କାର୍ଯ୍ୟକଳାପ ପାଇଁ ଦାୟୀ ଥିଲେ। ହାସେମ ହିଜବୁଲ୍ଲାର ଜଣେ ଅତି ପୁରୁଣା ଏବଂ ପ୍ରଭାବଶାଳୀ ନେତା ଥିଲେ। ଯାହାଙ୍କର ପାଖାପାଖି ୪୦ ବର୍ଷର ସାମରିକ ଅଭିଜ୍ଞତା ରହିଥିଲା। ସେ ହଜାର ହଜାର ଆକ୍ରମଣର ଯୋଜନା କରିଥିବା ଇସ୍ରାଏଲ ଦାବି କରିଛି। ୨୦୨୪ ସେପ୍ଟେମ୍ବରରେ ହାସନ ନସ୍ରୁଲ୍ଲା ଓ ଅଲି କାରାକିଙ୍କ ମୃତ୍ୟୁ ପରେ ହାସେମ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀର ଦାୟିତ୍ୱ ନେଇଥିଲେ। ଇରାନ ସହିତ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଇସ୍ରାଏଲ ଦ୍ୱାରା ନିହତ ହୋଇଥିବା ହିଜବୁଲ୍ଲା ନେତାଙ୍କ ମଧ୍ୟରେ ହାସେମ ସବୁଠାରୁ ଶକ୍ତିଶାଳୀ ଓ ବରିଷ୍ଠ କମାଣ୍ଡର ଥିଲେ। ଆଇଡିଏଫ୍ ଅନୁଯାୟୀ, ହାସେମଙ୍କ ମୃତ୍ୟୁ ହିଜବୁଲ୍ଲାର ଆକ୍ରମଣ କରିବାର କ୍ଷମତାକୁ ବହୁ ପରିମାଣରେ ଦୁର୍ବଳ କରିଦେବ। ଦକ୍ଷିଣ ଲୋବନନ୍‌ରେ ଇସ୍ରାଏଲ ସେନା ବିରୋଧରେ ଚାଲିଥିବା ଯୁଦ୍ଧ ପରିଚାଳନାରେ ଏହା ହିଜବୁଲ୍ଲା ପାଇଁ ଏକ ଅପୂରଣୀୟ କ୍ଷତି। ଏହି ଖବର ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସ୍ଥିତିକୁ ଆହୁରି ଉତ୍ତେଜନାପୂର୍ଣ୍ଣ କରିଛି।

## ଅବକାରୀ ମାମଲା: କେଜ୍ରିୱାଲଙ୍କୁ ଦିଲ୍ଲୀ ହାଇକୋର୍ଟ ନୋଟିସ୍

ନୂଆଦିଲ୍ଲୀ, ୧।୪(ଏଜେନ୍ସି): ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ବୁଧବାର ଦିଲ୍ଲୀ ହାଇକୋର୍ଟ ଏକ ନୋଟିସ ଜାରି କରିଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡ଼ି) ପକ୍ଷରୁ ଦାୟର ଏକ ଆବେଦନ ଉପରେ କୋର୍ଟ ଏହି ନୋଟିସ ଜାରି କରିଛନ୍ତି। ଅବକାରୀ ନୀତି ମାମଲାରେ ସମନ ଅବମାନନା ଅଭିଯୋଗରୁ ମିଳିଥିବା ମୁକ୍ତିକୁ ଇଡ଼ି ଚ୍ୟାଲେଞ୍ଜ କରିଛି। ଜଷ୍ଟିସ ସ୍ୱର୍ଣ୍ଣକାନ୍ତ ଶର୍ମାଙ୍କ ପୀଠରେ ଏହି ମାମଲାର ଶୁଣାଣି ହୋଇଥିଲା। କେଜ୍ରିୱାଲଙ୍କ ପକ୍ଷରୁ କେହି କୋର୍ଟରେ ହାଜର ହୋଇ ନଥିବା ବେଳେ ଇଡ଼ି ପକ୍ଷରୁ ଆଇନଜୀବୀ ଜୋହେବ ହୋସେନ ପ୍ରତିନିଧିତ୍ୱ କରିଥିଲେ। କୋର୍ଟ ଟ୍ରାଏଲ କୋର୍ଟର ରେକର୍ଡ ମଗାଇଛନ୍ତି ଓ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨୯ରେ ହେବ। ଇଡ଼ିର ଦାବି ଅନୁଯାୟୀ, କେଜ୍ରିୱାଲ ଅନେକ ଥର ଜାରି କରାଯାଇଥିବା ସମନକୁ ଅବମାନନା କରିଛନ୍ତି ଏବଂ ତଦନ୍ତରେ ସହଯୋଗ କରିନାହାନ୍ତି। ଗତ ଜାନୁଆରୀ ୨୨ରେ ଟ୍ରାଏଲ କୋର୍ଟ କେଜ୍ରିୱାଲଙ୍କୁ ଏହି ଅଭିଯୋଗରୁ ମୁକ୍ତ କରିଥିଲେ। ସୂଚନାଯୋଗ୍ୟ ଯେ, ଏହି ବିବାଦ ଦିଲ୍ଲୀରେ ୨୦୨୨ ଅବକାରୀ ନୀତିରେ ହୋଇଥିବା ଅନିୟମିତତାକୁ ନେଇ ସୃଷ୍ଟି ହୋଇଥିଲା।

## କେବଳ ଅମରାବତୀ ହେବ ଆନ୍ଧ୍ରପ୍ରଦେଶର ରାଜଧାନୀ

ନୂଆଦିଲ୍ଲୀ, ୧।୪(ଏଜେନ୍ସି): ଭାରତୀୟ ସଂସଦର ବଜେଟ ଅଧିବେଶନ ଶେଷ ହେବାକୁ ଆଉ ମାତ୍ର ଦୁଇଦିନ ବାକିଥିବା ବେଳେ, ବୁଧବାର କିଛି ଗୁରୁତ୍ୱପୂର୍ଣ୍ଣ ବିଲ୍ ପାରିତ ହୋଇଛି। ଏହିକ୍ରମରେ ଲୋକସଭାରେ 'ଆନ୍ଧ୍ରପ୍ରଦେଶ ପୁନର୍ଗଠନ (ସଂଶୋଧନ) ବିଲ୍ ୨୦୨୬' ପାରିତ ହୋଇଛି। ଏହି ବିଲ୍ ଅନୁଯାୟୀ, ଅମରାବତୀକୁ ଆନ୍ଧ୍ରପ୍ରଦେଶର ଏକମାତ୍ର ଏବଂ ସ୍ଥାୟୀ ରାଜଧାନୀ ଭାବେ ଆଇନଗତ ମାନ୍ୟତା ମିଳିବ। ଏହି ନିୟମ ୨୦୨୪ ଜୁନ୍ ୨ ତାରିଖରୁ ପିଛିଲା ଭାବେ ଲାଗୁ ହେବ। ସେହିପରି ରାଜ୍ୟସଭାରେ ସିଏପିଏଫ୍ (ସାଧାରଣ ପ୍ରଶାସନ) ବିଲ୍ ୨୦୨୬ ଧ୍ୱନି ମତରେ ପାରିତ ହୋଇଛି। ସେହିପରି ବ୍ୟବସାୟିକ କାର୍ଯ୍ୟକୁ ସହଜ ଓ ସୁଗମ କରିବା ପାଇଁ କିଛି ନିୟମକୁ ଅପରାଧ ମୁକ୍ତ କରିବାକୁ 'ଜନ ବିଶ୍ୱାସ ବିଲ୍ ୨୦୨୬' ଉପରେ ଲୋକସଭାରେ ଆଲୋଚନା ହୋଇଛି।

## ଏଫ୍-୩୫ ଦୁର୍ଘଟଣାଗ୍ରସ୍ତ

ଲସ ଭେଗାସ, ୧।୪(ଏଜେନ୍ସି): ଆମେରିକାର ଲସ ଭେଗାସ୍‌ରେ ଏକ ଏଫ୍-୩୫ ଲଢୁଆ ବିମାନ ଦୁର୍ଘଟଣା ଶିକାର ହୋଇଛି। ଆମେରିକୀୟ ବାୟୁସେନା ଅନୁଯାୟୀ, ଏହି ଦୁର୍ଘଟଣା ନେଲିସ୍ ଏୟାରଫୋର୍ସ ବେସ୍ ନିକଟରେ ଘଟିଛି। ଦୁର୍ଘଟଣା ସମୟରେ ପାଇଲଟ୍ ଜଣକ ଠିକ୍ ସମୟରେ ବିମାନରୁ ବାହାରି ଆସିବାରେ ସଫଳ ହୋଇଥିଲେ, ଯାହା ଫଳରେ ତାଙ୍କ ଜୀବନ ରକ୍ଷା ପାଇଯାଇଛି। ପାଇଲଟଙ୍କୁ ସାମାନ୍ୟ ଆଘାତ ଲାଗିଛି ଏବଂ ତାଙ୍କର ଚିକିତ୍ସା ଚାଲିଛି। ବିମାନଟି ନେଭାଡ଼ା ଟେଷ୍ଟ ଆଣ୍ଡ ଟ୍ରେନିଂ ରେଞ୍ଜର ଏକ ନିଷିଦ୍ଧ ଅଞ୍ଚଳରେ ଖସି ପଡ଼ିଥିଲା। ଏହି ଘଟଣାରେ ସାଧାରଣ ଜନତାଙ୍କର କୌଣସି କ୍ଷତି ହୋଇନାହିଁ। ବିମାନଟି କେଉଁ କାରଣରୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

### ଟ୍ରମ୍ପଙ୍କ ଘୋଷଣା ପରେ ଅନିଶ୍ଚିତତା

# ଇରାନ ଯୁଦ୍ଧ ଶେଷ ହେଲେ ବି ଦୁଃଖ ସରିବ ନାହିଁ

■ ଭିତ୍ତିଭୂମି ସଜାଡ଼ିବାକୁ ବର୍ଷେ ଲାଗିପାରେ
■ ତେଲ ଉତ୍ପାଦନ ଓ ଯୋଗାଣ ଏବେ ସ୍ୱାଭାବିକ ହେବା ସମ୍ଭାବନା କ୍ଷୀଣ

ୱାସିଂଟନ, ୧।୪(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଯୁଦ୍ଧକୁ ଆସନ୍ତା ୨ ସପ୍ତାହ ମଧ୍ୟରେ ଶେଷ କରିବାକୁ କହିଛନ୍ତି। ଫଳରେ ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଏବେ ନୂଆ ମୋଡ଼ ନେବାକୁ ଯାଉଛି। କିନ୍ତୁ ଦୁଇ ସପ୍ତାହ ମଧ୍ୟରେ ଯୁଦ୍ଧ ଶେଷ ହେଲେ ମଧ୍ୟ ସମସ୍ୟା ରାତାରାତି ଶେଷ ହେବାନାହିଁ। ବିଶେଷଜ୍ଞଙ୍କ ମତରେ ଯୁଦ୍ଧର ନକରାତ୍ମକ ପ୍ରଭାବ ଆଗାମୀ କେତେମାସ ଧରି ଜାରି ରହିବ। ଯୁଦ୍ଧର ପରିଣାମ ଓ ଆର୍ଥିକ ସଙ୍କଟରୁ ମୁକ୍ତି ପାଇଁ ଅନେକ ମାସ ଲାଗିବ। ଯଦି ଯୁଦ୍ଧ ଆଜି ଶେଷ ହୁଏ, ତେବେ ତୈଳ ଉତ୍ପାଦନ ଓ ହର୍ମୁଜ ପ୍ରଣାଳୀ ଦେଇ ଯାତାୟାତ ସ୍ୱାଭାବିକ ହେବାକୁ ଅତିକମ୍‌ରେ ୬ରୁ ୮ ସପ୍ତାହ ସମୟ ଲାଗିବ। ଯେତେ ସପ୍ତାହ ଯୁଦ୍ଧ ଲାଗିବ, ସ୍ଥିତି ସୁଧୁରିବା ପାଇଁ ତା'ର ଦୁଇଗୁଣା ସମୟ ଲାଗିବ। ଆମେରିକା, ଇସ୍ରାଏଲ ଓ ଇରାନ ପରସ୍ପର ବିରୋଧୀ ଆକ୍ରମଣରେ ଅନେକ ତୈଳ ବିଶୋଧନାଗାର ଓ ପାଇପ୍‌ଲାଇନ୍ ନଷ୍ଟ ହୋଇଛି। ଏହାର ମରାମତି ପାଇଁ କିଛି ସପ୍ତାହରୁ ଆରମ୍ଭ କରି ବର୍ଷେ ପର୍ଯ୍ୟନ୍ତ ସମୟ ଲାଗିପାରେ। ଇରାନ ସମୁଦ୍ର ପଥରେ ଅନେକ ବିସ୍ଫୋରକ ମାଇନ୍ସ ଖଞ୍ଜିଛି। ଏହାକୁ ନିଷ୍କ୍ରିୟ କରିବା ଏକ ବିପଜ୍ଜନକ ଓ ସମୟସାପେକ୍ଷ କାମ, ଯାହା ବିନା ମାଲବାହୀ ଜାହାଜ ଚଳାଚଳ ଅସମ୍ଭବ। ଯୁଦ୍ଧ ଯୋଗୁଁ ଜାହାଜ ଭଡ଼ା ଅହେତୁକ ଭାବେ ବୃଦ୍ଧି ପାଇଛି। ଦିନକୁ ୭ଲକ୍ଷ ୭୦ହଜାର ଡଲାର ଭଡ଼ା ଦେବାକୁ ପଡୁଛି, ଯାହା ସାଧାରଣ ସମୟରେ ୧୦ହଜାର ଡଲାର ଥାଏ। ଏହି ଦର କମିବାକୁ ସମୟ ଲାଗିବ। ପୁଣି ୟେମେନ୍‌ରେ ହୁଥି ବିଦ୍ରୋହୀମାନେ ଅନ୍ୟଏକ ସମୁଦ୍ରପଥ 'ବାବ ଅଲ ମାଣ୍ଡବ' ଉପରେ ଆକ୍ରମଣ କରିବାକୁ ଧମକ ଦେଇଛନ୍ତି। ଯଦି ଏହି ପଥ ବନ୍ଦ ହୁଏ, ତେବେ ବିଶ୍ୱ ବଜାରରେ ତୈଳ ଦର ଆହୁରି ଭୟଙ୍କର ଭାବେ ବଢ଼ିବ।

ଯୁଦ୍ଧ ବନ୍ଦ ହେଲେ ମଧ୍ୟ ଆଗାମୀ କେତେମାସ ଧରି ଭାରତ ଉପରେ ଏହାର ପ୍ରଭାବ ଜାରି ରହିବ। ଭାରତ ନିଜର ୪୦-୫୦ ପ୍ରତିଶତ ତୈଳ ଆବଶ୍ୟକତା ପାଇଁ ଉପସାଗରୀୟ ଦେଶଗୁଡ଼ିକ ଉପରେ ନିର୍ଭର କରେ। ଯଦିଓ ବର୍ତ୍ତମାନ ସରକାର ଟିକସ କମାଇ ସ୍ଥିତିକୁ ନିୟନ୍ତ୍ରଣ ରଖିଛନ୍ତି, କିନ୍ତୁ ଯୁଦ୍ଧର ସମୟ ଲମ୍ବିଲେ ପ୍ରିମିୟମ ପେଟ୍ରୋଲ ଓ ଗ୍ୟାସ୍ ଦର ଆହୁରି ବଢ଼ିବାର ଆଶଙ୍କା ରହିଛି। ଅନ୍ୟ ପଟେ ଯୁଦ୍ଧ କାରଣରୁ ପାକିସ୍ତାନ, ବାଂଲାଦେଶ ଓ ଶ୍ରୀଲଙ୍କା ଭଳି ଦେଶରେ ଇନ୍ଧନ ସଙ୍କଟ ଯୋଗୁଁ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହୋଇଛି। ମୋଟ ଉପରେ କହିବାକୁ ଗଲେ ଟ୍ରମ୍ପ ଯଦିଓ ଶୀଘ୍ର ଯୁଦ୍ଧ ବନ୍ଦ କରିବାର ଆଶା ଦେଖାଯାଉଛି, କିନ୍ତୁ ବିଶ୍ୱ ଅର୍ଥନୀତି ପାଇଁ ଏହି ସଙ୍କଟରୁ ମୁକ୍ତି ପାଇବା ସେତେ ସହଜ ହେବ ନାହିଁ। ଯୁଦ୍ଧ ବନ୍ଦ ହେବାର ଅନେକ ମାସ ପର୍ଯ୍ୟନ୍ତ ମହଙ୍ଗା ମାଡ଼ ଜାରି ରହିପାରେ।





# ଇରାନ ବିରୋଧରେ ଇସ୍ରାଏଲ ଗଢୁଛି ନୂଆ ମେଣ୍ଟ

ତେଲଆଭିଭ୍, ୧।୪(ଏଜେନ୍ସି): ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ମଙ୍ଗଳବାର ଏକ ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଇରାନରୁ ଆସୁଥିବା ବିପଦର ମୁକାବିଲା ପାଇଁ ଇସ୍ରାଏଲ ମଧ୍ୟପ୍ରାଚ୍ୟର କିଛି ଗୁରୁତ୍ୱପୂର୍ଣ୍ଣ ଦେଶଗୁଡ଼ିକ ସହ ନୂଆ ମେଣ୍ଟ ଗଠନ କରୁଛି। ନେତନ୍ୟାହୁ କହିଛନ୍ତି ଯେ ଇସ୍ରାଏଲ ଅତି ଗୋପନୀୟ ଭାବେ କିଛି ଗୁରୁତ୍ୱପୂର୍ଣ୍ଣ ଆରବ ଦେଶଙ୍କ ସହ ସମ୍ପର୍କ ସ୍ଥାପନ କରୁଛି। ଖୁବଶୀଘ୍ର ସେ ଏହି ଚୁକ୍ତିଗୁଡ଼ିକ ବିଷୟରେ ସବିଶେଷ ସୂଚନା ପ୍ରଦାନ କରିବେ। ତାଙ୍କର ଏହି ମନ୍ତବ୍ୟ ଇସ୍ରାଏଲ ଓ ଆରବ ଜଗତର କେତେକ ଅଂଶ ମଧ୍ୟରେ ଗଭୀର ସମ୍ପର୍କକୁ ସୂଚାଉଛି। ଯାହା ଇରାନର ସାମରିକ ଓ ପରମାଣୁ ଅଭିଳାଷ ଉପରେ ଥିବା ସାଧାରଣ ଚିନ୍ତା ଦ୍ୱାରା ପରିଚାଳିତ। ନେତନ୍ୟାହୁ କହିଛନ୍ତି ଯେ ମଧ୍ୟପ୍ରାଚ୍ୟର ସଂଘର୍ଷ ଏକ ନୂଆ ରୂପ ନେଉଥିବା ବେଳେ ଇସ୍ରାଏଲ ଗୋପନରେ ଇରାନର ମୁକାବିଲା ପାଇଁ ନୂତନ ଆଞ୍ଚଳିକ ମେଣ୍ଟ ଗଠନ କରୁଛି। ଏହି ପ୍ରୟାସକୁ ସେ ଏକ ବ୍ୟାପକ ରଣନୀତିର ଅଂଶ ଭାବେ ବର୍ଣ୍ଣନା କରିଛନ୍ତି। ଆମେ ଶକ୍ତ ଆଘାତ ଦେଇଛୁ ଏବଂ ଦୁଇଟି ଅସ୍ତିତ୍ୱଗତ ବିପଦକୁ ଦୂରେଇ ଦେଇଛୁ। ଯାହା ଇରାନର ପରମାଣୁ କାର୍ଯ୍ୟକ୍ରମ ଓ ତାହାର ବାଲିଷ୍ଟିକ ମିସାଇଲ କ୍ଷମତାକୁ ସୂଚାଉଛି। ସେହିପରି ଇସ୍ରାଏଲର ଆକ୍ରମଣ ଯୋଗୁଁ ଇରାନର ପରମାଣୁ କାର୍ଯ୍ୟକ୍ରମ ଏବଂ ବାଲିଷ୍ଟିକ ମିସାଇଲ ନିର୍ମାଣ କ୍ଷମତା ଯଥେଷ୍ଟ ଦୁର୍ବଳ ହୋଇପଡ଼ିଛି ବୋଲି ସେ ଦାବି କରିଛନ୍ତି। ନେତନ୍ୟାହୁଙ୍କ ଅନୁଯାୟୀ, ଲେବାନନ୍‌ର ସଶସ୍ତ୍ର ଗୋଷ୍ଠୀ ହିଜବୁଲ୍ଲା ଏବେ ଇସ୍ରାଏଲ ପାଇଁ କୌଣସି ରଣନୈତିକ ବିପଦ ନୁହେଁ। ଇରାନର ବର୍ତ୍ତମାନ ଶାସନ ବ୍ୟବସ୍ଥା ଉପରେ ପ୍ରତିକ୍ରିୟା ରଖି ସେ କହିଛନ୍ତି ଯେ, ଆଜି ହେଉ କି କାଲି ହେଉ, ଇରାନ ଶାସନ କ୍ଷମତାର ପତନ ନିଶ୍ଚିତ। ନେତନ୍ୟାହୁଙ୍କ ଏହି ଘୋଷଣା ଏକ ନୂଆ ରଣନୀତି ଓ ସମ୍ଭାବନାକୁ ସୂଚାଉଛି।

## ଇରାନ ବିରୋଧୀ ଯୁଦ୍ଧରେ ସାମିଲ ହୋଇପାରେ ୟୁଏଇ

ଆବୁଧାବି, ୧।୪(ଏଜେନ୍ସି): ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଏବେ ସିଧାସଳଖ ଭାବେ ଆମେରିକା-ଇରାନ ଯୁଦ୍ଧରେ ପାଦ ଦେବାକୁ ପ୍ରସ୍ତୁତ ହେଉଛି। ୱାଲ ଷ୍ଟ୍ରିଟ ଜର୍ଣ୍ଣାଲ ତା'ର ରିପୋର୍ଟରେ ଏ ନେଇ ସୂଚନା ଦେଇଛି। ବିଶ୍ୱ ଅର୍ଥନୀତିର ଜୀବନରେଖା କୁହାଯାଉଥିବା ହର୍ମୁଜ ପ୍ରଣାଳୀକୁ ମୁକ୍ତ କରିବା ପାଇଁ ୟୁଏଇ ଏବେ ସମର ସଜ୍ଜା ଆରମ୍ଭ କରିଛି। ୟୁଏଇ ଏବେ ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ଏକ ପ୍ରସ୍ତାବ ଆଣିବାକୁ ଚେଷ୍ଟା କରୁଛି, ଯେଉଁଥିରେ ବଳ ପ୍ରୟୋଗ କରି ହର୍ମୁଜ ପ୍ରଣାଳୀକୁ ଖୋଲିବା ଓ ଜାହାଜଗୁଡ଼ିକର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ସାମରିକ ବାହିନୀ ଗଠନ କରିବାକୁ ଅନୁମତି ମଗାଯାଇଛି। ଗତ କିଛିଦିନ ମଧ୍ୟରେ ଇରାନ ପକ୍ଷରୁ ୟୁଏଇ ଉପରେ ପ୍ରାୟ ୨, ୫୦୦ରୁ ଅଧିକ ମିସାଇଲ୍ ଓ ଡ୍ରୋନ ଆକ୍ରମଣ କରାଯାଇଛି, ଯାହାଦ୍ୱାରା ସେଠାକାର ବିମାନ ବନ୍ଦର ଓ ତୈଳ ପ୍ରକଳ୍ପଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି। ୟୁଏଇ ନିଜର ଜେବେଲ ଅଲି ବନ୍ଦର ଓ ଆଧୁନିକ ଯୁଦ୍ଧ ବିମାନ ସାହାଯ୍ୟରେ ଆମେରିକା ନେତୃତ୍ୱାଧୀନ ସାମରିକ ଅଭିଯାନକୁ ସହଯୋଗ କରିବାକୁ ପ୍ରସ୍ତୁତ। ଏଥିସହ ହର୍ମୁଜ ପ୍ରଣାଳୀରେ ଥିବା ଗୁରୁତ୍ୱପୂର୍ଣ୍ଣ ଦ୍ୱୀପଗୁଡ଼ିକୁ ଆମେରିକା ନିଜ ନିୟନ୍ତ୍ରଣକୁ ନେବାକୁ ୟୁଏଇ ପରାମର୍ଶ ଦେଇଛି। ପୁଣି ସୁରକ୍ଷା ଦୃଷ୍ଟିକୋଣରୁ ୟୁଏଇ ନିଜ ଦେଶକୁ ଇରାନୀ ନାଗରିକଙ୍କ ପ୍ରବେଶ ଉପରେ ଅଙ୍କୁଶ ଲଗାଇଛି ଏବଂ ଅନେକ ଇରାନୀ ଅନୁଷ୍ଠାନକୁ ବନ୍ଦ କରିଦେଇଛି। ସେପଟେ ଇରାନ ଚେତାବନୀ ଦେଇଛି ଯେ ଯଦି ୟୁଏଇ ଆମେରିକାକୁ ସାହାଯ୍ୟ କରେ, ତେବେ ତା'ର ଗ୍ୟାସ ଫିଲ୍ଡ ଓ ପାୱାର ପ୍ଲାଣ୍ଟଗୁଡ଼ିକ ସମ୍ପୂର୍ଣ୍ଣ ଧ୍ୱଂସ କରିଦିଆଯିବ। ସାଉଦି ଆରବ ଓ ବାହାରିନ ଭଳି ଦେଶ ୟୁଏଇର ଏହି ପଦକ୍ଷେପକୁ ସମର୍ଥନ କରୁଛନ୍ତି। ଯଦିଓ ରୁଷ ଓ ଚୀନ୍ ଏହି ପ୍ରସ୍ତାବକୁ ବିରୋଧ କରିପାରନ୍ତି। ଏହା ସତ୍ତ୍ୱେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ୟୁଏଇ ମନସ୍ଥ କରିସାରିଛି।

## ନାଟୋରୁ ଓହରିପାରେ କ୍ଷୁବ୍ଧ ଆମେରିକା

ୱାସିଂଟନ, ୧।୪(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱର ସର୍ବବୃହତ ସାମରିକ ସଂଗଠନ ନାଟୋରୁ ବାହରି ଯିବା ପାଇଁ ଗମ୍ଭୀର ଭାବେ ବିଚାର କରୁଥିବା ସୂଚନା ଦେଇଛନ୍ତି। ଇରାନ ଯୁଦ୍ଧ ସମୟରେ ନାଟୋ ସହଯୋଗୀ ଦେଶଗୁଡ଼ିକ ଆମେରିକାକୁ ସହଯୋଗ ନ କରିବାରୁ ଟ୍ରମ୍ପ ଏଭଳି କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଟ୍ରମ୍ପ ଏକ ସାକ୍ଷାତକାରରେ କହିଛନ୍ତି ଯେ ନାଟୋ କେବଳ ଏକ 'କାଗଜ ବାଘ' ଏବଂ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ମଧ୍ୟ ଏହା ଭଲ ଭାବେ ଜାଣନ୍ତି। ଆମେରିକା ସବୁବେଳେ ନିଜ ସହଯୋଗୀଙ୍କ ପାଇଁ ଛିଡ଼ା ହୋଇଛି। କିନ୍ତୁ ଦରକାର ବେଳେ କେହି ଆମେରିକା ସହ ନାହାନ୍ତି। ହର୍ମୁଜ ପ୍ରଣାଳୀ ଖୋଲିବା ପାଇଁ ଆମେରିକା ନାଟୋ ଦେଶଗୁଡ଼ିକୁ ଯୁଦ୍ଧ ଜାହାଜ ପଠାଇବାକୁ କହିଥିଲା, କିନ୍ତୁ ସେମାନେ ଏହାକୁ ମନା କରି ଦେଇଛନ୍ତି। ଖାସ୍ ଏହି କାରଣରୁ ଟ୍ରମ୍ପ ନାଟୋ ଉପରୁ ଭରସା ହରାଇଛନ୍ତି। ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ (ୟୁଏନ୍‌ଡିପି)ର ରିପୋର୍ଟ ଅନୁଯାୟୀ, ଏହି ଯୁଦ୍ଧ ଯୋଗୁଁ ସମଗ୍ର ଅଞ୍ଚଳର ଅର୍ଥନୀତି ଧ୍ୱଂସ ହେବାକୁ ଯାଉଛି। ମଧ୍ୟପ୍ରାଚ୍ୟରେ ୧୮ ଲକ୍ଷ ୪ କୋଟି ଟଙ୍କାର କ୍ଷତି ହେବାର ଆଶଙ୍କା ରହିଛି।

## ବାଗ୍‌ଦାଦ୍‌ରେ ରାସ୍ତା ଉପରୁ ଆମେରିକୀୟ ସାମ୍ବାଦିକାଙ୍କୁ ଅପହରଣ



ବାଗଦାଗ, ୧।୪(ଏଜେନ୍ସି): ଯୁଦ୍ଧ ମଧ୍ୟରେ ଇରାକ ରାଜଧାନୀ ବାଗଦାଦରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ଆମେରିକାର ଜଣେ ସ୍ୱାଧୀନ ଅର୍ଥାତ ଫ୍ରିଲାନ୍ସ ସାମ୍ବାଦିକା ସେଲି କିଟଲସନଙ୍କୁ ରାସ୍ତା ଉପରୁ ଦୁର୍ବୃତ୍ତମାନେ ଅପହରଣ କରିଛନ୍ତି। ଅଜ୍ଞାତ ସଶସ୍ତ୍ର ଆତତାୟୀମାନେ ତାଙ୍କୁ ବାଗଦାଦ ହୋଟେଲ ନିକଟରୁ ଜବରଦସ୍ତି ଗାଡ଼ିରେ ଟେକି ନେଇଥିବାରୁ ଭିଡିଓ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ସେଲି ଅଲ-ସାଦୁନ ଷ୍ଟ୍ରିଟ୍ ଦେଇ ଯାଉଥିବା ସମୟରେ କିଛି ସଶସ୍ତ୍ର ଲୋକ ତାଙ୍କ ଗାଡ଼ି ଅଟକାଇଥିଲେ ଏବଂ ତାଙ୍କୁ ଟାଣି ନେଇ ନିଜ ଗାଡ଼ିରେ ବସାଇ ଫେରାର ହୋଇଯାଇଥିଲେ। ଇରାକ ଗୃହମନ୍ତ୍ରଣାଳୟ ଏହି ଘଟଣାକୁ ନିଶ୍ଚିତ କରିଛି। ସୁରକ୍ଷାବଳ ଅପହରଣକାରୀଙ୍କୁ ପିଛା କରିବା ସମୟରେ ଗୋଟିଏ ଗାଡ଼ି ଓଲଟି ପଡ଼ିଥିଲା, ଯେଉଁଥିରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। କିନ୍ତୁ ସାମ୍ବାଦିକାଙ୍କୁ ନେଇ ଯାଉଥିବା ଅନ୍ୟ ଏକ ଗାଡ଼ି ବାଗଦାଦର ଦକ୍ଷିଣ ଦିଗକୁ ଖସି ପଳାଇବାରେ ସକ୍ଷମ ହୋଇଛି। ସେଲି ଜଣେ ଅଭିଜ୍ଞା ଯୁଦ୍ଧ ସାମ୍ବାଦିକା, ଯିଏ ମୁଖ୍ୟତଃ ମଧ୍ୟପ୍ରାଚ୍ୟ, ଇରାକ ଓ ସିରିଆରୁ ରିପୋର୍ଟିଂ କରନ୍ତି। ୨୦୧୭ରେ ତାଙ୍କୁ ପ୍ରତିଷ୍ଠିତ 'ପ୍ରେମିଓ କରାଭେଲା' ପୁରସ୍କାର ମିଳିଥିଲା। ସେ ଅଲ୍-ମନିଟର ନ୍ୟୁଜ ୱେବସାଇଟ୍ ପାଇଁ କାର୍ଯ୍ୟ କରୁଥିଲେ। ସେ ବିଶେଷ କରି ଆଇଏସ୍‌ଆଇଏସ୍‌ର ପତନ ପରେ ଇରାକର ସ୍ଥିତି ଓ ସେଠାକାର ମିଲିସିଆ ଗୋଷ୍ଠୀଙ୍କ ଗତିବିଧି ଉପରେ ରିପୋର୍ଟ ପ୍ରସ୍ତୁତ କରି ଚର୍ଚ୍ଚାକୁ ଆସିଥିଲେ। ଏହି ଘଟଣା ପଛରେ ଇରାନ ସମର୍ଥିତ ମିଲିସିଆ ଗୋଷ୍ଠୀ, କତିବ ହଜବୁଲ୍ଲାର ହାତ ଥାଇପାରେ ବୋଲି ଆଶଙ୍କା କରାଯାଉଛି। ଏହି ଗୋଷ୍ଠୀ ପୂର୍ବରୁ ମଧ୍ୟ ବିଦେଶୀ ନାଗରିକଙ୍କୁ ଟାର୍ଗେଟ କରିଆସିଛି। ପୂର୍ବରୁ ମଧ୍ୟ ଆମେରିକା ଦୂତାବାସ ନିଜ ନାଗରିକଙ୍କୁ ସେଠାକୁ ଯାତ୍ରା ନ କରିବାକୁ ପରାମର୍ଶ ଦେଇଥିଲା। ୨୦୨୫ ରିପୋର୍ଟ ଅନୁଯାୟୀ, ପ୍ରେସ ଫ୍ରିଡମ ଇଣ୍ଡେକ୍ସରେ ଇରାକ ୧୮୦ଟି ଦେଶ ମଧ୍ୟରୁ ୧୫୫ତମ ସ୍ଥାନରେ ରହିଛି। ଫଳରେ ଇରାକରେ ସମ୍ବାଦିକମାନେ ଗମ୍ଭୀର ବିପଦ ମଧ୍ୟରେ କାର୍ଯ୍ୟ କରୁଛନ୍ତି ବୋଲି ସ୍ପଷ୍ଟ ହୋଇଛି।

## ଦୁଇ ପୁଅଙ୍କୁ ହତ୍ୟା କରି ମହିଳାଙ୍କ ଆତ୍ମହତ୍ୟା



ହାଇଦରାବାଦ୍, ୧।୪(ଏଜେନ୍ସି): ହାଇଦରାବାଦ୍‌ରେ ଜଣେ ମହିଳା ନିଜର ଦୁଇ ପୁଅଙ୍କୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିବାର ଦୁଃଖଦାୟକ ଖବର ସାମ୍ନାକୁ ଆସିଛି। ସେ ନିଜର ଦୁଇ ନାବାଳକ ପୁଅଙ୍କୁ ହତ୍ୟା କରିବା ପରେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ। ୩ ଜଣଙ୍କ ଶବ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ପୁଲିସ କହିବା ଅନୁଯାୟୀ, ମହିଳାଙ୍କ ସ୍ୱାମୀ ଦ୍ୱିତୀୟ ବିବାହ କରିଥିଲେ, ଯାହାକୁ ନେଇ ପରିବାରରେ କଳହ ଲାଗି ରହିଥିଲା। ଏହି ଘଟଣାଟି ମାର୍ଚ୍ଚ ୩୧ରେ ଅପରାହ୍ଣ ୧.୩୦ରେ ରାଘବେନ୍ଦ୍ର କଲୋନୀରେ ଘଟିଛି। ପୁଲିସ ସୂଚନା ଅନୁଯାୟୀ, ଯେତେବେଳେ ସ୍ୱାମୀ ପ୍ରବୀଣ ଅପରାହ୍ଣରେ ଘରକୁ ଫେରିଲେ, ସେତେବେଳେ ମୁଖ୍ୟ ଗେଟ୍ ଭିତରୁ ବନ୍ଦ ଥିଲା। କେହି କବାଟ ନ ଖୋଲିବାରୁ ସେ ପଡୋଶୀଙ୍କ ସହାୟତାରେ କବାଟ ଭାଙ୍ଗି ଭିତରକୁ ଯାଇଥିଲେ। ସେଠରେ ୨୯ ବର୍ଷୀୟ ଶ୍ରାବନ୍ତୀ ଓ ତାଙ୍କର ଦୁଇ ପୁଅ କାର୍ତ୍ତିକ (୧୨) ଓ କୌଶିକ (୧୦)ଙ୍କ ଶବ ଦେଖିବାକୁ ପାଇଥିଲେ। ଅପରାହ୍ଣ ୨ଟାରେ ପୁଲିସକୁ ଏହି ଖବର ଦିଆଯାଇଥିଲା। ଅନ୍ୟପଟେ ଶ୍ରାବନ୍ତୀଙ୍କ ମୃତ୍ୟୁ ଖବର ପାଇ ଚେନ୍ନାରାଓପେଟ୍‌ରେ ଥିବା ତାଙ୍କ ପରିବାର ଲୋକେ ଉତ୍ତ୍ୟକ୍ତ ହୋଇ ଶ୍ୱଶୁର ଘର ଓ ଗୁହାଳର ନିଆଁ ଲଗାଇ ଦେବା ସହ ହଙ୍ଗାମା କରିଥିଲେ। ପରେ ପୁଲିସ ସେଠାରେ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଏସିପି ନରେଶ ରେଡ୍ଡୀଙ୍କ ଅନୁଯାୟୀ, ଏହି ମାମଲାଟି ପାରିବାରିକ ବିବାଦରୁ ସୃଷ୍ଟି ହୋଇଥିବା ହତ୍ୟା ଓ ଆତ୍ମହତ୍ୟା ପରି ମନେ ହେଉଛି। ପ୍ରବୀଣଙ୍କ ଦ୍ୱିତୀୟ ବିବାହକୁ ନେଇ ଶ୍ରାବନ୍ତୀ ଓ ତାଙ୍କ ମଧ୍ୟରେ ଅନେକ ଦିନରୁ ବିବାଦ ଚାଲିଥିଲା। ଶ୍ରାବନ୍ତୀ ନିଜ ପୁଅମାନଙ୍କ ସହ ହାଇଦରାବାଦ୍ ଛାଡ଼ି ବାପଘରେ ରହୁଥିଲେ। କୁକଟପାଲି ଡିସିପି ରୀତି ରାଜଙ୍କ ସୂଚନା ଅନୁଯାୟୀ, ଆତ୍ମହତ୍ୟା ପାଇଁ ଉସକାଇବା ଅଭିଯୋଗରେ ପ୍ରବୀଣଙ୍କ ବିରୋଧରେ ବିଏନ୍‌ଏସ୍‌ର ଧାରା ଅନୁଯାୟୀ ମାମଲା ରୁଜୁ କରାଯିବ। ତେବେ ଏହି ଘଟଣା ତଦନ୍ତ ଜାରି ରହିଛି।

# ଇସ୍ତଫା ଦେଲେ ଉଠ୍‌ବସ୍ ହୋଇଥିବା ଆଇଏଏସ୍ ଅଧିକାରୀ

■ ସଚ୍ଚୋଟତା ପାଇଁ ମିଳୁଛି ସ୍ୱତନ୍ତ୍ର ଦଣ୍ଡ
■ ଦୁର୍ନୀତିର ପର୍ଦ୍ଦାଫାସ କରି ଗୁଳି ଖାଇଥିଲେ



ନୂଆଦିଲ୍ଲୀ, ୧।୪(ଏଜେନ୍ସି): ୨୦୨୨ ବ୍ୟାଚ୍‌ର ଉତ୍ତର ପ୍ରଦେଶ କ୍ୟାଡର ଆଇଏଏସ୍ ଅଧିକାରୀ ରିଙ୍କୁ ସିଂହ ରାହୀ ବୁଧବାର ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ପ୍ରଶାସନିକ ବ୍ୟବସ୍ଥାରେ ସଚ୍ଚୋଟ ଅଧିକାରୀମାନଙ୍କୁ କିଭଳି ମାନସିକ ଦଣ୍ଡ ଦିଆଯାଏ, ସେନେଇ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ଆଣିଛନ୍ତି। ରିଙ୍କୁଙ୍କ କହିବା ଅନୁଯାୟୀ, ତାଙ୍କୁ ଦୀର୍ଘ ସମୟଧରି କୌଣସି ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତି ଦିଆଯାଇ ନଥିଲା। ତାଙ୍କୁ କେବଳ ବିଭାଗ ସହ ଯୋଡ଼ି ରଖାଯାଇଥିଲା। ସେ ଦରମା ତ ପାଉଥିଲେ କିନ୍ତୁ ଜନସାଧାରଣଙ୍କ ପାଇଁ କାମ କରିବାକୁ ତାଙ୍କୁ ସୁଯୋଗ ଦିଆଯାଉ ନ ଥିଲା। ସେ କହିଛନ୍ତି ଯେ, କୌଣସି କାମ ନ କରି ସରକାରଙ୍କଠାରୁ ଦରମା ନେବା ମଧ୍ୟ ଏକ ପ୍ରକାର ଦୁର୍ନୀତି। ତେଣୁ ସେ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଇଛନ୍ତି। ତାଙ୍କର ଉଠ୍‌ବସ ହେବାର କାହାଣୀକୁ ନେଇ ସେ ବେଶ ଭାଇରାଲ ହୋଇଥିଲେ। ୨୦୨୫ ଜୁଲାଇ ୨୮ ରେ ରିଙ୍କୁ ସିଂହ ଉତ୍ତରପ୍ରଦେଶର ଶାହାଜାହାନପୁରରେ ଏସ୍‌ଡିଏମ୍ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। କିନ୍ତୁ ମାତ୍ର ୩୬ ଘଣ୍ଟା ମଧ୍ୟରେ ତାଙ୍କୁ ପଦରୁ ହଟାଇ ଦିଆଯାଇଥିଲା। ତହସିଲ ପରିଦର୍ଶନ ସମୟରେ ଜଣେ କିରାଣି ବାହାରେ ପରିସ୍ରା କରୁଥିବାର ସେ ଦେଖିଥିଲେ ଏବଂ ତାଙ୍କୁ ଉଠବସ ହେବାକୁ କହିଥିଲେ। ଏହାକୁ ନେଇ ଓକିଲମାନେ ବିରୋଧ ପ୍ରଦର୍ଶନ କରିଥିଲେ ଓ ପରିସରରେ ଶୌଚାଳୟର ଅଭାବ କଥା କହିଥିଲେ। ସେ ସାଧାରଣ ଜନତାଙ୍କ ସମସ୍ୟାକୁ ବୁଝିଥିଲେ ଓ ଜଣେ ବରିଷ୍ଠ ଅଧିକାରୀ ଭାବେ ପରିମଳ ବ୍ୟବସ୍ଥାର ବିଫଳତା ପାଇଁ ନିଜେ ସର୍ବସାଧାରଣରେ ୫ ଥର ଉଠ୍‌ବସ୍ ହୋଇ କ୍ଷମା ମାଗିଥିଲେ। ଏହି ଭିଡ଼ିଓ ଭାଇରାଲ ହେବା ପରେ ତାଙ୍କୁ ବଦଳି କରାଯାଇଥିଲା। ୨୦୦୯ ରେ ପିସିଏସ୍ ଅଧିକାରୀ ଥିବା ସମୟରେ ସେ ଏକ ବଡ଼ ଦୁର୍ନୀତିର ପର୍ଦ୍ଦାଫାସ କରିଥିଲେ। ଏଥିପାଇଁ ତାଙ୍କ ଉପରେ ଆକ୍ରମଣ ହୋଇଥିଲା ଏବଂ ତାଙ୍କ ମୁହଁରେ ୨ଟି ସମେତ ଦେହରେ ମୋଟ ୭ଟି ଗୁଳି ବାଜିଥିଲା। ଏହି ଆକ୍ରମଣରେ ତାଙ୍କ ଗୋଟିଏ ଆଖିର ଦୃଷ୍ଟିଶକ୍ତି ଚାଲିଯାଇଥିଲା ଏବଂ ତାଙ୍କ ମୁହଁ ବିକୃତ ହୋଇଯାଇଥିଲା। ଏହା ସତ୍ତ୍ୱେ ସେ ହାର ମାନି ନଥିଲେ ଏବଂ ୨୦୨୧ରେ ୟୁପିଏସ୍‌ସି ପରୀକ୍ଷା ଉତ୍ତୀର୍ଣ୍ଣ ହୋଇ ଆଇଏଏସ୍ ଅଧିକାରୀ ହେବାର ଗୌରବ ଅର୍ଜନ କରିଥିଲେ।

## ବିଜେପି କାର୍ଯ୍ୟାଳୟ ବାହାରେ ଗ୍ରେନେଡ୍ ମାଡ଼

ଚଣ୍ଡିଗଡ଼, ୧।୪(ଏଜେନ୍ସି): ସ୍ଥାନୀୟ ସେକ୍ଟର ୩୭ ସ୍ଥିତ ପଞ୍ଜାବ ବିଜେପିର ରାଜ୍ୟ କାର୍ଯ୍ୟାଳୟ ବାହାରେ ଏକ ଗ୍ରେନେଡ଼ ବିସ୍ଫୋରଣ ହୋଇଛି। ବୁଧବାର ମୋଟର ସାଇକେଲରେ ଆସିଥିବା ଦୁଇ ଜଣ ସନ୍ଦିଗ୍ଧ ଏହି ଆକ୍ରମଣ କରି ଫେରାର ହୋଇଯାଇଛନ୍ତି। ଆକ୍ରମଣର ଭିଡ଼ିଓ ସାମ୍ନାକୁ ଆସିଛି, ଯେଉଁଥିରେ ଜଣେ ବ୍ୟକ୍ତି ଗ୍ରେନେଡ ପିନ୍ ବାହାର କରି କାର୍ଯ୍ୟାଳୟ ନିକଟକୁ ଫିଙ୍ଗୁଥିବା ଦେଖାଯାଇଛି। ଗ୍ରେନେଡଟି ଏକ ସ୍କୁଟର ନିକଟରେ ପଡ଼ି ବିସ୍ଫୋରଣ ହୋଇଥିଲା। ଚଣ୍ଡିଗଡ଼ ଏଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସିସିଟିଭି ଫୁଟେଜରେ ଅଭିଯୁକ୍ତଙ୍କ ଚେହେରା କଏଦ ହୋଇଛି। ପ୍ରାଥମିକ ସୂଚନା ଅନୁଯାୟୀ, ଏହି ଗ୍ରେନେଡଟି ଗନ୍ ପାଉଡର ସାହାଯ୍ୟରେ ତିଆରି କରାଯାଇଥିଲା। ଏହି ଘଟଣା ପରେ କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥାଗୁଡ଼ିକୁ ହାଇ ଆଲର୍ଟରେ ରଖାଯାଇଛି। ପୁଲିସ ଏଥିରେ ଖଲିସ୍ତାନୀ ସଂଗଠନର ସମ୍ପୃକ୍ତି ଥିବା ନେଇ ସନ୍ଦେହ କରୁଛି।

### ଉତ୍କଳମଣିଙ୍କ ଜନ୍ମପୀଠରେ ମୁଖ୍ୟମନ୍ତ୍ରୀ ପାଳିଲେ ଓଡ଼ିଶା ଦିବସ

# ଗୋପବନ୍ଧୁଙ୍କ ତ୍ୟାଗ ଓଡ଼ିଆ ଜାତିର ଭାଗ୍ୟ ବଦଳାଇଛି



ସାକ୍ଷୀଗୋପାଳ,୧।୪(ସମିସ): ସ୍ୱତନ୍ତ୍ର ପ୍ରଦେଶ ଭାବେ ୯୧ ବର୍ଷରେ ପଦାର୍ପଣ କରିଛି ଓଡ଼ିଶା। ଓଡ଼ିଶା ଦିବସ ରାଜ୍ୟସ୍ତରୀୟ ଉତ୍ସବ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମସ୍ଥାନ ପୁରୀ ଜିଲ୍ଲା ସତ୍ୟବାଦୀସ୍ଥିତ ସୁଆଣ୍ଡୋ ଗ୍ରାମରେ ଅନୁଷ୍ଠିତ ହୋଇଛି। ଗତ ବର୍ଷ ଏହା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ଜନସାଧାରଣ ତଥା ଯୁବପିଢ଼ିଙ୍କୁ ବରପୁତ୍ରମାନଙ୍କ ସ୍ମୃତି ସହିତ ଯୋଡ଼ି ରଖିବାକୁ ଏବଂ ସେମାନଙ୍କ ତ୍ୟାଗ ଓ ବଳିଦାନରେ ଅନୁପ୍ରେରିତ ହେବା ପାଇଁ ଏହି କାର୍ଯ୍ୟକ୍ରମକୁ ବରପୁତ୍ରମାନଙ୍କ ଜନ୍ମସ୍ଥାନରେ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ସୁଆଣ୍ଡୋରେ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଥମେ ସୁଆଣ୍ଡୋରେ ପହଞ୍ଚି ଗୋପବନ୍ଧୁ ଦାସଙ୍କ ଷଠିଘର ପରିଦର୍ଶନ ଓ ଉତ୍କଳମଣିଙ୍କ କୂଳଦେବତା ପ୍ରଭୁ ଶ୍ରୀରାଧା ବିନୋଦବିହାରୀଙ୍କୁ ଦର୍ଶନ କରିଥିଲେ। ଗୋପବନ୍ଧୁ ପାର୍କଠାରେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଗୋପବନ୍ଧୁ ସଂଗ୍ରହାଳୟ ପରିଦର୍ଶନ କରିଥିଲେ। ଏହାପରେ ସାକ୍ଷୀଗୋପାଳର ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇଥିଲେ। ସାଧାରଣ ଦିଶୁଥିବା ଏକ ସ୍ଥାନରେ ଜନ୍ମ ହୋଇ, ସବୁ ସାଧାରଣ ସାମଗ୍ରୀ ବ୍ୟବହାର କରି, ନିଜର କର୍ମବଳରେ ଜଣେ ବ୍ୟକ୍ତି କିପରି ଈଶ୍ୱରତୁଲ୍ୟ ହୋଇପାରେ କହି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପଣ୍ଡିତ ଗୋପବନ୍ଧୁଙ୍କୁ ସମଗ୍ର ଭାରତବର୍ଷ ପାଇଁ ଏକ ଉଦାହରଣ ବୋଲି କହିବା ସହିତ ଗୋପବନ୍ଧୁଙ୍କ ଦୁଃଖ, କଷ୍ଟ ଓ ତ୍ୟାଗ ଆଜି ଓଡ଼ିଆ ଜାତିର ଭାଗ୍ୟକୁ ବଦଳାଇ ଦେଇଛି ବୋଲି କହିଥିଲେ। ସତ୍ୟବାଦୀ ବନ ବିଦ୍ୟାଳୟ ଓ ସମଗ୍ର ଅଞ୍ଚଳର ବିକାଶ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ଏଥିପାଇଁ ରାଜ୍ୟ ସରକାର ୫୮୫ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରିବେ। ଏହା ଖୁବ୍‌ଶୀଘ୍ର ଆରମ୍ଭ ହେବ। ଐତିହାସିକ ବକୁଳ ବନର ପୁନରୁତ୍ଥାନ ଓ ବିକାଶ ପାଇଁ ପ୍ରାୟ ୯୦ କୋଟି ଟଙ୍କା ବିନିଯୋଗ କରାଯିବ। ଏହାକୁ ଏକ ସାଂସ୍କୃତିକ, ଆଧ୍ୟାତ୍ମିକ ଓ ଶିକ୍ଷା କେନ୍ଦ୍ରରେ ପରିଣତ କରାଯାଇ ଏହାର ଐତିହାସିକ ପରିଚୟକୁ ସୁରକ୍ଷିତ କରାଯିବ। ଏହା ସହିତ ୪୯୫ କୋଟି ଟଙ୍କାରେ ସତ୍ୟବାଦୀ ଅଞ୍ଚଳର ପୁନର୍ବିକାଶ କରାଯିବ। ଏଠାରେ ହେରିଟେଜ୍ କରିଡର ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମହାପ୍ରଭୁଙ୍କ ମହିମାର ପ୍ରସାର ପାଇଁ ପୁରୀରେ ୧ହଜାର କୋଟି ଟଙ୍କା ବ୍ୟୟରେ ଏକ ବିଶ୍ୱସ୍ତରୀୟ ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ପାଠାଗାର ପ୍ରତିଷ୍ଠା କରାଯିବା ସହିତ ଗୁଣ୍ଡିଚା ମନ୍ଦିର, ଏମାର ମଠ ଓ ରଘୁନନ୍ଦନ ଲାଇବ୍ରେରୀ ଭଳି ଐତିହାସିକ ଓ ଆଧ୍ୟାତ୍ମିକ ପୀଠର ଗୌରବର ପୁନଃଉଦ୍ଧାର କରାଯିବ। ପୁରୀକୁ ଅତ୍ୟାଧୁନିକ ପର୍ଯ୍ୟଟନସ୍ଥଳରେ ପରିଣତ କରିବା ପାଇଁ ୧୫୦୦ ଏକର ପରିମିତ ଅଞ୍ଚଳରେ ଶାମୁକା ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ଏହି ପ୍ରକଳ୍ପ ନୈସର୍ଗିକ ବେଳାଭୂମି ଓ ଅତ୍ୟାଧୁନିକ ଭିତ୍ତିଭୂମିର ସମନ୍ୱୟରେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ ହେବ ବୋଲି ସେ କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ପୁରୀଠାରେ ଏକ ବିଶ୍ୱ ପର୍ଯ୍ୟଟନ କେନ୍ଦ୍ର ପ୍ରତିଷ୍ଠା କରାଯିବ। ପୁରୀରେ କ୍ରୁଜ୍ ଟର୍ମିନାଲ୍ ପ୍ରତିଷ୍ଠା ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି। ଏହା ସହିତ ଆମର ପ୍ରାକୃତିକ ସୌନ୍ଦର୍ଯ୍ୟର

**ସତ୍ୟବାଦୀର ଉନ୍ନୟନ ଓ ପୁନର୍ବିକାଶ ନିମନ୍ତେ ୫୮୫ କୋଟି ଘୋଷଣା**

ଗନ୍ତାଘର ଚିଲିକାର ପୁନରୁଦ୍ଧାର କରାଯାଇ ଏହାକୁ ମଧ୍ୟ ବିଶ୍ୱସ୍ତରୀୟ ଇକୋଟୁରିଜିମ୍ ହବ୍‌ରେ ପରିଣତ କରାଯିବ ବୋଲି କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଉତ୍କଳମଣି ସ୍ମୃତି ପରିଷଦର ସଭାପତି ଧୀରେନ୍ଦ୍ର ଦାସ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପ୍ରମୁଖ ମଞ୍ଚାସୀନ ଥିଲେ। ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ଏପିପି ସତୀଶ ମିଶ୍ର, ଆଶା ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରଧାନ, ଉମେଶ ଚନ୍ଦ୍ର ପ୍ରଧାନ, ପ୍ରଦ୍ୟୁମ୍ନ ଶତପଥୀ, ସୁବାସ ଚନ୍ଦ୍ର ଜେନା, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷା ସସ୍ମିତା ପ୍ରଧାନ, ସମିତିସଭ୍ୟ ଦୀପକ ଶତପଥୀ, ତ୍ରିଲୋଚନ ରଥ, ହର ପ୍ରସାଦ ରଥ, ଅଶୋକ ରାଉତରାୟ, ସରିତା ପ୍ରିୟଦର୍ଶିନୀ, ସୁକାନ୍ତ ଜେନା, ବିଷ୍ଣୁ ଚରଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟ କଂଗ୍ରେସରେ ହଲଚଲ୍: ବିଧାୟକଙ୍କୁ ଦିଲ୍ଲୀ ଡକରା

ଭୁବନେଶ୍ୱର,୧।୪(ସମିସ): ରାଜ୍ୟର କଂଗ୍ରେସ ବିଧାୟକଙ୍କୁ ଦିଲ୍ଲୀରୁ ଆସିଛି ଡକରା। ଏହି ଖବର ରାଜ୍ୟ କଂଗ୍ରେସ ରାଜନୀତିରେ ସୃଷ୍ଟି କରିଛି ହଲଚଲ। ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରିଥିବା ୩ ବିଧାୟକଙ୍କୁ ଦଳ ନିଲମ୍ବିତ କରିଛି। ତେଣୁ ସ୍ୱାଭାବିକ ଭାବରେ ଅନ୍ୟସମସ୍ତଙ୍କୁ ଦିଲ୍ଲୀ ଡକାଯାଇଥାଇ ପାରେ ବୋଲି ଅନୁମାନ କରାଯାଉଛି। ତେବେ ଅକସ୍ମାତ ରାଜ୍ୟର ବିଧାୟକମାନଙ୍କୁ ଦିଲ୍ଲୀ ଡକରା ପଛରେ କି ରହସ୍ୟ ରହିଛି ତାହା ସ୍ପଷ୍ଟ ହୋଇ ନାହିଁ। ପୁନଶ୍ଚ ନିଲମ୍ବନ ପରେ ଅବଶିଷ୍ଟ ୧୧ ବିଧାୟକଙ୍କ ମଧ୍ୟରୁ ଆଜି ୬ ଜଣ ଦିଲ୍ଲୀ ଗସ୍ତ କରିଥିବାରୁ ଭିତରେ କି ରାଜନୀତି ଚାଲିଛି ତାହା ଦଳୀୟ ନେତାମାନେ ବି ବୁଝି ପାରୁନାହାନ୍ତି।

ମିଳିଥିବା ସୂଚନା ଅନୁସାରେ ହାଇକମାଣ୍ଡଙ୍କ ନିର୍ଦ୍ଦେଶ ଅନୁସାରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି, ମଙ୍ଗୁ ଖିଲ, ସତ୍ୟଜିତ ଗମାଙ୍ଗ, ସିଏସ୍ ରାଜନ ଏକ୍କା, ସାଗର ଦାସ, କାଡ୍ରାକା ଆପାଲା ସ୍ୱାମୀ ପ୍ରମୁଖ ବୁଧବାର ଦିଲ୍ଲୀ ଯାଇଛନ୍ତି। ସେମାନେ ଏଆଇସିସି ସଂଗଠନ ସମ୍ପାଦକଙ୍କ ସମେତ ଏଆଇସିସି ଅଧ୍ୟକ୍ଷଙ୍କ ସହ ସାକ୍ଷାତ କରିପାରନ୍ତି ବୋଲି କୁହାଯାଉଛି। ତେବେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଓ ଉପନେତା ଅଶୋକ ଦାସ ଦିଲ୍ଲୀ ଯାଇ ନ ପାରନ୍ତି ବୋଲି ସୂଚନା ମିଳିଛି। ଅନ୍ୟ ୩ ବିଧାୟକ ପବିତ୍ର ସାଉଁତା, ନିଳମାଧବ ହିକ୍କା ଓ ପ୍ରଫୁଲ୍ଲ ପ୍ରଧାନଙ୍କ

- ■ **ଅନ୍ୟ ବିଧାୟକମାନଙ୍କ ଗସ୍ତକୁ ନେଇ ସଂଶୟ**
- ■ **ବାହିନୀପତିଙ୍କ ସହ ଦିଲ୍ଲୀ ଗଲେ ୬ ବିଧାୟକ**

ଗସ୍ତ କାର୍ଯ୍ୟକ୍ରମ ସ୍ଥିର ହୋଇ ନ ଥିବା ଜଣାପଡ଼ିଛି। ଦଳର ଆଭ୍ୟନ୍ତରୀଣ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଆଗାମୀ ଦିନରେ ରାଜ୍ୟ କଂଗ୍ରେସର ରଣନୀତି, ସାଙ୍ଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ବିଧାୟକମାନଙ୍କୁ ଦଳ ନୂଆ ଦାୟିତ୍ୱ ଦେଇପାରେ। ବିଧାୟକ ଦଳ ନେତା ପଦ ପାଇଁ ଅତୀତରେ ତାରା ବାହିନୀପତିଙ୍କ ଆଗ୍ରହ ପ୍ରଦର୍ଶନ କରିଥିଲେ, ଏପରିକି ତାଙ୍କୁ ପିସିସି ସଭାପତି ଦାୟିତ୍ୱ ଦେଲେ ବି ସେ ଅସ୍ୱୀକାର କରିବେ ନାହିଁ ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ ତାଙ୍କର ଦୀର୍ଘ ଅଭିଜ୍ଞତା ଓ ଆନୁଗତ୍ୟକୁ ଦୃଷ୍ଟିରେ ରଖି ତାରାଙ୍କୁ କିଛି ଗୁରୁତ୍ୱପୂର୍ଣ୍ଣ ପଦ ଦଳ ପ୍ରଦାନ କରିପାରେ ବୋଲି ମଧ୍ୟ କୁହାଯାଉଛି।

## ଓଡ଼ିଶା ଦିବସରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ନବୀନ



ଭୁବନେଶ୍ୱର,୧।୪(ସମିସ): ଓଡ଼ିଶା ଦିବସ ଅବସରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ନବୀନ କହିଛନ୍ତି ଯେ ଓଡ଼ିଶା ଦିବସ କେବଳ ଏକ ଉତ୍ସବ ନୁହେଁ; ଏହା ହେଉଛି ଆବେଗ। ଏହା ପ୍ରତିଟି ଓଡ଼ିଆଙ୍କ ସ୍ୱାଭିମାନ ଓ ପ୍ରଗତିର ପରିଚୟ। ଭାଷା ଭିତ୍ତିରେ ଦେଶର ପ୍ରଥମ ରାଜ୍ୟ ଭାବେ ଆଜିର ଦିନରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଥିଲା। ଏହି ଅବସରରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ବରେଣ୍ୟ ସାଧକମାନଙ୍କ ପ୍ରତି ନବୀନ ସମ୍ମାନ ଜଣାଇଛନ୍ତି। ଏହାସହ ମାତୃଭାଷାର ଗୌରବକୁ ବଜାୟ ରଖି, ସଭିଙ୍କୁ ସାଥିରେ ନେଇ ବିକାଶର ସବୁ କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ନବୀନ ରାଜ୍ୟବାସୀଙ୍କୁ ଆହ୍ୱାନ ଜଣାଇଛନ୍ତି।

## କୁବେର ଡିଏମ୍‌ଙ୍କ ଅଚଳାଚଳ ସମ୍ପତ୍ତି
# ଘରୁ ମିଳିଲା କିଲେ ସୁନା

ଭୁବନେଶ୍ୱର/ସମ୍ବଲପୁର ୧।୪ (ସମିସ): ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଥିବା ଓପିଏଚଡବ୍ଲୁସି ଡେପୁଟି ମ୍ୟାନେଜରଙ୍କ ସମ୍ପତ୍ତି ଭିଜିଲାନ୍ସ ଆଖି ଝଲସାଇ ଦେଇଛି। ଗତକାଲି ଘରୁ ବିପୁଳ ଟଙ୍କା ବାହାରିଥିବା ବେଳେ ଆଜି ପୁଳା ପୁଳା ସୁନା ବାହାରିଛି। କେବଳ ଟଙ୍କା କି ସୁନା ନୁହେଁ, ଫ୍ଲାଟ୍ ମଧ୍ୟ ଠାବ ହୋଇଛି। ମାତ୍ର ୭ ହଜାର ଟଙ୍କା ଦରମାରେ ଚାକିରି ଆରମ୍ଭ କରିଥିବା କୁବେର ଡିଏମଙ୍କ ଅଚଳାଚଳ ସମ୍ପତ୍ତି ସମସ୍ତଙ୍କୁ ତାଜୁବ କରିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଡେପୁଟି ମ୍ୟାନେଜର ବିଦ୍ୟୁତ୍ ରଞ୍ଜନ ଭୋଳଙ୍କୁ ଗିରଫ କରିଛି ଭିଜିଲାନ୍ସ। ସେ ଆୟ ଠାରୁ ଯଥେଷ୍ଟ ଅଧିକ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ପ୍ରମାଣ ପାଇଛି।



ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ (ଓପିଏଚଡବ୍ଲୁସି) ସମ୍ବଲପୁର ଡିଭିଜନର ଡେପୁଟି ମ୍ୟାନେଜର ବିଦ୍ୟୁତ୍ ରଞ୍ଜନ ଭୋଳ ଗତକାଲି ୫ ଲକ୍ଷ ୧୮ ହଜାର ଟଙ୍କା ନେଇ ଯାଉଥିବା ବେଳେ ସମ୍ବଲପୁର ଷ୍ଟେସନରୁ ଭିଜିଲାନ୍ସ ତାଙ୍କୁ କାବୁ କରିଥିଲା। ଏତେ ପରିମାଣର ଟଙ୍କାକୁ ନେଇ କୌଣସି ସନ୍ତୋଷଜନକ ଉତ୍ତର ନଦେବାରୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଚଢ଼ଉ କରିଥିଲା। ସମ୍ବଲପୁର, ଭୁବନେଶ୍ୱର ଓ ଭଞ୍ଜନଗରରେ ଚଢ଼ଉ କରାଯାଇଥିଲା। ୫ ଲକ୍ଷ ୧୮ ହଜାରକୁ ମିଶାଇ ରସୁଲଗଡ଼ ସ୍ଥିତ ଘର ଓ ଚନ୍ଦ୍ରଶେଖରପୁର ସ୍ଥିତ ଭଉଣୀ ଘରୁ ମୋଟ ୪୮ ଲକ୍ଷ ୭୯ ହଜାର ୧୦୦ ଟଙ୍କା ଜବତ କରିଥିଲା। ଜଟଣୀ, ବ୍ରହ୍ମପୁର ଓ ଅନ୍ୟ ସ୍ଥାନରେ ୨୯ଟି ଫ୍ଲାଟ୍, ଦୁଇଟି କୋଠା ଓ ଭୁବନେଶ୍ୱରର କଳିଙ୍ଗ ବିହାରରେ ଗୋଟିଏ ଫ୍ଲାଟ୍ ଠାବ କରିଥିଲା। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଘର ଭିତରୁ ଗୋଟିଏ କିଲୋ ୧୪୦ ଗ୍ରାମ ଓଜନର ସୁନାଗହଣା ଜବତ ହୋଇଛି। ସେଥିରେ ୬ଟି ସ୍ୱର୍ଣ୍ଣମୁଦ୍ରା ଓ ୨ଟି ସୁନା ବିସ୍କୁଟ ରହିଛି। ଏଥିସହିତ ୩୦ ଲକ୍ଷ ଟଙ୍କାର ବ୍ୟାଙ୍କ୍ ଜମା ରହିଥିବା ଭିଜିଲାନ୍ସକୁ ପ୍ରମାଣ ମିଳିଛି।

**ଜଟଣୀ ଓ ବ୍ରହ୍ମପୁରରେ ୨୯ ଫ୍ଲାଟ୍**

**ନଗଦ ୪୯ ଲକ୍ଷ ଟଙ୍କା ଜବତ; ବ୍ୟାଙ୍କରେ ୩୦ ଲକ୍ଷର ଜମା**

## ଉତ୍କଳ ଦିବସର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧।୪(ସମିସ): ଓଡ଼ିଶା ଦିବସ ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଏହି ଐତିହାସିକ ଦିବସ ଅବସରରେ ଦେଶ ଓ ବିଦେଶରେ ରହୁଥିବା ସମସ୍ତ ଓଡ଼ିଆ ଭାଇ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ବୋଲି ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, “ଭାଷା ଭିତ୍ତିରେ ଗଠିତ ପ୍ରଥମ ପ୍ରଦେଶ ଭାବେ ଓଡ଼ିଶା ବିଶ୍ୱ ଦରବାରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ମୁଁ ସେହି ମହାନ ବରପୁତ୍ରମାନଙ୍କୁ ମୋର ଗଭୀର ଶ୍ରଦ୍ଧାଞ୍ଜଳି ଜଣାଉଛି, ଯେଉଁମାନଙ୍କ ତ୍ୟାଗ ଓ ଦୂରଦୃଷ୍ଟି ଯୋଗୁଁ ଏକ ସ୍ୱତନ୍ତ୍ର ଓଡ଼ିଶା ସମ୍ଭବ ହୋଇଥିଲା। ଆମ ସରକାର ଓଡ଼ିଆ ଅସ୍ମିତା ଓ ସଂସ୍କୃତିର ସୁରକ୍ଷା ପାଇଁ ସଦାସର୍ବଦା ପ୍ରତିଶ୍ରୁତିବଦ୍ଧ। ପ୍ରତିଟି ଓଡ଼ିଆର ସ୍ୱପ୍ନ ଓ ଆକାଂକ୍ଷାକୁ ପୂରଣ କରିବା ପାଇଁ ଆମେ ନିରନ୍ତର କାର୍ଯ୍ୟ କରିଚାଲିଛୁ। ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟ ଭାବେ ଗଢ଼ିତୋଳିବା ଆମର ଏକମାତ୍ର ଲକ୍ଷ୍ୟ। ଆଜିର ଏହି ପବିତ୍ର ଦିନରେ ଆସନ୍ତୁ ଆମେ ସମସ୍ତେ ମିଶି ଏକ ‘ସମୃଦ୍ଧ ଓଡ଼ିଶା’ ଗଠନ ପାଇଁ ଦୃଢ଼ ଶପଥ ନେବା” ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

● ରାଜ୍ୟସଭାରେ ସାଂସଦ ମାନସ ମଙ୍ଗରାଜଙ୍କ ପ୍ରଶ୍ନରେ ମନ୍ତ୍ରୀଙ୍କ ଉତ୍ତର

# ଓଡ଼ିଶାରେ ୯୧ ଲକ୍ଷ ଛାତ୍ରଛାତ୍ରୀ ପାଉଛନ୍ତି ସ୍ୱତନ୍ତ୍ର ସହାୟତା

ଭୁବନେଶ୍ୱର,୧।୪(ସମିସ): ରାଜ୍ୟରେ ପ୍ରାୟ ୯୧ ଲକ୍ଷ ସ୍ୱତନ୍ତ୍ର ଆବଶ୍ୟକତା ସମ୍ପନ୍ନ ଛାତ୍ରଛାତ୍ରୀ (ସିଡବ୍ଲ୍ୟୁଏସ୍ଏନ୍) ପାଠ ପଢୁଛନ୍ତି। ୨୦୨୪-୨୫ ଶିକ୍ଷାବର୍ଷରେ ସେମାନଙ୍କୁ ସହାୟତା ପାଇଁ ସମଗ୍ର ଶିକ୍ଷା ଯୋଜନାରେ ପ୍ରାୟ ୫୩ କୋଟି ଟଙ୍କା ଆବଣ୍ଟନ କରାଯାଇଥିବାବେଳେ ପ୍ରାୟ ୨୫.୬୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଶେଷ ତିନିବର୍ଷରେ ରାଜ୍ୟରେ ସ୍ୱତନ୍ତ୍ର ସହାୟତା ପାଉଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା କମୁଥିବା ରାଜ୍ୟସଭାରେ ସାଂସଦ ମାନସ ମଙ୍ଗରାଜଙ୍କ ଏକ ପ୍ରଶ୍ନରେ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ କହିଛନ୍ତି। ତଥ୍ୟ ଅନୁଯାୟୀ, ୨୦୨୪-୨୫ ଶିକ୍ଷାବର୍ଷରେ ମୟୂରଭଞ୍ଜ ଜିଲ୍ଲାରୁ ସର୍ବାଧିକ ୭୨୨୨ ଜଣ ଅଧ୍ୟୟନ କରିଛନ୍ତି। ଏହା ପଛକୁ ଗଞ୍ଜାମ ଜିଲ୍ଲାରେ ୭୦୮୧ ଛାତ୍ରଛାତ୍ରୀ ଥିବାବେଳେ ଦେବଗଡ଼ ଜିଲ୍ଲାରେ ସର୍ବନିମ୍ନ ୬୮୮ ଜଣ ରହିଛନ୍ତି। ଅନୁରୂପ ଭାବେ ରାଜ୍ୟରେ ୨୦୨୨-୨୩ ଶିକ୍ଷାବର୍ଷରେ ମୋଟ୍ ୯୭,୦୩୦ ଛାତ୍ରଛାତ୍ରୀ ଏହି ସହାୟତା ପାଉଥିବାବେଳେ ୨୦୨୩-୨୪ରେ ୯୩,୪୬୭ ଜଣ ଏହି ଯୋଜନାରେ ଉପକୃତ ହେଉଛନ୍ତି। ଶାରୀରିକ ବା ମାନସିକ ଭାବେ ଅନଗ୍ରସର ପିଲାଙ୍କ ଶିକ୍ଷାଗ୍ରହଣରେ ଯେପରି କୌଣସି ବାଧା ସୃଷ୍ଟି ନ ହେବ, ସେଥିପାଇଁ ସରକାର ଏହି ସହାୟତା ରାଶି ପ୍ରଦାନ କରୁଛନ୍ତି। ବିଦ୍ୟାଳୟକୁ ଯାତାୟତ ପାଇଁ ଖର୍ଚ୍ଚ ସମେତ ବାଣିଶ୍ରୀ ଛାତ୍ରବୃତ୍ତି ଓ ଅନ୍ୟାନ୍ୟ ଆର୍ଥିକ ସହାୟତା ପାଉଛନ୍ତି। ସେହିପରି ଏହି ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରିବା ପାଇଁ ରାଜ୍ୟରେ ୭୧୪୨ ଜଣ ଶିକ୍ଷକ ନିଯୁକ୍ତ ଅଛନ୍ତି। ମୟୁରଭଞ୍ଜ ଜିଲ୍ଲାରେ ସର୍ବାଧିକ ୭୨୩ ଜଣ ସ୍ୱତନ୍ତ୍ର ଶିକ୍ଷକ ଥିବାବେଳେ ଗଞ୍ଜାମରେ ଦ୍ୱିତୀୟ ସର୍ବାଧିକ ୫୩୧ ଜଣ ନିୟୋଜିତ ହୋଇଛନ୍ତି। ଗଜପତିରେ ସବୁଠାରୁ କମ୍ ୪୪ ଜଣ ଶିକ୍ଷକ ଅଛନ୍ତି। ସୂଚନାଯୋଗ୍ୟ, ଏହି ଯୋଜନାରେ ଗ୍ରାମୀଣ ଓ ସହରାଞ୍ଚଳରେ ଗୁରୁତର ଅକ୍ଷମ ଶିଶୁମାନଙ୍କ ପାଇଁ ଘରେ ବସି ପାଠ ପଢ଼ିବା, ସହାୟକ ଉପକରଣ, ବ୍ରେଲି ପୁସ୍ତକ ଓ ଯାତାୟାତ ସହାୟତା ଯୋଗାଇ ଦିଆଯାଉଛି। ରାଜ୍ୟରେ ୩୧୬ଟି ରିସୋର୍ସ ସେଣ୍ଟର ମାଧ୍ୟମରେ ବିକଳ୍ପ ଶିକ୍ଷା ସହାୟତା ପ୍ରଦାନ କରାଯାଉଛି। ରାଜ୍ୟର ପ୍ରାୟ ୯୫% ବିଦ୍ୟାଳୟରେ ରାମ୍ପ ସୁବିଧା ମଧ୍ୟ ଉପଲବ୍ଧ ରହିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

## ଜାତୀୟ ରାଜପଥ ଉନ୍ନତିକରଣ ପାଇଁ ଓଡ଼ିଶାକୁ ୫ ବର୍ଷରେ ୨୬୫୫୮ କୋଟି

ଭୁବନେଶ୍ୱର,୧।୪(ସମିସ): ଓଡ଼ିଶାରେ ଜାତୀୟ ରାଜପଥ (ଏନ୍‌ଏଚ୍) ଉନ୍ନତିକରଣ ପାଇଁ ଶେଷ ୫ ବର୍ଷରେ ୨୬୫୫୮ କୋଟି ଟଙ୍କା ଅନୁଦାନ ମିଳିଛି। ତନ୍ମଧ୍ୟରୁ ୨୬୨୨୩ କୋଟି ଟଙ୍କା କେନ୍ଦ୍ର ସରକାର ଅନୁଦାନ ଦେଇ ସାରିଛନ୍ତି। ଏହି ଅନୁଦାନରେ ୧୧୩ଟି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏନେଇ ରାଜ୍ୟସଭାରେ ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ଏକ ପ୍ରଶ୍ନରେ କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନିତିନ ଗଡ଼କରି ଉତ୍ତର ରଖିଛନ୍ତି। ତଥ୍ୟ ଅନୁସାରେ, ୨୦୨୦-୨୧ ରୁ ୨୦୨୩-୨୪ ମଧ୍ୟରେ ଅନୁଦାନ ଦିଆଯାଇଥିବା ସମସ୍ତ ଅର୍ଥ ଖର୍ଚ୍ଚ ହୋଇଛି। କେବଳ ୨୦୨୪-୨୫ ଆର୍ଥିକ ବର୍ଷରେ ୬୧୨୧ କୋଟି ଆବଣ୍ଟନ ହୋଇଥିବାବେଳେ ୫୭୮୬ କୋଟି ଟଙ୍କା ବ୍ୟୟ ହୋଇଛି। ଭୁବନେଶ୍ୱର-ପୁରୀ ରାସ୍ତାର ଉନ୍ନତିକରଣ, କଟକ-ଅନୁଗୋଳ ରାସ୍ତାର ପ୍ରସସ୍ତିକରଣ, ସମ୍ବଲପୁରରେ ଫ୍ଲାଏଓଭର ନିର୍ମାଣ ଓ ବିଭିନ୍ନ ନୂତନ ବାଇପାସ ରୋଡ୍ ନିର୍ମାଣ ଆଦି ଗୁରୁତ୍ୱପୂର୍ଣ୍ଣ କାମ ସାମିଲ ରହିଛି। ସେହିପରି ରାଜ୍ୟର ବିଭିନ୍ନ ସ୍ଥାନରେ ସେତୁ ନିର୍ମାଣ, ରାସ୍ତା ପ୍ରସସ୍ତିକରଣ ଓ ସଡ଼କ ସୁରକ୍ଷା ପାଇଁ ଏକାଧିକ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି।

## ଧାନ କିଣା ଅବଧି ୭ ଦିନ ବଢ଼ିଲା

ଭୁବନେଶ୍ୱର,୧।୪(ସମିସ): ଖରିଫ ଧାନକିଣା ଅବଧି ୭ ଦିନ ବୃଦ୍ଧି କଲେ ରାଜ୍ୟ ସରକାର। ଏନେଇ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଯେପରି ଜଣେ ଚାଷୀଙ୍କ ଟୋକନ ଲାପ୍ସ ଯିବନି ସେଥିପାଇଁ ଗୁରୁତ୍ୱ ଦିଆଯାଇଛି। ଚଳିତ ଖରିଫ ଋତୁରେ ୭୭ ଲକ୍ଷ ମେଟ୍ରିକ ଟନ ଧାନ କିଣା ସରିଲାଣି। ୧୮ ଲକ୍ଷ ୬୪ ହଜାର ଚାଷୀ ଧାନ ବିକ୍ରି କରି ସାରିଲେଣି। ଚାଷୀଙ୍କ ଖାତାକୁ ୨୨ ହଜାର ୮୮୪ କୋଟି ଟଙ୍କା ଯାଇ ସାରିଲାଣି। ଏହାସହ ଆହୁରି ଅବଧି ୭ ଦିନ ବୃଦ୍ଧି ହୋଇଛି।

## ଝାଡ଼ାବାନ୍ତିରେ ୨୦ ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ
# ଶଯ୍ୟା ଅଭାବ; ଚଟାଣରେ ଚାଲିଛି ଚିକିତ୍ସା

ମହୁଲଡିହା,୧।୪(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ବଢ଼ିଚାଲିଛି ଡାଇରିଆ ରୋଗୀଙ୍କ ସଂଖ୍ୟା। ରବିବାର ସନ୍ଧ୍ୟାରେ ୫ ଜଣଙ୍କ ଚିକିତ୍ସା ଚାଲୁଥିବା ବେଳେ ୧୦ରୁ ଅଧିକ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ତେବେ ଆଜି ସନ୍ଧ୍ୟାରେ ପୁଣି ୫ଜଣ ଆକ୍ରାନ୍ତ ହୋଇଛନ୍ତି। ସେମାନେ ହେଲେ କାଳିଆଜିଆଣି ଗ୍ରାମର ବାସନ୍ତୀ ସିଂ (୨୬), କେନ୍ଦୁଝର ଜିଲ୍ଲା ମନୋହରପୁର ଗ୍ରାମ ପଞ୍ଚାୟତ ପାଲବଣି ଗ୍ରାମର ଚିତା ହେମ୍ବ୍ରମ (୪୦), ପଣସଡିହା ଗ୍ରାମ ପଞ୍ଚାୟତ ଡଣିଆଯୋଡ଼ି ଗ୍ରାମର ନାଗି ହେମ୍ବ୍ରମ (୩୦), ଲମ୍ବୋଦର ହେମ୍ବ୍ରମ (୩୦), ପାତରପଡୋ ଗ୍ରାମର ସୁକାନ୍ତି ଟୁଡୁ (୨୫), ଚିକିତ୍ସିତ ହେଉଛନ୍ତି।

ସେହିପରି ବଣିଆଯୋଡ଼ି ଗ୍ରାମର ଦୀପକ ପୂର୍ତ୍ତି (୧୪), ଏବଂ ପୀତାମ୍ବର ପୂର୍ତ୍ତି (୨୫) ଆଜି ସୁସ୍ଥ ହୋଇ ଘରକୁ ଫେରିଥିବା ଜଣାପଡିଛି। ସେହିପରି ମେଙ୍ଗୋ ହେମ୍ବ୍ରମ (୩୦), ଟୁକୁଲୁ ହେମ୍ବ୍ରମ (୭), ରାଉତରାୟ ହେମ୍ବ୍ରମ (୩୪), ପେଲାନ ହେମ୍ବ୍ରମ (୫୫), ସୁଶାନ୍ତି ମୁଣ୍ଡା (୯), ଦ୍ରୌପଦୀ ବାଲମୁଚୁ (୨୫), ରାଜୁ ହେମ୍ବ୍ରମ (୧୮), ସାନ୍ଧୁ ହେମ୍ବ୍ରମ (୨୦), ଯମୁନା ଚାତାର (୨୬), ଦିବାକର ହେମ୍ବ୍ରମ (୨୪) ଓ ସୁମିତ୍ରା ବାଲମୁଚୁ (୨୩) ଆକ୍ରାନ୍ତ ହୋଇଥିଲେ। ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ଠାକୁରମୁଣ୍ଡା ବ୍ଲକର ୧୮ଟି ଗ୍ରାମ ପଞ୍ଚାୟତ ଏବଂ କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଆନନ୍ଦପୁର ବ୍ଲକର ୩ ଟି ମୋଟ ୨୧ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ନିର୍ଭର କରୁଥିବା ବେଳେ ଆବଶ୍ୟକ ପରିମାଣର ବେଡ୍ ନଥିବାରୁ ବାଧ ହୋଇ ତଳେ ଶୋଇ ଚିକିତ୍ସିତ ହେଉଛନ୍ତି। ସରକାର ଆବଶ୍ୟକ ମୁତାବକ ବେଡ୍ ଏବଂ କର୍ମଚାରୀ ଯୋଗାଇବା ପାଇଁ ସର୍ବସାଧାରଣରେ ଦାବି କରାଯାଉଛି।



### ଶିଶୁ ନିର୍ଯାତନା; କୋମାରେ ଆଇନ

# ଶିଶୁ ସୁରକ୍ଷା ଆୟୋଗଙ୍କ ଉପରେ କାହା ଚାପ?

ଭୁବନେଶ୍ୱର,୧।୪(ସମିସ): ରାଜ୍ୟରେ ଶିଶୁଙ୍କ ବିରୋଧରେ ହିଂସା ଓ ଶୋଷଣକୁ ରୋକିବା ପାଇଁ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର) କାର୍ଯ୍ୟ କରୁଛି। ମାତ୍ର ରାଜ୍ୟରେ ବର୍ଦ୍ଧିତ ଶିଶୁ ନିର୍ଯାତନା ଘଟଣାକୁ ଦେଖିଲେ ଆଇନ କୋମାରେ ଥିବା ଜଳଜଳ ଦିଶୁଛି। ଶିଶୁ ସୁରକ୍ଷା ଆୟୋଗ ମଧ୍ୟ ଚାପର ବଶବର୍ତ୍ତୀ ହୋଇ ବିଭିନ୍ନ ଘଟଣାରେ ରହସ୍ୟମୟ ନିରବତା ଅବଲମ୍ବନ କରୁଛନ୍ତି। ଗତ ମାସ ୨୦ ତାରିଖରେ ତାରିଖରେ ବ୍ରହ୍ମଗିରି ବଜାରରେ ଜଣେ ନାବାଳକ ଚୋର ସଜାଇ ନିର୍ଯାତନା ଘଟଣାର ୧୨ ଦିନ ପରେ ବି ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ରାଜ୍ୟର ଶିଶୁ ସୁରକ୍ଷା ଆୟୋଗର ଭୂମିକାକୁ କାଠଗଡ଼ାରେ ଠିଆ କରିଛି।

ବ୍ରହ୍ମଗିରି ବଜାରରେ ଥିବା ମେଡିସିନ୍ ଷ୍ଟୋରରୁ ଚୋରି ଅଭିଯୋଗରେ ଜଣେ ନାବାଳକର ହାତ ବାନ୍ଧି, ବେକରେ ଚୋର ଲେଖାଥିବା ଏକ ଲିଫଲେଟ୍ ପକାଇ ମେଡିସନ୍ ଷ୍ଟୋରର ମାଲିକ ରାସ୍ତାରେ ବୁଲାଇଥିଲେ। ସମ୍ପୃକ୍ତ ବ୍ୟକ୍ତି ଜଣେ ବିଜେପି ନେତାଙ୍କ ଭାଇ ହୋଇଥିବାରୁ ଲୋକଙ୍କ ବିରୋଧକୁ ମଧ୍ୟ ସେ କର୍ଣ୍ଣପାତ କରି ନ ଥିଲେ। ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ବି ଘୁରି ବୁଲିବା ପରେ ସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ପୀଡ଼ିତଙ୍କ ମା’ ବ୍ରହ୍ମଗିରି ଥାନାରେ ଲିଖିତ ଅଭିଯୋଗ କରିବା ପରେ ସିଡବ୍ଲ୍ୟୁସି ପକ୍ଷରୁ ମାମଲା ରୁଜୁ କରାଯାଇଥିଲା। ହେଲେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ପୀଡ଼ିତଙ୍କ ମା’ଙ୍କ ଅଭିଯୋଗ କ୍ରମେ ପୁରୀ ସିଡବ୍ଲ୍ୟୁସି ପକ୍ଷରୁ ୨୦ ତାରିଖରେ ବ୍ରହ୍ମଗିରି ଥାନାରେ ଦାଖଲ ଏଫଆଇଆର୍‌ରେ ୧୦ଟି ଦଫା ଲଗାଯାଇଥିଲା। ଯେଉଁଥିରେ ୧୦୯ (ସେକ୍ସନ୍ ୭୫ ଜେଜେ ଆକ୍ଟ) ସହ କ୍ରୁଏଲିଟି ଟୁ ଚିଲଡ୍ରେନ୍ ଦଫା ଲାଗିଥିଲା। ୨୧ ତାରିଖରେ ଏଫଆଇଆର ପରେ ପିଲାକୁ ଉଦ୍ଧାର କରି ଉତ୍କଳ ବାଳାଶ୍ରମରେ ରଖାଯାଇଥିଲା। ସେହିପରି ପିଲାଟିର ମାନସିକ ଓ ଅନ୍ୟ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏଥିରେ ସମ୍ପୃକ୍ତ ପିଲାଟି ନିଜ ବୟସ ଅନୁସାରେ ମାନସିକସ୍ତରରେ ଦୁର୍ବଳ ବା ଇଣ୍ଟେଲେକଚୁଅଲି ଡେଫିସିଏଣ୍ଟ ଥିବା ଜଣାପଡ଼ିଛି। ଏନେଇ ସୋସିଆଲ ଇନଭେଷ୍ଟିଗେସନ୍ ରିପୋର୍ଟ ଦେବାକୁ ସିଡବଲ୍ୟୁସି ଡିସିପିଓ, ପୁରୀଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ଡିସିପିଓ ସେମାନଙ୍କ ଏଲପିଓ(ଲିଗାଲ ପ୍ରୋଭିଜନିଙ୍ଗ ଅଫିସର)ଙ୍କ ମାଧ୍ୟମରେ ଡିସିପିଓଙ୍କୁ ଏହି ରିପୋର୍ଟ ପ୍ରଦାନ କରିଛନ୍ତି। ଏ ବାବଦରେ ସିଡବ୍ଲ୍ୟୁସି ପକ୍ଷରୁ ଓଏସସିପିସିଆରଙ୍କୁ ଅବଗତ କରାଯାଇଛି। ତେବେ ଗତ ୨୩ ତାରିଖରେ ପୁରୀ ଜିଲ୍ଲାପାଳ ଓ ଏସପିଙ୍କୁ ଓଏସସିପିସିଆରର ଅଧ୍ୟକ୍ଷଙ୍କ ସମେତ ଅନ୍ୟ ମାନେ ୨୪ ତାରିଖରେ ପୀଡ଼ିତଙ୍କ ଘରକୁ ଯାଇ ଅନୁଧ୍ୟାନ କରିବାକୁ ଓଏସସିପିସିଆର ପକ୍ଷରୁ ଏକ ଚିଠି କରାଯାଇଥିଲା। ମାତ୍ର ଉକ୍ତଦିନ ସଚିବାଳୟରେ ବୈଠକ ଥିବା ଦର୍ଶାଇ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା କିମ୍ବା ତାଙ୍କର କୌଣସି ମେମ୍ବର ସେଠାରେ ପହଞ୍ଚି ନଥିଲେ।

ପୁରୀ ସିଡବ୍ଲ୍ୟୁସି ଅଧ୍ୟକ୍ଷ ଡ. ଅଜିତ୍ କୁମାର ମହାପାତ୍ର କହିଛନ୍ତି, ଏପର୍ଯ୍ୟନ୍ତ ସିଡବ୍ଲ୍ୟୁସି ପକ୍ଷରୁ ଯେଉଁ ଯେଉଁ ପଦକ୍ଷେପ ଗ୍ରହଣ କରାଯାଇଛି ତାହା ଓଏସସିପିସିଆରକୁ ଅବଗତ କରାଯାଇଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ଅଭିଯୁକ୍ତମାନେ ଗିରଫ ହୋଇନଥିବାରୁ ୭ଦିନ ପରେ ଅର୍ଥାତ୍ ୩୦ ତାରିଖରେ ପୁଣି ଥରେ ସିଡବ୍ଲ୍ୟୁସି ପକ୍ଷରୁ ପୁଲିସକୁ କାରଣଦର୍ଶାଅ ନୋଟିସ୍ କରାଯିବା ସହ ସେଥିପାଇଁ ପୁଲିସକୁ ୪୮ ଘଣ୍ଟାର ସମୟ ଦିଆଯାଇଥିଲା; ହେଲେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିବା ଶ୍ରୀ ମହାପାତ୍ର କହିଛନ୍ତି।

- ● **୧୦ ଦିନ ପରେ ବି ହୋଇନାହିଁ କାର୍ଯ୍ୟାନୁଷ୍ଠାନ**
- ● **ଚିଠି ଲେଖି ଚୁପ୍ ବସିଛି ଓଏସ୍‌ସିପିସିଆର୍**



# ଓଡ଼ିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳିତ




ଅନୁଗୋଳ,୧।୪(ସମିସ):

ପବିତ୍ର ଓଡ଼ିଶା ଦିବସ ଓ ଅନୁଗୋଳ ଜିଲ୍ଲା ପ୍ରତିଷ୍ଠା ଦିବସ ବୁଧବାର ମହାସମାରୋହରେ ପାଳିତ ହୋଇଛି। ଏଥିରେ ରାଜ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ବରପୁତ୍ରମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଆୟୋଜିତ ସଭାରେ ସେ ଯୋଗଦେଇ ଓଡ଼ିଶାର ବରପୁତ୍ରମାନଙ୍କ ତ୍ୟାଗ, ବଳିଦାନ ଓ କର୍ତ୍ତବ୍ୟନିଷ୍ଠାକୁ ସ୍ମରଣ କରି ଏକ ଉନ୍ନତ ଜାତି ହିସାବରେ ଗୌରବର ସହ କାର୍ଯ୍ୟ କରିବାକୁ କହିଥିଲେ। ଅନୁଗୋଳର ବିକାଶ ଦିଗରେ ସରକାରଙ୍କ ଯୋଜନାଗୁଡ଼ିକ ସଠିକ୍ ରୂପେ ରୁପାୟନ କରିବାକୁ ପ୍ରଶାସନକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ ଯୋଗଦେଇ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ମାଧ୍ୟମରେ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସଙ୍କଳ୍ପ ନେବାକୁ କହିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଡ. ଧରଣୀଧର ନାଥ ଯୋଗଦେଇ ଭାଷାଭିତ୍ତିକ ପ୍ରଥମ ରାଜ୍ୟ ଭାବେ ସ୍ୱତନ୍ତ୍ର ଓଡ଼ିଶା ଗଠନର ବିଭିନ୍ନ ଐତିହାସିକ ଘଟଣାକ୍ରମ ଉପରେ ଆଲୋକପାତ କରିଥିଲେ। ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତର ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଓଡ଼ିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ ଉପଲକ୍ଷେ ଏକ ଫଟୋଚିତ୍ର ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରତ୍ୟୁଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ତରଫରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସହରରେ ରାମଧୁନ ପରିବେଷଣ କରାଯାଇଥିଲା। ସକାଳ ୮ଟାରେ ସ୍ଥାନୀୟ ଗୋପବନ୍ଧୁ ପାର୍କଠାରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତର ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ରଞ୍ଜନ କୁମାର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଜିତ୍ ଧଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରୋଷେଇ ଘରେ ଝୁଲିପଡ଼ିଲେ ମହିଳା

**ସ୍ୱାମୀ ଅଟକ**

ପାଲଲହଡ଼ା,୧।୪(ସମିସ): ପାରିବାରିକ କଳହକୁ କେନ୍ଦ୍ରକରି ରୋଷେଇ ଘରେ ବେକରେ ରଶି ଲଗାଇ ଝୁଲିପଡ଼ିଲେ ମହିଳା। ଘଟଣା ଘଟିଛି ଅନୁଗୋଳ ଜିଲ୍ଲା ପାଲଲହଡ଼ା ବ୍ଲକ ପେଚାମୁଣ୍ଡି ପଞ୍ଚାୟତ କାଳିଆକୁଦର ଗାଁରେ। ମୃତକ ହେଲେ ଗ୍ରାମର ପହଲି ନାଏକଙ୍କ ସ୍ତ୍ରୀ ଗୀତା ଲାଗୁରୀ (୨୨)। ପହଲି ତାଳଚେର ବିକ୍ରମପୁର ଥାନା ଟେନ୍ତୁଲେଇ ଗ୍ରାମର ଶ୍ରୀଧର ଲାଗୁରୀଙ୍କ ଝିଅ ଗୀତାଙ୍କୁ ୩ ବର୍ଷ ହେବ ବିବାହ କରିଥିଲେ। ତାଙ୍କର ଦେଢ଼ ବର୍ଷର ଏକ ପୁଅ ଅଛି। କୌଣସି କାରଣରୁ ମଙ୍ଗଳବାର ସନ୍ଧ୍ୟାରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପରିବାର ଲୋକେ ଖାଇପିଇ ଶୋଇଥିବା ବେଳେ ରାତି ପ୍ରାୟ ଗୋଟାଏ ବେଳେ ଛୁଆ କାନ୍ଦିବାରୁ ପରିବାର ଲୋକେ ଉଠି ଗୀତାଙ୍କୁ ଶୋଇବା ଘରେ ନ ପାଇ ଖୋଜାଖୋଜି କରିଥିଲେ। ପରେ ରୋଷେଇ ଘରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ଗୀତା ଆତ୍ମହତ୍ୟା କରିଥିବା ନେଇ ସ୍ୱାମୀ ପାଲଲହଡ଼ା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି। ପୁଲିସ ପହଲିଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତ ସୂଚନା ଦେଇଛନ୍ତି।

## ଶିବିରରୁ ୨୬ ୟୁନିଟ ରକ୍ତ ସଂଗୃହୀତ



ଅନୁଗୋଳ,୧।୪(ସମିସ): ଓଡ଼ିଶା ଦିବସ ଉପଲକ୍ଷେ ରୋଟାରୀ କ୍ଲବ ଅନୁଗୋଳ ରୟାଲ ତରଫରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ରକ୍ତ ଭଣ୍ଡାରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। କ୍ଲବ ସଭାପତି ରୋଟରିଆନ ଡା. କୁମାର୍ ସୋମ୍ୟକାନ୍ତ ବିଶୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୋଳ ଜିଲ୍ଲାପାଳ ଅବଦଲ ଏମ୍ ଅଖତର, ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମଦନ ମୋହନ ପ୍ରଧାନ ଯୋଗଦେଇଥିଲେ। ଆଗକୁ ଆହୁରି ରକ୍ତଦାନ ଶିବିର ଆୟୋଜନ ପାଇଁ ଡ. ବିଶ୍ୱଜିତ୍ ସାମଲ ଅନୁରୋଧ କରିଥିଲେ। କ୍ଲବ ସମ୍ପାଦକ ନୀହାର ରଞ୍ଜନ ପ୍ରସାଦ, ଡା. ମାଇକେଲ ଜନ, ମିଲନ କୁମାର ଅଗ୍ରୱାଲ, ବାଣୀ ଦେବ୍, ଅଶୋକ ମାଣ୍ଡୋଠିଆ, ଉର୍ମିଳା ଅଗ୍ରୱାଲ, କୈଳାସ ଅଗ୍ରୱାଲ, ସଞ୍ଜୀବ କୁମାର ଦେହୁରୀ, ଜୟପ୍ରକାଶ ମୋଦି ପ୍ରମୁଖ ସହଯୋଗ କରିଥିଲେ। ଶିବିରରେ ୨୬ ୟୁନିଟ ରକ୍ତ ସଂଗୃହୀତ ହୋଇଛି।

## ଗାଁ ମଧ୍ୟ ଦେଇ କୋଇଲା ପରିବହନ କରାଇ ନ ଦେବାକୁ ଶପଥ



ଛେଣ୍ଡିପଦା,୧।୪(ସମିସ): କୋଶଳା ଜନଆନ୍ଦୋଳନର ନିଆଁ ଏବେ ପଡ଼ୋଶୀ ଗ୍ରାମଗୁଡ଼ିକୁ ବ୍ୟାପିବାରେ ଲାଗିଛି। କୋଶଳା ପରେ ଏବେ ଟେନ୍ତୁଲୋଇରେ ମଧ୍ୟ ବେଆଇନ କୋଇଲା ପରିବହନ ବିରୋଧରେ ଗର୍ଜିଛନ୍ତି ସଚେତନ ଗ୍ରାମବାସୀ। ଟେନ୍ତୁଲୋଇ କୋଡ଼ାସାହିସ୍ଥିତ ଅଧିଷ୍ଠାତ୍ରୀ ଦେବୀ କନକ ଦୁର୍ଗାଙ୍କ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ଶତାଧିକ ଗ୍ରାମବାସୀ ଏକଜୁଟ ହୋଇଥିଲା। ମା' ମାଟି ଓ ପରିବେଶକୁ ବଞ୍ଚାଇବା ପାଇଁ ଗାଁ ମଧ୍ୟ ଦେଇ କୋଇଲା ପରିବହନ କରାଇ ନ ଦେବାକୁ ସେମାନେ ଏକ ଶପଥ ନେଇଛନ୍ତି। ଆଗାମୀ ଦିନରେ କମ୍ପାନୀ ସହିତ କୌଣସି ପ୍ରକାର ସାଲିସ କରାଯିବ ନାହିଁ ବୋଲି ସ୍ପଷ୍ଟ ଚେତାବନୀ ଦେଇଛନ୍ତି। ଗ୍ରାମର ସ୍ୱାର୍ଥରକ୍ଷା ଏବଂ ପ୍ରଦୂଷଣମୁକ୍ତ ପରିବେଶ ପାଇଁ ସମସ୍ତ ଗ୍ରାମବାସୀ ଏକଜୁଟ ହୋଇ ଶାନ୍ତିପୂର୍ଣ୍ଣ ଓ ଅହିଂସା ଆନ୍ଦୋଳନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କୋଇଲା କମ୍ପାନୀ ମନମାନି ଚଳାଇ ଗ୍ରାମ୍ୟ ରାସ୍ତା ଦେଇ ବେଆଇନ ଭାବେ କୋଇଲା ପରିବହନ କରିବାକୁ ଯୋଜନା କରୁଛି। ଯଦି ଏହି ପରିବହନ ଆରମ୍ଭ ହୁଏ ତେବେ ଧୂଳିଧୂଆଁରେ ଅଞ୍ଚଳର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିବ। ଏହି ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ଟେନ୍ତୁଲୋଇବାସୀ ଦାବି କରିଛନ୍ତି ଯେ କମ୍ପାନୀ କୋଇଲା ପରିବହନ ପାଇଁ ସ୍ୱତନ୍ତ୍ର ବାଇପାସ୍ ରୋଡ୍ ନିର୍ମାଣ କରୁ କିମ୍ବା କନଭେୟର ଦ୍ୱାରା କୋଇଲା ପରିବହନ କରୁ। ଯଦି କମ୍ପାନୀ ବେଆଇନ ଭାବେ ଜୋରଜବରଦସ୍ତ ଗ୍ରାମ୍ୟ ରାସ୍ତା ଦେଇ କୋଇଲା ଗାଡ଼ି ଚଳାଇବାକୁ ଚେଷ୍ଟା କରେ ତେବେ କେବଳ ଟେନ୍ତୁଲୋଇ ନୁହେଁ, ବରଂ ଆଖପାଖର ସମସ୍ତ ଗ୍ରାମବାସୀଙ୍କୁ ଏକାଠି କରି ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଖୋଲା ଚେତାବନୀ ଦେଇଛନ୍ତି। ଜନଶକ୍ତିର ଏହି ଗର୍ଜନ ଆଗରେ କମ୍ପାନୀ ଓ ପ୍ରଶାସନ କି ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

## ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ହେଲେ ଅଶୋକ ମହାନ୍ତି



ପାଲଲହଡ଼ା,୧।୪(ସମିସ): ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ସମସ୍ତ ଜିଲ୍ଲାର ଯୋଜନା ବୋର୍ଡର ଅଧ୍ୟକ୍ଷ ଘୋଷଣା କରାଯାଇଛି। ଅନୁଗୋଳ ଜିଲ୍ଲା ଅଧ୍ୟକ୍ଷ ଭାବରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତିଙ୍କୁ ନିଯୁକ୍ତି ଦିଆଯାଇଛି। ବିଧାୟକ ମହାନ୍ତି ଏହି ଦାୟିତ୍ୱ ପାଇବା ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ତାଙ୍କ ଉପରେ ଭରସା ଓ ବିଶ୍ୱାସ ରଖି ଯେଉଁ ଗୁରୁଦାୟିତ୍ୱ ଦେଇଛନ୍ତି ତାହାକୁ ସୂଚାରୁ ରୂପେ ପାଳନ କରିବା ସହ ପାଲଲହଡ଼ା ତଥା ଅନୁଗୋଳ ଜିଲ୍ଲାର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି।

## ଆଠମଲ୍ଲିକ ଓକିଲସଂଘ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ



ଆଠମଲ୍ଲିକ,୧।୪(ସମିସ): ଆଠମଲ୍ଲିକ ଓକିଲସଂଘର ୨୦୨୬-୨୭ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ମାର୍ଚ୍ଚ ୨୮ରେ ଅନୁଷ୍ଠିତ ହୋଇଥିଲା। ବୁଧବାର ନିର୍ବାଚନ ଅଧିକାରୀ ନବନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ବାର୍ ହଲରେ ଶପଥପାଠ କରାଇଛନ୍ତି। ଏହି ଅବସରରେ ଆଇନଜୀବୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି। ନିର୍ବାଚନ ଅଧିକାରୀ ଆଇନଜୀବୀ ବାମନ କୁମାର ମିଶ୍ର ସଂଘର ଷଷ୍ଠଥର ପାଇଁ ସଭାପତି ଭାବେ ନିର୍ବାଚିତ ସୁଶାନ୍ତ କୁମାର ମହାପାତ୍ର, ସମ୍ପାଦକ ଜିତେନ୍ଦ୍ର କୁମାର ମୁଖି, ଉପସଭାପତି ଉଗ୍ରସେନ ସେଠୀ ଓ କୋଷାଧ୍ୟକ୍ଷ ସୁନୀଲ କୁମାର ଶାସନିଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ। ଉତ୍ସବରେ ବରିଷ୍ଠ ଆଇନଜୀବୀ ଯଜ୍ଞେଶ୍ୱର ପ୍ରଧାନ, ଅସିତ ରଞ୍ଜନ ଦେଓ, ଜିତେନ୍ କୁମାର ମିଶ୍ର, ପୀତବାସ ସାହୁ, ନବୀନ କୁମାର ପ୍ରଧାନ, ରାମଚନ୍ଦ୍ର କର୍ଣ୍ଣ, ଅବନୀ କୁମାର ଆଚାର୍ଯ୍ୟ, ବିଶ୍ୱସୁନ୍ଦର ଶତପଥୀ, ଗଣେଶ ଚନ୍ଦ୍ର କର୍ମୀ, ଅଲେଖ ଚନ୍ଦ୍ର କର୍ମୀ, ସୁଧାଂଶୁ କୁମାର ଶତପଥୀ, ଅରବିନ୍ଦ ଜ୍ୟୋତିଷରାୟ, ଦୀନେଶ କୁମାର ସିଂହ, ଅଶୋକ କୁମାର ମହାପାତ୍ର, ଟଙ୍କଧର ପ୍ରଧାନ, କୀର୍ତ୍ତିପାଳ ଦାଶ, ହରେକୃଷ୍ଣ ସାହୁ, ଲଲାଟେନ୍ଦୁ ଦାଶ, ପ୍ରାଣବନ୍ଧୁ ବେହେରା, ନୀଳାଚଳ ନାଏକ, ନାରାୟଣ ଦାଶ ଓ ପବିତ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

କଣିହାଁ,୧।୪(ସମିସ): ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ ସମଲ ଥାନା ସାନତ୍ରିବିଡା ପଞ୍ଚାୟତ ଅନ୍ତର୍ଗତ ଚନ୍ଦ୍ରବିଲ ଗ୍ରାମର ମନ୍ଦିର ପୋଖରୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଶ୍ରୀକାନ୍ତ ସେଠୀ (୬୧), ସେ ଚନ୍ଦ୍ରବିଲି ଗ୍ରାମର ବାସିନ୍ଦା।ସୂଚନା ଅନୁସାରେ, ପୋଖରୀରେ ବୁଡ଼ିଯାଇଥିବା ଖବର ପାଇ କଣିହାଁ ଅଗ୍ନିଶମ ଦଳ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ହାବିଲଦାର ସୁଜିତ ମିଶ୍ରଙ୍କ ନେତୃତ୍ୱରେ ଫାୟାରମ୍ୟାନ ବିକ୍ରମ ସାହୁ, ଅନିଲ ତରେଇ ଓ ଦେବେନ୍ଦ୍ର ବାଳାଙ୍କ ସହଯୋଗରେ ବୃଦ୍ଧଙ୍କୁ ପୋଖରୀରୁ ବାହାର କରାଯାଇଥିଲା। କିନ୍ତୁ ତାଙ୍କୁ ଉଦ୍ଧାର ସମୟରେ ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା।ପରେ ମୃତଦେହକୁ ସାନତ୍ରିବିଡା ସରପଞ୍ଚ ସୁଜାତା ପ୍ରଧାନଙ୍କ ଉପସ୍ଥିତିରେ ପୋଲିସ ଓ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସମଲ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## କୋଇଲା ପରିବହନରେ ଲିଙ୍ଗରାଜ ଲୋକାଲ ସେଲର ରେକର୍ଡ



ତାଳଚେର,୧।୪(ସମିସ): ତାଳଚେର ଲିଙ୍ଗରାଜ କୋଇଲା ଖଣିରୁ ଲୋକାଲସେଲ ମାଧ୍ୟମରେ ବିଭିନ୍ନ କଳକାରଖାନାକୁ ଶହଶହ ଟ୍ରିପ୍ କୋଇଲା ପରିବହନ ହୋଇଥାଏ। ୨୦୨୬ ମାର୍ଚ୍ଚରେ ୧୦ହଜାର ୯ଶହ ୫୯ ଟ୍ରିପ୍ ତଥା ୩ଲକ୍ଷ ୧୦ହଜାର ଟନ୍ କୋଇଲା ପରିବହନ କରି ୩୦ବର୍ଷ କୋଇଲା ପାରିବହନରେ ରେକର୍ଡ ସୃଷ୍ଟି କରିପାରିଛି। ଏଥିପାଇଁ ମହାନଦୀ କୋଲଫିଲ୍ଡର ସିଏଡି ସମସ୍ତ କର୍ମଚାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଲିଙ୍ଗରାଜ ଜିଏମ ସୁବ୍ରତ ବିଶ୍ୱାଳ, ପିଓ ଆଶିଷ ରଞ୍ଜନ, ମ୍ୟାନେଜର ଯଶୋବନ୍ତ ପଟ୍ଟନାୟକ, ଡେସପାଚ ଇନଚାର୍ଜ ପ୍ରଭାକର ପ୍ରଧାନଙ୍କ ପ୍ରଚେଷ୍ଟାରେ ଆଜି ଏହା ସମ୍ଭବ ହୋଇପାରିଛି ବୋଲି ଆଞ୍ଚଳିକ ଟ୍ରକ ମାଲିକସଂଘର ମାନସ ଆଚାର୍ଯ୍ୟ ଓ ଲିଙ୍ଗରାଜ ସେକ୍ଟରର ସଭାପତି ଜିତେନ୍ଦ୍ର ଭୂତିଆ, ଉମାମାଧବ ଆଚାର୍ଯ୍ୟ, ଅଜିତ ମିଶ୍ର, ତ୍ରିଲୋଚନ ସ୍ୱାଇଁ, ସୁଧୀର ରଞ୍ଜନ ବଳ, ମାନସ ଭୂତିଆ, ପ୍ରୀତମ ଦେବତା, ଜିତେନ୍ଦ୍ର ରାଉତ, ରାଜୁ ଦାସ, ଉତ୍ତମ ସିଂହ ଓ ଅନ୍ୟ ଟ୍ରକମାଲିକ ସଂଘ ପକ୍ଷରୁ କୃତଜ୍ଞତା ଜ୍ଞାପନ କରିବା ସହ ଆଗାମୀ ଦିନରେ ଲୋକାଲ ସେଲ୍ କିପରି ଅଧିକରୁ ଅଧିକ ଟ୍ରକ ଯୋଗେ କୋଇଲା ପରିବହନ ହୋଇପାରିବ ସେ ନେଇ ଟ୍ରକ ମାଲିକମାନେ ସମସ୍ତ ସହାୟତାର ହାତ ବଢ଼ାଇବେ ବୋଲି ଭୂତିଆ ପ୍ରକାଶ କରିଛନ୍ତି।

● ଯୋଗାଣ ବିଭାଗର ଚଢ଼ଉ

## ୭୪ ଗ୍ୟାସ୍ ସିଲିଣ୍ଡର ଜବତ, ମାମଲା ରୁଜୁ



ଅନୁଗୋଳ,୧।୪(ସମିସ): ଅନୁଗୋଳ ଜିଲ୍ଲାରେ ଗ୍ୟାସ କଳାବଜାରୀଙ୍କ ବିରୋଧରେ ଯୋଗାଣ ବିଭାଗ ପକ୍ଷରୁ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କିଛି ଅସାଧୁ ବ୍ୟବସାୟୀ ବେଆଇନ ଭାବେ ଘରୋଇ ଗ୍ୟାସ ସିଲିଣ୍ଡର ଗଚ୍ଛିତ ରଖି ବଜାରରେ ଏହାର କୃତ୍ରିମ ଅଭାବ ସୃଷ୍ଟି କରି ଚଢ଼ା ଦରରେ ବିକ୍ରି କରୁଥିଲେ। ଫଳରେ ଗ୍ରାହକମାନେ ସିଲିଣ୍ଡର ପାଇବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହି ସମସ୍ୟାକୁ ଗୁରୁତ୍ୱର ସହ ନେଇ ଯୋଗାଣ ବିଭାଗ ବିଭିନ୍ନ ସନ୍ଦେହଜନକ ସ୍ଥାନ ଓ ଦୋକାନରେ ଚଢ଼ଉ କରି ମୋଟ ୭୪ଟି ସିଲିଣ୍ଡର ଜବତ କରିଛି। କଳାବଜାରୀ କରି ଲୋକଙ୍କ ମଧ୍ୟରେ ଭୟ ଓ ଅଭାବ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଅତିରିକ୍ତ ଯୋଗାଣ ଅଧିକାରୀ ସନ୍ତୋଷିନୀ ପଣ୍ଡା ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, କେବଳ ଗ୍ୟାସ ନୁହେଁ, ତେଲ, ଆଳୁ ଓ ଅନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର କଳାବଜାରୀ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ନିୟମିତ ଚଢ଼ଉ ଜାରି ରହିବ। ବଜାରରେ ସାମଗ୍ରୀର ସଠିକ୍ ଯୋଗାଣ ବଜାୟରଖିବା ଏବଂ ଗ୍ରାହକଙ୍କ ସ୍ୱାର୍ଥ ରକ୍ଷା କରିବା ପାଇଁ ବିଭାଗ ସଜାଗ ରହିଛି ବୋଲି ସେ କହିଛନ୍ତି।

ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ ପାଳିତ

# ଆମ ଐତିହ୍ୟ ଓ ସଂସ୍କୃତିର ସୁରକ୍ଷା ଏକାନ୍ତ ଆବଶ୍ୟକ
















କିଶୋରନଗର,୧।୪(ସମିସ):

ଆମ ଭାଷା, ସାହିତ୍ୟ, ଐତିହ୍ୟ ଓ ସଂସ୍କୃତିକୁ ନେଇ ଆମେ ଯେତିକି ଗର୍ବ ଅନୁଭବ କରୁଛୁ, ସେଇ ତୁଳନାରେ ତା'ର ସୁରକ୍ଷା ପ୍ରତି ଆମେ ଯଥେଷ୍ଟ ଧ୍ୟାନ ଦେଇପାରୁନୁ। ତା'ର ସଂରକ୍ଷଣ ଦିଗରେ ବିଶେଷ ଧ୍ୟାନ ଦେଲେ ଏହାର ଉନ୍ନତି ହୋଇପାରିବ ବୋଲି କିଶୋରନଗରରେ ଅନୁଷ୍ଠିତ ଓଡ଼ିଶା ଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଉତ୍କଳ ସମ୍ମିଳନୀ କିଶୋରନଗର ଶାଖା, ସ୍ୱେଚ୍ଛାସେବୀ ସଂଗଠନ କଳ୍ପତରୁ ଓ ଆମ ଗାଁ ଆମ ବିଚାର ମଞ୍ଚ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସିଟି ସ୍କୁଲରେ ଅନୁଷ୍ଠିତ ସଭାରେ ଡା. ଅଲେଖ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ବିଶିଷ୍ଟ ଅତିଥି ଭାବେ ପୂର୍ବତନ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ସୁଦର୍ଶନ ଛୋଟରାୟ, ମୁଖ୍ୟବକ୍ତା ଭାବେ ପ୍ରଫେସର ନନ୍ଦକିଶୋର ମହାକୁଡ଼, ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ବିରଞ୍ଚି ନାୟକ, ବରିଷ୍ଠ ସାମ୍ବାଦିକ ସତ୍ୟସୁନ୍ଦର ଭଞ୍ଜ, ଡା. ଅରୁଣ କୁମାର ପ୍ରଧାନ, ସମାଜସେବୀ ଜୟନ୍ତ ଧଳ ପ୍ରମୁଖ ଯୋଗଦେଇଥିଲେ। ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟି ଓ ସମାଜସେବୀ ଲିପିକା ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କଳ୍ପତରୁ ସଭାପତି ସୁଧୀର ରଞ୍ଜନ ପ୍ରଧାନ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଦେବରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ପରମେଶ୍ୱର ପ୍ରଧାନଙ୍କୁ ଆଦର୍ଶ ଶିକ୍ଷକ ସମ୍ମାନ, ଚିତ୍ରଶିଳ୍ପୀ ସୁଧୀର କୁମାର ସ୍ୱାଇଁଙ୍କୁ ଆଦର୍ଶ କଳା ସମ୍ମାନ, ସାହିତ୍ୟିକ ଅସିତ କୁମାର ପଟ୍ଟନାୟକଙ୍କୁ ସାହିତ୍ୟ ସମ୍ମାନ, ରଶ୍ମିତା ସାହୁଙ୍କୁ ଆଦର୍ଶ କୃଷକ ସମ୍ମାନ ଓ ଶୁଚିସ୍ମିତା ପୃଷ୍ଟିଙ୍କୁ ସମାଜସେବା ସମ୍ମାନ ପ୍ରଦାନ କରାଯାଇଥିଲା। ପୂର୍ବରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଲିପିକା ମହାପାତ୍ରଙ୍କ ସମ୍ପାଦନାରେ ପ୍ରକାଶିତ ବାତାୟନ ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କିଶୋରନଗର ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ। ସୁଧାଂଶୁ ଶେଖର ରାଉଳ, ସୁଦାମ ଚରଣ ପ୍ରଧାନ, ରମାକାନ୍ତ ପ୍ରଧାନ, ସୁଧାଂଶୁ ଶେଖର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

**ତାଳଚେର:** ପୂର୍ବତନ ସାଂସଦ ମହେଶ ସାହୁଙ୍କ ନେତୃତ୍ୱରେ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଆମ ପ୍ରତିଭା ଆମ ପରିଚୟ ଅନୁଷ୍ଠାନ, ଆଗେଇବା ଖବରକାଗଜ ପରିବାର ଓ ତାଳଚେର ପୂଜ୍ୟପୂଜା ସ୍ମୃତି ପରିଷଦ ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଛି। ସକାଳ ୮ଟାରେ ଦେଉଳବେଡ଼ାସ୍ଥିତ ମହେଶ ସାହୁଙ୍କ କାର୍ଯ୍ୟାଳୟରୁ ଏକ ବାଇକ୍ ଶୋଭାଯାତ୍ରା ବାହାରି ଡିସିଆଇ କ୍ଲବଠାରେ ଥିବା ଉତ୍କଳମଣି ଗୋପବନ୍ଧୁ, ଆଧୁନିକ ଓଡ଼ିଶାର ନିର୍ମାତା ମଧୁବାବୁ, ଶର୍ମା ଛକରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ପବିତ୍ର ମୋହନ ଛକରେ ଥିବା ପବିତ୍ର ମୋହନ ପ୍ରଧାନ, ଫାଷ୍ଟ ଗେଟ୍‌ରେ ଥିବା ମହାତ୍ମା ଗାନ୍ଧୀ, ଜବାହରଲାଲ ନେହରୁ ଓ ବସଷ୍ଟାଣ୍ଡରେ ଥିବା ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ଅନୁଷ୍ଠାନଗୁଡ଼ିକର କର୍ମକର୍ତ୍ତା, ଶିକ୍ଷାବିତ ଉପେନ୍ଦ୍ର ପରିଡ଼ା, ହରେକୃଷ୍ଣ ପାତ୍ର, ଇଂ. ରମେଶ ବେହେରା ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ଯୋଗଦେଇଥିଲେ।

**କିଶୋରନଗର:** କିଶୋରନଗର ସ୍ନାତକ ମହାବିଦ୍ୟାଳୟରେ ଓଡ଼ିଶା ଦିବସ ତଥା ଓଡ଼ିଆ ପକ୍ଷ ଶୁଭାରମ୍ଭ ହୋଇଛି। କିଶୋର ସାହିତ୍ୟ ସଂସଦ ଓ ମହାବିଦ୍ୟାଳୟ ତରଫରୁ ଓଡ଼ିଶା ଦିବସ ପାଳିତ ହୋଇଛି। ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ ସାମ୍ବାଦିକ କିଶୋର ସାହୁ, ମୁଖ୍ୟବକ୍ତା ରୂପେ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଦେବରାଜ ନାୟକ, ସମ୍ମାନିତ ବକ୍ତା ରୂପେ ଅଧ୍ୟାପକ କୁଳମଣି ମେହେର, ସମ୍ମାନିତ ଅତିଥି ରୂପେ ଏବିଇଓ ରମଣୀ ରଞ୍ଜନ ସାହୁ, ଅରୁଣ ମିଶ୍ର ଓ ପୂର୍ବତନ ପ୍ରଧାନଶିକ୍ଷକ ସୁଶାନ୍ତ ପ୍ରଧାନ ଯୋଗଦେଇ ସମୃଦ୍ଧ, ବିକଶିତ, ଓ ସ୍ୱାଭିମାନୀ ଓଡ଼ିଶା ଗଢ଼ିବାର ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ଛାତ୍ରୀମାନେ ଓଡ଼ିଶା ସଙ୍ଗୀତ ଓ ଭଜନ ଗାନ କରିଥିଲେ। ଛାତ୍ର ଦେବେନ୍ଦ୍ର ପାଣ୍ଡେ, ଛାତ୍ରୀ ଶୁଚିସ୍ମିତା ସାହୁ ଓ ପ୍ରଜ୍ଞା ପାରମିତା ବେହେରା ନିଜ ପ୍ରବନ୍ଧ ପାଠ କରିଥିଲେ। ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ ଓଡ଼ିଶା ଦିବସର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଅଭିଜିତ ପ୍ରଧାନ, ସୁଶାନ୍ତ ରାଉଳ, ବିଜୟ କୁମାର ସାହୁ ଉପସ୍ଥିତ ଥିଲେ।

**ଅନୁଗୋଳ:** ଓପି ଜିନ୍ଦଲ ସ୍କୁଲ୍ ପରିସରରେ ଓଡ଼ିଶା ଦିବସ ପାଳିତ ହୋଇଛି। ଓଡ଼ିଆ ବିଭାଗ ମୁଖ୍ୟ ଶିରିଶ କୁମାର ମିଶ୍ର ଦିବସ ପାଳନର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସ୍କୁଲ ଅଧ୍ୟକ୍ଷ ଡ. ଅଶ୍ୱିନୀ କୁମାର ସାହୁ ଏବଂ ଅନ୍ୟ ବରିଷ୍ଠ ଶିକ୍ଷକମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପରେ ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସାମୂହିକ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। ଛାତ୍ରଛାତ୍ରୀ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଛାତ୍ରମାନଙ୍କ ମଧ୍ୟରେ ଏକ କବିତା ଅଧିବେଶନ ତଥା କବି ସମ୍ମିଳନୀ ଆୟୋଜନ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

**ନାଲକୋନଗର:** ନାଲକୋନଗର ସରସ୍ୱତୀ ବିଦ୍ୟାମନ୍ଦିରରେ ଅଧ୍ୟକ୍ଷ ଡ. ବିଶ୍ୱଜିତ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଦିବସ ପାଳିତ ହୋଇଛି। ଅଧ୍ୟକ୍ଷ ଡ. ତ୍ରିପାଠୀ, ବିଦ୍ୟାଳୟ ସମ୍ପାଦକ ଡା. ସୁଧାକର ପାଲ, ଉପାଧ୍ୟକ୍ଷ ବିଚିତ୍ରାନନ୍ଦ ନାୟକ ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ସ୍ୱତନ୍ତ୍ର ପରିଚୟ ରହିଛି। ଓଡ଼ିଶାର ଗୌରବଗାଥା, ଗାରିମା, ଐତିହ୍ୟ ଓ ସଂସ୍କୃତିର ପବିତ୍ରତାକୁ ସାରା ବିଶ୍ୱରେ ପହଞ୍ଚାଇବା ପାଇଁ ଆଜିର ଦିନରେ ସମସ୍ତେ ସଙ୍କଳ୍ପ ନେବାକୁ ଅତିଥିମାନେ ଆହ୍ୱାନ କରିଥିଲେ। ଛାତ୍ରଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଛାତ୍ର ପ୍ରିନ୍ସ ରାଉତ, ଛାତ୍ରୀ ସିମ୍ରନ ପୃଷ୍ଟି, ନର୍ମଦା ଦେହୁରୀ ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ଅଭିଭାଷଣ ଦେଇଥିଲେ। ଓଡ଼ିଶାର ଜାତୀୟ ଖାଦ୍ୟ, ମହାପୁରୁଷ, ନଦୀ ବିଷୟରେ ବିବରଣୀ ଦେଇଥିଲେ ବିଶ୍ୱଜିତ ସାହୁ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଅନିଲ କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଓଡ଼ିଆ ଶିକ୍ଷକ ସୀତାକାନ୍ତ ମିଶ୍ରଙ୍କ ଦ୍ୱାରା ଓଡ଼ିଆ ପର୍ବ ଉପରେ ରଚିତ ସଙ୍ଗୀତକୁ ଛାତ୍ରଛାତ୍ରୀ ଗାନ କରିଥିଲେ। ସାହିତ୍ୟ ସଂସଦ ସଭାପତି ସ୍ନିଗ୍ଧାରାଣୀ ମିଶ୍ର, ସମ୍ପାଦିକା ଅହିଂସା ପ୍ରିୟଦର୍ଶିନୀ ସେନାପତିଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ଡାଏଣିଗିରିରେ ରାମ ମନ୍ଦିର ପ୍ରତିଷ୍ଠା

ରାଜକନିକା,୧୪(ସମିସ): ରାଜକନିକା ବ୍ଲକ୍ କାଟଣାବଣିଆଁ ପଞ୍ଚାୟତ ଡାଏଣିଗିରି ଗ୍ରାମରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା କରାଯାଇଛି। ଏହି ଅଞ୍ଚଳରେ



କୌଣସି ରାମ ମନ୍ଦିର ନ ଥିବା ବେଳେ ଗ୍ରାମବାସୀଙ୍କ ଉଦ୍ୟମରେ ଏହି ମନ୍ଦିର ନିର୍ମାଣ କରାଯାଇ ରାଜସ୍ଥାନରୁ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ବିଗ୍ରହ ଆଣି ପ୍ରତିଷ୍ଠା କରାଯାଇଛି। ଏହି ମନ୍ଦିର ପ୍ରତିଷ୍ଠା ପାଇଁ ୪ ଦିନ ଧରି କଳସଯାତ୍ରା, ନାମଯଜ୍ଞ, ସଂକୀର୍ତ୍ତନ, ବିଗ୍ରହ ପ୍ରତିଷ୍ଠା, ପ୍ରବଚନ ଆଦି କରାଯାଇଥିଲା। ଏହି ପ୍ରତିଷ୍ଠା ଉତ୍ସବରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

# ଦାଦାବଟି ମାଗି ଧରାପଡ଼ିଲେ ଦୁର୍ବୃତ୍ତ

ମହାକାଳପଡ଼ା,୧୪(ସମିସ)

ମହାକାଳପଡ଼ା ବ୍ଲକ୍ ସୁନିତୀ ପଞ୍ଚାୟତରେ ଏକ ଅଭାବନୀୟ ଘଟଣା ଘଟିଛି। ବାବରରେ ହେଉଥିବା ଯାତ୍ରା ଦେଖି ଫେରୁଥିବାବେଳେ ରାତି ପ୍ରାୟ ଗୋଟାଏ ସମୟରେ ଖରିଅଣ୍ଟା ଗ୍ରାମର ଅଜୟ ସ୍ୱାଇଁଙ୍କୁ କିଛି ଦୁର୍ବୃତ୍ତ ଅଟକାଇ ଦାଦାବଟି ମାଗିବା ସହ ଆକ୍ରମଣ କରିଛନ୍ତି। ଏହି ଘଟଣାରେ ଆକ୍ରମଣକାରୀଙ୍କ ମଧ୍ୟରୁ ଜଣଙ୍କୁ ଧରିଛି ପୁଲିସ। ଅଜୟ ସ୍ୱାଇଁଙ୍କୁ ଏକୁଟିଆ ଦେଖି



ଏକ କାର୍‌ରୁ ୫ ଜଣ ବାହାରି ଧମକ ଚମକ ଦେବା ସହିତ ଦାଦା ବଟି ମାଗିଥିଲେ। ଅଜୟ ପ୍ରତିବାଦ କରିବାରୁ ଗାଡ଼ି ଭିତରୁ ଅର୍ଜୁନ ମାନା ନାମକ ବ୍ୟକ୍ତି ବାହାରି ମାରଣାସ୍ତ୍ରରେ ଆକ୍ରମଣ କରିଥିଲା। ଏଥିସହ ତାଙ୍କ ବେକରୁ ସୁନା ଚେନ, ୩ ଟି ମୁଦି, ମୋବାଇଲ୍ ଓ ଟଙ୍କା ଆଦି ଛଡ଼ାଇ ନେଇଥିଲେ। ସେମାନଙ୍କ କବଳରୁ ନିଜ ଜୀବନ ବଞ୍ଚାଇ ଅଜୟ ଦୌଡ଼ୁଥିବାବେଳେ ସେହି ରାସ୍ତା ଦେଇ ପାଟ୍ରୋଲିଙ୍ଗ ସାରି ଫେରୁଥିବା ତନ୍ତିଆପାଳ ଥାନା ପୁଲିସକୁ ଦେଖିଥିଲେ। ପୁଲିସକୁ ଦେଖି ଚାରିଜଣ ଦୁର୍ବୃତ୍ତ ଗାଡ଼ି ଛାଡ଼ି ଦୌଡ଼ି ପଳାଇ ଯାଇଥିବା ବେଳେ ପୁଲିସ ଜଣଙ୍କୁ କାବୁ କରିଥିଲା। ଏଥିସହ ଗାଡ଼ିକୁ ଯାଞ୍ଚ କରି ତା' ଭିତରୁ ଏକ ମାରଣାସ୍ତ୍ର ଜବତ କରିଥିଲା ପୁଲିସ। ଯୁବକ ଜଣଙ୍କ ଘର କେନ୍ଦ୍ରାପଡ଼ା ଗୋପ ଗ୍ରାମରେ ବୋଲି ଜଣାପଡ଼ିଛି। ସୁନିତୀ ଗ୍ରାମରେ ପୂଜା ପାର୍ବଣ ହେଲେ ଅର୍ଜୁନ ମାନା ଆତଙ୍କ ସୃଷ୍ଟି କରୁଥିବା ଅଭିଯୋଗ ହେଉଛି। ପୁଲିସ ଜଣଙ୍କୁ ଅଟକ ରଖି ତଦନ୍ତ କରୁଥିବା ବେଳେ ଅଜୟ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା,୧୪(ସମିସ): ସ୍ଥାନୀୟ ପୌରପାଳିକା ଅନ୍ତର୍ଗତ ବୁଢ଼ୀ ବିଲାଶୁଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସେବାନିବୃତ୍ତ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ରାଉତଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ନିକଟସ୍ଥ ବଳଦେବଜିଉ କଲ୍ୟାଣ ମଣ୍ଡପରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ନେତା ଅବନୀ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଅତିଥିମାନଙ୍କ ମଧ୍ୟରେ ନିହାର ରଞ୍ଜନ ମଲ୍ଲିକ (ପ୍ରାକ୍ତନ ଉପ ନିର୍ଦ୍ଦେଶକ, ଜଳସେଚନ ବିଭାଗ), ଅଜୟ କୁମାର ପରିଡା (ପ୍ରାକ୍ତନ ମଣ୍ଡଳ ଶିକ୍ଷା ଅଧିକାରୀ, ମହାକାଳପଡ଼ା), ଭ୍ରମରବର ରାଉତ (ଶିକ୍ଷକ ନେତା, ନିଖିଳ ଓଡ଼ିଶା



ଫେଡେରେସନ), କାଶୀନାଥ ରାଉତରାୟ (ପ୍ରାକ୍ତନ ସହଶିକ୍ଷା ଅଧିକାରୀ ଓ ସଭାପତି, ମହାକାଳପଡ଼ା ବିକାଶ ମଞ୍ଚ), ଭାଗିରଥି ନନ୍ଦ, ବଳଦେବ ପ୍ରସାଦ ଜେନା, ଦେବଦତ୍ତ ଶତପଥି, ତପନ କୁମାର ପଣ୍ଡା, ରାଧାନାଥ ମିଶ୍ର ଆଦି ଉପସ୍ଥିତ ରହି ଶ୍ରୀ ରାଉତଙ୍କ ଦୀର୍ଘଦିନର ଶିକ୍ଷା ସେବାକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି ସଭାରେ ବିଭିନ୍ନ ଶିକ୍ଷକ ନେତା, ପ୍ରାକ୍ତନ ଓ ବର୍ତ୍ତମାନ ସିଆରସିସି ସଦସ୍ୟ, ଇଚ୍ଛାପୁର ଆଞ୍ଚଳିକ ସାଧନ କେନ୍ଦ୍ରର ସଭ୍ୟ, ପୌରପାଳିକା ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ପରିଚାଳନା କମିଟି, ଶତାଧିକ ଅଭିଭାବକ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ମହାକାଳପଡ଼ା,୧୪(ସମିସ): ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଜୟଚନ୍ଦ୍ରପୁରର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ଲେଙ୍କାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା। ଶ୍ରୀ ଲେଙ୍କା ତାଙ୍କ ଦୀର୍ଘ ସେବାକାଳ ମଧ୍ୟରେ ଶିକ୍ଷାକ୍ଷେତ୍ରରେ ଯେଉଁ ଅମୂଲ୍ୟ ଅବଦାନ ରଖିଛନ୍ତି, ତାହାକୁ ସମସ୍ତେ ମନେ ପକାଇଥିଲେ। ଶିକ୍ଷାର୍ଥୀମାନେ ତାଙ୍କ ପ୍ରିୟ ଗୁରୁଙ୍କୁ ବିଦାୟ ଦେବା ବେଳେ ଭାବବିହ୍ୱଳ ହୋଇପଡ଼ିଥିଲେ। ଶ୍ରୀ ଲେଙ୍କା କହିଥିଲେ ଯେ, ବିଦ୍ୟାଳୟ ତାଙ୍କ ପାଇଁ କେବଳ କାର୍ଯ୍ୟସ୍ଥଳ ନୁହେଁ, ବରଂ ଏକ ପରିବାର ଥିଲା। ସେ ସମସ୍ତଙ୍କ ସହଯୋଗ, ସ୍ନେହ ଓ ସମ୍ମାନ ପାଇଁ ହୃଦୟଙ୍ଗମ କୃତଜ୍ଞତା ଜଣାଇଥିଲେ।

## ଉତ୍କଳ ଦିବସରେ ପ୍ରୋଟୋକଲ ଭଙ୍ଗ; ଷଷ୍ଠ ଧାଡ଼ିରେ ବସିଲେ ବିଧାୟକ

କେନ୍ଦ୍ରାପଡ଼ା,୧୪(ସମିସ): ଜିଲ୍ଲା ସଂସ୍କୃତି ଭବନରେ ଆଜି ପାଳିତ ଜିଲ୍ଲାସ୍ତରୀୟ ଉତ୍କଳ ଦିବସ କାର୍ଯ୍ୟକ୍ରମରେ ପ୍ରୋଟୋକଲ ଭଙ୍ଗ ଘଟଣାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ନିର୍ଦ୍ଧାରିତ ଆସନ ବ୍ୟବସ୍ଥାକୁ ଅମାନ୍ୟ କରାଯାଇଥିବାରୁ ଜନପ୍ରତିନିଧିମାନେ ଅସୁବିଧାରେ ପଡ଼ିଥିଲେ। ସୂଚନାନୁସାରେ, ବିଧାୟକ, ଜିଲ୍ଲା ପରିଷଦ ସଭାପତି ଓ



ପୌରାଧକ୍ଷାଙ୍କ ପାଇଁ ଆଗଧାଡ଼ିରେ ଆସନ ସଂରକ୍ଷିତ ରହିଥିଲା। କିନ୍ତୁ କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ କିଛି ବିଜେପି କର୍ମୀ ସେହି ସଂରକ୍ଷିତ ଆସନଗୁଡ଼ିକୁ ଦଖଲ କରି ନେଇଥିଲେ। ଫଳରେ ଆମନ୍ତ୍ରିତ ଜନପ୍ରତିନିଧିମାନେ ଆସିବା ପରେ ବସିବା ପାଇଁ ଆସନ ନପାଇ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ ଓ ପୌରାଧକ୍ଷା ସରିତା ସାହୁ ସଂରକ୍ଷିତ ସ୍ଥାନରେ ବସିବାକୁ ଯାଇଥିବାବେଳେ ଆସନ ଖାଲି କରିବାକୁ କର୍ମୀମାନଙ୍କୁ ଅନୁରୋଧ କରିଥିଲେ। ତଥାପି କର୍ମୀମାନେ ତାହାକୁ ଅସ୍ୱୀକାର କରି ନିଜ ଜିଦ୍‌ରେ ଅଟଳ ରହିଥିଲେ। ଏହା ଫଳରେ ଜନପ୍ରତିନିଧିମାନେ ପରୋକ୍ଷରେ ଅପମାନିତ ହୋଇଥିବା ଅଭିଯୋଗ ଉଠିଛି। ପରିସ୍ଥିତିକୁ ଦେଖି ବିଧାୟକ ଓ ଅନ୍ୟମାନେ ଷଷ୍ଠ ଧାଡ଼ିରେ ଯାଇ ବସିଥିଲେ। ପରେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ କାର୍ଯ୍ୟକ୍ରମରେ ପହଞ୍ଚିବା ପରେ ଘଟଣା ସମ୍ପର୍କରେ ଅବଗତ ହୋଇ ବିଜେପି କର୍ମୀମାନଙ୍କୁ ତାଗିଦ କରିଥିଲେ। ସେ ସମ୍ବନ୍ଧିତ ଜନପ୍ରତିନିଧିମାନଙ୍କୁ ସଭାମଞ୍ଚରେ ଆସୀନ ହେବାକୁ ଅନୁରୋଧ କରିଥିଲେ। ମନ୍ତ୍ରୀଙ୍କ ଅନୁରୋଧ ରକ୍ଷା କରି ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ ଓ ପୌରାଧକ୍ଷା ସରିତା ସାହୁ ପରେ ସଭାମଞ୍ଚରେ ଆସନ ଗ୍ରହଣ କରିଥିଲେ। ଏହି ଘଟଣାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ, ସରକାରୀ କାର୍ଯ୍ୟକ୍ରମରେ ପ୍ରୋଟୋକଲ ପାଳନ ନିଶ୍ଚିତ କରିବାକୁ ଦାବି ଜୋରଦାର ହୋଇଛି।

## ଟ୍ରାକ୍ଟର ଧକ୍କାରେ ଟିଉସନରୁ ଫେରୁଥିବା କୁନିଝିଅ ମୃତ

ମହାକାଳପଡ଼ା,୧୪(ସମିସ): ମହାକାଳପଡ଼ା ବ୍ଲକ୍ ତେରଗାଁ ପଞ୍ଚାୟତ ବେଲାର ନୂଆଗାଁ ଗ୍ରାମରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଜଣେ କୁନି ଝିଅର ଅକାଳ ମୃତ୍ୟୁ ଘଟିଛି। ଗ୍ରାମର ଦୀପକ ସାମଲଙ୍କ ଝିଅ ସାୟନା ସାମଲ ଓରଫ ମାମାଲି (୯) ଟିଉସନରୁ ଫେରୁଥିବା ସମୟରେ ଏକ ଟ୍ରାକ୍ଟର (ଓଡି ୨୯ ଏଲ ୫୫୨୨) ତାଙ୍କୁ ଧକ୍କା ଦେଇଥିଲା। ମାର୍ଶାଘାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଗୁରୁତର ଆହତ ମାମାଲିଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେଇଥିବା ବେଳେ ସେଠାରେ



ଡ଼ାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ମାମାଲିଙ୍କ ଜେଜ ରମେଶ ସାମଲଙ୍କ ଏତାଲା କ୍ରମେ ମାର୍ଶାଘାଇ ଥାନା କେଶ ନଂ ୧୩୫/୨୬ରେ ମାମଲା ରୁଜୁ ହୋଇଛି। ପୁଲିସ ତଦନ୍ତ ଆରମ୍ଭ କରିବା ସହ ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରିଛନ୍ତି। ଗ୍ରାମରେ ଏକ ଶୋକାକୁଳ ପରିବେଶ ଭିତରେ ମାମାଲିଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ଜିଲ୍ଲାସ୍ତରୀୟ ପୁଲିସ ପ୍ରତିଷ୍ଠା ଦିବସ

କେନ୍ଦ୍ରାପଡ଼ା,୧୪(ସମିସ): କେନ୍ଦ୍ରାପଡ଼ାରେ ୯୧ତମ ଜିଲ୍ଲାସ୍ତରୀୟ ପୁଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଜଜାଙ୍ଗସ୍ଥିତ ପୁଲିସ ରିଜର୍ଭ ପଡ଼ିଆରେ ଅନୁଷ୍ଠିତ ପରେଡ୍‌ରେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ଯୋଗଦେଇ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଆରକ୍ଷୀ ଅଧୀକ୍ଷକ ଶ୍ରୀ କଟାରିଆ ପ୍ରଥମେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଠାରୁ ପ୍ରାପ୍ତ ବାର୍ତ୍ତାକୁ ପାଠ କରିବା ପରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। କେନ୍ଦ୍ରାପଡ଼ା ପୁଲିସ ଜିଲ୍ଲାର ଶ୍ରେଷ୍ଠ ହାବିଲଦାର ଜିତେନ୍ଦ୍ର କୁମାର ଜେନା, ବେଷ୍ଟ ଟ୍ରାଫିକ କନେଷ୍ଟବଳ ନିରଞ୍ଜନ ପଲାଇ, ଶ୍ରେଷ୍ଠ ଏପିଆର୍ କନେଷ୍ଟବଳ ସୁଜିତ କୁମାର ସାମଲ, ଶ୍ରେଷ୍ଠ କନେଷ୍ଟବଳ ଶୋଭାନ୍ତ କାନ୍ତ ଜେନା, ଶ୍ରେଷ୍ଠ ଏଏସ୍‌ଆଇ ମିନତୀ ରାଉଳ, ଶ୍ରେଷ୍ଠ ଏସ୍‌ଆଇ ଦୀପ୍ତିମୟୀ ରାଉତଙ୍କୁ ଆରକ୍ଷୀ ଅଧୀକ୍ଷକ ପୁରସ୍କୃତ କରିଥିଲେ। ରିଜର୍ଭ ଇନସପେକ୍ଟର ପ୍ରଶାନ୍ତ କୁମାର ରଣସିଂହ ଏହି ପରେଡକୁ ପରିଚାଳନା କରିଥିବାବେଳେ ସବଇନସପେକ୍ଟର ପୁଲିସ(ଆର୍ମଡ) ଅକ୍ଷୟ ଘଡେଇ ଏଥିରେ ତାଙ୍କୁ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଭାତ ବିଶ୍ୱାଳ ଓ ସୁଧାକର ସାହୁ, ପଟ୍ଟାମୁଣ୍ଡାଇ ଏସଡିପିଓ ସୁକାନ୍ତ ପାତ୍ର, କେନ୍ଦ୍ରାପଡା ଏସଡିପିଓ ଜ୍ୟୋତିରଞ୍ଜନ ଗୌଡ, ଟାଉନ ଥାନା ଅଧିକାରୀ ଶୁଭେନ୍ଦୁ ସାହୁ, ଦିଲ୍ଲୀପ କୁମାର ସାହୁଙ୍କ ସମେତ ବିଭିନ୍ନ ଥାନାର ଅଧିକାରୀମାନେ ଉପସ୍ଥିତ ଥିଲେ।

## ପେତପଡ଼ାରେ ଉତ୍କଳ ଦିବସ

ଗୋବିନ୍ଦପୁର,୧୪(ସମିସ): ଆଳି ବ୍ଲକ୍ ପେତପଡ଼ା ଗ୍ରାମର ଗୋପବନ୍ଧୁ ବିଦ୍ୟାଭବନ ପରିସରରେ ଆଜି ଉତ୍କଳ ଦିବସ ପାଳିତ ହୋଇଥଲା। ଅବସରପ୍ରାପ୍ତ ଶିକ୍ଷକ ଘନଶ୍ୟାମ ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଯନ୍ତ୍ରୀ ଅନୀଲ କୁମାର ଦାସ, ମୁଖ୍ୟବକ୍ତା ନିକୁଞ୍ଜ ବିହାରୀ ଟିକାୟତ ରାୟ, ଶିକ୍ଷକ ପ୍ରତାପ କୁମାର ନାୟକ, ଅନନ୍ତ ଚରଣ ବେହେରା, ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ବେହୁରା, ସାମ୍ବାଦିକ ଅନଙ୍ଗ ଉଦୟ ବେଉରିଆ, ସୁକାନ୍ତ କୁମାର ଦାସ, ଅଶୋକ କୁମାର ଦାସ, ହୃଦାନନ୍ଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମର ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ୩୦ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅତିଥିମାନେ ଉତ୍କଳ ଦିବସ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗାଁ ଦାଣ୍ଡରେ ବୋହୂକୁ ମାଡ଼; ମାମଲା ରୁଜୁ

ରାଜକନିକା,୧୪(ସମିସ): ଗାଁ ଦାଣ୍ଡରେ ଜଣେ ମହିଳାଙ୍କୁ ଗୋଡ଼ାଇ ଗୋଡ଼ାଇ ଅମାନୁଷିକ ଭାବେ ପିଟିବା ଘଟଣାର ଭିଡିଓ ଭାଇରାଲ ହୋଇଥିବାବେଳେ ଏହି ଘଟଣାକୁ ନେଇ ପୁଲିସ ପକ୍ଷରୁ ମାମଲା ରୁଜୁ ହୋଇଛି। ମହିଳା ଜଣଙ୍କୁ ତାଙ୍କ ଶ୍ୱଶୁର ଓ ନଣନ୍ଦ ମାଡ଼ ମାରୁଥିବାବେଳେ ସେ ବଞ୍ଚାଅ ବଞ୍ଚାଅ କହି ଯେତେ ଚିତ୍କାର କଲେ ମଧ୍ୟ କେହି ଏହାର ପ୍ରତିବାଦ ମଧ୍ୟ କରୁନଥିଲେ। ଫଳରେ ମହିଳା ଜଣକ ଜୀବନ ବିକଳରେ ଦୌଡ଼ି ଜୀବନ ବଞ୍ଚାଇଥିବାବେଳେ ଘଟଣାର ୬ଦିନ ପରେ ଥାନାରେ ଏତଲା ଦେଇଛନ୍ତି। ପୁଲିସ ପକ୍ଷରୁ କେଶ ନଂ ୧୬୫ ରେ ଦଫା ୧୧୫(୨)୧୨୬(୨)୨୯୬, ୩(୫)୩୫(୨)୩୫୧(୩) ୮୫୧ ରେ ମାମଲା ରୁଜୁ ହୋଇଛି। ଏହି ଘଟଣାଟି ରାଜକନିକା ଥାନା ଉଜାଙ୍ଗ ଗାଁର। ପୀଡ଼ିତା ବୋହୂ ରାଜକନିକା ଥାନାରେ ଏତଲା ଦେଇ ନ୍ୟାୟ ମାଗିବା ଘଟଣା ଅଞ୍ଚଳରେ ବେଶ ଆଲୋଚ୍ୟର ବିଷୟ ହୋଇଛି।

● ଅଳପୁଆ ହାଇସ୍କୁଲ ଗୃହ ନିର୍ମାଣରେ ଦୁର୍ନୀତି

## ପୁରୁଣା ଘରୁ ବାହାରିଥିବା ଇଟାରେ ନିର୍ମାଣ ହେଉଛି ନୂଆ ଘର

ପଟ୍ଟାମୁଣ୍ଡାଇ,୧୪(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅଳପୁଆ ହାଇସ୍କୁଲର ନୂତନ ଶ୍ରେଣୀଗୃହ ନିର୍ମାଣରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଅଳପୁଆ ହାଇସ୍କୁଲର ପୁରୁଣା ଶ୍ରେଣୀ ଗୃହ ଭଙ୍ଗାଯାଇ ନୂଆ ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। କିନ୍ତୁ ନୂତନ ଶ୍ରେଣୀ ଗୃହର କାନ୍ଥ ନିର୍ମାଣରେ ଠିକାଦାର ନୂଆ ଇଟା ବ୍ୟବହାର ନକରି ଭଙ୍ଗା ଯାଇଥିବା ପୁରୁଣା ଶ୍ରେଣୀଗୃହରୁ ବାହାରି ଥିବା ପୁରୁଣା ଇଟାକୁ ଆଣି ବ୍ୟବହାର କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରିକି କାର୍ଯ୍ୟ ଆରମ୍ଭ ପୂର୍ବରୁ ଯେଉଁ ସୂଚନା ଫଳକ ଠିକାଦାର ଲଗାଇବା କଥା ଜନସାଧାରଣଙ୍କୁ ଅନ୍ଧାରରେ ରଖିବା ପାଇଁ ତାହା ମଧ୍ୟ ଲଗାଇ ନାହାନ୍ତି। କାର୍ଯ୍ୟ ଚାଲୁଥିବା ସ୍ଥାନକୁ ତଦାରଖ ପାଇଁ କୌଣସି ବିଭାଗୀୟ ଅଧିକାରୀ ମଧ୍ୟ ଆସୁ ନାହାନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ସ୍କୁଲର ପ୍ରଧାନ ଶିକ୍ଷକ ସବୁ ଜାଣି ଚୁପ ବସି ଥିବାରୁ ଠିକାଦାର, ପ୍ରଧାନ ଶିକ୍ଷକ ଏବଂ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଶ୍ରେଣୀଗୃହ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଉ ଥିବାରୁ ଏହାର ସ୍ଥାୟିତ୍ୱ ସମ୍ପର୍କରେ ଗ୍ରାମବାସୀ ସନ୍ଦେହ ପ୍ରକଟ କରିଛନ୍ତି। ଏଣୁ ସ୍କୁଲ ଗୃହ ନିର୍ମାଣ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜେନ୍ଦ୍ର କୁମାର ବିହାରୀ, ନିରାକାର ବିଶ୍ୱାଳ, ଅଖିଳ ଜେନା, ପୋକା ଜେନା ପ୍ରମୁଖ ଗ୍ରମବାସୀ ଦାବି କରିଛନ୍ତି।

## ଉତ୍କଳ ଦିବସରେ ସଫେଇ



ରାଜନଗର,୧୪(ସମିସ): ଉତ୍କଳ ଦିବସ ଅବସରରେ ରାଜନଗର ପଞ୍ଚାୟତ ସମିତି ଆନୁକୂଲ୍ୟରେ ରାଜନଗର ବଜାର, ହଂସୁଆ ସେତୁ ସମେତ ବିଭିନ୍ନ ସ୍ଥାନରେ ସମୂହ ସଫେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଡିଓ ଅଶୋକ କୁମାର ମହାନ୍ତି, ବ୍ଲକ୍ ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ, ସିପି ଆଶିଷ ସାହୁ, ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅନିତ୍ୟ କୁମାର ମିଶ୍ର ଏବଂ ରାଜନଗର ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ, ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ଓ ରାଜନଗର ହାଇସ୍କୁଲର ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କ ସହିତ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀ ଏଥିରେ ସାମିଲ ହୋଇଥିଲେ। ପରିବେଶ ସୁସ୍ଥ ରହିଲେ ଆମେ ସୁସ୍ଥ ରହିବା ବାର୍ତ୍ତା ନେଇ ଏହି ମିଳିତ ସଫେଇ ଅଭିଯାନର ମୁଖ୍ୟ ଲକ୍ଷ୍ୟ ବୋଲି ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ପାତ୍ର କହିଛନ୍ତି।

## ଶ୍ରେଷ୍ଠ ଏଏସ୍‌ଆଇ ଭାବେ ମୀନତି ରାଉଳ ସମ୍ବର୍ଦ୍ଧିତ

ରାଜକନିକା,୧୪(ସମିସ): ବୁଧବାର ଓଡ଼ିଆ ପୁଲିସର ୯୧ତମ ପ୍ରତିଷ୍ଠା ଦିବସ ପାଳିତ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା ଜିଲ୍ଲାରେ ଶ୍ରେଷ୍ଠ ଏଏସ୍‌ଆଇ ଭାବେ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ତେବେ ଶ୍ରୀମତୀ ରାଉଳ



ଜଣେ ଦକ୍ଷ ପୁଲିସ ଅଧିକାରୀ ଭାବେ ଆଗରୁ ୩୬ ଥର ନିଜର କାର୍ଯ୍ୟ ଦକ୍ଷତା ପାଇଁ ପ୍ରଶଂସିତ ହୋଇଥିବା ବେଳେ ଆଜି ପୁଣି ଥରେ ପ୍ରଶଂସିତ ହେବା ଜିଲ୍ଲା ପୁଲିସ ପାଇଁ ଗୌରବ ବୋଲି ମ ତ ପ୍ର କା ଶ ପାଇଛି। ପ୍ରକାଶ ଥାଉ କି ମିନତୀ ୧୯୯୯ ଏପ୍ରିଲ ୧୫ ତାରିଖରେ ପୁଲିସରେ ଯୋଗ ଦେବା ପରେ ଲଗାତର ଭାବରେ ନିଜର କର୍ତ୍ତବ୍ୟନିଷ୍ଠା ପାଇଁ ପ୍ରଶଂସିତ ହୋଇଛନ୍ତି। ପୁଲିସ ତା'ର ପତିଷ୍ଠା ଦିବସ ରିଜର୍ଭ ପୁଲିସ ପଡ଼ିଆରେ ପାଳନ କରିଛି। ଏହି ଅବସରରେ ରାଜକନିକା ଥାନାରେ କାର୍ଯ୍ୟରତ ଏଏସ୍‌ଆଇ ମୀନତି ରାଉଳଙ୍କୁ

## କଅଁଳପତ୍ର ଓ ଫୁଲ ବଦଳରେ ଥୁଣ୍ଟା ହେଉଛି ନିମ୍ବଗଛ

ଡେରାବିଶ,୧୪(ସମିସ): ଡେରାବିଶ ବ୍ଲକ୍ ହରିଅଙ୍କ ପଞ୍ଚାୟତର ଲୁଣାନଦୀ ବନ୍ଧ, ଦାନପୁର ପଞ୍ଚାୟତର ୧୩ ନଂ କେନାଲ୍ ବନ୍ଧ ଏବଂ ଅଞ୍ଚଳର ଅନେକ ସ୍ଥାନରେ ଥିବା ଅନେକ ନିମ୍ବଗଛ ଏବେ କଅଁଳ ପତ୍ର ଓ ଫୁଲ ବଦଳରେ ଥୁଣ୍ଟା ପାଲଟିବାରେ ଲାଗିଛି। ଯାହାକୁ ନେଇ ପରିବେଶବିତ୍ ମ୍ରିୟମାଣ ହୋଇପଡ଼ିଛନ୍ତି। ଚୈତ୍ରମାସରେ ଲୋକମାନେ ନିମ୍ବପତ୍ର ଓ ଫୁଲରେ ପିଠା ଏବଂ ନିମ୍ବପତ୍ର ଗୁଣ୍ଡସହ ଆଳୁବାଇଗଣ ଭଜା କରି ଖାଇଥାନ୍ତି। କିନ୍ତୁ ଏବେ ଗଛର ଥୁଣ୍ଟା ଅବସ୍ଥା ଦେଖି ଦାନପୁର ପଞ୍ଚାୟତ ନରସିଂହପୁର



ଗ୍ରାମର ପ୍ରକୃତିବନ୍ଧୁ ଜେନାମଣି ବଳ ଓ ହରିଅଙ୍କ ପଞ୍ଚାୟତର ସମାଜସେବୀ ଗୋଲଖ ଚନ୍ଦ୍ର ସ୍ୱାଇଁ ଆଶ୍ଚର୍ଯ୍ୟ ହୋଇ ଏହାର କାରଣ ଓ ନିରାକରଣ ପାଇଁ ଉଦ୍ୟାନବିତ୍‌ଙ୍କ ପରାମର୍ଶ ଲୋଡ଼ିଛନ୍ତି। ପରିବେଶ ସୁରକ୍ଷାରେ ନିମ୍ବଗଛର ଗୁରୁତ୍ୱ ଅଧିକ ଥିବା ବେଳେ ଅଞ୍ଚଳରେ ଗଛର ଏ ଅବସ୍ଥା ଜନସାଧାରଣଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ବନବିଭାଗ ଏହାର ପ୍ରତିକାର କରିବାସହ ବର୍ଷାଋତୁ ଆରମ୍ଭରେ ଅଧିକ ନିମ୍ବଗଛ ଲଗାଇବା ପାଇଁ ବ୍ୟବସ୍ଥା କରିବାକୁ ପ୍ରକୃତିବନ୍ଧୁ ଶ୍ରୀ ବଳ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି।

## ବିଜେଡି ପକ୍ଷରୁ ଓଡ଼ିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳିତ



କେନ୍ଦ୍ରାପଡା,୧୪(ସମିସ): ଓଡ଼ିଶା ଦିବସ ଓ କେନ୍ଦ୍ରାପଡା ଜିଲ୍ଲା ପ୍ରତିଷ୍ଠା ଦିବସ ଅବସରରେ କେନ୍ଦ୍ରାପଡା ବିଧାନସଭା ବିଜୁ ଜନତା ଦଳ ପକ୍ଷରୁ ଗରାପୁର ସ୍ଥିତ ବିଧାୟକଙ୍କ ବାସଭବନ ଓ ଦଳୀୟ କାର୍ଯ୍ୟାଳୟ ପରିସରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ବିଜେଡି ସଭାପତି ଶିବ ପ୍ରସାଦ ଭୋଳଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ସଭାରେ ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡିଶା ଗଠନରେ ମହାମନିଷୀମାନଙ୍କ ଅବଦାନକୁ ସ୍ମରଣ କରିଥିଲେ। ଏହି ଅବସରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ, ପୌରପରିଷଦ ଅଧ୍ୟକ୍ଷା ସରିତା ସାହୁ, ପୂର୍ବତନ ଅଧ୍ୟକ୍ଷା ରୋସନା ସାହୁ, ନଗର ସଭାପତି ଯଯାତି ମହାନ୍ତି, ବ୍ଲକ ସଭାପତି ଆଲୋକ ସାହୁ ସହ ବହୁ ଦଳୀୟ କର୍ମୀ ଓ ନେତୃବୃନ୍ଦ ଉପସ୍ଥିତ ଥିଲେ। ସକାଳେ ବିଜେଡି କର୍ମୀମାନେ ସହରର ବିଭିନ୍ନ ସ୍ଥାନରେ ସ୍ଥାପିତ ମହାମନିଷୀମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସମ୍ମାନ ଜଣାଇଥିଲେ। ପୁରୁଣା ମେଡିକାଲ ଛକ, ବସଷ୍ଟାଣ୍ଡ, କୋର୍ଟ ପରିସର, ମୁନିସିପାଲଟି, ତହସିଲ ଛକ ଓ ତିନିମୁହାଣୀ ଆଦି ସ୍ଥାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା।



# ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସରେ ବରପୁତ୍ରଙ୍କ ସ୍ମୃତିଚାରଣ

କେନ୍ଦ୍ରାପଡ଼ା,୧୪(ସମିସ)

ଜିଲ୍ଲା ସଂସ୍କୃତି ଭବନ ପରିସରରେ ଆଜି ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ଓ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଉତ୍ସବମୁଖର ପରିବେଶରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ଗଠନରେ ବରପୁତ୍ରମାନଙ୍କ ଅବଦାନକୁ ସ୍ମରଣ କରିଥିଲେ। ମନ୍ତ୍ରୀ ଶ୍ରୀ ସ୍ୱାଇଁ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଓଡ଼ିଆ ଜାତିର ଐତିହ୍ୟ, ସଂସ୍କୃତି ଓ ଭାଷାର ସୁରକ୍ଷା ସହିତ ରାଜ୍ୟ ଓ ଜିଲ୍ଲାର




ସମଗ୍ର ବିକାଶ ପାଇଁ ସମସ୍ତଙ୍କୁ ଏକତ୍ର ହୋଇ କାମ କରିବା ଆବଶ୍ୟକ। ଏହି ଅବସରରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ସାଂସଦଙ୍କ ପ୍ରତିନିଧି ଶଶାଙ୍କ ଶେଖର ସେଠୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ, ପୌରପରିଷଦ ଅଧ୍ୟକ୍ଷା ସରିତା ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲୀକ ଓ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ମଞ୍ଚାସୀନ ଥିଲେ କ୍ଷ ବିଶିଷ୍ଟ ଶିକ୍ଷାବିଦ ନିରଞ୍ଜନ ମେକାପ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମଟିକୁ ମାର୍ଶାଘାଇ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ ସୁଚାରୁ ଭାବେ ସଞ୍ଚାଳନ କରିଥିଲେ। ଏହି ସୁଯୋଗରେ ଚାନ୍ଦୋଳ ଏଚଏନଏସ ମହାବିଦ୍ୟାଳୟର ଛାତ୍ର ଓମ ପ୍ରକାଶ ରଥଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ ମୁଖ୍ୟ ଅତିଥି। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

ସକାଳ
THE SAKALA

# ସମ୍ପାଦକୀୟ



ଶରଣାର୍ଥୀ ଓ ଦେଶାନ୍ତରୀମାନେ ମାନବିକତା ସତରଞ୍ଜର ଗୋଟି ନୁହନ୍ତି।
-ପୋପ୍ ଫ୍ରାନ୍‌ସିସ୍

## ନିରଙ୍କୁଶ କ୍ଷମତାର ଅଙ୍କ

କ୍ଷମତାର ଗାଣିତିକ ସୂତ୍ର ଯଦି ବ୍ୟବସ୍ଥା ଉପଯୋଗୀ ହୋଇଯିବ ତାହାକୁ କଳିବା ଏତେ ସହଜ ହେବ ନି। ଜନଗଣନା ଓ ନିର୍ବାଚନ ମଣ୍ଡଳୀ ପୁନଃ ନିର୍ଦ୍ଧାରଣ ମଧ୍ୟରେ ପାରସ୍ପରିକ ସଂପର୍କ ଥିଲେ ମଧ୍ୟ ୧୯୭୦ ପରଠାରୁ ଆସନ ସଂଖ୍ୟା ଅପରିବର୍ତ୍ତିତ ରହିଥିବାର କାରଣ ସଂପର୍କରେ ତର୍ଜମା ନ କରି ହଠାତ୍ କିଛି ନିଷ୍ପତ୍ତି ନେବା ନାନା ବିଭ୍ରାଟର କାରଣ ହୋଇପାରେ। କାରଣ ଅନୁରୂପ ପରିସ୍ଥିତିର ସମ୍ମୁଖୀନ ହୋଇ ୧୯୭୧ ଓ ୨୦୦୧ ଜନଗଣନା ପରେ ମଧ୍ୟ କ୍ଷମତା ନିର୍ବାଚନ ମଣ୍ଡଳୀ ପୁନଃନିର୍ଦ୍ଧାରିତ ଆସନକୁ ରାଜ୍ୟ ଉପରେ ଲଦି ଦେବାକୁ ଅସମର୍ଥ ହୋଇଥିଲା। ଏହି ଦୁଇ ଘଟଣାକ୍ରମ ବେଳେ ଇନ୍ଦିରା ଓ ଅଟଳ ବିହାରୀ ଯଥାକ୍ରମେ ପ୍ରଧାନମନ୍ତ୍ରୀ ଥିଲେ। ଦେଶରେ ଶେଷ ଜନଗଣନା ୨୦୧୧ ରେ ହୋଇଥିଲା। କରୋନା ମହାମାରୀର ବିପର୍ଯ୍ୟସ୍ତ ଅବସ୍ଥାରେ ୨୦୨୧ ରେ ଜନଗଣନା ପରିଚାଳନା କରିବା ଏକପ୍ରକାର ଅସମ୍ଭବ ହୋଇପଡ଼ିଥିଲା। କିନ୍ତୁ ତା' ପରେ ସରକାରଙ୍କୁ କେଉଁ ପରିସ୍ଥିତିରେ ୫ ବର୍ଷ ଅପେକ୍ଷା କରିବାକୁ ପଡ଼ିଲା? ଏବେ ଆମେ ଆସିବା ଉପରଲିଖିତ ଗାଣିତିକ ସୂତ୍ରକୁ। ଅଖଣ୍ଡ କ୍ଷମତାର ଅଧିକାରୀ ଅନିର୍ଦ୍ଦିଷ୍ଟ କାଳପର୍ଯ୍ୟନ୍ତ ଜାହିର କରିବାର ସୁଯୋଗ କେବେଳ ଜନଗଣନା ଓ ତଦ୍‌ଜନିତ ନିର୍ବାଚନ ମଣ୍ଡଳୀ ପୁନଃନିର୍ଦ୍ଧାରଣ ଦେଇପାରିବ। ତେଣୁ ତ ପ୍ରସ୍ତୁତି ପାଇଁ କ୍ଷମତା ଅତିରିକ୍ତ ସମୟ ନେଲେ। ଏଥିମଧ୍ୟରେ ନୂଆ ସଂସଦ ଭବନ ନିର୍ମାଣ ଶେଷ ହୋଇଛି ଏବଂ ସେଠାରେ ବିଧିବଦ୍ଧ କାର୍ଯ୍ୟାରମ୍ଭ ହୋଇଛି। ଓଡ଼ିଶାର କ୍ଷମତା ପରିବର୍ତ୍ତନ ପରେ ସରକାରଙ୍କ ଅଗ୍ରାଧିକାର କ୍ଷେତ୍ର ପାଲଟିଛି ନୂତନ ବିଧାନସଭା ସଦନ ନିର୍ମାଣ। ଏସବୁ ପର୍ଯ୍ୟାଲୋଚନା କଲା ବେଳେ ମନ ଭିତରେ ଗୋଟିଏ କଥା ଉଙ୍କିମାରେ ଯେ ନିର୍ବାଚନମଣ୍ଡଳୀ ପୁନଃ ନିର୍ଦ୍ଧାରଣ ପରେ ସଂସଦ ଓ ବିଧାୟକଙ୍କ ସଂଖ୍ୟାରେ ଯେତେ ବୃଦ୍ଧିଘଟିବ ସେଥିକୁ ତ ଆଖି ପାଉନି। ସେମାନେ ବେତନ ଭତ୍ତା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ବାବଦରେ ଯେଉଁ ଅର୍ଥ ଖର୍ଚ୍ଚ ହେବ ସେଥିପାଇଁ ସ୍ୱତନ୍ତ୍ର ବଜେଟ ଆଗତ କଲା ଭଳି ପରିସ୍ଥିତି ଉପୁଜିବ। କେନ୍ଦ୍ରୀୟ କୋଷାଗାର ଉପରେ ଯେଉଁ ବିପୁଳ ଆର୍ଥିକ ଚାପ ପଡ଼ିବ ତାହା ତଥାକଥିତ ବିକଶିତ ଭାରତ ସ୍ୱପ୍ନରେ ପ୍ରତିବନ୍ଧକ ହେବନି ତ?

ଦାରିଦ୍ର୍ୟ ଓ ଅନଗ୍ରସର ରାଜ୍ୟରେ ଜନସଂଖ୍ୟା ବୃଦ୍ଧି ହାର ଅପେକ୍ଷାକୃତ ଅଧିକ ଏବଂ ସେହି ରାଜ୍ୟ ହିଁ ବର୍ଦ୍ଧିତ ଆସନ ସଂଖ୍ୟାର ସବୁଠାରୁ ବଡ଼ ଭାଗୀଦାର ହେବେ। କ୍ଷମତାର ଗଣିତ କହୁଛି, ବ୍ୟବସ୍ଥିତ ଢଙ୍ଗରେ ସେହିମାନଙ୍କୁ ହିଁ ପ୍ରଭାବିତ କରାଯାଇପାରିବ। ତେଣୁ ଦାରିଦ୍ର୍ୟ ଓ ଅଶିକ୍ଷା ହିଁ କ୍ଷମତାତନ୍ତ୍ରର ମୂଳ ଅଙ୍ଗ। ପ୍ରାରମ୍ଭିକ ହିସାବରେ ଲୋକସଭା ଆସନ ସଂଖ୍ୟା ୭ ଶହ କୁହାଯାଇଥିବା ବେଳେ ଅସଲରେ ସେହିସଂଖ୍ୟା ତାହାଠାରୁ ଯଥେଷ୍ଟ ଅଧିକ ହେବ। ଯେଉଁ ରାଜ୍ୟ ଅଧିକ ସମୃଦ୍ଧି ଓ ବିକଶିତ ସେଠାରେ ଜନସଂଖ୍ୟାହାର ଅପେକ୍ଷାକୃତ କମ ହେବ। ଅଥଚ ସେମାନଙ୍କ ରାଜସ୍ୱ ଦେୟ ସ୍ୱାଭାବିକ ଭାବେ ଅଧିକ ହୋଇଥିବା ବେଳେ ସେହି ଅର୍ଥ ହିଁ ଅତିରିକ୍ତ ବ୍ୟୟ ଭାର ବହନ କରିବାରେ ସହାୟକ ହେବ। ତଥାକଥିତ ନିର୍ବାଚନ ମଣ୍ଡଳୀ ପୁନଃଗଠନରେ ସେମାନଙ୍କ ପ୍ରତିନିଧିତ୍ୱ ଆନୁପାତିକ ଦୃଷ୍ଟିରୁ କମ ରହିବ। ସଂସଦରେ ସ୍ୱାଭାବିକ ଭାବେ ସେହି ରାଜ୍ୟର ସ୍ୱର ମଧ୍ୟ କ୍ଷୀଣ ହେବ। ଏଭଳି ସ୍ଥିତିରେ କ୍ଷମତା ରାଜନୀତିର ଏହି ଗଣିତ ପ୍ରତି ସେମାନେ ବିମୁଖ ହେବା ସହ ସ୍ୱର ଉତ୍ତୋଳନ ମଧ୍ୟ କରିବେ।

ସାଂସଦଙ୍କ ବେତନ ଭତ୍ତା ସଂପର୍କରେ ସମସ୍ତେ ଅବଗତ ଥିଲେ ମଧ୍ୟ ପୁନର୍ବାର ଦର୍ଶାଇବାର ଆବଶ୍ୟକତା ରହିଛି। ଜଣେ ସାଂସଦଙ୍କ ବେତନ ମାସିକ ୧ ଲକ୍ଷ ଟଙ୍କା ହୋଇଥିଲେ ହେଁ ୭୦,୦୦୦ ଟଙ୍କା ନିର୍ବାଚନ ମଣ୍ଡଳୀ ଭତ୍ତା ଓ ୬୦ ହଜାର ଟଙ୍କା କାର୍ଯ୍ୟାଳୟ ଭତ୍ତା ମଧ୍ୟ ମିଳିଥାଏ। ହାରାହାରି ଜଣକ ପିଛା ବେତନ ଭତ୍ତା ବାବଦରେ ବାର୍ଷିକ ୨୮ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ଏସବୁ ବାଦ ସପରିବାର ୩୪ ଥର ବିନା ମୂଲ୍ୟରେ ବିମାନଯାତ୍ରା, ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥାରେ ରେଳଯାତ୍ରାର କୌଣସି କଟକଣା ନାହିଁ। ବିଭିନ୍ନ କ୍ଷେତ୍ରରେ ସ୍ୱତନ୍ତ୍ର ରିହାତି ଓ ସଂସଦରେ ଦିନ ପିଛା ୨ ହଜାର ଟଙ୍କା, ସାଙ୍ଗକୁ ରାଜଧାନୀ ଦିଲ୍ଲୀରେ ବାସଗୃହର ବ୍ୟୟଭାର ସରକାରଙ୍କୁ ବହନ କରିବାକୁ ପଡ଼ିଥାଏ। ସବୁଠାରୁ ଉଲ୍ଲେଖଯୋଗ୍ୟ ସେମାନଙ୍କ ଉପାର୍ଜନ ଆୟକର ମୁକ୍ତ। ଏହି ବ୍ୟୟଭାର ବର୍ଦ୍ଧିତ ସାଂସଦଙ୍କ ସଂଖ୍ୟାକୁ ହିସାବ କଲେ କେଉଁଠି ପହଞ୍ଚିବ ତାହା ସହଜରେ ଅନୁମେୟ। ଏଥିସହ ବିଭିନ୍ନ ରାଜ୍ୟର ବିଧାନସଭା ଆସନ ସଂଖ୍ୟା ମଧ୍ୟ ବଢ଼ିବ। ଏହି ବ୍ୟବସ୍ଥିତ ଗଣତନ୍ତ୍ରରେ ଅତୁଟ ଓ ଅଖଣ୍ଡ କ୍ଷମତା ହାସଲ ସକାଶେ ନିର୍ବାଚନ ମଣ୍ଡଳୀ ପୁନଃନିର୍ଦ୍ଧାରଣ ମାଧ୍ୟମରେ ଯେଉଁ ଅତିରିକ୍ତ ବ୍ୟୟଭାର ବହନ କରିବାକୁ ପଡ଼ିବ ସେ ସଂପର୍କରେ ସଚେତନ ନାଗରିକମାନେ ନିହାତି ଅବଗତ ହେବା ଜରୁରୀ।

ଚଳିତ ମାସରୁ ଦେଶରେ ଜନଗଣନା କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହି ପ୍ରକ୍ରିୟା କେବେ ଶେଷ ହେବ ତାହା ସ୍ପଷ୍ଟ ହୋଇନାହିଁ। ସରକାର କିନ୍ତୁ ୨୦୨୯ ସାଧାରଣ ନିର୍ବାଚନ ପୂର୍ବରୁ ଲୋକସଭା ଓ ବିଧାନସଭା ନିର୍ବାଚନ ମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ କାର୍ଯ୍ୟ ଶେଷ କରିବାକୁ ଚାହାନ୍ତି। ଆପାତତଃ ଜୁନମାସରୁ ଏହି ପ୍ରକ୍ରିୟା ଆରମ୍ଭ କରିବାକୁ ସ୍ଥିର ହୋଇଛି। ତେଣୁ ସମ୍ବିଧାନ ସଂଶୋଧନ ମାଧ୍ୟମରେ ସୀମା ନିର୍ଦ୍ଧାରଣ ନିମନ୍ତେ କମିଶନ ଗଠନ କରାଯିବ। ଜନଗଣନା ଓ ସୀମା ନିର୍ଦ୍ଧାରଣ ଦେଶରେ ଏକସମୟରେ ଚାଲିବ। ଆମ ଜାଣିବାରେ ଜନଗଣନା ରିପୋର୍ଟ ଆଧାରରେ ନିର୍ବାଚନ ମଣ୍ଡଳୀ ସୀମା ନିର୍ଦ୍ଧାରଣ ହେବା କଥା। କିନ୍ତୁ ସରକାରଙ୍କ କଠୋର ଆଭିମୁଖ୍ୟରୁ ଜଣାପଡୁଛି ଯେ ୨୦୧୧ ଜନଗଣନା ଦର୍ଶାଯାଇଥିବା ଜନସଂଖ୍ୟା ହିଁ ଏହାର ଭିତ୍ତିଭୂମି ହେବ। ୫୦ ପ୍ରତିଶତ ଆସନ ସଂଖ୍ୟା ବୃଦ୍ଧି ସକାଶେ ପ୍ରସ୍ତୁତ ହୋଇଥିବା ନକ୍ସା ସପକ୍ଷରେ ଏକଥା କୁହାଯାଇପାରେ କି ୧୯୭୧ ପରଠାରୁ କ୍ରମାଗତ ପ୍ରତି ଦଶ ବର୍ଷ ବ୍ୟବଧାନରେ ଜନଗଣନା ହୋଇଆସିଥିଲେ ହେଁ ସେହି ଅନୁପାତରେ ଆସନ ସଂଖ୍ୟା ବଢ଼ିନାହିଁ। ଯେଉଁ କାରଣ ଦର୍ଶାଯାଇ ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣକୁ ସ୍ଥଗିତ ରଖାଯାଇଥିଲା ତାହା ଏବେ ମଧ୍ୟ ଅପରିବର୍ତ୍ତିତ ରହିଛି। ଅତିରିକ୍ତ ଆସନ ସଂଖ୍ୟା ହାସଲ କରିବାକୁ ରାଜ୍ୟ-ରାଜ୍ୟ ମଧ୍ୟରେ ଜନସଂଖ୍ୟା ହାର ବୃଦ୍ଧି ପାଇଁ ପ୍ରତିଯୋଗିତା ହେବା ଭଳି ପରିସ୍ଥିତି ଅନ୍ତତଃ ସୃଷ୍ଟି ନ ହେଉ। ଶେଷରେ ସରକାରଙ୍କୁ ଅଧିକ ପିଲାଛୁଆଙ୍କ ପିତାମାତାଙ୍କୁ ସ୍ୱତନ୍ତ୍ର ପ୍ରୋତ୍ସାହନ ରାଶି ଦେବାକୁ ପଡ଼ିବ। ଏଭଳି ଖୁଚୁରା ରାଜନୀତି ପାଇଁ ଦେଶରେ ଜନବିସ୍ଫୋରଣ ଭଳି ପରିସ୍ଥିତି ଉପୁଜିବା କିଛି ବିଚିତ୍ର ନୁହେଁ। ଆସନ ସଂଖ୍ୟା ବଢ଼ାଇ କ୍ଷମତା ହାସଲର ଯେଉଁ ଅଙ୍କ କଷା ଚାଲିଛି ସେଥିପାଇଁ ଦେଶକୁ ଶେଷରେ ବେଶ ମୂଲ୍ୟ ଦେବାକୁ ପଡ଼ିବ।

ସାଂପ୍ରତିକ ପରିସ୍ଥିତି ଯାହା, ସେଥିରେ ସମଗ୍ର ବିଶ୍ୱ ଗୁରୁତର ଆର୍ଥିକ ସଂକଟର ସମ୍ମୁଖୀନ ହେବାକୁ ଯାଉଛି। ତୈଳ ଓ ଗ୍ୟାସ ଖଣିରେ ନିଆଁ ଲାଗିଗଲେ ତାହା ବର୍ଷ ବର୍ଷ ଧରି ସମୟ ନେବ ଲିଭିବା ପାଇଁ। ମଧ୍ୟପ୍ରାଚ୍ୟ ଯୁଦ୍ଧ ଘୋର ଅନିଶ୍ଚିତତା ଦେଇ ଗତି କରୁଛି। ପରିବର୍ତ୍ତିତ ସ୍ଥିତି ସୁଧୁରିବାକୁ ବେଶ ସମୟ ନେବ। ଅଥଚ ଆଗ ପଛ ନ ବିଚାରି ଆମେ ଯେଉଁ କ୍ଷମତା ଗଣିତ କଷି ଚାଲିଛେ ତାହା ପାଇଁ ଅତିରିକ୍ତ ଆର୍ଥିକ ବିପର୍ଯ୍ୟୟ ସମ୍ମୁଖୀନ ହେବା ହିଁ ସାର ହେବ।

## ଓଡ଼ିଆ ଅସ୍ମିତା ଓ ସଙ୍ଗୀତ ଜଗତ

**ସନ୍ତୋଷ କୁମାର ଶତପଥୀ**

ସମାଜ ଓ ସାହିତ୍ୟ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ। ସମାଜର ପ୍ରତ୍ୟେକ ଘଟଣା ଦୁର୍ଘଟଣା ସାହିତ୍ୟର ବିଷୟବସ୍ତୁ। ସାହିତ୍ୟରେ ପ୍ରତିଫଳିତ କ୍ଷୁଦ୍ରାତିକ୍ଷୁଦ୍ର ତଥା ସୂକ୍ଷ୍ମ ରଚନା ମଧ୍ୟ ଯୁଗ ଯୁଗ ପାଇଁ ସମୟର ବୈଶିଷ୍ଟ୍ୟକୁ ପ୍ରତିପାଦିତ କରିଥାଏ। ତେଣୁ ସାହିତ୍ୟ ରଚନାକୁ ନିଷ୍ଠାର ସହିତ ସମ୍ପାଦନା କରିବା ଗୋଟିଏ ଜାତିର ନୈତିକ ଧର୍ମ। ସାହିତ୍ୟ ପ୍ରଣେତା ନିଜର କଲମକୁ ଏତିକି ମାତ୍ରାରେ ସଚେତନ କରିବା ଉଚିତ ଯେ ତାହା ଯେପରି ସାହିତ୍ୟର ମର୍ଯ୍ୟାଦାକୁ କ୍ଷୁଣ୍ଣ ନ କରେ ଅଥବା ଜାତିର ଗରିମାକୁ କ୍ଷୁବ୍ଧ ନ କରେ। ଓଡ଼ିଆ ଭଳି ଏକ ଗୌରବପୂର୍ଣ୍ଣ ଶାସ୍ତ୍ରୀୟସମ୍ପନ୍ନ ଭାଷାକୁ କଳୁଷିତ ତଥା ଅଶୋଭନୀୟ ଭାବେ ପ୍ରତିପାଦନ କରିବା ଅଧିକାର ଏହି ଜାତି କାହାରିକୁ ଦେଇ ନାହିଁ। ତେଣୁ ସାହିତ୍ୟର ପ୍ରତ୍ୟେକ କ୍ଷେତ୍ରକୁ ଯଥା କାବ୍ୟକବିତା, ଗଳ୍ପ, ଉପନ୍ୟାସ, ପ୍ରଚ୍ଛଦପଟ କାହାଣୀ, ଯାତ୍ରା ଜଗତ, ଚଳଚ୍ଚିତ୍ର ଜଗତ କିମ୍ବା ସଂଗୀତ ଦୁନିଆ ଚିର ବୁଦ୍ଧିମନ୍ତ କରି ଆଗକୁ ବଢ଼େଇବାରେ ସାମୂହିକ ଉଦ୍ୟମ ଓଡ଼ିଆ ବରପୁତ୍ରମାନେ କରିଯାଇଛନ୍ତି। ଏଣୁ ଓଡ଼ିଆ ଏକ ସମୃଦ୍ଧ ଭାଷାର ମୁକୁଟରେ ଶୋଭିତ।

ଓଡ଼ିଆ ସିନେଜଗତର ପ୍ରଥମ ସୂର୍ଯ୍ୟୋଦୟ ୧୯୩୬ ମସିହାର 'ସୀତା ବିବାହ' ସିନେମାରୁ ଆରମ୍ଭ ହୋଇଥିଲା। ତା'ପରେ ପୁନରୁଜୀବନ ଓ ବିକାଶ ଯୁଗ(୧୯୪୯- ୧୯୫୦) ଆସିଥିଲା। ୧୯୭୦ ରୁ ୧୯୮୦ ଥିଲା ଓଡ଼ିଆ ସିନେଜଗତର ସ୍ୱର୍ଣ୍ଣିମ ଯୁଗ। ୧୯୯୦ ରୁ ୨୦୦୦ ଥିଲା ଓଡ଼ିଆ ସିନେମାର ବାଣିଜ୍ୟିକ ଯୁଗ। ୨୦୦୦ ରୁ ଅଦ୍ୟାବଧି ଆଧୁନିକ ଯୁଗ ବୋଲି ଧରାଯାଏ। ଏହି ସମସ୍ତ ଯୁଗରେ ସିନେମା ସହ ଅନେକ ଆଧୁନିକ ଗୀତର ଭାଷା ଓ ସଂସ୍କୃତି କେବେବି କାହାକୁ ନିରାଶ କରି ନ ଥିଲା। ଅତୀତର କିମ୍ବଦନ୍ତୀ ଓଡ଼ିଆ ସଂଗୀତକାର, ଗୀତିକାରଙ୍କ ପଦବିନ୍ୟାସ, ଶବ୍ଦ ସଂଯୋଜନା ଓଡ଼ିଆ ଅସ୍ମିତାର ପରିଭାଷାକୁ ପରିଚୟ ପ୍ରଦାନ କରେ। ସେହିପରି ଅନେକ ଅଣଓଡ଼ିଆଙ୍କ ଉତ୍ସର୍ଗ ବି ଭୁଲି ହୁଏନା। ସେମାନଙ୍କ ଓଡ଼ିଆ ଶବ୍ଦ, ବୋଲି, ଗୀତଶୈଳୀ, ପରିବେଷଣ କଳା ନିଶ୍ଚୟ ଅନନ୍ୟ। ଅପରପାର୍ଶ୍ୱରେ, ଆଜିର କିଛି କିଛି ବିକୃତ ଓ ଦ୍ୱିଅର୍ଥବୋଧକ ଅଶାଳୀନ ଗୀତ ଓଡ଼ିଆ ଭାଷାକୁ ଦୁର୍ଦ୍ଦଶାର ଦ୍ୱାରଦେଶକୁ ଠେଲି ନେବାର ଭୟ ସଂଚାର କରୁଛି।

ତେଣୁ ଆଜି ପ୍ରଶ୍ନ ଉଠେ, ଏହି ଭାଷା ଓ ସମାଜର ଆମେ ଉପଯୁକ୍ତ ଦାୟାଦ କି? ଯଦି ହଁ, ତେବେ କାହିଁକି ଆମେ ଅରୁଚି, ଅଶ୍ରାବ୍ୟ, ଅସଭ୍ୟ, ଅକୁହା ଇତ୍ୟାଦି ଶବ୍ଦକୁ ଆଲବମ ଓ ଯାତ୍ରାଜଗତରେ ପ୍ରଶୟ ଦେଉଛନ୍ତି? କହିବାକୁ ଗଲେ ବିଂଶଶତାବ୍ଦୀର ଶେଷ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟ ଜଗତରେ ଏମିତି କିଛି ଅଶାଳୀନ ବା ଅଶ୍ଳୀଳ ଭାଷା ପ୍ରୟୋଗର ପ୍ରମାଣ ନାହିଁ। ଅଧୁନା କିଛି ଆଲବମ ଓ କିଛି ଯାତ୍ରା ଜଗତର ଭାଷା ଓ ପରିବେଷଣ ଶୈଳୀ ଓଡ଼ିଆ ଭାଷା, ପ୍ରଚଳିତ ସମାଜ, ସଭ୍ୟତା ଓ ସାହିତ୍ୟକୁ କ୍ଷୁଣ୍ଣ କରୁଛି।

ପାଖାପାଖି ବିଂଶ ଶତାବ୍ଦୀର ଶେଷଦଶନ୍ଧି ଏବଂ ଏକବିଂଶ ଶତାବ୍ଦୀର ପ୍ରାରମ୍ଭରୁ ଯୁଗ ଓ ଜୀବନର ରୁଚି କିଛି ଅଲଗା ଥିଲା। ଏହି ଯୁଗରେ ଥିଲା ଓଡ଼ିଆ ଆଧୁନିକ ଗୀତର ଆଧିପତ୍ୟ। ଅନେକ ଗୀତିକାର ଓ ସଂଗୀତକାରଙ୍କ ଆଧୁନିକ ଗୀତର କ୍ୟାସେଟ ବଜାରରେ ଲୋକପ୍ରିୟତା ଆଣିଦେଇଥିଲା। ଓଡ଼ିଆ ଘରେ ଘରେ ମଧ୍ୟ ଏହି ଗୀତଗୁଡ଼ିକର ଚାହିଦା ବେଶ ଅନୁଭୂତ ହୋଇଥାଏ। ଓଡ଼ିଆ ଆଧୁନିକ ସଂଗୀତ ଜଗତର ତତ୍କାଳୀନ ସମସ୍ତ ସ୍ରଷ୍ଟା ଓ ଶିଳ୍ପୀ ସମସାମୟିକ ଓଡ଼ିଆ ନମ୍ରତା, ଶିଷ୍ଟାଚାର ଓ ଭଦ୍ରାମି ଧାରା ଆପଣେଇ ଥିଲେ। ଓଡ଼ିଆ ଗୀତର ପ୍ରତିଟି ଶବ୍ଦକୁ ଜାତି ଆଧାରରେ ସମ୍ମାନ ଦେଇ ଆସିଥିଲେ। ଏଥିସହିତ ଓଡ଼ିଆ ଫିଲ୍ମ ବା ସିନେ ଜଗତର ସାହିତ୍ୟ, ଭାଷା, ଶୈଳୀ, ବର୍ଣ୍ଣନା ଓ ଭାବର ଅନେକ ଗୁଣକୁ ଏମାନେ ଅନୁକରଣ କରୁଥିଲେ।

ଏହା ପରେ ପରେ ଆସିଲା ଆଲବମର ଯୁଗ, ଯାହା ତା'ର କାୟା ଆଜିପର୍ଯ୍ୟନ୍ତ ବିସ୍ତାର କରିଥିଲେ ହେଁ କିଛି ନିର୍ଦ୍ଦିଷ୍ଟ ଗୀତରେ କେଉଁଠି ନା କେଉଁଠି ବ୍ୟବହାର୍ଯ୍ୟ ଭାଷା ପ୍ରତି ସମ୍ମାନର ଅଭାବ ଓ ଅଶ୍ରାବ୍ୟ ପଦର ଚିହ୍ନ ରହିଯାଉଛି। ଇଲେକ୍ଟ୍ରୋନିକ କମ୍ପୋଜ ନାମରେ ନାମିତ ରିମିକ୍ସ, ରିମେକ, ଡିଜେ, ଝଙ୍କାରବିଟ ଇତ୍ୟାଦିର ମାତ୍ରାଧିକ ଶବ୍ଦ କଣ୍ଠଶିଳ୍ପୀଙ୍କ ସୁନ୍ଦର ତାନ ଓ ଗାନକୁ କଣ୍ଠରୋଧ କରିଚାଲିଛି। ଆଲବମ ଯୁଗର ଗୀତିକାର ଅନେକ ଗୀତରଚନା କରିବାରେ ସଫଳ ହେଇଛନ୍ତି ସତ; କିନ୍ତୁ କିଛି କିଛି ଗୀତର ବୋଲ, ଶବ୍ଦ ସଂଯୋଜନା, ଶୈଳୀ, ଭାବ ଓ ଅଶ୍ଳୀଳ ଇଙ୍ଗିତ ପ୍ରତି ଧ୍ୟାନ ଦେବାରେ ବିଫଳ ହେବାର କଥା ପ୍ରାୟ ସମସ୍ତଙ୍କୁ ଜଣା। ଆଲବମ ଯୁଗର ଅନେକ ନୂତନ ଗାୟକ ଗାୟିକା ଆଜି ଅଜାଗ୍ରତ କି ନିଃସହାୟ ଏ କଥା ବାରି ହେଉ ନାହିଁ! ମନରେ ପ୍ରଶ୍ନ ଉଙ୍କି ମାରେ, କାଳେ ଏମାନେ ନିଜକୁ ଓଡ଼ିଆ ମାଟିରେ ପରିଚୟ କରିବା ଆଳରେ ଏବଂ କିଛି ବୃତ୍ତିଧାରୀ ନିଜକୁ ପ୍ରତିଷ୍ଠା ଆଶାରେ ଅଗ୍ରହଣୀୟ ପଦକୁ ଗାଇବାରେ କୁଣ୍ଠାବୋଧ କରୁନାହାନ୍ତି କି?

ଯୁଗ ବି ବିଚିତ୍ର! ଉନ୍ନତ ବୈଷୟିକ ଜ୍ଞାନକୌଶଳ, ଯନ୍ତ୍ରକୌଶଳ, ପ୍ରଯୁକ୍ତିବିଦ୍ୟାର ପ୍ରସାରଣ ତଥା ଟେଲିଭିଜନ, ମୋବାଇଲ, ଇଣ୍ଟେନେଟ୍‌ର ଉପଲବ୍ଧ; ଶିକ୍ଷା ଓ ଗବେଷଣାକୁ ଯେତିକି ବେଗରେ ନେଇଚାଲିଛି, ସେତିକିମାତ୍ରାରେ ପ୍ରାନ୍ତୀୟ ଭାଷାକୁ ଅପମିଶ୍ରିତ ଓ ଅପଭ୍ରଂଶ କରିଚାଲିଛି। ଓଡ଼ିଆ ଭାଷାରେ ଇଂରାଜୀ, ହିନ୍ଦୀ ଓ କିଛି ପଡ଼ୋଶୀ ରାଜ୍ୟର ଭାଷାକୁ ମିଶ୍ରଣ କରି ରୂପାନ୍ତରଣ ଭାଷା ରୂପେ ବ୍ୟବହାର କରି ଏହାର ଶାସ୍ତ୍ରୀୟତା ନିଷ୍ଠାକୁ ବିକୃତ କରିବାକୁ ପଛାଉ ନାହାନ୍ତି କିଛି ବ୍ୟକ୍ତି। ଏହାକୁ ସମସ୍ତେ ଜାଣି ମଧ୍ୟ ଅସହାୟ ମଣନ୍ତି। କାରଣ ଏସବୁ ପରିବର୍ତ୍ତନ ଏତେ ପ୍ରିୟ ଯେ ଏହାକୁ ନିୟନ୍ତ୍ରଣ କରିବା ଚିନ୍ତାଜନକ ହୋଇପଡ଼େ।

ଆମ ମାତୃଭାଷାକୁ ଆଉ ଅସଂଯତ ବା ଉପେକ୍ଷା କରା ନ ଯାଉ। ଦୁଃଖର ସହ କାହାରିକୁ କହିବାକୁ ନ ପଡୁ ଯେ କିଛି ଓଡ଼ିଆ ଆଲବମ ଗୀତର ଭାଷା ଓ ପରିବେଷଣ ଶୈଳୀ ଯୋଗୁଁ ଏହା ଆଜି ଅଶ୍ରାବ୍ୟ ବା ସପରିବାରେ ଶୁଣିବାରେ ଅଯୋଗ୍ୟ ଓ ଦ୍ୱିଧା ଲାଗେ। ଠିକ ତା' ଢଙ୍ଗରେ କିଛି ନିର୍ଦ୍ଦିଷ୍ଟ ଯାତ୍ରାଶିଳ୍ପୀଙ୍କ ଭାଷା ଓ ପରିବେଷଣ ଶୈଳୀ ଅଳ୍ପବୟସ୍କ କୁସଂସ୍କାରୀଙ୍କୁ ଆମୋଦପ୍ରମୋଦ ଦେଇଥିବା ବେଳେ ଅଧିକାଂଶ ଭାବବିହ୍ୱଳ ଯାତ୍ରାପ୍ରେମୀଙ୍କୁ ନିରାଶ କରିବାର ଚିତ୍ର ସାମ୍ନାକୁ ଆସୁଛି। ଅଧିକାଂଶ ଯାତ୍ରାପ୍ରେମୀ ଆଜି କ୍ଷୁବ୍ଧ ଯେ ସେମାନଙ୍କ ଭାଷାରେ ବିଗତ ଦଶନ୍ଧିମାନଙ୍କର ସାମାଜିକ ଚିତ୍ରଣ, ସଂସ୍କାରପୂର୍ଣ୍ଣ, ସୂଚନାପ୍ରଦ, ଜ୍ଞାନବର୍ଦ୍ଧକ ଓ ତଥ୍ୟଭିତ୍ତିକ ଯାତ୍ରା ଆଜି ସମାଜରୁ ଉଭାନ ହେଇ ଚାଲିଛି। ଏହାଯେ ପୁନର୍ବାର ଫେରିଆସିବ, ଏହି ଆଶା କ୍ଷୀଣ। ଆମେ ଓଡ଼ିଆ ଓ ଆମେ ସଂସ୍କାରୀ। ଆମ ଜାତି ଆମକୁ ଚିହ୍ନା ଓ ଜଣା। ଅଚିହ୍ନା, ଅଜଣା, ଛୋଟ ଅବା ବଡ଼ ସମସ୍ତେ ସମସ୍ତଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାଷା ବ୍ୟବହାର କରିବାର ଶିଷ୍ଟତା ଆମେ ଶିଖିଛୁ। ଓଡ଼ିଆ ସମାଜରେ ଅଶାଳୀନ, ଅଶିଷ୍ଟ ଓ ଇତର ଭାଷା ପ୍ରୟୋଗ ଆଦୌ ଗ୍ରହଣୀୟ ନୁହେଁ। ଓଡ଼ିଆ ସଂଗୀତ ଜଗତରେ ନିଜର ପରିଚୟ ପାଇଁ ଗଭୀର ଇଚ୍ଛା ଏବଂ ରାତାରାତି ଖ୍ୟାତିସମ୍ପନ୍ନ ହେବା ଆଶାରେ ଆଲବମ ଗୀତିକାର ସଂଗୀତକାର ଓ ଶିଳ୍ପୀ ଗୀତର ବୋଲ ବା ଗୀତର ଶବ୍ଦରେ ସମ୍ମାନର ସୂଚକକୁ ଭୁଲି ନ ଯାଆନ୍ତୁ।

ନିକଟରେ ବିହାର ସରକାର ଏପରି ଦ୍ୱିଅର୍ଥବୋଧକ ଅଶାଳୀନ ଅଶ୍ଳୀଳ ପଦବିନ୍ୟାସ ଗୀତ ରଚନା ତଥା ସାର୍ବଜନିକ ସ୍ଥାନମାନଙ୍କରେ ଶୁଣାଇବା ବା ଶୁଣିବା ନିଷିଦ୍ଧ ଓ ବେଆଇନ ଘୋଷଣା କରିଛନ୍ତି। ସେହିପରି ହରିୟାନାର ଆଦିତ୍ୟ ପ୍ରତୀକ ସିଂ ସିସୋଡିଆ (ବାଦଶାହ)ଙ୍କୁ 'ତତିରେ' ମ୍ୟୁଜିକ ଆଲବମର ଅସଂଯତ ପଦବିନ୍ୟାସ ଓ ଶୈଳୀ ପାଇଁ ଆଇନଗତ କାର୍ଯ୍ୟାନୁଷ୍ଠାନର ସାମ୍ନା କରିବାକୁ ପଡ଼ିଛି। ଯଦି ସମସ୍ତ ଓଡ଼ିଆ ଭାଷା ସଂଗଠନ, ସରକାରଙ୍କ ସୂଚନା ପ୍ରସାରଣ ଓ ଲୋକସମ୍ପର୍କ ବିଭାଗ, ଓଡ଼ିଆ ଚଳଚ୍ଚିତ୍ର ଓ ଦୂରଦର୍ଶନ ଏବଂ ସମସ୍ତ ଭାଷାପ୍ରେମୀ ନାଗରିକ, ବୁଦ୍ଧିଜୀବୀ ଆନ୍ତରିକତା ସହ ବିହିତ ପଦକ୍ଷେପ ଗ୍ରହଣ କରନ୍ତି ତା' ହେଲେ ଭୁଲକୁ ସଂଶୋଧନ କରାଯାଇପାରେ। ଏପରି ଛୋଟ ଛୋଟ ସଂଶୋଧନ ହିଁ ଓଡ଼ିଆ ଅସ୍ମିତାକୁ ସମୃଦ୍ଧ କରିପାରିବ।

ପାରଳାଖେମୁଣ୍ଡି, ମୋ: ୯୦୯୦୭୬୯୭୮୯

## ତିରୁପତିରେ ଓଡ଼ିଆ

**ଡ. ଭାରତ ଭୂଷଣ ରଥ**

ସ୍ୱତନ୍ତ୍ର ଉତ୍କଳପ୍ରଦେଶ ଗଠନ ହେବା ପରେ ଉତ୍କଳର ପ୍ରତିଟି ଜନତା ନିଜ ଜନ୍ମଭୂମିର ସମ୍ମାନ ପାଇଁ ଚେଷ୍ଟା କରିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଓଡ଼ିଶାର କଳା, ସଂସ୍କୃତି ଓ ସାହିତ୍ୟକୁ ଓଡ଼ିଆମାନେ ବିଶ୍ୱବ୍ୟାପୀ କରିବାରେ ପଛଘୁଞ୍ଚା ଦେଇନାହାନ୍ତି। ସେହିଧାରାରେ ଓଡ଼ିଶାଠାରୁ ସହସ୍ରାଧିକ କିଲୋମିଟର ଦୂର ଆନ୍ଧ୍ରପ୍ରଦେଶର ତିରୁପତିଠାରେ ଓଡ଼ିଶାର ବିଜୟବାନା ପ୍ରବାହିତ ହେଉଛି। ତିରୁପତି ହେଉଛି କଳିଯୁଗ ପ୍ରତ୍ୟକ୍ଷ ଦେବତା ଶ୍ରୀଭେଙ୍କଟେଶ୍ୱରଙ୍କର କ୍ଷେତ୍ର। ଏହିଠାରେ ବରାହାବତାରରେ ଭଗବାନ୍ ବିଷ୍ଣୁ ପୃଥିବୀକୁ ଉଦ୍ଧାର କରିଥିବାର ଶାସ୍ତ୍ରୀୟ ପ୍ରମାଣ ଉପଲବ୍ଧ। ତେଣୁ ଏହି କ୍ଷେତ୍ରକୁ ବରାହକ୍ଷେତ୍ରର ମାନ୍ୟତା ଦିଆଯାଇଛି। ଏହି କ୍ଷେତ୍ରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ସଂସ୍କୃତିର ପ୍ରଚାରପ୍ରସାର ଭବ୍ୟ ରୂପରେ ହେଉଛି। ଏକଦା ଓଡ଼ିଶାର ଗଜପତି କାଞ୍ଚି ଅଭିଯାନ କରି ତତ୍କାଳୀନ ଓଡ଼ିଶାର ସମ୍ମାନ ବୃଦ୍ଧି କରିଥିଲେ। ଏହିକ୍ରମରେ ଆଜି ମଧ୍ୟ ଓଡ଼ିଶାର ଅନେକ ସନ୍ତାନସନ୍ତତି ନିଜ ଜନ୍ମଭୂମିର ନାମ ସାର୍ଥକ କରି ତିରୁପତିରେ ଓଡ଼ିଶା ସଂସ୍କୃତିକୁ ପ୍ରତିସ୍ଥାପିତ କରିପାରିଛନ୍ତି।

ଏହି ଦିବ୍ୟକ୍ଷେତ୍ରରେ ସ୍ଥାପିତ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଭବ୍ୟ ପରିସର ଓଡ଼ିଶା ପାଇଁ ଏକ ଗୌରବମୟ ସ୍ଥାନ ନିଶ୍ଚୟ। ଏହି ପରିସରର ଉତ୍କଳ ପୀଠ ଆମ ରାଜ୍ୟର ଗୌରବଗାଥାର ଅନ୍ୟ ଏକ କିମ୍ବଦନ୍ତୀ। ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ସଂକଳ୍ପ ନେଇଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ସଂସ୍କୃତି ଓ ସାହିତ୍ୟ ଦିଗନ୍ତବିସ୍ତାରୀ ହେଉ। ଏହି ଲକ୍ଷ୍ୟ ନେଇ ସେ ବିଦ୍ୱାନମାନଙ୍କର ପରାମର୍ଶରୁ ଜାଣିପାରିଲେ ତିରୁପତି ଶ୍ରୀଭେଙ୍କଟେଶ୍ୱରକ୍ଷେତ୍ରରେ ଭାରତ ସରକାରଙ୍କ ଦ୍ୱାରା ୧୯୫୭ ମସିହାରେ ପ୍ରତିଷ୍ଠାପିତ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଏକ ବିଶେଷ ଶାସ୍ତ୍ର ଅଧ୍ୟୟନ କେନ୍ଦ୍ରର ମାନ୍ୟତା ପାଇ ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଅନେକ ବର୍ଷ ଧରି ଭାରତୀୟ ଓ ବୈଦେଶିକ ଛାତ୍ରଛାତ୍ରୀମାନେ ଏହି ବିଶ୍ୱବିଦ୍ୟାଳୟରେ ସାକ୍ଷାତ୍ ଏବଂ ଦୂର ତଥା ଆଭାଷୀ ଶିକ୍ଷା କେନ୍ଦ୍ର ଦ୍ୱାରା ଅଧ୍ୟୟନରତ। ବିଶ୍ୱବିଦ୍ୟାଳୟର ମହତ୍ତ୍ୱ ଅବଗତ ହେଲା ପରେ ତତ୍କାଳୀନ ଓଡ଼ିଶା ସରକାର ଧନରାଶି ପ୍ରଦାନ କରି ଏହି ବିଶ୍ୱବିଦ୍ୟାଳୟ ପରିସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ସଂସ୍କୃତି, କବି ଜୟଦେବ ପ୍ରଣୀତ ଶ୍ରୀଗୀତଗୋବିନ୍ଦ ସାହିତ୍ୟ ଏବଂ ଶ୍ରୀଜଗନ୍ନାଥଙ୍କର ପରମ ଭକ୍ତ ଶ୍ରୀଚୈତନ୍ୟଙ୍କର ଦର୍ଶନ ଉପରେ ବିଶେଷ ଗବେଷଣା କରି ଓଡ଼ିଶାର ସଂସ୍କୃତିକୁ ବିଶ୍ୱସ୍ତରୀୟ କରିବା ପାଇଁ ପଦକ୍ଷେପ ନେଇଥିଲେ। ଓଡ଼ିଶା ସରକାର ପ୍ରଦାନ କରିଥିବା ଧନରାଶି ମୂଳ ପାଣ୍ଠି ଭାବରେ ସୁରକ୍ଷିତ ଅଛି ଏବଂ ତାହାର ବ୍ୟାଙ୍କ ସୁଧ ଟଙ୍କାରେ ଗବେଷଣା କାର୍ଯ୍ୟ ସୁଚାରୁ ସମ୍ପାଦନ ହେଉଛି।

'ଉତ୍କଳ ପୀଠ' ବା 'ଓଡ଼ିଶା ଚେୟାର' ନାମରେ ସ୍ଥାପିତ ଏହି ବିଶେଷ ଗବେଷଣା ଅନୁଷ୍ଠାନ ଶ୍ରୀଜଗନ୍ନାଥ, ଜୟଦେବ ଓ ଚୈତନ୍ୟଙ୍କର ବୈଭବକୁ ନେଇ ଅନେକ ଦୁର୍ଲଭ ତାଳପତ୍ର ପୋଥି ପ୍ରକାଶନ କରିବା ସହିତ ପ୍ରତିବର୍ଷ ଜାତୀୟସ୍ତରରେ ସମ୍ମାନ ଓ ବ୍ୟାଖ୍ୟାନମାଳାମାନ ଆୟୋଜନ କରି ବିବିଧ ଗବେଷଣା ସମ୍ବନ୍ଧ ପୁସ୍ତକ ପ୍ରକାଶନ କରିଆସୁଛି। ଶ୍ରୀଜଗନ୍ନାଥଙ୍କର ପୌରାଣିକ ସାହିତ୍ୟ, ଗୀତଗୋବିନ୍ଦର ସର୍ବାଙ୍ଗସୁନ୍ଦରୀ ଟୀକା, ଚୈତନ୍ୟଙ୍କର ଜୀବନୀ, ଓଡ଼ିଶା ଓ ଦକ୍ଷିଣ ଭାରତର ସମ୍ପର୍କ ଇତ୍ୟାଦି ଅତ୍ୟନ୍ତ ଦୁର୍ଲଭ ଗବେଷଣା କାର୍ଯ୍ୟକୁ ସଫଳତାର ସହିତ ସମ୍ପାଦନ କରିଛି। ଏହି ପୀଠର ଏକ ବୈଶିଷ୍ଟ୍ୟ ହେଉଛି ଏଠାରେ ପ୍ରତିଷ୍ଠିତ ଭବ୍ୟ ଶ୍ରୀଜଗନ୍ନାଥ ମନ୍ଦିର। ଏଠାରେ ଚତୁର୍ଦ୍ଧା ବିଗ୍ରହଙ୍କ ସହିତ ଶ୍ରୀଭେଙ୍କଟେଶ୍ୱରଙ୍କୁ ମଧ୍ୟ ଆଗମୋକ୍ତ ରୀତିରେ ପୂଜା କରାଯାଏ। ଉତ୍କଳ ପୀଠର ଶୈକ୍ଷିକ କାର୍ଯ୍ୟର ଦ୍ରୁତ ଅଗ୍ରଗତି ହେବା ସହିତ ଶ୍ରୀଜଗନ୍ନାଥ ମନ୍ଦିରରେ ନିତ୍ୟ ବେଦପାରାୟଣ ଏବଂ ପୂଜା ବିଧାନରେ ଅନେକ ସଂସ୍କାର ଆସିପାରିଛି। 'ଉତ୍କଳ ପୀଠ'କୁ ଭାରତୀୟ ଦାର୍ଶନିକ ଅନୁସନ୍ଧାନ ପରିଷଦ, ଇତିହାସ ଅନୁସନ୍ଧାନ ପରିଷଦ ଏବଂ ସରକାରୀସ୍ତରରେ ବିଶେଷ ପରିଚିତ କରାଇବାରେ ପୂର୍ବସୂରୀ ଓ ଅଧିକାରୀମାନଙ୍କର ଯୋଗଦାନ ଅବିସ୍ମରଣୀୟ।

ଏହି ବିଶ୍ୱବିଦ୍ୟାଳୟରେ ଓଡ଼ିଶାର ଛାତ୍ରଛାତ୍ରୀ ଅଧ୍ୟୟନ କରିବା ସହିତ ଓଡ଼ିଆ କର୍ମଚାରୀମାନେ ମଧ୍ୟ ନିଯୁକ୍ତି ସୁଯୋଗ ପାଇଛନ୍ତି। ସେମାନେ ଏକ ପରିବାର ସଦୃଶ ଉତ୍କଳ ପୀଠରେ ଏକତ୍ରିତ ହୋଇ ରଥଯାତ୍ରା, ଉତ୍କଳ ଦିବସ, ନୂଆଁଖାଇ, ଦୋଳପୂର୍ଣ୍ଣିମା, ହୋଲି, ଦଶହରା ଇତ୍ୟାଦି ଓଡ଼ିଶାର ପର୍ବପର୍ବାଣିକୁ ପାଳନ କରନ୍ତି। 'ଉତ୍କଳ ପୀଠ'ରେ ପ୍ରତିଷ୍ଠାପିତ ଶ୍ରୀଜଗନ୍ନାଥ ଚିତ୍ରକଳା ଗ୍ୟାଲେରୀ ମହାପ୍ରଭୁଙ୍କର ସମସ୍ତ ରୀତିନୀତି ଏବଂ ସେବାପୂଜାକୁ ସର୍ବଭାରତୀୟସ୍ତରରେ ପ୍ରସାରିତ କରୁଛି। ତିରୁପତିକୁ ନିତ୍ୟଦର୍ଶନ ପାଇଁ ଅସୁଥିବା ଭକ୍ତମାନେ ମଧ୍ୟ 'ଉତ୍କଳ ପୀଠ' ଭ୍ରମଣରେ ଆସି ପୀଠର ବୈଭବକୁ ଦର୍ଶନ କରି ଆଶ୍ଚର୍ଯ୍ୟ ହୁଅନ୍ତି। ସମ୍ପ୍ରତି 'ଉତ୍କଳ ପୀଠ' ଅନେକ ନୂତନ ଗବେଷଣାକାର୍ଯ୍ୟକୁ ହାତକୁ ନେବା ସହିତ ଶ୍ରୀଜଗନ୍ନାଥ ତତ୍ତ୍ୱର ପ୍ରଚାର ପ୍ରସାର ପାଇଁ ଶ୍ରୀଜଗନ୍ନାଥ ତତ୍ତ୍ୱସମ୍ବନ୍ଧ ପୁରାଣର ନିତ୍ୟ ପ୍ରବଚନ ଏବଂ ପାରାୟଣ କରିଆସୁଛି। ଶ୍ରୀଜଗନ୍ନାଥଙ୍କର ଐତିହ୍ୟ ଏବଂ ଶ୍ରୀମନ୍ଦିରର ସେବା ତଥା ଯାତ୍ରା ବୈଶିଷ୍ଟ୍ୟ, ଶ୍ରୀଚୈତନ୍ୟଙ୍କର ଜୀବନଦର୍ଶନ ଏବଂ ଶ୍ରୀଜୟଦେବଙ୍କର ଗୀତଗୋବିନ୍ଦର ଭକ୍ତିତତ୍ତ୍ୱ ଉପରେ ବିଶେଷ ଗବେଷଣା କରିବା ପାଇଁ ସଂକଳ୍ପ ନେଇଛି। ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଉତ୍କଳୀୟ ସଂସ୍କୃତିକୁ ନେଇ ଓଡ଼ିଶୀ ନୃତ୍ୟ, ଶାସ୍ତ୍ରୀୟ ସଂଗୀତ, ବକ୍ତୃତା ଇତ୍ୟାଦି ପ୍ରତିଯୋଗିତା ଆୟୋଜନ କରି ପୁରସ୍କାର ବିତରଣ କରିବା ସହିତ ଓଡ଼ିଶାର ସଂସ୍କୃତିକୁ ସର୍ବଭାରତୀୟ ସ୍ତରରେ ପହଞ୍ଚାଇପାରୁଛି। ଓଡ଼ିଆମାନେ ଏଠାରେ 'ଉତ୍କଳ ପରିଷଦ' ଗଠନ କରି ଓଡ଼ିଶାର କଳା ଓ ସଂସ୍କୃତିର ପ୍ରଚାରପ୍ରସାର କରନ୍ତି।

ପ୍ରତିବର୍ଷ ଉତ୍କଳ ଦିବସ ତିରୁପତିର ଉତ୍କଳୀୟମାନଙ୍କର ଏକ ଆନନ୍ଦଉଲ୍ଲାସର ପର୍ବ। ଏହିଦିନ ଦକ୍ଷିଣରାଜ୍ୟରେ ସୃଷ୍ଟି ହୁଏ ଓଡ଼ିଆର ଭାଇଚାରା। ଆଶ୍ଚର୍ଯ୍ୟ ହୁଏ ଦକ୍ଷିଣପ୍ରଦେଶ ଓଡ଼ିଶାର ଐକ୍ୟ ଏବଂ ମହନୀୟ ସଂସ୍କୃତିକୁ ଦର୍ଶନ କରି। ଓଡ଼ିଆ ଯେଉଁଠି ଥାଉ ନା କାହିଁକି 'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରିୟସୀ' ଭାବନାକୁ କେବେ ଭୁଲିପାରେନା। ତାହାର ନିଚ୍ଛକ୍ ନିଦର୍ଶନ ହେଉଛି ତିରୁପତିର ଓଡ଼ିଆ ପରିବାର।

(ନିର୍ଦ୍ଦେଶକ, ଉତ୍କଳ ପୀଠ, ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ)
ତିରୁପତି(ଆନ୍ଧ୍ରପ୍ରଦେଶ),ମୋ: ୮୮୯୭୪୨୬୨୪୩

## ଅମଡ଼ାବାଟର ଅକ୍ଳାନ୍ତ ଯାତ୍ରୀ: ବସନ୍ତକୁମାରୀ

**ସାହିତ୍ୟ ସରିତ୍**

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

'ଅମଡ଼ାବାଟ'-ଏ ଶବ୍ଦଟି ଓଡ଼ିଆ ଅଭିଧାନରେ ରହିଥିଲା। ତା' ଭିତରେ ଯେଉଁ ସାହିତ୍ୟ-ଶିଳ୍ପୀ ଅମାପଶକ୍ତି, ଅନନ୍ୟ ଆକର୍ଷଣ ଭରିଦେଲେ ସେ ହେଉଛନ୍ତି ବସନ୍ତକୁମାରୀ ପଟ୍ଟନାୟକ। ଓଡ଼ିଆ ଉପନ୍ୟାସର ନିଷ୍ଠାପର ପାଠକ ଓ ଓଡ଼ିଆ ଚଳଚ୍ଚିତ୍ରର ଦରଦୀ ଦର୍ଶକ ମାତ୍ରକେ ସେଥିପାଇଁ 'ଅମଡ଼ାବାଟ' ନାମଟି ସ୍ମରଣ କଲାମାତ୍ରକେ ସ୍ୱତଃସ୍ପନ୍ଦିତ ଓ ରୋମାଞ୍ଚିତ ହୋଇଉଠନ୍ତି। ଉପନ୍ୟାସର ନାୟିକାର ନାମ କେହି କ'ଣ ଭୁଲିଯିବା ସମ୍ଭବ? ତାର ନାଁ ଟି ସିନା 'ମାୟା'। କିନ୍ତୁ ନିରାଟ ବାସ୍ତବତା ଓ ଗଭୀର ସ୍ୱାମ୍ନାନୁଭୂତି ମଧ୍ୟରୁ ଲେଖିକା ତାହାକୁ ତୋଳି ଆଣିଛନ୍ତି ଉପନ୍ୟାସର ପୃଷ୍ଠାକୁ। ଏ ଅଭିନ୍ନ ପରିକଳ୍ପନା ହେଉଛି ଏକ ଅବିଚଳିତ ସାହସିକତା। ଏକ ଅଟଳ ନିଷ୍ପତ୍ତି। ଅନ୍ତରାତ୍ମାର କଲ୍ୟାଣକାରୀ ସଂକଳ୍ପ।

ବସନ୍ତକୁମାରୀ ନାରୀବାଦୀ ଲେଖିକା ନୁହନ୍ତି। ନାରୀ ଚେତନାର ଉତ୍ତରଣ ଅନୁସନ୍ଧାନରେ ଅନୁବ୍ରତୀ ସେ। ତାଙ୍କ ନାୟିକା କି ଚଳଚଞ୍ଚଳ, ପ୍ରଗଳଭ, ରାଗ ଅଭିମାନରେ କି ପ୍ରାଣୋଚ୍ଛଳ! କେତେ କୌତୁକ ଓ ଦୁଷ୍ଟାମିରେ ଚିତ୍ତାକର୍ଷକ ସେ! ଯାହାକୁ ଉପନ୍ୟାସର ପ୍ରଥମ ପର୍ଯ୍ୟାୟରେ ପାଠକ ଦେଖି ମୁଗ୍ଧ ହୁଏ, ପରବର୍ତ୍ତୀ ପର୍ଯ୍ୟାୟରେ ତା'ର ସେବା, ତ୍ୟାଗ, ସ୍ଥିରତା ଦେଖି ସ୍ତବ୍ଧ ହୋଇଯାଏ। ମାୟା ତା' ଜୀବନରେ ଦେଖିଛି 'କାବେରୀ' ପରି ସ୍ୱାର୍ଥାନ୍ୱେଷୀ ଭାଉଜକୁ। ନଣନ୍ଦ-ଭାଉଜଙ୍କ ମଧ୍ୟରେ ସମ୍ପର୍କ ମ୍ଳାନ ହୋଇଯାଇଛି। ଏହି ଅଭିଜ୍ଞତାରୁ ନିଜେ ସେ ବିବାହ କରିବାକୁ ଚାହିଁନି। ମାତ୍ର ପିତାମାତାଙ୍କ ମର୍ଯ୍ୟାଦା ରକ୍ଷା ପାଇଁ ସେ ବରଣ କରିନେଇଛି ବୈବାହିକ ଜୀବନ। ବିବାହ ପରବର୍ତ୍ତୀ ଜୀବନ ଯେ କେତେ କର୍ମମୟ, କଣ୍ଟକିତ, କରୁଣ! କର୍ତ୍ତବ୍ୟ ବିରୋଧର ସମ୍ମୁଖୀନ ହୋଇ କୌଣସି ନିର୍ଣ୍ଣୟ ନେବା କେତେ କଠିନ! ସମାନ ସମୟରେ ଶାଶୂ ଆଉ ବାପା ଯଦି ଅସୁସ୍ଥ ହୋଇପଡ଼ନ୍ତି କାହାର ସେବା କରିବ ସେ? କିଏ ତା' ପାଇଁ ବଡ଼?' ଏଇ ପ୍ରଶ୍ନରେ ଉପନ୍ୟାସ ଶେଷ ହୋଇଛି। ଏ ପ୍ରଶ୍ନ ପ୍ରତ୍ୟେକ ମଣିଷ ପ୍ରତି ପ୍ରଯୁଜ୍ୟ। ସେଥିପାଇଁ ଲେଖିକା ଚୂଡ଼ାନ୍ତ ନିଷ୍ପତ୍ତି ନେବାର ଦାୟିତ୍ୱ ଛାଡ଼ି ଦେଇଛନ୍ତି ପାଠକ ହାତରେ। ତେବେ ପ୍ରଶ୍ନ ମଧ୍ୟରେ ହିଁ ଉତ୍ତର ସନ୍ନିହିତ। ଚଳଚ୍ଚିତ୍ର ନିର୍ଦ୍ଦେଶକ ସେଇ ସଂକେତକୁ ବୁଝିପାରି ବୃହତ୍ତର ଦର୍ଶକ ସମାଜ ପାଇଁ ତା'ର ସୁନ୍ଦର ସମାଧାନ କରି ଦେଇଛନ୍ତି। ପତିଗୃହ ଓ ପିତୃଗୃହ ଉଭୟ ସକାଶେ ସେ ସମର୍ପିତା। ନିଜର କର୍ତ୍ତବ୍ୟ ସମ୍ପାଦନ କରିବାରେ ତା'କୁ ପଥପ୍ରଦର୍ଶନ କରିଛି ସ୍ୱକୀୟ ବିଚାରର ପରିପକ୍ୱତା। ତାହା ଚିରନ୍ତନ ପ୍ରେରଣାର ପଥ ଭାବରେ ଜ୍ୟୋତିସ୍ନାତ। ଲେଖିକା 'ଚୋରାବାଲି' ଲେଖି ମାୟା ଚରିତ୍ରକୁ କରି ଦେଇଛନ୍ତି ଆହୁରି ମହିମାଦୀପ୍ତ। ସେ ଯେଉଁ ସନ୍ତାନକୁ ଜନ୍ମ ଦେଉଛି ସେ ପୁଣି ଅନ୍ଧ! ହାୟ! ଗୋଟିଏ ପାଖରେ ତେଣୁ ଦୁର୍ଭାଗ୍ୟର ପ୍ରଚଣ୍ଡ ପ୍ରକୋପ ଏବଂ ଆଉ ଗୋଟିଏ ପାଖରେ ମାୟାର ଦୃଢ଼ ମନୋବଳ। ଲେଖିକା ପାଠକ ଭିତରେ ଏହି ଆତ୍ମବଳକୁ ଜାଗ୍ରତ କରିଦେବାରେ ହିଁ ଧ୍ୟାନସ୍ଥ।

ବସନ୍ତ କୁମାରୀ ପଟ୍ଟନାୟକ ଆହୁରି ଅନେକ ପୁସ୍ତକର ସ୍ରଷ୍ଟା। 'ସଭ୍ୟତାର ସାଜ', 'ପାଲଟା ଢେଉ', 'ଭଉଁରୀ' ଆଦି ଗଳ୍ପ ଉପନ୍ୟାସ 'ଜୁଆର ଭଟ୍ଟା', 'ମୃଗତୃଷ୍ଣା' ଏକାଙ୍କିକା ଓ 'ଚିତାନଳ' କବିତା ସଂକଳନରେ ସ୍ୱକୀୟ ଅନୁଭୂତି ଓ ଅନ୍ତଃଦୃଷ୍ଟି ତାଙ୍କର ପ୍ରକୃତରେ କି ମାର୍ମିକ! ତାଙ୍କ ଚରିତ୍ର ଯେମିତି, ଭାଷା ଓ ଶୈଳୀ ମଧ୍ୟ ସେହିପରି ମର୍ମଭେଦୀ, ସରଳ ଓ ପ୍ରାଞ୍ଜଳ। ତାଙ୍କ ସାଧନାର ଆଉ ଏକ ଗଭୀରତର ଦିଗ ହେଉଛି ଦାର୍ଶନିକ ଚିନ୍ତନ ଓ ଉପଲବ୍ଧି। ଭାରତର ସୁବିଖ୍ୟାତ ଦାର୍ଶନିକ ଜେ. କ୍ରିଷ୍ଣମୂର୍ତ୍ତିଙ୍କ ଏକାଧିକ ପୁସ୍ତକ ଓଡ଼ିଆରେ ଅନୁବାଦ କରି ସେ ସତ୍ୟାନୁସନ୍ଧାନୀ ପାଠକବର୍ଗଙ୍କ ପାଇଁ ଜୀବନକୁ ଭିନ୍ନ ଦୃଷ୍ଟିରେ ଦେଖିବାର ଆଉ ଏକ ମାର୍ଗ ଉଦ୍‌ଘାଟିତ କରି ଦେଇଛନ୍ତି। 'ଏକ ହିଁ ବିପ୍ଳବ', 'ପରିବର୍ତ୍ତନ ଏକାନ୍ତ ଜରୁରୀ' ଆଦି ଏକ୍ଷେତ୍ରରେ ଏକ ଏକ ଉଲ୍ଲେଖନୀୟ କୃତି। କ୍ରିଷ୍ଣମୂର୍ତ୍ତିଙ୍କ ଦର୍ଶନ ସାଧାରଣ ପାଠକଙ୍କ ସକାଶେ ବୋଧଗମ୍ୟ ହେଉ ନଥିବା ବେଳେ ବସନ୍ତ କୁମାରୀ ପଟ୍ଟନାୟକ ତାକୁ ସରଳ ଭାଷାରେ ଉପସ୍ଥାପନ କରିପାରିଛନ୍ତି। ପୁଣି ନିଜର ଦାର୍ଶନିକ ଓ ଆଧ୍ୟାତ୍ମିକ ଉପଲବ୍ଧି ସେ ସଂରକ୍ଷିତ ରଖି ଯାଇଛନ୍ତି 'ବାଟୋଇର ଧ୍ରୁବତାରା' ଗ୍ରନ୍ଥରେ। ନାରୀ-ପୁରୁଷ ନିର୍ବିଶେଷରେ ସେ ସମସ୍ତଙ୍କୁ ନିଜ ପାଇଁ ନିଜର ପଥ ଆବିଷ୍କାର କରିବାକୁ ପ୍ରଦର୍ଶନ କରିଦେଇ ପାରିଛନ୍ତି ସମୁଜ୍ଜ୍ୱଳ ଦୃଷ୍ଟାନ୍ତ। ଏ ପୃଥିବୀରେ ପ୍ରତ୍ୟେକଙ୍କ ବାଟ ସ୍ୱତନ୍ତ୍ର। ଅର୍ଥାତ ସବୁ ବାଟ ହେଉଛି ଅମଡ଼ାବାଟ। ନିଜ ମାର୍ଗରେ ନିଜେ ଅପୂର୍ବ ସାହସର ସହ ଅଗ୍ରସର ହେବା ପାଇଁ ବସନ୍ତ କୁମାରୀ ପଟ୍ଟନାୟକଙ୍କ ସାହିତ୍ୟର ବାର୍ତ୍ତା ହେଉଛି ଶକ୍ତିଶାଳୀ ପ୍ରେରଣାର ପରିଶୁଦ୍ଧ ଓ ପବିତ୍ର କିରଣ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ନିଯୁକ୍ତି ଦେଲେ ସରକାର

# ୨୬ରେ ବିଧାୟକ, ୪ରେ ମନ୍ତ୍ରୀ

ଭୁବନେଶ୍ୱର, ୧।୪ (ସମିସ): ରାଜ୍ୟରେ ବିଜେପି ସରକାର ଗଠନ ହେବାର ୧୯ ମାସ ପରେ ଜିଲ୍ଲା ଯୋଜନା କମିଟି(ଡିପିସି) ପୁନର୍ଗଠିତ ହୋଇଛି। ସରକାର ୩୦ଟି ଜିଲ୍ଲାରେ ଡିପିସି ଗଠନ ସହ ଏହାର ଅଧ୍ୟକ୍ଷଙ୍କୁ ନିଯୁକ୍ତି କରିଛନ୍ତି। ବିଭିନ୍ନ ଜିଲ୍ଲାର ଡିପିସି ଅଧ୍ୟକ୍ଷ ଭାବରେ ମନ୍ତ୍ରୀ ଓ ବିଧାୟକଙ୍କୁ ନିଯୁକ୍ତି ମିଳିଛି। ୪ ଜଣ ମନ୍ତ୍ରୀ ଡିପିସି ଅଧ୍ୟକ୍ଷ ହୋଇଥିବା ବେଳେ ୨୬ ଜିଲ୍ଲାରେ ବିଧାୟକ ମାନେ ଜିଲ୍ଲା ଯୋଜନା କମିଟିର ନେତୃତ୍ୱ ନେବେ। ଏନେଇ ବୁଧବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ବିଜ୍ଞପ୍ତି ଅନୁଯାୟୀ ଦେବଗଡ଼ ଜିଲ୍ଲାରେ ଡିପିସି ଅଧ୍ୟକ୍ଷ ଭାବେ ମନ୍ତ୍ରୀ ସୂରେଶ ପୂଜାରୀଙ୍କୁ ଦାୟିତ୍ୱ ମିଳିଥିବା ବେଳେ ଗଜପତିରେ ଡିସିପି ଅଧ୍ୟକ୍ଷ ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ନିଯୁକ୍ତି ମିଳିଛି। ସେହିପରି ରାୟଗଡାରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ସମ୍ବଲପୁରରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦାୟିତ୍ୱ ସମ୍ଭାଳିବେ।

**ଦେବଗଡ଼, ଗଜପତି, ରାୟଗଡା ଓ ସମ୍ବଲପୁରରେ ମନ୍ତ୍ରୀ ହେଲେ ଡିପିସି ଅଧ୍ୟକ୍ଷ**

ଅନୁଗୋଳ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ପାଲଲହଡା ବିଧାୟକ ଅଶୋକ ମହାନ୍ତିଙ୍କୁ ନିଯୁକ୍ତି ମିଳିଥିବା ବେଳେ ବଲାଙ୍ଗୀର ଜିଲ୍ଲା ପାଇଁ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ବାଲେଶ୍ୱର ଜିଲ୍ଲା ପାଇଁ ସିମୁଳିଆ ବିଧାୟକ ପ୍ରଦ୍ୟୁମ୍ନଲୋଚନ ପଣ୍ଡା, ବରଗଡ ଜିଲ୍ଲା ପାଇଁ ଅଶ୍ୱିନୀ ଷଡଙ୍ଗୀ, ଭଦ୍ରକ ଜିଲ୍ଲା ପାଇଁ ସିତାଂଶୁ ଶେଖର ମହାପାତ୍ର, ବୌଦ୍ଧ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗଙ୍କୁ ନିଯୁକ୍ତି ମିଳିଛି। କଟକ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ନିଆଳି ବିଧାୟକ ଛବି ମଲ୍ଲିକଙ୍କୁ ସରକାର ନିଯୁକ୍ତି ଦେଇଥିବା ବେଳେ, ଢେଙ୍କାନାଳ ଜିଲ୍ଲା ପାଇଁ ହିନ୍ଦୋଳ ବିଧାୟିକା ସୀମାରଣୀ ନାୟକ, ଗଞ୍ଜାମ ଜିଲ୍ଲା ଜିଲ୍ଲା ପାଇଁ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଜଗତସିଂହପୁର ଜିଲ୍ଲା ପାଇଁ ଅମରେନ୍ଦ୍ର ଦାସ, ଯାଜପୁର ଜିଲ୍ଲା ପାଇଁ କୋରେଇ ବିଧାୟକ ଆକାଶ ଦାସ ନାୟକଙ୍କୁ ନିଯୁକ୍ତି ମିଳିଛି। ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ ଝାରସୁଗୁଡା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦାୟିତ୍ୱ ମିଳିଥିବା ବେଳେ କଳାହାଣ୍ଡି ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ହୋଇଛନ୍ତି ସୁଧୀର ରଞ୍ଜନ ପାଟଯୋଶୀ। କନ୍ଧମାଳ ଜିଲ୍ଲା ପାଇଁ ବିଧାୟକ ଉମା ଚରଣ ମଲ୍ଲିକ, କେନ୍ଦ୍ରାପଡା ଜିଲ୍ଲା ପାଇଁ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, କେନ୍ଦୁଝର ଜିଲ୍ଲା ପାଇଁ ଫକୀର ମୋହନ ନାୟକଙ୍କୁ ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ଦାୟିତ୍ୱ ମିଳିଛି। ସେହିପରି ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଖୋର୍ଦ୍ଧା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ହୋଇଥିବା ବେଳେ କୋରାପୁଟ ପାଇଁ ରଘୁରାମ ମାଛ, ମାଲକାନଗିରି ଜିଲ୍ଲା ପାଇଁ ନରସିଂହ ମାଡ଼କାମୀ, ମୟୂରଭଞ୍ଜ ଜିଲ୍ଲା ପାଇଁ ଭାସ୍କର ମଢେଇ, ନବରଙ୍ଗପୁର ଜିଲ୍ଲା ପାଇଁ ଗୌରୀ ଶଙ୍କର ମାଝୀ, ନୟାଗଡ ଜିଲ୍ଲା ପାଇଁ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଜନା ବୋର୍ଡ ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି। ନୂଆପଡ଼ା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ଜୟ ଢୋଲକିଆ ମନୋନୀତ ହୋଇଥିବା ବେଳେ ପୁରୀ ଜିଲ୍ଲା ପାଇଁ ଓମ୍ ପ୍ରକାଶ ମିଶ୍ର, ସୋନପୁର ପାଇଁ ରଘୁନାଥ ଜଗଦଲା ଓ ସୁନ୍ଦରଗଡ଼ ଜିଲ୍ଲା ପାଇଁ ବିଧାୟକ ଦୁର୍ଗା ଚରଣ ତନ୍ତିଙ୍କୁ ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ଦାୟିତ୍ୱ ମିଳିଛି। ସୂଚନାଯୋଗ୍ୟ ଯେ ସୂଚନାଯୋଗ୍ୟ ଯେ ୨୦୨୪ ଜୁଲାଇ ୨୭ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲ୍ଲା ଯୋଜନା କମିଟି ବା ଡିପିସି ଭଙ୍ଗ କରିଥିଲେ। ସେବେଠାରୁ ଡିପିସି ଅଧ୍ୟକ୍ଷ ପଦ ଖାଲି ପଡ଼ିଥିଲା।

## ଭିଏଫ୍‌ଏସ୍ ଗ୍ଲୋବାଲ ଭିସା ଆବେଦନ କେନ୍ଦ୍ର ଉଦ୍‌ଘାଟିତ



ଭୁବନେଶ୍ୱର, ୧।୪(ସମିସ): ଉତ୍କଳ ଦିବସ ଅବସରରେ ବୁଧବାର ବାବା ସାହେବ ଆମ୍ବେଦକର ବସ୍ ଟର୍ମିନାଲ ବରମୁଣ୍ଡାଠାରେ ଭିଏଫ୍‌ଏସ୍ ଗ୍ଲୋବାଲ ପରିଚାଳିତ ନୂତନ ଭିସା ଆବେଦନ କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୂର୍ବରୁ ରାଜ୍ୟବାସୀଙ୍କୁ ଏହି ସେବା ପାଇଁ କୋଲକାତା ଓ ହାଇଦରାବାଦ ଉପରେ ନିର୍ଭର କରିବାକୁ ପଡୁଥିଲା। କିନ୍ତୁ ଏବେ ରାଜଧାନୀ ଭୁବନେଶ୍ୱରରେ ଏହି ସୁବିଧା ଉପଲବ୍ଧ ହୋଇପାରିବ। ଏଥିପାଇଁ ଅଧିକ ଅର୍ଥ ଓ ସମୟ ଅଧିକ ଅପଚୟ ହେଉଥିଲା। ବର୍ତ୍ତମାନ ଭିଏଫ୍‌ଏସ୍ ଗ୍ଲୋବାଲ୍ ସେଣ୍ଟର୍ ପାଇଁ ୩,୦୦୦ ବର୍ଗଫୁଟ୍ ସ୍ଥାନ ପ୍ରଦାନ କରାଯାଇଛି। ଆବଶ୍ୟକ ପଡ଼ିଲେ ଅଧିକ ସ୍ଥାନ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଏହି ଭିସା କେନ୍ଦ୍ର ୟୁନାଇଟେଡ୍ କିଙ୍ଗଡମ୍, ଆୟର୍ଲାଣ୍ଡ, ସ୍ୱିଜରଲାଣ୍ଡ, ଅଷ୍ଟ୍ରିଆ , ଜାପାନ, ମରୋକୋ, ଇଜିପ୍ଟ, ମାଲ୍‌ଟା, ଇଟାଲୀ, ଇସ୍ତୋନିଆ ଭଳି ୧୦ଟି ଦେଶକୁ ଭିସା ମିଳି ପାରିବ। ଆଗାମୀ ଦିନରେ ଅଧିକ ଦେଶକୁ ଏହି ସେବାରେ ଯୋଡ଼ାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଅଷ୍ଟ୍ରିଆ, ଇଟାଲୀ ଓ ସ୍ୱିଜରଲ୍ୟାଣ୍ଡ ଦୂତାବାସର ଭାରତରେ ଅବସ୍ଥାପିତ ଅଧିକାରୀଙ୍କ ସମେତ ଓଡ଼ିଶା ବିଧାନସଭାର ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଭିଏଫ୍‌ଏସ୍ ଗ୍ଲୋବାଲ ସାଉଥ ଏସିଆର ସିଓଓ ୟୁମି ତଲ୍‌ୱାର ପ୍ରମୁଖ ଉପସ୍ଥିତ ରହିଥିଲେ।

**ପ୍ରଥମ ପର୍ଯ୍ୟାୟରେ ୧୦ଟି ଦେଶକୁ ଭିସା ସେବା**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଅନିଶ୍ଚିତତାରେ ଯୁଦ୍ଧବିରତି...

ଦୁଇରୁ ତିନି ସପ୍ତାହ ମଧ୍ୟରେ ଇରାନ ଉପରେ ଆକ୍ରମଣ ବନ୍ଦ କରିପାରେ। ଦରକାର ପଡ଼ିଲେ ପୁଣି ଇରାନ ଉପରେ ଆକ୍ରମଣ ହେବ। ଗତକାଲି ବିଳମ୍ବିତ ରାତିରେ ହ୍ୱାଇଟ୍ ହାଉସ୍‌ରେ ଟ୍ରମ୍ପ କହିଥିଲେ ଯେ ଆମେ ଖୁବଶୀଘ୍ର ଇରାନ ଛାଡ଼ି ଚାଲିଯିବୁ। ଏହି ପ୍ରତ୍ୟାହର ପ୍ରକ୍ରିୟା ଦୁଇରୁ ୩ ସପ୍ତାହ ମଧ୍ୟରେ ହୋଇପାରେ। ଇରାନକୁ ଏଥିପାଇଁ କୌଣସି ସାମରିକ ଚୁକ୍ତି କରିବାକୁ ପଡ଼ିବ ନାହିଁ। ଆମେରିକା ଓହରିଗଲେ ଯୁଦ୍ଧ ବନ୍ଦ ହୋଇଯିବ ବୋଲି କହିଥିଲେ। ଏହାପୂର୍ବରୁ ଟ୍ରମ୍ପ ଇରାନକୁ ୧୫-ସୂତ୍ରୀ ସର୍ତ୍ତ ମାନିବାକୁ ଚେତାବନୀ ଦେଇଥିଲେ, କିନ୍ତୁ ଏବେ ସେ କହିଛନ୍ତି ଯେ ହର୍ମୁଜ ପ୍ରଣାଳୀ ଭଳି ଗୁରୁତ୍ୱପୂର୍ଣ୍ଣ ଜଳପଥର ସୁରକ୍ଷା ଦାୟିତ୍ୱ ସେହି ଦେଶମାନଙ୍କର ହେବା ଉଚିତ ଯେଉଁମାନେ ସେଠାରୁ ତେଲ ଆମଦାନୀ କରୁଛନ୍ତି। ସେ ନିଜର ୟୁରୋପୀୟ ମିତ୍ର ଦେଶଗୁଡ଼ିକୁ କହିଛନ୍ତି, ତୁମେ ନିଜେ ତୁମର ତେଲର ବ୍ୟବସ୍ଥା କର। ତେବେ ଟ୍ରମ୍ପଙ୍କ ସହ ଅସହମତି ପ୍ରକାଶ କରି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ ସ୍ପଷ୍ଟ କରିଛନ୍ତି ଯେ, ତାଙ୍କ ଦେଶ ଇରାନର ଆତଙ୍କବାଦୀ ଶାସନକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିବା ପର୍ଯ୍ୟନ୍ତ ନିଜର ସାମରିକ ଅଭିଯାନ ଜାରି ରଖିବ। ସେ ଦାବି କରିଛନ୍ତି ଯେ ଏହି ଯୁଦ୍ଧ ମଧ୍ୟପ୍ରାଚ୍ୟର ଚେହେରା ବଦଳାଇ ଦେଇଛି ଏବଂ ଇସ୍ରାଏଲ ଏବେ ଏକ ଆଞ୍ଚଳିକ ଶକ୍ତି ଭାବେ ଉଭା ହୋଇଛି। ସୂଚନାଯୋଗ୍ୟ ଯେ ଫେବୃଆରୀ ୨୮ରେ ଟ୍ରମ୍ପ ଏବଂ ନେତନ୍ୟାହୁ ଏହି ଯୁଦ୍ଧ ଆରମ୍ଭ କରିଥିଲେ, ଯେଉଁଥିରେ ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲି ଖାମନେଇଙ୍କ ମୃତ୍ୟୁ ଘଟିଥିଲା। ବିଭିନ୍ନ ରିପୋର୍ଟ ଅନୁସାରେ, ନେତନ୍ୟାହୁ ହିଁ ଟ୍ରମ୍ପଙ୍କୁ ଇରାନ ଉପରେ ଆକ୍ରମଣ କରିବା ପାଇଁ ପ୍ରବର୍ତ୍ତାଇଥିଲେ। ଖବର ଅନୁଯାୟୀ, ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସ ମଧ୍ୟ ନେତନ୍ୟାହୁଙ୍କ ଏହି ରଣନୀତି ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାକୁ ନେଇ ଆମେରିକାରେ ଟ୍ରମ୍ପ ବିରୋଧରେ ଜନମତ ତୀବ୍ର ହେବାକୁ ଲାଗିଛି।

### କାଳର କଷଟିରେ...

ବିଜୁ ବାବୁ ଆମ ପାଇଁ ସର୍ବଦା ରାଷ୍ଟ୍ରନାୟକ ରହି ଆସିଛନ୍ତି ଓ ରହିବେ। ତାଙ୍କର ବକ୍ତବ୍ୟ ଯଦି କାହାର ଭାବନାକୁ ଆଘାତ ଦେଇଥାଏ, ସେଥିପାଇଁ ମୁଁ ବିନା ସର୍ତ୍ତରେ କ୍ଷମାପ୍ରାର୍ଥନା କରୁଛି ବୋଲି ନିଶିକାନ୍ତ କହିଛନ୍ତି । ଅନୁରୂପ ଭାବରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଲେଖିଥିବା ଏକ ଚିଠିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଜୁବାବୁଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ ବିଜୁ ବାବୁ ହେଉଛନ୍ତି ଜଣେ ବହୁମୁଖୀ ବ୍ୟକ୍ତିତ୍ୱ। ତାଙ୍କ ପ୍ରତିଭା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ତାଙ୍କ ଜୀବନ ଶକ୍ତି, ସାହସ ଓ ଦେଶ ଗଠନ ପ୍ରତି ଅତୁଟ ପ୍ରତିବଦ୍ଧତାର ଏକ ଜ୍ୱଳନ୍ତ ଉଦାହରଣ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ବିଜେପି ସାଂସଦ ନିଶିକାନ୍ତ ଦୁବେ ବିଜୁଙ୍କ ସହ ଆମେରିକାର ଏକ ପ୍ରମୁଖ ଗୁଇନ୍ଦା ସଂସ୍ଥା ସିଆଇଏର ସମ୍ପର୍କ ଥିବା ନେଇ ଦେଇଥିବା ଟିପ୍ପଣୀ ଓଡ଼ିଶା ରାଜନୀତିରେ ସୃଷ୍ଟି କରିଥିଲା ଝଡ଼। ବିରୋଧୀ ଦଳ ସମେତ ବିଜେପିର ଅନେକ ନେତା ଏହାକୁ ସମାଲୋଚନା କରିଥିଲେ। ପୂର୍ବରୁ ବିଜୁ ପଟ୍ଟନାୟକ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଏକାଧିକ ବାର ପ୍ରଶଂସିତ ହୋଇଛନ୍ତି। ଦଳମତ ନିର୍ବିଶେଷରେ ବିଭିନ୍ନ ସମୟରେ ବିଜୁ ପଟ୍ଟନାୟକଙ୍କ ସାହସିକତାକୁ ପ୍ରଶଂସା କରାଯାଇଛି। ସଂସଦ ଭିତରେ ବିଜେପିର ନେତା ଏମିତି କି ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପାୟୀ ମଧ୍ୟ ବିଜୁ ପଟ୍ଟନାୟକଙ୍କୁ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ବିଭିନ୍ନ ସମୟରେ ବିଜୁଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି । ଏହି ପରିପ୍ରେକ୍ଷୀରେ ନିଶିକାନ୍ତଙ୍କ ମନ୍ତବ୍ୟକୁ ନେଇ ଓଡ଼ିଶାରୁ ଦିଲ୍ଲୀ, ସଡ଼କରୁ ସଂସଦ ପର୍ଯ୍ୟନ୍ତ ବିରୋଧ ହୋଇଥିଲା। ଓଡ଼ିଶାର କୋଣ ଅନୁକୋଣରେ ବିରୋଧ ଦିଲ୍ଲୀ ଦରବାରରେ କମ୍ପନ ସୃଷ୍ଟି ହୋଇଥିଲା। ବିଜୁ ବାବୁଙ୍କ ଭଳି ଜଣେ ମହାନାୟକଙ୍କ ସମ୍ପର୍କରେ ଦୁବେଙ୍କ ଟିପ୍ପଣୀ ବିଜେପି ପାଇଁ ସମସ୍ୟା ସୃଷ୍ଟି କରିପାରେ ବୋଲି ମଧ୍ୟ ତାଙ୍କ ଦଳ ଆଶଙ୍କା କରିଥିଲା। ଓଡ଼ିଶା ବିଜେପିର ଅନେକ ବରିଷ୍ଠ ନେତା ମଧ୍ୟ ଏହାକୁ ସହଜରେ ଗ୍ରହଣ କରିପାରିନଥିଲେ। ଓଡ଼ିଶାର ଅସ୍ମିତା ଏବଂ ବିଜୁ ବାବୁଙ୍କ ସମ୍ମାନକୁ ନେଇ ରାଜ୍ୟ ସାରା ବିରୋଧର ପ୍ରବଳ ଲହରୀ ଖେଳିଯାଇଥିଲା। ବିଜେପି ପାଇଁ ଏହା ଏକ ଅଡୁଆ ପରିସ୍ଥିତି ସୃଷ୍ଟି କରିଥିବା ବେଳେ, ଦଳର ହାଇକମାଣ୍ଡଙ୍କ ହସ୍ତକ୍ଷେପ ପରେ ଦୁବେ କ୍ଷମା ମାଗିବାକୁ ବାଧ୍ୟ ହୋଇଥିବା ଚର୍ଚ୍ଚା ହେଉଛି।

### ଓଡ଼ିଶାର ଅଛି...

ସାହସ ବିଷୟରେ ତ' ସମସ୍ତେ ଜାଣନ୍ତି । ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ନାରାୟଣ ଦେଓ, ମଧୁସୂଦନ ଦାସ, ଗୋପବନ୍ଧୁ ଦାସ, ଫକୀର ମୋହନ ସେନାପତି, ଗଙ୍ଗାଧର ମେହେର, ହରେକୃଷ୍ଣ ମହତାବ, ମାଳତୀ ଚୌଧୁରୀ, ସରଳା ଦେବୀ, ପାର୍ବତୀ ଗିରି ଏବଂ ଏପରି ଅଗଣିତ ମହାପୁରୁଷ ଆମ ଇତିହାସରେ ଏକ ଅଲିଭା ସ୍ୱାକ୍ଷର ଛାଡ଼ି ଯାଇଛନ୍ତି। ପ୍ରଧାନମନ୍ତ୍ରୀ ଭାବରେ ଶପଥ ନେବା ପରେ ଓଡ଼ିଶା ସହିତ ମୋର ଘନିଷ୍ଠ ସମ୍ପର୍କ ଜାରି ରହିଛି। ଏ ବର୍ଷ ଓଡ଼ିଶାକୁ ରେଳ ଏବଂ ସଡ଼କ ପାଇଁ ସର୍ବାଧିକ ପାଣ୍ଠି ଆବଣ୍ଟନ କରାଯାଇଛି। ୨୦୨୫-୨୬ ବର୍ଷରେ ଓଡ଼ିଶା ପାଇଁ ରେଳ ଆବଣ୍ଟନ ୧୦,୬୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏହି ପଦକ୍ଷେପ ସଂଯୋଗୀକରଣ ଏବଂ ଲଜିଷ୍ଟିକ୍ସକୁ ନୂତନ ଗତି ଦେଉଛି।

ପ୍ରଧାନମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଆମେ ବିଭିନ୍ନ ପ୍ରମୁଖ ଯୋଜନା ମାଧ୍ୟମରେ ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟର ଲୋକଙ୍କୁ ଏକ ଉନ୍ନତ ଜୀବନଯାପନ ଲାଗି ସକ୍ଷମ କରିବା ଦିଗରେ କାର୍ଯ୍ୟ କରିଛୁ। କେନ୍ଦ୍ରର ଏନଡିଏ ସରକାର ବନ୍ଦର ଆଧାରିତ ବିକାଶ ମାଧ୍ୟମରେ ଓଡ଼ିଶାକୁ ଏକ ପ୍ରମୁଖ ସାମୁଦ୍ରିକ ଏବଂ ଶିଳ୍ପଭିତ୍ତିକ ରାଜ୍ୟ ଭାବରେ ବିକଶିତ ହେବା ଲାଗି ସମର୍ଥନ କରୁଛି। ଏଥିରେ ପାରାଦୀପ ଚାରିପାଖରେ ଶିଳ୍ପ ଅନୁକୂଳ ପରିବେଶର ବିକାଶ, ପାରାଦୀପ ଓ ଗୋପାଳପୁରରେ ପ୍ରସ୍ତାବିତ ଏଲଏନଜି ଟର୍ମିନାଲ ଏବଂ ବାହୁଦା ବନ୍ଦର ତଥା ମହାନଦୀରେ ନଦୀ ଆଧାରିତ ଜାହାଜ ନିର୍ମାଣ ଓ ବନ୍ଦର ଭଳି ପ୍ରକଳ୍ପର ବ୍ୟାପକ ସମ୍ଭାବନା ଅନ୍ତର୍ଭୁକ୍ତ। ପ୍ରସ୍ତାବିତ ସ୍ୱତନ୍ତ୍ର ରେୟାର ଆର୍ଥ କରିଡର ସହିତ ଏକ ଘରୋଇ ରେୟାର ଆର୍ଥ ସ୍ଥାୟୀ ଚୁମ୍ବକ ଉତ୍ପାଦନ ଇକୋସିଷ୍ଟମ ନିର୍ମାଣ ପାଇଁ ଅନୁମୋଦିତ ଯୋଜନା, ରଣନୀତିକ ଖଣିଜ ଓ ଅତ୍ୟାଧୁନିକ ଉତ୍ପାଦନରେ ଓଡ଼ିଶାର ଭୂମିକାକୁ ଆହୁରି ସୁଦୃଢ଼ କରିବ। ଭାରତର ସେମିକଣ୍ଡକ୍ଟର ଶିଳ୍ପ ଯାତ୍ରାରେ ଓଡ଼ିଶା ମଧ୍ୟ ଏକ ସମ୍ଭାବନାପୂର୍ଣ୍ଣ ଗନ୍ତବ୍ୟସ୍ଥଳ ଭାବରେ ଉଭା ହେଉଛି। ବାମପନ୍ଥୀ ଉଗ୍ରବାଦୀଙ୍କ ହିଂସା ଓଡ଼ିଶାର ବିକାଶ ପଥକୁ ମନ୍ଥର କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଗତ ଦୁଇ ବର୍ଷ ଧରି ଆପଣ ଏବଂ ଓଡ଼ିଶା ସରକାର ଯେଉଁ ଅସାଧାରଣ କାର୍ଯ୍ୟ କରିଛନ୍ତି ତାହାକୁ ମୁଁ ଉଚ୍ଚ ପ୍ରଶଂସା କରୁଛି। ସୁଭଦ୍ରା ଯୋଜନା ମହିଳା ସଶକ୍ତିକରଣର ଏକ ପ୍ରମୁଖ ଉପକରଣ ଭାବରେ ଉଭା ହୋଇଛି। ଲକ୍ଷପତି ଦିଦି ସୃଷ୍ଟି କରିବାରେ ଏକ ଅଗ୍ରଣୀ ରାଜ୍ୟ ହୋଇଥିବାରୁ ମୁଁ ଓଡ଼ିଶାକୁ ପ୍ରଶଂସା କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଓଡ଼ିଶାର ଶିଳ୍ପ ପ୍ରଗତି ମଧ୍ୟ ଅନୁରୂପ ଭାବରେ ଉତ୍ସାହଜନକ। କେନ୍ଦ୍ର ଯେଉଁ କ୍ଷେତ୍ରଗୁଡ଼ିକରେ ଓଡ଼ିଶାକୁ ସମର୍ଥନ ଜାରି ରଖିବ ସେଥିମଧ୍ୟରୁ ଗୋଟିଏ ହେଉଛି କ୍ରୀଡା ଏବଂ ଯୁବ ସଶକ୍ତିକରଣ। ୨୦୨୮ ବିଶ୍ୱ ଆଥଲେଟିକ୍ସ ଇଣ୍ଡୋର ଚାମ୍ପିଅନସିପ୍ ଆୟୋଜନ ପାଇଁ ଓଡ଼ିଶାକୁ ମନୋନୀତ କରାଯିବା ସମଗ୍ର ଦେଶ ପାଇଁ ଗର୍ବର ବିଷୟ। ଏପରି କ୍ରୀଡା ପ୍ରତିଯୋଗିତାଗୁଡ଼ିକ ବିଶ୍ୱ ସମ୍ମୁଖରେ ଓଡ଼ିଶାର ଶକ୍ତି ଏବଂ ସମ୍ଭାବନାକୁ ପ୍ରଦର୍ଶିତ କରିବ। ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶାର ସହଭାଗୀ ସଂକଳ୍ପ ହାସଲ ଦିଗରେ ଆଗକୁ ବଢ଼ିବା ପାଇଁ ଭାରତ ସରକାର ସର୍ବଦା ଓଡ଼ିଶା ସହିତ କାନ୍ଧକୁ କାନ୍ଧ ମିଶାଇ ଛିଡ଼ାହେବେ ବୋଲି ପ୍ରଧାନମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି।

### ବଢ଼ିବ ବଜେଟ...

ଖୁବଶୀଘ୍ର କଂଗ୍ରେସ ଏବଂ ଟିଏମ୍‌ସି ନେତାମାନଙ୍କ ସହିତ ଆଲୋଚନା କରିବେ ବୋଲି ଜଣାପଡ଼ିଛି।

ସଂସଦ ସହିତ ରାଜ୍ୟ ବିଧାନସଭାରେ ମଧ୍ୟ ଏହି ପ୍ରକ୍ରିୟା ଚାଲିବ। ମହିଳା ବିଲ୍ ପାଇଁ ସମ୍ବିଧାନ ।।ରେ ସଂଶୋଧନ ଆବଶ୍ୟକ ଥିବା ବେଳେ ସାଧାରଣ ବିଲ୍ ଦ୍ୱାରା ଲୋକସଭା ଅସନ ସଂଖ୍ୟା ବୃଦ୍ଧି କରାଯାଇପାରିବ। ସଂସଦ ଦ୍ୱାରା ଏହି ବିଲ୍ ପାସ୍ ହେଲେ ନୂଆ ଆଇନ ୨୦୨୯ରୁ ଲାଗୁହେବ। ୨୦୨୯ରେ ଲୋକସଭା ସହିତ ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ଅରୁଣାଚଳ ପ୍ରଦେଶ ଏବଂ ସିକ୍କିମରେ ନିର୍ବାଚନ ହେବାକୁ ଥିବା ବେଳେ ଏହି ଅବସରରେ ନୂଆ ମହିଳା ସଂରକ୍ଷଣ ଆଇନ ଓ ସୀମା ପୁନଃନିର୍ଦ୍ଧାରଣ ବ୍ୟବସ୍ଥା ଲାଗୁ ହେବ। ଯୋଜନା ଅନୁଯାୟୀ ଲୋକସଭା ଆସନ ସଂଖ୍ୟା ୫୪୩ରୁ ୮୧୬କୁ ବୃଦ୍ଧି କରାଯିବ। ସେଥିମଧ୍ୟରୁ ୨୭୩ଟି ଆସନ ମହିଳାମାନଙ୍କ ପାଇଁ ସଂରକ୍ଷିତ ରଖାଯିବ।

### ନବୀନଙ୍କ ନେତୃତ୍ୱରେ...

ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି। ବିରୋଧୀ ଦଳ ମିଳିତ ପ୍ରାର୍ଥୀ ଭାବେ ଡାକ୍ତର ଦଣ୍ଡେଶ୍ୱର ହୋତା ସାମ୍ନାକୁ ଆସିଥିଲେ। ବିରୋଧୀଙ୍କ ଭୋଟ ଯେପରି ଏକଜୁଟ୍ ରହିବ, ସେନେଇ ପ୍ରାଣପ୍ରଣେ ଉଦ୍ୟମ କରିଥିଲେ ଉଭୟ ଦଳର ଛାମୁଆ ନେତା । ଏହି ପ୍ରୟାସ ଦୁଇଦଳର ପ୍ରମୁଖ ନେତାଙ୍କୁ ନିକଟତର କରିଥିବା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ଏସସିବି ଅଗ୍ନିକାଣ୍ଡ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି ପ୍ରତ୍ୟେକ ଦିନ ଗୃହରେ ବିରୋଧୀ ସଦସ୍ୟ ଭାବେ ପୃଥକ ପୃଥକ ବଦଳରେ ମିଳିତ ଭାବେ ବିରୋଧ ପ୍ରଦର୍ଶନ କରିଛନ୍ତି। ଗୃହରେ କୋକେଇ ଶୋଭାଯାତ୍ରା, କଳା ଟି-ସାର୍ଟ ପିନ୍ଧି ପ୍ରତିବାଦ ଘଟଣାରେ ଉଭୟ ବିରୋଧୀଙ୍କ ସମାନ ଆଭିମୁଖ୍ୟ ଶାସକଙ୍କ ପାଇଁ ପୀଡ଼ାଦାୟକ ହୋଇଥିବାବେଳେ ଗାନ୍ଧୀମାର୍ଗରେ ୧୦ଟି ବିରୋଧୀ ଦଳକୁ ନେଇ ସରକାରଙ୍କ ମିଳିତ ସମାବେଶ, ରାଜଭବନରେ ରାଜ୍ୟପାଳଙ୍କୁ ସାକ୍ଷାତ ଆଗାମୀ ଦିନ ପାଇଁ ଭିନ୍ନ ବାର୍ତ୍ତା ଦେଇଛି । ପିସିସି ସଭାପତି ଭକ୍ତଚରଣ ଦାସ ମଧ୍ୟ ଏନେଇ ବାରମ୍ବାର ସମାନ କଥା ଦୋହରାଇଛନ୍ତି। କୌଣସି ରାଜ୍ୟ ସ୍ୱାର୍ଥ ପ୍ରସଙ୍ଗରେ ଆଗକୁ ମଧ୍ୟ ବିରୋଧୀ ଏକ ହୋଇ ସରକାରଙ୍କ ବିରୋଧରେ ଲଢ଼ିବାରେ ଆମେ ପଛଘୁଞ୍ଚା ଦେବୁ ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଅନୁରୂପ ଭାବରେ ବିଜେଡି ସହ ନିର୍ବାଚନୀ ସମ୍ପର୍କକୁ ନେଇ ଗଣମାଧ୍ୟମର ପ୍ରଶ୍ନକୁ ମଧ୍ୟ ସେ ସିଧାସଳଖ ଏଡ଼ାଇ ଯାଉନାହାନ୍ତି। ଏପଟେ ବିଜେଡି ସଭାପତି ନବୀନ ପଟ୍ଟନାୟକ ମଧ୍ୟ ଭବିଷ୍ୟତର ମେଣ୍ଟ ଚର୍ଚ୍ଚାକୁ ଭବିଷ୍ୟତ ଉପରେ ଛାଡ଼ିଛନ୍ତି। ଏହି ପରିପ୍ରେକ୍ଷୀରେ ଉଭୟ ଦଳର ଛାମୁଆ ନେତାଙ୍କ ଶାରୀରିକ ଭାଷା ଆଗାମୀ ଦିନ ପାଇଁ ଦେଇଥିବା ଇଙ୍ଗିତ ନୂଆ ସମୀକରଣ ସମ୍ଭାବନାକୁ ରେଖାଙ୍କିତ କରିଛି। ବିରୋଧୀଙ୍କ ମଧ୍ୟରେ କୌଣସି ନିର୍ବାଚନୀ ମେଣ୍ଟ ହେବା ନେଇ କୌଣସି ସ୍ପଷ୍ଟ ଚିତ୍ର ଦୃଶ୍ୟମାନ ହୋଇ ନ ଥିଲେ ହେଁ ଉଭୟ ମିଳିତ ଭାବରେ ସରକାରଙ୍କୁ ବିରୋଧ କରିବେ, ତାହା ଆପାତତଃ ସ୍ପଷ୍ଟ। ତେଣୁ ବର୍ତ୍ତମାନର ରାଜନୈତିକ ପରିସ୍ଥିତିକୁ ତଉଲିଲେ ଆଗାମୀ ଦିନ ପାଇଁ ଯେ ସରକାରଙ୍କ ରାସ୍ତା ସହଜ ହେବ ନାହିଁ ତାହା ବେଶ୍ ବୁଝା ପଡୁଛି।

### କଳାବଜାରରେ ସିଲିଣ୍ଡର୍...

ବିଶ୍ୱବିଦ୍ୟାଳୟ ଓ ଅନ୍ୟ ଶିକ୍ଷାନୁଷ୍ଠାନରେ ଛାତ୍ରାବାସ ନ ପାଇ ଚ୍ୟାମ୍ବର ମାନଙ୍କରେ ରହୁଥିବା ହଜାର ହଜାର ଛାତ୍ରଛାତ୍ରୀ ୫ ଲିଟର ଚୂଲାରେ ଗ୍ୟାସ କେଜି ପିଛା ୨୫୦ ଟଙ୍କା ଦେଉଥିବାବେଳେ ତାହା ମଧ୍ୟ ଉପଲବ୍ଧ ହେଉନାହିଁ। ସରକାରୀ ନିୟମ ଅନୁସାରେ କାହାରିକୁ ଏଭଳି ଗ୍ୟାସ ଖୁଚୁରା ଦେବାକୁ ନିୟମ ନଥିବାରୁ ଚଢ଼ଉ ଭୟରେ ଲୁଚିଚପି ବିକ୍ରି କରୁଛନ୍ତି। ତାହା ମଧ୍ୟ ଗ୍ୟାସ ସିଲିଣ୍ଡର ନମିଳିଲେ ବନ୍ଦ ହେବା ଆଶଙ୍କା ରହିଛି। କେତେକ ସ୍ଥାନରେ ଛାତ୍ରଛାତ୍ରୀମାନେ ଚ୍ୟାମ୍ବର ଛାଡ଼ି ନିଜ ଘରକୁ ଫେରି ଯାଉଥିବା ଦେଖାଯାଉଛି।

ଜିଲ୍ଲା ପ୍ରଶାସନର ତଥ୍ୟ ଅନୁଯାୟୀ, ସମ୍ବଲପୁର ଜିଲ୍ଲାରେ ୨୮ ଜଣ ବିତରକ ଥିବାବେଳେ ଉପଭୋକ୍ତା ସଂଖ୍ୟା ୨୩୪୨୪୭ ଜଣ ଅଛନ୍ତି। ତିନୋଟି ସଂସ୍ଥା ମଧ୍ୟରୁ ଆଇଓସିଏଲ୍‌ର ୧୩ ଜଣ ବିତରକ ଥିବାବେଳେ ୯୯୨୯୯ ଜଣ ଉପଭୋକ୍ତା ଏବଂ ବିପିସିଏଲ୍‌ର ୭ ଜଣ(୫୮୪୮୮) ଓ ଏଚ୍‌ପିସିଏଲ୍‌ର ୮ ଜଣ (୭୬୪୬୦) ବିତରକ ରହିଛନ୍ତି। ଏପ୍ରିଲ ୧ ତାରିଖ ତିନୋଟି ସଂସ୍ଥାକୁ ମିଶାଇ ଷ୍ଟକ୍ ୫୪୨୦ ଟି ଗ୍ୟାସ୍ ସିଲିଣ୍ଡର ମହଜୁଦ ଥିବାବେଳେ ରାସ୍ତାରେ ଆସୁଥିବା (ଇନ୍-ଟ୍ରାନ୍‌ଜିଟ୍) ୪୧୨୦ଟି ଏହିପରି ମୋଟ ୯୫୪୦ଟି ସିଲିଣ୍ଡର ଥିବା ଯୋଗାଣ ବିଭାଗ ସୂତ୍ରରୁ ପ୍ରକାଶ।

### ସ୍ତ୍ରୀକୁ ଜାଳିଦେଲେ...

ହୋଇଥିଲେ। ବୁଧବାର ଭୋରରେ ଉପେନ୍ଦ୍ର କିଛି ଲୋକଙ୍କୁ ଫୋନ୍ କରି ଡାକିବା ପରେ ଘଟଣା ବିଷୟରେ ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଏଏନ୍‌ଏମ୍‌ଙ୍କ ଶବ ଜବତ କରିଥିଲା। ଉପେନ୍ଦ୍ରଙ୍କୁ ୧୦୮ ଆମ୍ବୁଲେନ୍ସରେ ବଲାଙ୍ଗିର ଭୀମଭୋଇ ମେଡିକାଲ ପଠାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ଉଭୟ ସୁନ୍ଦରଗଡ ଜିଲ୍ଲାର ରଙ୍ଗାଡିହାର ମୂଳବାସିନ୍ଦା। ଦମୟନ୍ତୀ ପ୍ରାୟ ୩୦ ବର୍ଷ ହେଲା ରାମଚନ୍ଦ୍ରପୁର ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଏଏନଏମ୍ ଭାବେ କାର୍ଯ୍ୟ କରୁଥିଲେ। ଉଭୟ ଡାକ୍ତରଖାନା ପରିସର କର୍ମଚାରୀଙ୍କ ଲାଗି ଉଦ୍ଦିଷ୍ଟ ବାସଭବନରେ ରହୁଥିଲେ। ସେମାନଙ୍କ ଗୋଟିଏ ପୁଅ (୨୬) ଓ ଝିଅ (୨୪) ବାହାରେ ରହି ପଢୁଛନ୍ତି। ପାଖ ଲୋକଙ୍କ କହିବା ଅନୁସାରେ ଉପେନ୍ଦ୍ର ପ୍ରାୟ ସମୟରେ ନିଶା ସେବନ କରି ଘରକୁ ଆସୁଥଲେ। ଏହାକୁ କିନ୍ତୁ ଦମୟନ୍ତୀ ସହଜେ ଗ୍ରହଣ କରି ପାରୁ ନ ଥିଲେ। ଏଣୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହେଉଥିଲା।

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 637, dated 31.03.2026 I, PADMINI HARIJAN, W/o - Late. Rama Harijan, Permanent Resident of Village - Sanamasigam, Po-Sanamasigam, Ps-Nabarangpur, Dist-Nabarangpur, Odisha, Pin - 754063, declare that I have changed the name of my Son from HASINA HARIJANA to ABIRA HARIJAN. Henceforth, he shall be known as **ABIRA HARIJAN** for all purposes.

**Sd/- Padmini Harijan**

**AFFIDAVIT**

I DUKHISHYAMA SETHI, S/O KURA SETHI, RESIDENT AT-RANKUDA, PO-BADAPUR, PIN-761005, PS-JARADA, DIST-GANJAM, ODISHA DECLARE BY THIS AFFIDAVIT NO-246, DT 27.03.2026. THAT NOW ON WARDS I SHALL BE KNOWN AS DUHKHISYAM SETHI FOR ALL FEATURES PURPOSES

**NAME CLARIFICATION**

I, **Dibya Ranjan Mandal**, S/o-Rabindra Kumar Mandal, resident of At- Sankhua, PO-Panasa, Via- Irda, PS- Singla, Dist- Balasore, Odisha, PIN-756080, hereby declare that my name is recorded as **Dibyaranjan Mandal** in my Diploma and B.Tech Certificates. Both names, **Dibya Ranjan Mandal** and **Dibyaranjan Mandal**, refer to one and the same person. This declaration is made for all official and legal purposes.

**AFFIDAVIT**

By virtue of an affidavit sworn before Executive Magistrate, Bargarh vide no.152 dtd.- 30.03. 2026, I, Dhruba Charan Sahu, S/o- Babaji Sahu, resident of Vill./Po.- Katapali, Ps./Dist.-Bargarh (Odisha) state that my actual and correct name is **Dhruba Charan Sahu**. But in my Aadhar card no. 2367 8393 3781, my name has been wrongly mentioned as Dhruba Kumar Sahu. That, **Dhruba Charan Sahu** and **Dhruba Kumar Sahu**, S/o- Babaji Sahu is same and one person.

Sd/- **Dhruba Charan Sahu**

**AFFIDAVIT**

I, LIPSA RANI PATTANAIK, W/O KAUSTUBHA KUMAR RAY RESIDENT AT PLOT NO- 230/A, SAHID NAGAR, BHUBANESWAR- 751007, ODISHA DECLARE BY THIS AFFIDAVIT NO- 307, DATE-25.03.2026, THAT NOW ONWORDS I SHALL BE KNOWN AS LIPSHA RANI PATTANAIK FOR ALL FUTURE PURPOSES.

**AFFIDAVIT**

I GUDLA GEETANJALI PATRO W/O G ARABINDA PATRA, RESIDENT AT/PO-BALIPADAR MAIN ROAD, PIN-761117, PS-BUGUDA, DIST-GANJAM, ODISHA DECLARE BY THIS AFFIDAVIT NO-238, DT 27.03.2026. THAT NOW ON WARDS I SHALL BE KNOWN AS G GITANJALI PATRA FOR ALL FEATURES PURPOSES

**AFFIDAVIT**

By virtue of an affidavit sworn before The Executive Magistrate, G. UDAYAGIRI, DIST: KANDHAMAL (Odisha), dated: 30.03.2026, I, **Sanuj Pradhan**, resident of Village: Jalangia, P.O.: Gutingia, P.S.: Sarangada, Dist: Kandhamal, State: Odisha, PIN: 762106, declare that I have changed my son name from Atiuas Ranjan Pradhan to Atyush Ranjan Pradhan. Henceforth, he shall be known as **Atyush Ranjan Pradhan** for all purposes.

**AFFIDAVIT**

I GUDLA ARABINDA PATRA/ GUDLA ARABINDA PATRO, S/O GUDLA SUBASH CHANDRA PATRA , RESIDENT AT/PO-BALIPADAR MAIN ROAD, PIN-761117, PS-BUGUDA, DIST-GANJAM, ODISHA DECLARE BY THIS AFFIDAVIT NO-241, DT 27.03.2026. THAT NOW ON WARDS I SHALL BE KNOWN AS G ARABINDA PATRA FOR ALL FEATURES PURPOSES

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 302, dated. 30.03.2026 I, NITYA HARIJAN, S/o- Lachhiminath Harijan, Permanent Resident of Village - Anlabhata, Po.- Binjili, Ps.- Kosagumuda, Dist-Nabarangpur, Odisha,Pin - 764058, declare that I have changed my name from NITYANAND HARIJAN to NITYA HARIJAN. Henceforth, I shall be known as **NITYA HARIJAN** for all purposes.

**Sd/- Nitya Harijan**

**LOST**

That **Mr. K Rajendran**, S/o.: A Kumar, R/O: Ganeshapuram, Pampampallam, Kanjikode, Pudussery East, Palakkad, Kerala-PIN-678621, Had Availed a Housing Loan From HDFC Bank Limited Erstwhile HDFC Limited by Mortgaging The Property Situated At - S No.: 137/118, House Block No.: 33, District: Palakkad, Taluka: Palakkad, Colony Thanapper 2231 Village: Pudussery East, Village: Palakkad, Kerala-673641. That after closure of the said Loan The Original Sale Deed No.: 5115, along with other Original Documents of the Property was Misplaced During transit from Bhubaneswar Master Canteen To Kharavelnagar and Despite All Efforts The Documents were not traceable. If anyone find the deed and other Documents of The Above mentioned Property the same may be delivered to HDFC Bank Kharavel Nagar Address.

**AFFIDAVIT**

By virtue of an affidavit before the Notary Public, Phulbani, Kandhamal, I, Babita Mallick (formerly called Kabita Malik), At-Situpadi, P.O.- Kutikia, P.S.-Baliguda, Dist- Kandhamal and presently At-Kalampada, P.O.-Pahiraju, P.S.-Gochhapada, Dist-Kandhamal hereby declare that I have changed my name from **Kabita Malik to Babita Mallick.** Henceforth, I shall be known as **Babita Mallick** for all purposes.

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated: 31/03/2026, I, Sabita Sahoo, resident of AT-Ramachandrapur, PO-Gadamanitri, PS-Begunia, Dist-Khordha, PIN- 752062, Odisha, declare that I have changed the name of my son from DEBASISH PRUSTY to DEBASISH SAHOO. Henceforth, he shall be known as **DEBASISH SAHOO** for school Certificate change and bank passbook (all purposes).

**Sabita Sahoo**

34001/280/2526

E-mail ID: eerbngpur@yahoo.com
Tel & Fax -06858-222833 (O)

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, NABARANGPUR (R&B) DIVISION, NABARANGPUR**

**e-Procurement Notice**

Bid Identification No. S.E (R&B)-32/2025-26/NGP
No.*2213* Date. *25.03.2026*

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e www.tendersodisha.gov.in.

1. Name of the Work : Electrical Work as mentioned in DTCN
2. No. of Work : 18 Nos.
3. Estimated Cost : Rs. 7.71 Lakhs to 49.29 Lakhs
4. Period of completion : 1 to 3 Calendar of Months
5. Date & Time of Bidding : From 11.00 hours of 06.04.2026. upto 16.00 hours of 15.04.2026.
6. Last date & time for receipt of bids in portal : 16.00 hours of 15.04.2026.
7. Bids received online shall be opened on : 11.00 hours of 16.04.2026.
8. Name and address of the officer inviting Bid : Superintending Engineer, Nabarangpur(R&B)Division, Nabarangpur

Further details can be seen from the www.tendersodisha.gov.in

OIPR-34001/34143/1/25-26/0002

Superintending Engineer
Nabarangpur (R&B) Division

**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଉପକ୍ରମ)
କ୍ଷେତ୍ରୀୟ କାର୍ଯ୍ୟାଳୟ, ବି/୨ ପଶ୍ଚିମ, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭,
ଫୋନ୍: ୦୬୭୪-୨୫୪୦୦୩୨/୨୫୪୪୧୭୧, ଇ-ମେଲ: 0815samd@iob.in

**ଡିମାଣ୍ଡ ନୋଟିସ୍**

**ସରଫେଶୀ ଆକ୍ଟ ୨୦୦୨ ର ଧାରା ୧୩ର ଉପଧାରା (୨) ଅନୁଯାୟୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍**

୧) ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୧୨) ସହିତ କଥିତ ରୁଲ୍ସର ରୁଲ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସାରଣୀରେ ଦର୍ଶିତ ତାରିଖରେ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ନିମ୍ନଦର୍ଶିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରି ନିମ୍ନରେ ଦର୍ଶିତ ରାଶି ନୋଟିସ୍‌ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପୈଠ କରିବାକୁ କହିଥିଲେ ଯାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ। **ଆକାଉଣ୍ଟର ଏନ୍‌ପିଏ ତାରିଖ : ନିମ୍ନସାରଣୀରେ ପ୍ରଦତ୍ତ ।**
୨) କଥିତ ନୋଟିସ୍ ଗୁଡିକ ଡାକ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦାନ କରାଯାଇ ପାରି ନଥିବା କାରଣରୁ କିମ୍ବା ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ଦ୍ୱାରା ପ୍ରାପ୍ତି ସ୍ୱୀକାର କରାଯାଇ ପାରିନଥିବା କାରଣରୁ ଫେରସ୍ତ ଆସିଅଛି। ତେଣୁ ବ୍ୟାଙ୍କ ଅଧିକ ସତର୍କତା ପାଇଁ ଏହି ଡିମାଣ୍ଡ ନୋଟିସ୍ ପ୍ରକାଶନ କରୁଅଛି। ଏହି କଥିତ ନୋଟିସ୍ ଗୁଡିକ ନିମ୍ନସ୍ୱାକ୍ଷରକାରୀଙ୍କ ନିକଟରେ ଉପଲବ୍ଧ ଅଛି ଏବଂ କଥିତ ଋଣଗ୍ରହୀତା/ ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନେ ଯଦି ଚାହାଁନ୍ତି ଏହାର ନକଲଗୁଡିକ କୌଣସି ସାଧାରଣ କାର୍ଯ୍ୟଦିବସରେ କାର୍ଯ୍ୟାଳୟ ସମୟ ମଧ୍ୟରେ ନିମ୍ନସ୍ୱାକ୍ଷରକାରୀଙ୍କ ଠାରୁ ସଂଗ୍ରହ କରିପାରିବେ।
୩) ଉପରୋକ୍ତ ଘଟଣାବଳୀ ପରିପେକ୍ଷୀରେ କଥିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ପୁର୍ନବାର ନୋଟିସ୍ ଦିଆଯାଉଛିକି **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**କୁ ଉପର ଦର୍ଶିତ ବକେୟା ରାଶି ସହିତ ଚୁକ୍ତିହାରରେ ଭବିଷ୍ୟତ ସୁଧ ସହିତ କଥିତ ଋଣ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚକ୍ରବୃଦ୍ଧି ସୁଧ ଏହି ନୋଟିସ୍ ପ୍ରକାଶନର **୬୦ଦିନ** ମଧ୍ୟରେ ପୈଠ କରନ୍ତୁ। କଥିତ ଋଣ ପରିଶୋଧର ସୁରକ୍ଷା ନିମନ୍ତେ ସମ୍ପୃକ୍ତ ଋଣଗ୍ରହୀତାମାନଙ୍କ ଦ୍ୱାରା **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**ରେ ନିମ୍ନଲିଖିତ ସମ୍ପତ୍ତି ବନ୍ଧକ ରଖାଯାଇଛି।

| ଭୁବନେଶ୍ୱର ମୁଖ୍ୟ ଶାଖା / ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା / ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ଏନପିଏ ତାରିଖ/ଡିମାଣ୍ଡ ନୋଟିସ ତାରିଖ | ନୋଟିସ୍ ତାରିଖ ସୁଦ୍ଧା ବକେୟା ଦେୟ | ବନ୍ଧକ ସମ୍ପତ୍ତିର ସବିଶେଷ ବିବରଣୀ |
|---|---|---|---|
| **ଋଣଗ୍ରହୀତା/ବନ୍ଧକଦାତା: ମେସର୍ସ ସିଦ୍ଧି ବିନାୟକ ଅକ୍ସିଜେନ୍, କାରଖାନା ଠିକଣା:** ଓଲ୍ଡ ଜଗନ୍ନାଥ ରୋଡ, ଖପୁରିଆ ଇଣ୍ଡଷ୍ଟ୍ରିଆଲ ଏରିଆ, ପାଣି ଟାଙ୍କି ଲେନ୍, କଟକ, ଓଡିଶା-୭୫୩୦୧୦, **୨ୟ ଠିକଣା:** ପ୍ଲଟ୍ ନଂ.: ୪/୧୩, ଇଣ୍ଡଷ୍ଟ୍ରିଆଲ ଏରିଆ, ରାମଦାସପୁର, ବାରଙ୍ଗ, କଟକ-୭୫୪୦୦୬, **ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଚନ୍ଦନ ପଟ୍ଟନାଏକ, ସ୍ଥାୟୀ ଠିକଣା:** ପ୍ଲଟ୍ ନଂ.: ୫୯୭, ମା ଦୁଲାଦେବୀ ମନ୍ଦିର ନିକଟ, ଶିଖରପୁର, ଉପର ସାହି, ପୋ: କଲେଜ ସ୍କୋୟାର, କଟକ-୭୫୩୦୦୩ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସୋନାଲିସା ସାହୁ,** ପିତା: ଶ୍ରୀ ମଧୁସୂଦନ ସାହୁ, **ସ୍ଥାୟୀ ଠିକଣା:** ପ୍ଲଟ୍ ନଂ.: ୯୧, ବୁଦ୍ଧେଶ୍ୱରୀ କଲୋନୀ, ବୁଦ୍ଧେଶ୍ୱରୀ, ଝାରପଡା, ଭୁବନେଶ୍ୱର-୭୫୧୦୦୬ | ୨୨.୦୩.୨୦୨୬ / ୨୪.୦୩.୨୦୨୬ | ୨୩.୦୩.୨୦୨୬ ସୁଦ୍ଧା ଟ.୬୬,୬୭,୭୭୪/-* + ସେବାବଦ ପରବର୍ତ୍ତୀ ସୁଧ | ୧) ମେସର୍ସ ସିଦ୍ଧି ବିନାୟକ ଅକ୍ସିଜେନ୍ ଫାର୍ମର ଉଭୟ ବର୍ତ୍ତମାନ ଏବଂ ଭବିଷ୍ୟତର ବନ୍ଧକଥିବା କଳକବ୍ଜା ଏବଂ ଯନ୍ତ୍ରପାତି, ଦ୍ରବ୍ୟ/ଷ୍ଟକ୍ସ ବୁକ୍ ଡେବଟ୍ସ, ୨) ମେସର୍ସ ସିଦ୍ଧି ବିନାୟକ ଅକ୍ସିଜେନ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଚନ୍ଦନ ପଟ୍ଟନାଏକଙ୍କ ନାମରେ ଥିବା ଇଡ୍‌କୋ ପ୍ଲଟ୍ ନଂ.: ୪/୧୩, ରେଭିନ୍ୟୁ ପ୍ଲଟ୍ ନଂ.: ୧୬୧୪/୨୨୪୪ (ଅଂଶ), ଖାତା ନଂ.: ୩୫୦/୫୩୭, କ୍ଷେତ୍ର: ଏକର୦.୫୦୦ ଡିସିମିଲି, ସା: ରାମଦାସପୁର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ତହସିଲ: ବାରଙ୍ଗ, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଇଡ୍‌କୋ ରାସ୍ତା, ପଶ୍ଚିମ: ଇଡ୍‌କୋ ଜମି, ଉତ୍ତର: ଇଡ୍‌କୋ ଜମି, ଦକ୍ଷିଣ: ଇଡ୍‌କୋ ଜମି |

* ଉପରୋକ୍ତ ତାରିଖ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତିହାରରେ ସହମତି କ୍ରମେ ପରବର୍ତ୍ତି ସୁଧ / ଚକ୍ରବୃଦ୍ଧି ସୁଧ ପ୍ରଦାନ କରିବାକୁ ହେବ।
୪) ଯଦି କଥିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନେ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**କୁ ଉପର କଥିତ ବକେୟା ରାଶି ପୈଠ କରିବାରେ ବିଫଳ ହୁଅନ୍ତି, ତେବେ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ** ତରଫରୁ ସରଫେଶୀ ଆକ୍ଟର ଧାରା ୧୩(୪) ଏବଂ ନିୟମାନୁସାରେ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ଏବଂ ଏଥିପାଇଁ କଥିତ ଋଣଗ୍ରହୀତା/ ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନେ ସମସ୍ତ ଆଇନଗତ ଖର୍ଚ୍ଚ ଏବଂ ଫଳାଫଳ ନିମନ୍ତେ ସମ୍ପୂର୍ଣ୍ଣ ଦାୟୀ ରହିବେ।
୫) ପୁନଶ୍ଚ ଦୃଷ୍ଟି ଆକର୍ଷଣ କରାଯାଉଛି କି ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ସେମାନଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ ।
୬) ସୁତରାଂ, ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ଆଇନଗତ ଉତ୍ତରାଧିକାରୀ ସରଫେଶୀ ଆକ୍ଟ ଅନୁସାରେ ସୁରକ୍ଷିତ ସମ୍ପତ୍ତିକୁ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**ର ପୂର୍ବ ଲିଖିତ ସହମତି ବିନା ବିକ୍ରୟ, ଲିଜ୍ କିମ୍ବା ଅନ୍ୟ କୌଣସି ପ୍ରକାରରେ ହସ୍ତାନ୍ତରିତ କରିପାରିବେ ନାହିଁ। ଯଦି କୌଣସି ବ୍ୟକ୍ତି କଥିତ ଆକ୍ଟ କିମ୍ବା ନିୟମକୁ ଉଲଘଂନ କରନ୍ତି ତେବେ କଥିତ ଆକ୍ଟର ଧାରା ୨୯ ଅନୁସାରେ କାରାଦଣ୍ଡ ଏବଂ / କିମ୍ବା ଜୋରିମାନା ଦେବାକୁ ବାଧ୍ୟ ହେବେ।

**ସ୍ଥାନ : ଭୁବନେଶ୍ୱର, ତାରିଖ : ୦୧.୦୪.୨୦୨୬** **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**

ସକାଳ
THE SAKALA



### ପାରାଦୀପ ବନ୍ଦରର ନୂତନ ରେକର୍ଡ

# ୧୫୬.୪୫ ଏମ୍‌ଏମ୍‌ଟି ପଣ୍ୟ କାରବାର କରି ରେକର୍ଡ

ପାରାଦୀପ,୦୧୪(ସମିସ)




ପଣ୍ୟ ପରିବହନ କ୍ଷେତ୍ରରେ ପାରାଦୀପ ବନ୍ଦର ପୂର୍ବ ଭାରତରେ ରହିଥିବା ବୃହତ ବନ୍ଦରମାନଙ୍କ ମଧ୍ୟରେ ମାଇଲଷ୍ଟୋନ ରେକର୍ଡ ହାସଲ କରିବା ସହିତ ଭାରତ ବର୍ଷରେ ରହିଥିବା ସମସ୍ତ ବୃହତ୍ତ ବନ୍ଦରମାନଙ୍କ ମଧ୍ୟରେ ନୂତନ କୀର୍ତ୍ତିମାନ ସ୍ଥାପନ କରିଛି। ଚଳିତ ଆର୍ଥିକ ବର୍ଷରେ ପାରାଦୀପ ବନ୍ଦର ପରିବହନ କ୍ଷେତ୍ରରେ ବିଭିନ୍ନ ସମସ୍ୟାକୁ ପ୍ରତିହିତ କରି ଐତିହାସିକ ମାନଦଣ୍ଡ ସ୍ଥାପନ କରି ପାରିଛି। ପାରାଦୀପ ବନ୍ଦର ୧୫୬.୪୫ ଏମ୍‌ଏମଟି ପଣ୍ୟ କାରବାର କରି ୧୫୫ ଏମ୍‌ଏମଟି କ୍ଲବରେ ସାମିଲ ହୋଇଛି। ୧୯୬୬ ମସିହାରୁ ପଣ୍ୟ କାରବାର ଆରମ୍ଭ କରିଥିବା ପାରାଦୀପ ବନ୍ଦର ଇତିହାସରେ ଏହା ସର୍ବୋତ୍ତମ ପାଣ୍ୟ କାରବାର; ଯାହାକି ଗତ ବର୍ଷ ତୁଳନାରେ ୪.୦୧ ପ୍ରତିଶତ ବୃଦ୍ଧି ହୋଇଛି। ଆର୍ନ୍ତଜାତୀୟ ବଜାରରେ ଆଇରନ୍ ଓର୍ ରପ୍ତାନୀ କ୍ଷେତ୍ରରେ ମାନ୍ଦାବସ୍ଥା ଏବଂ ପଶ୍ଚିମ ଏସିଆ ସଙ୍କଟର ପ୍ରଭାବରେ ଚୁନ ପଥର, ସାର ନିମନ୍ତେ ଆବଶ୍ୟକୀୟ କଞ୍ଚାମାଲ ଆମଦାନୀ ପ୍ରଭାବିତ ହୋଇଛି। ଦେଶର ପୂର୍ବ ଉପକୂଳର ସମସ୍ତ ବନ୍ଦରମାନଙ୍କ ମଧ୍ୟରେ ପାରାଦୀପ ବନ୍ଦର ଏହାର ସଫଳତା ବଜାୟ ରଖିଛି। କୋଷ୍ଟାଲ କାର୍ଗୋ ପରିବହନ କ୍ଷେତ୍ରରେ ପାରାଦୀପ ବନ୍ଦର ୪୨.୦୬ ପ୍ରତିଶତ ବୃଦ୍ଧି କରିବାରେ ସଫଳ ହୋଇଛି। ପେଟ୍ରୋଲିୟମ୍, ତୈଳ ଆଦି ପରିବହନରେ ୨୫.୬୮ ପ୍ରତିଶତ ବୃଦ୍ଧି ହୋଇଛି। ଇସ୍ପାତ କାର୍ଗୋ କାରବାରରେ ୪୩ ପ୍ରତିଶତ ବୃଦ୍ଧି ହୋଇ ରେକର୍ଡ ସୃଷ୍ଟି କରିଛି। କୋଇଲା ପରିବହନ କ୍ଷେତ୍ରରେ ୪.୪୪ ପ୍ରତିଶତ ବୃଦ୍ଧି ହୋଇଥିବା ବେଳେ କଣ୍ଟେନର ପରିବହନରେ ୭.୭୭ ପ୍ରତିଶତ ବୃଦ୍ଧି ହୋଇଛି। ଫ୍ଲକ୍ସ ପରିବହନରେ ୧୮.୩୨ ପ୍ରତିଶତ ଅଭିବୃଦ୍ଧି ହୋଇଥିବା ବେଳେ ଏଲ୍‌ପିଜି ପରିବହନ କ୍ଷେତ୍ରରେ ୧୦୫ ପ୍ରତିଶତ ବୃଦ୍ଧି ପାଇଛି। ପିପିଏ ଅପରେଟରମାନେ ଚଳିତ ଥର ସେମାନଙ୍କର ସର୍ବୋତ୍ତମ ପ୍ରଦର୍ଶନ କରିଛନ୍ତି। ପଶ୍ଚିମ ଡକ୍ ଜେପିପିଏଲ୍ ଦ୍ୱାରା ନିର୍ମାଣାଧୀନ ରହିଛି। ଚଳିତ ବର୍ଷ ଏହା ସମ୍ପୂର୍ଣ୍ଣ ହେବା ସହିତ ବାର୍ଷିକ ୨୫ ଏମଏମଟି ପଣ୍ୟ କାରବାର କରିବା ଲକ୍ଷ୍ୟ ରହିଛି। ୨୦୩୦ ମସିହା ବେଳକୁ ପାରାଦୀପ ବନ୍ଦର ଦେଶର ପ୍ରଥମ ପୂର୍ଣ୍ଣ ଯାନ୍ତ୍ରିକିକୃତ ବନ୍ଦର ଭାବେ ଗଢ଼ି ତୋଳିବାର ଲକ୍ଷ୍ୟ ରଖାଯାଇଛି। ବାହୁଦା ମୁହାଣରେ ପାରାଦୀପ ବନ୍ଦର ଏହାର ନିଜସ୍ୱ ସାଟେଲାଇଟ୍ ବନ୍ଦର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି। ଏନେଇ ଆଜି ପାରାଦୀପ ବନ୍ଦର ପ୍ରଶାସନିକ ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ବନ୍ଦର ଅଧିକାରୀ, କର୍ମଚାରୀ, ଶ୍ରମିକ ସଂଘ, ସମସ୍ତ ସହଯୋଗୀ, ରପ୍ତାନକାରୀ, ଆମଦାନୀକାରୀ ସଂସ୍ଥା, ପିପିପି ଅପରେଟର, ଷ୍ଟିଭେଡୋର୍ସ, ସିଫିଂ ଏଜେଣ୍ଟମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ହେଲେ ଅମରେନ୍ଦ୍ର



ଜଗତସିଂହପୁର,୦୧୪(ସମିସ): ଜଗତସିଂହପୁର ସଦର ବିଧାୟକ ଅମରେନ୍ଦ୍ର ଦାସଙ୍କୁ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ରୂପେ ନୂଆ ଦାୟିତ୍ୱ ମିଳିଛି। ଏହି ଖବର ପ୍ରକାଶ ପାଇବା ପରେ ଜଗତସିଂହପୁର ନିର୍ବାଚନ ମଣ୍ଡଳୀ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଦଳୀୟ ନେତା, କର୍ମୀ ଏବଂ ସାଧାରଣ ଜନତା ବିଧାୟକଙ୍କ ଗୋପାଳସାଗର ବାସଭବନରେ ପହଞ୍ଚି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଶୁଭେଚ୍ଛା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ସୁଶାନ୍ତ ରଞ୍ଜନ ସ୍ୱାଇଁ, ଅକ୍ଷୟ ପାତ୍ର, ଜଗନ୍ନାଥ ଦାଶ, ପାରିଷଦ ଦେବାଶିଷ ସ୍ୱାଇଁ, ଶ୍ରୀକାନ୍ତ ଚୌଧୁରୀ, ଶାରଦା ରଣା, ସମୀର ପଟ୍ଟନାୟକ, ବରଦା ପ୍ରସାଦ ରାୟ, ସଞ୍ଜୟ ପଲାଉ, ଅଳସୁଧା ସରପଞ୍ଚ ଭ୍ରମରବର ସ୍ୱାଇଁ, ତାପସ ଦାସ, ଅଶୋକ ଭୋଇ, କାଳନ୍ଦୀ ବେହେରା, କିଶୋର ମହାନ୍ତିଙ୍କ ସମେତ ଶହ ଶହ ସଂଖ୍ୟାରେ ଦଳୀୟ କର୍ମୀ ଯୁବଛାତ୍ର ଯୋଗ ଦେଇ ଶୁଭେଚ୍ଛା ଜଣାଇଥିଲେ।

## ରାଣୀତୋଳାରେ ହନୁମାନଜୀଉଙ୍କ ବାର୍ଷିକୋତ୍ସବ

ତିର୍ତ୍ତୋଲ,୦୧୪(ସମିସ): ତିର୍ତ୍ତୋଲ ବ୍ଲକର ପୋରଗଦେଇ ପଞ୍ଚାୟତ ଅନ୍ତର୍ଗତ ରାଣୀତୋଳା ଗ୍ରାମସ୍ଥିତ ଶ୍ରୀଶ୍ରୀ ପବନସୂତ ହନୁମାନଜୀଉଙ୍କର ପ୍ରଥମ ବାର୍ଷିକୋତ୍ସବ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ହେଉଛି। ତ୍ରିଦିବସୀୟ ଉକ୍ତ ଆଧାତ୍ମିକ କାର୍ଯ୍ୟକ୍ରମର ପ୍ରଥମ ଦିବସର ସନ୍ଧ୍ୟାରେ ପଦ୍ମଶ୍ରୀ ବାବା ବଳିଆଙ୍କ ଶିଷ୍ୟ ଇଣ୍ଟରନେସନାଲ ଗୀତା ମିଶନର ଅଧ୍ୟକ୍ଷ ଡ. ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀ ଉଦ୍‌ଘାଟନ କରି ଆର୍ଶୀବଚନ ପ୍ରଦାନ କରିଥିଲେ। ପ୍ରାତଃ ସମୟରୁ ୧୦୮ ରୁ ଉର୍ଦ୍ଧ ଭକ୍ତ ମହାନଦୀରୁ ପବିତ୍ର ଜଳ ଆଣି କଳସଗୁଡ଼ିକ ଯଜ୍ଞ ମଣ୍ଡପରେ ସ୍ଥାପିତ କରାଯାଇଥିଲା। ପରେ ବୈଦିକ ପଣ୍ଡିତ ନିରଞ୍ଜନ ଦାଶ ଓ ପଣ୍ଡିତ ସୁଶୀଲ ଆଚାର୍ଯ୍ୟ ସମେତ ବହୁ ପଣ୍ଡିତଙ୍କ ଦ୍ୱାରା ସୂର୍ଯ୍ୟପୂଜା, ଗୋପୂଜନ, ଗୋବିନ୍ଦ ନାରାୟଣ ପୂଜନ ଓ ହବନ ସହିତ ସନ୍ଧ୍ୟାରେ ଆଳତି କରାଯାଇଥିଲା। କର୍ତ୍ତା ଭାବେ ଅଭୟ ସ୍ୱାଇଁ ଓ କର୍ତ୍ତୀ ଭାବେ ସୁପ୍ରଭା ସ୍ୱାଇଁ ଯଜ୍ଞମଣ୍ଡପରେ ଉପସ୍ଥିତ ଥିଲେ। ପ୍ରବଚନ ମଞ୍ଚର ସମସ୍ତ କାର୍ଯ୍ୟକ୍ରମକୁ ରାମାୟଣୀ ପଣ୍ଡିତ ଅଭୟ ଦାଶ (ବୁଲୁନନା) ପରିଚାଳନା କରିଥିଲେ।

## ଆଖଣ୍ଡଳମଣୀ ବିଦ୍ୟାପୀଠରେ ସମ୍ବର୍ଦ୍ଧନା

କୁଜଙ୍ଗ,୦୧୪(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ଖୁଣ୍ଟଲ ସ୍ଥିତ ଆଖଣ୍ଡଳମଣି ବିଦ୍ୟାପୀଠ ପକ୍ଷରୁ ବିଦ୍ୟାଳୟ ପ୍ରତିଷ୍ଠା ହେବାଠୁ କାର୍ଯ୍ୟରତ କିରାଣି ଅନିରୁଦ୍ଧ ବିଶ୍ୱାଳଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ଦଳାଇଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ରୂପେ ପୋତାନଇ ସରପଞ୍ଚ ବ୍ରଜକିଶୋର ମହାରାଜ, ମୁଖ୍ୟବକ୍ତା ଭାବେ ଓଷ୍ଟାର ପ୍ରାକ୍ତନ ସମ୍ପାଦକ ବସନ୍ତ କୁମାର ଦାସ, ଓଷ୍ଟାର ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ସୁବାସ ଚନ୍ଦ୍ର ଦାସ, ସ୍କୁଲ୍‌ର ପ୍ରାକ୍ତନ ସମ୍ପାଦକ ଅଭୟ କୁମାର ସାହାଣୀ, ଶିକ୍ଷକ ନେତା ଅନାଦି ଚରଣ ଖଟୁଆ, ସ୍କୁଲ୍ ପ୍ରମୁଖ ପ୍ରତିଷ୍ଠାତା ମହେଶ୍ୱର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସ୍କୁଲ୍‌ର ବରିଷ୍ଠ ଶିକ୍ଷକ ତଥା ଓଷ୍ଟା ବ୍ଲକ ସମ୍ପାଦକ ବିନୋଦ ବିହାରୀ ମୁଦୁଲି ମଞ୍ଚ ସଂଯୋଜନା, ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥି ଶିକ୍ଷୟିତ୍ରୀ ଅଞ୍ଜଳି ମହାପାତ୍ର, ଗଣିତ ଶିକ୍ଷୟିତ୍ରୀ ବବିତା ନାୟକ, ହରିହର ମିଶ୍ର, ପ୍ରଶାନ୍ତ ପ୍ରଧାନ, ହିମାଂଶୁ ଶେଖର ସାହୁ, ବାବାଜୀ ସାହୁ, ସଞ୍ଜୟ ଦାସ, ସରୋଜ ସ୍ୱାଇଁ, ନିରଞ୍ଜନ ସାହୁ, ସଞ୍ଜୟ ସ୍ୱାଇଁ ପ୍ରମୁଖ ସଭା ଓ ସମ୍ବର୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରଦୂଷଣ ନିୟନ୍ତ୍ରଣ ସମ୍ପର୍କୀତ ସଚେତନତା କାର୍ଯ୍ୟକ୍ରମ

ଜଗତସିଂହପୁର,୦୧୪(ସମିସ): ଜଗତସିଂହପୁର ଜିଲ୍ଲା ଓ ଦୌରାଜଜ୍ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ତରଫରୁ ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟ ମାର୍କଣ୍ଡପୁର ଠାରେ ପ୍ରଦୂଷଣ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସତ୍ୟଜିତ୍ ଶତପଥୀ ଅତିଥି ପରିଚୟ ପ୍ରଦାନ କରିବା ସହିତ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ସହକାରୀ ଶିକ୍ଷକ ଚନ୍ଦ୍ରଭାନୁ ଷଡ଼ଙ୍ଗୀ ବାଲ୍ୟ ବିବାହ ଦୂରୀକରଣ କରିବା ଉଦ୍ଦେଶ୍ୟରେ ନିଜ ସଂକ୍ଷିପ୍ତ ଅଭିଭାଷଣ ରଖିଥିଲେ। ସହକାରୀ ଶିକ୍ଷୟତ୍ରୀ ବୈଜୟନ୍ତୀ ତ୍ରିପାଠୀ ଓ ନିହାରିକା ମହାନ୍ତି ନିଜର ଅଭିଭାଷଣ ରଖି ପ୍ରଦୂଷଣ ମୁକ୍ତ ପୃଥିବୀ ବନାଇବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ବିଡିଡି ଚନ୍ଦନା ଅଧ୍ୟକ୍ଷତା କରିବା ସହିତ ନିଜର ଅଭିଭାଷଣ ରେ କହିଥିଲେ ଯେ ଜଳ, ବାୟୁ ଏବଂ ମୃତ୍ତିକା ପ୍ରଦୂଷଣକାରୀ ଏବଂ ଏହି ପ୍ରଦୂଷଣ କିପରି ରୋକାଯାଇ ପାରିବ ସେ ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ ଏବଂ ଏହା ସହିତ ଜଡିତ ବିଭିନ୍ନ ଆଇନ ଉପରେ ଆଲୋକପାତ କରିଥିଲେ। ପ୍ଲାଷ୍ଟିକ୍ ପରି ପ୍ରଦୂଷଣ ବଢ଼ାଉଥିବା ବସ୍ତୁକୁ ବ୍ୟବହାର କମ କରି ପୁନଃ ଚକ୍ରଣ ପ୍ରକ୍ରିୟାରେ ବ୍ୟବହୃତ ହୋଇ ପାରୁଥିବା ଜିନିଷକୁ ବ୍ୟବହାର କରିବାକୁ ପ୍ରୋତ୍ସାହିତ କରିଥିଲେ। ପରିଶେଷରେ ସହକାରୀ ଶିକ୍ଷକ ସୁଜନ ଭୋଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆମ ବର୍ଣ୍ଣବୋଧ କାର୍ଯ୍ୟକ୍ରମ ଆୟୋଜିତ

ପାରାଦୀପ,୦୧୪(ସମିସ): ପାରାଦୀପ ଉପକଣ୍ଠ ଭିମାନାସି ଗ୍ରାମ ପ୍ରାଥମିକ ବିଦ୍ୟାଳୟରେ ବିବେକାନନ୍ଦ ୟୁଥ୍ କ୍ଲବ ଆନୁକୂଲ୍ୟରେ ଉତ୍କଳ ଦିବସ ପାଳନ ଅବସରରେ ଆମ ବର୍ଣ୍ଣବୋଧ କାଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ଅନୁପମା ସ୍ୱାଇଁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କ୍ଲବର ସଭାପତି ଜଗନ୍ନାଥ ହାଲଦାର, ସମ୍ପାଦକ ପ୍ରକାଶ ରାୟ, କାର୍ଯ୍ୟକାରୀ ସଭାପତି ଅଜୟ ମିସ୍ତ୍ରୀ, ସାନୁ ଦାସ, ଶଙ୍କର ମିର୍ଦ୍ଧା, ବିଡଟି ମଣ୍ଡଳ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଆ ଭାଷା ପ୍ରତି କିଭଳି ଆଦର ବଢ଼ିବ, ତାହା ବର୍ଣ୍ଣବୋଧ ପଠନ ଦ୍ୱାରା ହିଁ ସମ୍ଭବ ହୋଇ ପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟରେ ସମସ୍ତ କୁନି କୁନି ଛାତ୍ରଛାତ୍ରୀଙ୍କୁ ବର୍ଣ୍ଣବୋଧ ବହି ପଠନ କରିବା ପାଇଁ ବଣ୍ଟନ କରାଯାଇଥିଲା।

## ରଶ୍ମିରଞ୍ଜନଙ୍କ ବିୟୋଗରେ ସ୍ମୃତିସଭା



ପାରାଦୀପ,୦୧୪(ସମିସ): ପାରାଦୀପ ପ୍ରେସ୍ ମିଡିଆ ଓ ଓଡ଼ଶା ସାମ୍ବାଦିକ ସଂଘ ପାରାଦୀପ ଶାଖା ଆନୁକୂଲ୍ୟରେ ଆଜି ପାରାଦୀପ ଅଞ୍ଚଳର ଯୁବ ସାମ୍ବାଦିକ ରଶ୍ମି ରଞ୍ଜନ ରାଉତରାୟ (ବାପି)ଙ୍କ ପାଇଁ ଆଜି ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। କରାଯାଇଥିଲା। ଆଜି ଦଶାହରେ ନୂଆବଜାର ସ୍ଥିତ ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟ ପରିସରରେ ଅନୁଷ୍ଠିତ ସ୍ମୃତିସଭାକୁ ବରିଷ୍ଠ ସାମ୍ବାଦିକ ରାମଚନ୍ଦ୍ର ସ୍ୱାଇଁ ପୌରୋହିତ୍ୟ କରିଥିଲେ। ବାପି ଖବର ସଂଗ୍ରହ ବେଳେ ସବୁବେଳେ ଚଳ ଚଞ୍ଚଳ ଥିଲେ, ଖବର ପଛରେ ସବୁବେଳେ ଦୌଡୁ ଥିଲେ। କିନ୍ତୁ ସେ ଆଜି ନିଜେ ଏକ ଖବର ପାଲଟି ଯାଇଛନ୍ତି। କୁହନ୍ତି ଦୁଃଖ କେବେ ଏକୁଟିଆ ଆସେ ନାହିଁ, ହେଲେ ଯିବା ବେଳକୁ ଗୋଟିଏ ହସ ଖୁସିର ପରିବାରକୁ ଏକୁଟିଆ କରି ଚାଲିଯାଏ ବୋଲି ଯୋଗଦେଇଥିବା ସବୁ ସହକର୍ମୀମାନେ ନିଜ ନିଜର ସ୍ମୃତିରେ ବଖାଣିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ପାରାଦୀପର ସମସ୍ତ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ।

## ବୈଜ୍ଞାନିକ ପ୍ରାଣକୃଷ୍ଣ ପରିଜାଙ୍କ ଜୟନ୍ତୀ



ଜଗତସିଂହପୁର,୦୧୪(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ଆଶ୍ରମପାଟଣାସ୍ଥିତ ପ୍ରଫୁଲ ପାଠାଗାର ପରିସରରେ ଉତ୍କଳ ଦିବସ ଓ ବୈଜ୍ଞାନିକ ଡ.ପ୍ରାଣକୃଷ୍ଣ ପରିଜାଙ୍କ ୧୩୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ପାଠାଗାରର ସଭାପତି ଶିକ୍ଷାବିତ ରବୀନ୍ଦ୍ର ନାଥ ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅବସରପ୍ରାପ୍ତ ଅଧାପକ ହିମାଂଶୁ ଶେଖର ଆଚାର୍ଯ୍ୟ, ଶିକ୍ଷାବିତ ବଂଶୀଧର ଆଚାର୍ଯ୍ୟ ଏବଂ ବରିଷ୍ଠ ଅଧାପକ ଲକ୍ଷ୍ମୀଧର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଶିକ୍ଷାବିତ ସତ୍ୟବାଦୀ ଦାସ, ରାମଚନ୍ଦ୍ର ଆଚାର୍ଯ୍ୟ, ସଞ୍ଜୟ କୁମାର ସାମନ୍ତସିଂହାର ପ୍ରମୁଖ ଶିକ୍ଷା ଓ ବିଜ୍ଞାନ କ୍ଷେତ୍ରରେ ପ୍ରାଣକୃଷ୍ଣ ପରିଜାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସ୍ଥାନୀୟ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ଓ ନଗଦ ଅର୍ଥ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ପାଠାଗାରର ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ଉତ୍କଳ ଦିବସ ପାଳନ

ଜଗତସିଂହପୁର,୦୧୪(ସମିସ): ଜଗତସିଂହପୁର ଜିଲ୍ଲା ଉତ୍କଳ ସମ୍ମିଳନୀ ଶାଖା ପକ୍ଷରୁ ଜିଲ୍ଲାସ୍ତରୀୟ ଉତ୍କଳ ଦିବସ ପାଳିତ ହୋଇଯାଇଛି। ସଂଗଠନର ଜିଲ୍ଲା ସଭାପତି ଶିବ ପ୍ରସାଦ ମାଝୀଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ନବଉତ୍କଳର ନିର୍ମାତା ଉତ୍କଳଗୌରବ ମଧୁସୂଦନ ଦାସ, ସମ୍ବିଧାନ ପ୍ରଣେତା ବାବା ଆମ୍ବେଦକର, ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଆର୍ତ୍ତତ୍ରାଣ ପତି, ଗୋବିନ୍ଦ ଓଝା, ଶଙ୍କର ଦାସ, କୋଷାଧକ୍ଷ ରବି ମହାନ୍ତି,ଅଧିବକ୍ତା ସୁରେନ୍ଦ୍ର ନାଥ ରାଉତରାୟ, ହିମାଞ୍ଚଳ ରାୟ, ଯୋଗଜନ୍ମା ଚାନ୍ଦ, ରୁଦ୍ର ନାରାୟଣ ନାୟକ ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେହିପରି ଓଡ଼ିଆ ଭାଷାରେ ସରକାରୀ ଓ ବେସରକାରୀ ଅନୁଷ୍ଠାନ କାର୍ଯ୍ୟ ପରିଚାଳନା ପାଇଁ ପ୍ରଶାସନଙ୍କୁ ନିବେଦନ କରାଯିବ ବୋଲି ନିଷ୍ପତ୍ତି କରାଯାଇଥିଲା।

## ପାରାଦୀପ ମହାବିଦ୍ୟାଳୟରେ ଉତ୍କଳ ଦିବସ

ପାରାଦୀପ,୦୧୪(ସମିସ): ପାରାଦୀପ ମହାବିଦ୍ୟାଳୟ ଆଲୁମ୍ନି ଆସୋସିଏସନ ଏବଂ ଏନ୍‌ସିସି ଆଲୁମ୍ନି ଆସୋସିଏସନ୍ ଆନୁକୂଲ୍ୟରେ ଆଜି ମିଳିତ ଭାବେ ଉତ୍କଳ ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ଶତପଥୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଇତିହାସ ବିଭାଗର ମୁଖ୍ୟ ତଥା ଆଲୁମ୍ନି ଆସୋସିଏସନର ଆବାହକ ଅକ୍ଷୟ ଚନ୍ଦ୍ର ମିଶ୍ର, ସାମ୍ବାଦିକ ସଞ୍ଜୟ କୁମାର ମିଶ୍ର, ନଳିନୀ ସାହୁ, ଶଙ୍କର ପ୍ରସାଦ ରାଉତ, ମନମୋହନ ମିଶ୍ର, ବିଶ୍ୱଜିତ ସାମଲ ଏବଂ ଏନସିସି ଆଲୁମ୍ନିର ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର, ନୀଳିମା ପ୍ରିୟଦର୍ଶିନୀ, ହରପ୍ରିୟା ପଟ୍ଟନାୟକ, ପଦ୍ମନାଭ ଦାସ, ଧର୍ମପଦ ବାଡ଼ଇ ଓ ପିକୁନ ସେନାପତି ପ୍ରମୁଖ ଯୋଗ ଦେଇ ମାଟିର ମହାନ ସ୍ୱାଧୀନତା ସେନାନୀ, ସାହିତ୍ୟିକ ଓ ସମାଜସେବୀମାନଙ୍କର ଅମୂଲ୍ୟ ଅବଦାନକୁ ସ୍ମରଣ କରିଥିଲେ। ଏଥିରେ ଏନସିସି କ୍ୟାଡେଟ, ମହାବିଦ୍ୟାଳୟର ଅଧାପକ ଅଧାପିକା ଏବଂ ଛାତ୍ରଛାତ୍ରୀ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।




## ଡିଏଭି ସ୍କୁଲ୍ ପିପିଏଲ୍‌ରେ ଉତ୍କଳ ଦିବସ



ପାରାଦୀପ,୦୧୪(ସମିସ): ପିପିଏଲ୍‌ସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲ୍‌ରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ବକ୍ତୃତା, ନୃତ୍ୟ, ସଙ୍ଗୀତ ଓ ଅଭିନୟ ମାଧ୍ୟମରେ ଉତ୍କଳ ଦିବସର ମାହାତ୍ମ୍ୟକୁ ସୁନ୍ଦର ଭାବରେ ପ୍ରକାଶ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାଧାନରେ ସମ୍ପାଦିତ ହୋଇଥିବା ବେଳେ ବରିଷ୍ଠ ଶିକ୍ଷକ ତଥା ବିଦ୍ୟାଳୟର ଦୁଇ ମାଧ୍ୟମର ସଂଯୋଜକଦ୍ୱୟ ଯଥାକ୍ରମେ ବୃନ୍ଦାବନ ରାଉତ ଏବଂ ମହେଶ୍ୱର ପାଣିଗ୍ରାହୀ ଏଥିରେ ସହଯୋଗ କରିଥିଲେ। ବିଦ୍ୟାଳୟର ଓଡ଼ିଆ ବିଭାଗର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସଂଯୋଜକ ବୃନ୍ଦାବନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍କଳ ଦିବସ ଉପଲକ୍ଷେ ଡିଏଭି ଅନୁଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ଓ ଆଞ୍ଚଳିକ ଅଧିକାରୀ ଯଥାକ୍ରମେ ଡ. କେଶବ ଚନ୍ଦ୍ର ଶତପଥୀ, ସୁଶ୍ରୀ ସୁଜାତା ସାହୁ ସମସ୍ତଙ୍କୁ ଶୁଭେଚ୍ଛା ବାର୍ତ୍ତା ଜଣାଇଥିଲେ।

## ଡିଏଭି ଇଫ୍‌କୋରେ ଉତ୍କଳ ଦିବସ



ପାରାଦୀପ,୦୧୪(ସମିସ): ଡିଏଭି, ଇଫକୋ ବିଦ୍ୟାଳୟ ପକ୍ଷରୁ ୯୦ତମ ଉତ୍କଳ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସମ୍ବିତ ସୁକୁମାର ଚିନ୍ନରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଇଫ୍‌କୋ ପାରାଦୀପ ୟୁନିଟ୍‌ର ମୁଖ୍ୟ ପରିଚାଳକ (ବ୍ୟକ୍ତିଗତ ଓ ହିସାବ) ବିଜୟ କୁମାର ପରିଡ଼ା ଓ ଆରତୀ ପରିଡ଼ା ଯୋଗ ଦେଇଥିଲେ। ବିଦ୍ୟଳୟର ଛାତ୍ର ଦେବଜିତ ରାଉତ ପ୍ରାଚୀନ ଗୌରବବାହ ଉତ୍କଳ ଓ ବୀର ସଂଗ୍ରାମୀ, ଭାଷା ପ୍ରେମୀମାନଙ୍କ ଜୀବନୀ ଉପରେ ନିଜର ଆକର୍ଷଣୀୟ ବକ୍ତବ୍ୟ ରଖିଥିଲେ। ଶିକ୍ଷୟିତ୍ରୀ ନନ୍ଦିତା ମହାପାତ୍ର ପ୍ରାଚୀନ ଗୌରବାବହ ଉତ୍କଳର ନାମକରଣ ଓ ଭାଷା ଆନ୍ଦୋଳନ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ଆକର୍ଷଣୀୟ ଦୃଶ୍ୟଶ୍ରାବ୍ୟ କାର୍ଯ୍ୟକ୍ରମ ଓ ଭାଷା ପୁରୋଧାମାନଙ୍କ କୌତୁକବେଶ ସମସ୍ତଙ୍କୁ ବେଶ ଆନନ୍ଦ ଦେଇଥିଲା। ପାରମ୍ପାରିକ ପାଲା ଓ ଗୀତଗୋବିନ୍ଦ ଗାନ ମାଧ୍ୟମରେ ଅର୍କଜ୍ୟୋତି ପ୍ରଧାନଙ୍କ ଗୋଟିପୁଅ ନୃତ୍ୟ ପ୍ରଦର୍ଶନ ବେଶ ଉପଭୋଗ୍ୟ ହୋଇଥିଲା। ସୁଶ୍ରୀ ଯଶସ୍ୱିନୀ, ଆହନ ନିହରାଂଶୁ ଇକ୍ଷିତା ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସୁଶ୍ରୀ ଯଶସ୍ୱିନୀ ଧନ୍ୟବାଦ ଦେଇଥିଲେ।

## ଉତ୍କଳ ଦିବସରେ ଏରସମାରେ ଜଳଛତ୍ର

ଏରସମା,୦୧୪(ସମିସ): ଜାତୀୟ ମାନବ ଅଧିକାର ସାମାଜିକ ନ୍ୟାୟ ପରିଷଦ ଏରସମା ଶାଖା ପକ୍ଷରୁ ସ୍ଥାନୀୟ ଗାନ୍ଧୀଛକଠାରେ ଏକ ଜଳଛତ୍ରର ଶୁଭାରମ୍ଭ କରାଯାଇଛି। ମାନବାଧିକାର ସାମାଜିକ ନ୍ୟାୟ ପରିଷଦର ଜଗତସିଂହପୁର ଜିଲ୍ଲା ସଭାପତି ଚନ୍ଦ୍ରକାନ୍ତ ଦାସ ଓ ଏରସମା ବ୍ଲକ ସଭାପତି ଚନ୍ଦ୍ରଜିତ୍ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଏରସମା ଥାନା ଅଧିକାରୀ ପ୍ରେମଜିତ୍ ଦାସ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ନାଉଗାଁ ବ୍ଲକ ସଭାପତି ଦୀପ୍ତିରେଖା ସାହୁ, ନିଆଳୀ ସଭାପତି ଲକ୍ଷ୍ମୀପ୍ରିୟା ଦାସ, ଜିଲ୍ଲା ଉପସଭାପତି ଇଂ. ନନ୍ଦ କିଶୋର ପରିଡା, ସାମାଜିକ ନ୍ୟାୟ ପରିଷଦ ସଭ୍ୟା ମନୁଆର ବେଗମ୍ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ବିଜେପି ନେତା ନୃସିଂହ ସାହୁ, ସରକାରୀ ଆଡଭୋକେଟ୍ ଅକ୍ଷୟ କୁମାର ସ୍ୱାଇଁ, ଶଶିଭୂଷଣ ସ୍ୱାଇଁ, ନାଟ୍ୟ ନିର୍ଦ୍ଦେଶକ ପ୍ରଶାନ୍ତ ସେଠୀ, ଆଡଭୋକେଟ୍ ବିରନାରାୟଣ ପାତ୍ର, ରବି ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜାତୀୟ ମାନବାଧିକାର ସାମାଜିକ ନ୍ୟାୟ ପରିଷଦ ଏରସମା ବ୍ଲକ୍ ଉପସଭାପତି ଯଯାତି ସାମନ୍ତ ରାୟ, ସାମ୍ବାଦିକ ପ୍ରଶାନ୍ତ କୁମାର ମହାପାତ୍ର, ପର୍ଶୁରାମ ମନ୍ତ୍ରୀ, ଜନ ରାଉତ, ତୃପ୍ତି ରଞ୍ଜନ ମହାନ୍ତି, ସାମାଜିକ ନ୍ୟାୟ ପରିଷଦ ଜଗତସିଂହପୁର ଜିଲ୍ଲା ସଭ୍ୟ ଡ. ତନ୍ମୟ କୁମାର ସେଠୀଙ୍କ ସମେତ ଏରସମା ଏମବିକେ ଆଲୋକପ୍ରଭା ସ୍ୱାଇଁ ଓ ଇସି ମେମ୍ବର ମହିଳା ସହାୟିକା ଗୋଷ୍ଠୀର ବହୁ ସଦସ୍ୟା ମାନେ ଉପସ୍ଥିତ ଥିଲେ।

● ପଞ୍ଚମ ଦିନରେ ପିସିଏଲ୍

## ଜେସିସି ୱାରିୟର ଓ ଜିପିସି ଆଇହେରାସ ବିଜୟୀ




ପାରାଦୀପ,୦୧୨(ସମିସ): ପିସିଏଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିନରେ ୨ଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍‌ଟି ଜେସିସି ୱାରିୟର ବନାମ ବାବା ସାଇ ଡାଇମଣ୍ଡ ମଧ୍ୟରେ ଏନଏସି ଫିଲଡରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାବା ସାଇ ଡାଇମଣ୍ଡ ଟସ୍ ଜିତିବା ପରେ ବ୍ୟାଟିଂର ନିଷ୍ପତ୍ତି ନେଇଥିଲେ। ନିର୍ଦ୍ଧାରିତ ୨୦ ଓଭରରେ ୭ଟି ଉଇକେଟ ହରାଇ ୧୩୫ ରନ ସଂଗ୍ରହ କରିଥିଲେ। ଜବାବରେ ଜେସିସି ୱାରିୟର ୧୯.୩ ଓଭରରେ ୭ ଉଇକେଟ ହରାଇ ୧୩୭ ରନ ସଂଗ୍ରହ କରି ପ୍ରତିପକ୍ଷ ଠାରୁ ଜିତିଯାଇଥିଲେ। ମ୍ୟାନ ଅଫ ଦି ମ୍ୟାଚ ରାଜେଶ ସ୍ୱାଇଁ ହୋଇଥିଲେ। ମ୍ୟାଚ କୁ ପରିଚାଳନା କରିଥିଲେ ଦେବେନ୍ଦ୍ର ନାୟକ ଓ ନିରଞ୍ଜନ ଦାସ। ସେହିପରି ଦ୍ୱିତୀୟ ମ୍ୟାଚଟି ମହାକାଳ ୱାରିୟର ବନାମ ଜିପିସି ଆଇ ହେରାସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାକାଳ ୱାରିୟର ୧୯.୨ ଓଭରରେ ୧୦ ୱିକେଟ ବିନିମୟ ରେ ମୋଟ ୯୧ ରନ ସଂଗ୍ରହ କରିଥିଲେ। ଜିପିସି ଆଇ ହେରାସ ଦଳ ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ ବିନିମୟରେ ୯୨ ରନ ସଂଗ୍ରହ କରି ଜିତିଯାଇଥିଲେ। ମ୍ୟାନ ଅଫ ଦି ମ୍ୟାଚ ଭାବେ ବିକାଶ ଶ୍ରୀବାସ୍ତାବ ହୋଇଥିଲେ। ଅତିଥି ଭାବେ ପୁରସ୍କାର ପ୍ରଦାନ କରିଥିଲେ ସମାଜସେବୀ ଧର୍ମେନ୍ଦ୍ର ପତି ଓ ପ୍ରଶାନ୍ତ କୁମାର ସାହୁ। ଆଜିର ମ୍ୟାଚ ପରିଚାଳନା କରିଥିଲେ ନିରଞ୍ଜନ ଦାସ ଓ ସଂଜୟ ପ୍ରଧାନ।

## ଓଡ଼ିଶା ଦିବସ ଓ ଜିଲ୍ଲା ମହୋତ୍ସବ 'କଲ୍ଲୋଳ' ଉଦ୍‌ଘାଟିତ




ଜଗତସିଂହପୁର,୦୧୪(ସମିସ): ଆଜି ଜିଲ୍ଲା ସଦର ମହକୁମା ଠାରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ୨୦୨୬ ଓ ଜଗତସିଂହପୁର ଜିଲ୍ଲା ମହୋତ୍ସବ 'କଲ୍ଲୋଳ'ର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ଉଦ୍‌ଘାଟନ କରିବା ସହ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ଜଗତସିଂହପୁର ଜିଲ୍ଲା ଏକ ସମୃଦ୍ଧ ଜିଲ୍ଲା। କଳା,ସଂସ୍କୃତି, ଐତିହ୍ୟ ଓ ଶିକ୍ଷା କ୍ଷେତ୍ରରେ ଏ ଜିଲ୍ଲା ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ସାଂସ୍କୃତିକ ବିବିଧତାର ପ୍ରାଣବନ୍ତ ପ୍ରତିଛବି ହେଉଛି ଜିଲ୍ଲା ମହୋତ୍ସବ କଲ୍ଲୋଳ ବୋଲି ସେ କହିଥିଲେ। ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଲେ ସବୁ ଓଡ଼ିଶାବାସୀ ଓଡ଼ିଆ ଭାବେ ଗର୍ବ କରିବା ଉଚିତ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ସାଂସଦ ବିଭୂ ପ୍ରସାଦ ତରାଇ କହିଲେ ଜିଲ୍ଲାର ଉନ୍ନତି ଓ ଅଭିବୃଦ୍ଧି ଆମ ସମସ୍ତଙ୍କର କର୍ତ୍ତବ୍ୟ। ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ଜିଲ୍ଲା ପରିଷଦର ସଭାପତି ମନୋଜ କୁମାର ଭୋଇ, ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା ଯୋଗଦେଇଥିଲେ। ଜିଲ୍ଲା ମହୋତ୍ସବ କଲ୍ଲୋଳ ଆମର କଳା, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରିଛି ବୋଲି ଅତିଥିମାନେ କହିଥିଲେ। ଏହି ଉତ୍ସବରେ ଜିଲ୍ଲାପାଳ ଜେ.ସୋନାଲ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ଜିଲ୍ଲାସ୍ତରୀୟ ଓଡିଶା ଦିବସ ପାଳନ ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗୀତା, ଦେଶାତ୍ମବୋଧକ ସଂଗୀତ ଓ ଜଣାଅଜଣା ପ୍ରତିଯୋଗିତା, ଚିତ୍ରାଙ୍କନ, ମୋ ସ୍ୱପ୍ନର ଓଡ଼ିଶା ଆଧାରିତ ପ୍ରକଳ୍ପ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ମୁଖ୍ୟବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ ପିଲ୍ଲେ ଧନ୍ୟବାଦ ଅର୍ପଣ କରିଥିଲେ। ସକାଳେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ରାମଧୂନ୍ ସହରରେ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ପ୍ରଭାତ ଫେରିରେ ଆସି ଗୋପବନ୍ଧୁ ନଗର ଉଦ୍ୟାନ ଠାରେ ମିଳିତ ହୋଇଥିଲେ। ଏହା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡ଼ିଆ ଠାରୁ ଏକ ସାଂସ୍କୃତିକ ଶୋଭାଯାତ୍ରାକୁ ଜିଲ୍ଲାପାଳ ଶୁଭ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ଦିବସ ଉପଲକ୍ଷେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜିତ କରାଯାଇଛି। ଏହି ଉତ୍ସବରେ ଓରମାସ ପକ୍ଷରୁ ଆୟୋଜିତ ଷ୍ଟଲ୍‌ରେ ଜିଲ୍ଲା, ତଥା ରାଜ୍ୟ ବାହାରୁ ଆସିଥିବା ଷ୍ଟଲ୍, ବିଭାଗୀୟ ଷ୍ଟଲ୍ ଏବଂ ଖାଦ୍ୟ ଷ୍ଟଲ ଆୟୋଜିତ ହୋଇଛି।

## ଟ୍ରେନ ଛାତ ଉପରକୁ ଚଢ଼ି ବିଦ୍ୟୁତ୍ ଆଘାତରେ ଯୁବକ ଗୁରୁତର

**ଖଜୁରିଆକଟା,୧।୪(ସମିସ):** ମେରାମଣ୍ଡଳି ଷ୍ଟେସନରେ ଛିଡ଼ା ହୋଇଥିବା ଏକ ମାଲବାହୀ ଟ୍ରେନର ଛାତ ଉପରେ ଚଢ଼ିଯିବା ବେଳେ ବିଦ୍ୟୁତ ଆଘାତ ଲାଗି ଜଣେ ଯୁବକ ଜଳିଯାଇ ଗୁରୁତର ହୋଇଛନ୍ତି। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସନ୍ଧ୍ୟା ୭ଟାରେ ମେରାମଣ୍ଡଳି ଷ୍ଟେସନର ୩ନଂ ପ୍ଲାଟଫର୍ମରେ ମାଲବାହୀ ଟ୍ରେନ ଛିଡ଼ା ହୋଇଥିବା ବେଳେ ଦେବଦତ୍ତ ସାହୁ (୧୮) ଟ୍ରେନର ଛାତ ଉପରକୁ ଚଢ଼ି ଯାଇଥିଲେ। ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ପୋଡ଼ି ହୋଇ ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନା ନିଆ ଯାଇଥିବା ଜଣାପଡ଼ିଛି। କିଛିଦିନ ପୂର୍ବରୁ ଅନ୍ୟଜଣେ ବ୍ୟକ୍ତିଙ୍କ ମୃତଦେହ ଷ୍ଟେସନ ପ୍ଲାଟଫର୍ମରୁ ଉଦ୍ଧାର କରାଯାଇଥିବା ବେଳେ ଆଜିର ଘଟଣା ପରେ ସୁରକ୍ଷା ବ୍ୟବସ୍ଥା ଓ ରେଳବାଇ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଷ୍ଟେସନର ଢିଲା ସୁରକ୍ଷା ବ୍ୟବସ୍ଥା ଯୋଗୁଁ ବାରମ୍ବାର ଏଭଳି ଘଟଣା ଘଟିଥିବା ଅଭିଯୋଗ ହୋଇଛି।

## ପରୋପକାରୀ ଯୁବକଙ୍କ ପରଲୋକ

**ଖଜୁରିଆକଟା,୧।୪(ସମିସ):** ହିନ୍ଦୋଳ ଡ୍ରାଇଭର ସଙ୍ଘର ବରିଷ୍ଠ ସଦସ୍ୟ, ହିନ୍ଦୋଳ ଏନଏସି ୱାର୍ଡ ନଂ-୧୦ ନୂତନପାଟଣାର ଦୁର୍ଯ୍ୟୋଧନ ନାଥୀଙ୍କ ପୁଅ ନିତ୍ୟାନନ୍ଦ ନାଥି (୫୨)ଙ୍କର ବୁଧବାର ପରଲୋକ ହୋଇଛି। ଭୋର ସମୟରେ



ସେ ହଠାତ ଅସୁସ୍ଥ ହେବାରୁ ହିନ୍ଦୋଳ ଡାକ୍ତରଖାନରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଡାକ୍ତର କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଥିଲେ। ତେବେ ବାଟରେ ମୃତ୍ୟୁ ଘଟିଛି। ନିତ୍ୟାନନ୍ଦ ଜଣେ ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ପୂର୍ବତନ ସାଂସଦ ମହେଶ ସାହୁ, ହିନ୍ଦୋଳ ଏନଏସି ଅଧ୍ୟକ୍ଷ କେଶବ ପ୍ରଧାନ, ଉପାଧ୍ୟକ୍ଷା ପ୍ରତିମା ରାଉତ, ପୂର୍ବତନ କାଉନସିଲର ପ୍ରଦ୍ୟୁମ୍ନ ବେହେରା, ପ୍ରତାପ ଦାସ, ଶ୍ୟାମଘନ ଭୁତିଆ, ବିଜେଡି ନେତା ବିଜୟ ବେହେରା, କୈଳାସ ବେହେରା, ସିଦ୍ଧେଶ୍ୱର ପ୍ରଧାନ ପ୍ରମୁଖଙ୍କ ସମେତ ଡ୍ରାଇଭର ସଙ୍ଘର ସମସ୍ତ କାର୍ଯ୍ୟକର୍ତ୍ତା, ସଦସ୍ୟ ଶୋକବ୍ୟକ୍ତ କରିଛନ୍ତି। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟ

# ଭୁଲ୍ ଇଞ୍ଜେକ୍ସନ, ଚିକିତ୍ସା ଅବହେଳାରୁ ଯୁବକଙ୍କ ମୃତ୍ୟୁ !

ଢେଙ୍କାନାଳ,୧।୪(ସମିସ)

ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭୁଲ ଇଞ୍ଜେକ୍ସନ ଓ ଚିକିତ୍ସା ଅବହେଳାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ପରିବାର ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇବା ସହ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

କାମାକ୍ଷାନଗର ମାଳପୁରା ଗ୍ରାମର ହେମନ୍ତ କୁମାର ସାମଲଙ୍କ ଅଭିଯୋଗ ଅନୁସାରେ ମଙ୍ଗଳବାର ସନ୍ଧ୍ୟାରେ ଭୁବନ ଥାନା ମାର୍ଥାପୁର ପଞ୍ଚାୟତ ମାଳପୁରା ଗ୍ରାମରେ ଏକ ଗଛରୁ ଓହ୍ଲାଇବାକୁ ଯାଇ ତାଙ୍କ ଶଳା ଆଲୋକ ସାମଲ (୧୮) ଡେଇଁପଡ଼ିବାରୁ ସ୍ଲାବ୍‌ରେ ମାଡ଼ ହୋଇ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ କାମାକ୍ଷାନଗର ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସାପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ପରିବାର ଲୋକେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିବା ପରେ ଏକ୍ସ-ରେ କରାଇଥିଲେ। ଡାକ୍ତର ଏକ୍ସ-ରେ ରିପୋର୍ଟ ଦେଖି ରୋଗୀ ଭଲ ଅଛି, ଘରକୁ ନେଇଯାଅ ବୋଲି କହିଥିଲେ। ଆଲୋକଙ୍କ ଯନ୍ତ୍ରଣା କମିବାକୁ ଇଞ୍ଜେକ୍ସନ ଦେବା ସହ ପରିଶ୍ରା କରାଇଥିଲେ। ଆଲୋକଙ୍କ ଘର ପ୍ରାୟ ୬୦ କିଲୋମିଟର ଦୂର ହୋଇଥିବାରୁ ସେ ଯିବାକୁ ମନା କରିଥିଲେ। ତେବେ ରାତିରେ ଯନ୍ତ୍ରଣା ବଢ଼ିଥିଲେ ମଧ୍ୟ ଡାକ୍ତର ରାଉଣ୍ଡରେ ଆସିଲେ ଦେଖିବେ ବୋଲି ନର୍ସ କହିଥିଲେ। କୌଣସି ଡାକ୍ତର ରାତିରେ ଆସି ନ ଥିଲେ। ସକାଳେ ଅଧିକ ଯନ୍ତ୍ରଣା ହୋଇଥିଲେ ମଧ୍ୟ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ କୌଣସି ଡାକ୍ତର ଆସି ନ ଥିଲେ। ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ଜଟିଳ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରିବା ପାଇଁ ପରିବାର ଲୋକେ ନିବେଦନ କରିଥିଲେ। ମାତ୍ର ଡାକ୍ତର ଓ ନର୍ସମାନେ ରେଫର କରିବାରେ ଅସହଯୋଗ କରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଭୁଲ ଇଞ୍ଜେକ୍ସନ ଓ ଚିକିତ୍ସାରେ ଅବହେଳା ଯୋଗୁ ଆଲୋକଙ୍କ ମୃତ୍ୟୁ ହୋଇଥିବା ତାଙ୍କ ଭିଣୋଇ ହେମନ୍ତ କୁମାର ସାମଲ ଅଭିଯୋଗ କରିଛନ୍ତି। ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେହିପରି ଆଲୋକଙ୍କ ସାନଭାଇ ମଧ୍ୟ ଡାକ୍ତରଙ୍କ ଅବହେଳା ତଥା ସଠିକ ସମୟରେ ଡାକ୍ତର ଚିକିତ୍ସାଳୟକୁ ନ ଆସିବା ଯୋଗୁ ଭାଇର ମୃତ୍ୟୁ ଘଟିଥିବା ଅଭିଯୋଗ କରିଛନ୍ତି। ଡାକ୍ତରଙ୍କୁ ଗିରଫ କରିବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରଙ୍କ ଅବହେଳା ଯୋଗୁ ରୋଗୀମୃତ୍ୟୁ ନୂଆ ହୋଇ ନ ଥିବା ବେଳେ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି।

## ଲକ୍ଷ୍ମୀଧର ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ଢେଙ୍କାନାଳ,୧।୪(ସମିସ):** ସ୍ଥାନୀୟ ଲକ୍ଷ୍ମୀଧର ମ୍ୟୁନିସପାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ଇତିଶ କୁମାର ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମାଣିପୁର ରାଧାକାନ୍ତଜୀଉ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମନିଷାବାଳା ମହନ୍ତ, ମୁଖ୍ୟବକ୍ତା ଭାବେ ବିଦ୍ୟାଳୟ ଆଲମ୍ନି କମିଟି ସଭାପତି ଶକ୍ତିପ୍ରସାଦ ନନ୍ଦ, ସମ୍ମାନିତ ଅତିଥି ଭାବେ ସିଆରସିସି ପ୍ରଭାତି ବେହେରା, ଏସଏମସି ଅଧ୍ୟକ୍ଷା ମମତା ମିଶ୍ର, ଆଲମ୍ନି ସଦସ୍ୟ ଆଶିଷ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସୁବ୍ରତ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନଶିକ୍ଷକ ଇତିଶ କୁମାର ବରାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ବନିତା ସାହୁ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ସବିତା ସ୍ୱାଇଁ, ରଶ୍ମିରାଣୀ ଶତପଥୀ, ନିଲୋଫର ଜାବିନ, ନର୍ମଦା ଗଡ଼ନାୟକ, ମଞ୍ଜୁବାଳା ବାରିକ, ଦୀପିକା ତ୍ରିପାଠୀ, ପ୍ରଜ୍ଞାପରମିତା ସାହୁ, କର୍ମଚାରୀ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ସଙ୍ଗୀତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମା' ବୁଢ଼ୀଦେଈଙ୍କ କଳସ ଯାତ୍ରା

**ଢେଙ୍କାନାଳ,୧।୪(ସମିସ):** ସଦର ବ୍ଲକ ଗେଙ୍ଗୁଟିଆ ପଞ୍ଚାୟତ କେଞ୍ଜୁଆବେରେଣୀ ମୌଜାର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀଦେଈଙ୍କ ନୂତନ ଗୃହ ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମ ଚାଲିଛି। ପ୍ରଥମ ଦିନ ବ୍ରାହ୍ମଣୀ ନଦୀରୁ ସକାଳ ୯ଟାରେ ୫୧ଟି କଳସ ସହ ଶୋଭାଯାତ୍ରା ହୋଇଥିଲା। ଉତ୍ସବରେ ସୁବ୍ରତ କୁମାର ମଲ୍ଲିକ ଓ ତାଙ୍କ ସ୍ତ୍ରୀ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ପୁରୋଧା ସୁଶାନ୍ତ ରଥ ଦେବୀଙ୍କ କଳସ ପୂଜା କରିଥିଲେ। କେଞ୍ଜୁଆବେରେଣୀ ଓ ଗେଙ୍ଗୁଟିଆ ଗ୍ରାମବାସୀଙ୍କ ସମେତ ଦାମ ସାମନ୍ତରାୟ ସ୍ୱୟଂ ସଙ୍ଗଠନ ସଦସ୍ୟମାନେ ସହଯୋଗ କରୁଛନ୍ତି।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ଗଁଦିଆ,୧।୪(ସମିସ):** ଗଁଦିଆ ବ୍ଲକ କରମୂଳସ୍ଥିତ ଆମ୍ବପଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ବେହେରା ଚାକିରିରୁ ଅବସର ଗ୍ରହଣ କରିଛନ୍ତି। କରମୂଳ ସିଆର୍‌ସିସି ପୃଥ୍ୱୀରାଜ ନାୟକଙ୍କ ସଂଯୋଜନାରେ ତାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଶିକ୍ଷୟିତ୍ରୀ ଶ୍ରୀ ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିଭାବେ ସମାଜସେବୀ ପ୍ରଦ୍ୟୁମ୍ନ ପଣ୍ଡା ଯୋଗଦେଇ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ବେହେରାଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ସର୍ବେଶ୍ୱର ନାୟକ, ଅମ୍ବୁଜ କୁମାର ସାହୁ, ନୃସିଂହ ମଲ୍ଲିକ, ଶ୍ରୀକାନ୍ତ ପଣ୍ଡା, ଶଙ୍କର୍ଷଣ ତରାଇ, କାମେନି ଶତପଥୀ, ଜୟକୃଷ୍ଣ ପାଳ, ଅଶାନ୍ତି ବେହେରା, ମଙ୍ଗରାଜ ପୋଇ, ତପନ କୁମାର ପତି, ଜାହ୍ନବୀ ପୋଇ, ରୀନା ସ୍ୱାଇଁ, ସସ୍ମିତା ଶତପଥୀ, ତୃପ୍ତିମୟୀ ପଣ୍ଡା ଯୋଗଦେଇ ଚନ୍ଦ୍ରଶେଖରଙ୍କ ଗୁଣଗାନ କରିଥିଲେ। ଛାତ୍ରୀ ସୋହଳିନୀ ମିଶ୍ର, ରାଜଲକ୍ଷ୍ମୀ ପଣ୍ଡା, ଶ୍ରେୟାଂଶୀ ଦାଶ, ଶ୍ରୁତି ଶ୍ରେୟାଂଶୀ ଦାଶ, ଶ୍ରୁତି ସାଗରିକ ଦାଶ, ଆଲିଶା ପ୍ରିୟଦର୍ଶିନୀ ସାହୁ, ଦିବ୍ୟଜ୍ୟୋତି ଦାଶ ଗୁରୁବନ୍ଦନା କରିଥିଲେ। କରମୂଳ କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ମକୁନ୍ଦପୁର, ଗୋରଡ଼ାପାଳ, କରମୂଳ, କରମୂଳ ପାଟଣା, ଭଳିଆକଣ ମଝିପାଳ, ହାତୀବାରି, ନବାଲିଙ୍ଗା, ଦଳାର ଆଦି ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ସୁଶାନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

## ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଙ୍ଘ ଗଠିତ




**ଢେଙ୍କାନାଳ,୧।୪(ସମିସ):** ସ୍ଥାନୀୟ ଓଷ୍ଟା ସଙ୍ଘ ସଭାଗୃହରେ ଜିଲ୍ଲାର ଅବସରପ୍ରାପ୍ତ ଶିକ୍ଷକ ଏବଂ କର୍ମଚାରୀମାନଙ୍କର ଏକ ସାଧାରଣ ସଭା ଅନୁଷ୍ଠିତ ହେବା ସହିତ ଏକ ସଙ୍ଘ ଗଠିତ ହୋଇଯାଇଛି। ସଭାପତି ସରୋଜ କାନ୍ତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଲୋଚନା ହେବା ସହିତ ଏକ ନିଜନ କମିଟି ଗଠନ ପାଇଁ ଆଲୋଚନା ହୋଇଥିଲା। ବୈଠକରେ ଅଶ୍ୱିନୀ କୁମାର ରାୟ, ଧୃବଚରଣ ଗଡନାୟକ, ମୁରଲୀଧର ସାହୁ, ପ୍ରଶାନ୍ତ କୁମାର ମଲ୍ଲିକ, ସଦାନନ୍ଦ ପତି ଓ ଓଷ୍ଟା ରାଜ୍ୟସଙ୍ଘ ଉପସଭାପତି ପ୍ରମୋଦ କୁମାର ସ୍ୱାଇଁ, ଦୁର୍ଗାଚରଣ ମହାପାତ୍ର, ପ୍ରଶାନ୍ତ କୁମାର ଧଳ, ଦେବୀ ପ୍ରସାଦ ମିଶ୍ର, ସନ୍ତୋଷ କୁମାର ପାଣିଗ୍ରାହୀ ଆଲୋଚନାରେ ଅଂଶ ଗ୍ରହଣ କରିବା ସହିତ ସଭାପତି ସରୋଜ କାନ୍ତ ଦାଶ ଏବଂ ଆବାହକ ବିଭୁତି ସାମଲ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ପରେ ଏକ ନୂତନ କମିଟି ଗଠନ କରାଯାଇଥିଲା। କମିଟିର ସଭାପତି ଭାବରେ ସରୋଜ କାନ୍ତ ଦାଶ, କାର୍ଯ୍ୟକାରୀ ସଭାପତି ଦେବୀ ପ୍ରସାଦ ମିଶ୍ର, ଉପସଭାପତି ଧୃବଚରଣ ଗଡନାୟକ, ସମ୍ପାଦକ ବିଭୁତି ସାମଲ, ଯୁଗ୍ମ ସମ୍ପାଦକ ସଦାନନ୍ଦ ସାହୁ, କୃପାସିନ୍ଧୁ ବେହେରା, ଉପଦେଷ୍ଟା ଭାବରେ ଦୁର୍ଗାଚରଣ ମହାପାତ୍ର, ସନ୍ତୋଷ କୁମାରପାଣିଗ୍ରାହୀ, ପ୍ରଶାନ୍ତ କୁମାର ଧଳ, କାର୍ଯ୍ୟକାରୀ ସଦସ୍ୟ ଭାବରେ ଅଶ୍ୱିନୀ ରାୟ, ଚତୁର୍ଭୁଜ ମଲ୍ଲିକ, ସଦାନନ୍ଦ ପାଢୀ, ପ୍ରେମାନନ୍ଦ ଜେନାଙ୍କୁ ମନୋନୀତ କରାଯାଇଥିଲା। ଏହି ବୈଠକରେ ଶୁଭସ୍ମିତା ବେଉରା, ପ୍ରେମାନନ୍ଦ ଜେନା, ଗିରିଶ ଚନ୍ଦ୍ର ବେହେରା ସହାୟତାପ୍ରଦାନ କରିଥିଲେ।

ବିଭିନ୍ନ ଅନୁଷ୍ଠାନରେ ଓଡ଼ିଶା ଦିବସ ପାଳିତ

# ‘ଓଡ଼ିଆପଣର ଅଭାବ ଓଡ଼ିଆଙ୍କ ଲାଗି ବିପଦ ଆଣିପାରେ’









ଢେଙ୍କାନାଳ,୧।୪(ସମିସ)

ଓଡ଼ିଆ ଜାତି ଅନନ୍ୟ ସାହସୀ ଓ ସ୍ୱାଭିମାନୀ। ଏହାର କଳା, ସ୍ଥାପତ୍ୟ, ନୃତ୍ୟ, ସାହିତ୍ୟ ଓ ସଙ୍ଗୀତ ସାରା ଦେଶରେ ବେଶ୍ ପରିଚିତ। ଓଡ଼ିଆ ବୀରଙ୍କ ବୀରତ୍ୱ ସାରା ବିଶ୍ୱରେ ମହାନ। ମାତ୍ର ଏବେ ଆମ ଭିତରୁ ସେଇ ଓଡ଼ିଆ ଭାବ ଟିକକ ମରି ମରି ଯାଉଛି। ଓଡ଼ିଆ ଭାଷା ସହିତ୍ୟଠାରୁ ନୂତନ ପିଢ଼ି ଦୂରେଇ ଯାଉଥିବା ବେଳେ ଓଡ଼ିଶା ଦିବସ ଆମ ଅତୀତର ଐତିହ୍ୟ ଓ ସ୍ୱାଭିମାନକୁ ମନେ ପକାଇଦିଏ ବୋଲି ସ୍ଥାନୀୟ ଡିଆଇଇଟିରେ ପାଳିତ ଓଡ଼ିଶା ଦିବସ ସମାରୋହରେ ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅବସରପ୍ରାପ୍ତ ଅଧ୍ୟକ୍ଷା ମଞ୍ଜୁଶ୍ରୀ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି।

ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ଆଇନଜୀବୀ ଦୀପ୍ତୀଶ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ମଧୁବାବୁ, ଗୋପବନ୍ଧୁ ଦାସ, ଗୌରୀଶଙ୍କର ରାୟ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ଫକୀର ମୋହନ ସଭାପତିଙ୍କ ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ଶିକ୍ଷକ ପ୍ରଶିକ୍ଷିକା ପ୍ରତିଭା ଦଳେଇ ଓ ବିଦ୍ୟୁତପ୍ରଭା ଶତପଥୀ ନିଜ ବକ୍ତବ୍ୟରେ ଓଡ଼ିଶା ଦିବସ ପାଳନର ଯଥାର୍ଥତା ପ୍ରତିପାଦନ କରିଥିଲେ। ଆରମ୍ଭରେ ସମବେତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିବା ବେଳେ ବରିଷ୍ଠ ପ୍ରଶିକ୍ଷିକା ସ୍ନେହଲତା ରାଜ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଶିକ୍ଷିକା ସ୍ୱାଗତିକା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପୂର୍ବରୁ ଅତିଥିମାନେ ପ୍ରତିଷ୍ଠାନ ପରିସରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପ୍ରାଚୀର ପତ୍ରିକା ଉନ୍ମୋଚନ କରିଥିଲେ। ଓଡ଼ିଶା ଦିବସ ଉପଲକ୍ଷେ ଆୟୋଜିତ ଝୋଟି, ବକ୍ତୃତା, କୌତୁକ ପୋଷାକ, ରିଲ୍‌ସ ପ୍ରସ୍ତୁତି ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ରିଡର ଅଫ ଦି ମନ୍ଥ ଭାବେ ଗୁରୁଛାତ୍ରୀ ସ୍ନିଗ୍ଧା ସାହୁଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ଗୁରୁଛାତ୍ର ହରିହର ସାହୁ ଓ ଗୁରୁଛାତ୍ରୀ ବର୍ଷାରାଣୀ ସାହୁ ସଭା ସଂଯୋଜନା କରିଥିଲେ।

**ଢେଙ୍କାନାଳ:** ସ୍ଥାନୀୟ ଗାନ୍ଧୀ ମନ୍ଦିରରେ ଜିଲ୍ଲା କଂଗ୍ରେସ ତରଫରୁ ଓଡ଼ିଶା ଦିବସ ପାଳିତ ହୋଇଛି। ଜିଲ୍ଲା ସଭାପତି ଛବିରାଜ ବିଶ୍ୱାଳଙ୍କ ନେତୃତ୍ୱରେ ଦଳର ନେତା ଏବଂ କର୍ମୀମାନଙ୍କୁ ନେଇ ବୈଠକ ହୋଇଥିଲା। ମହାତ୍ମା ଗାନ୍ଧୀ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚିତ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। ଓଡ଼ିଆ ଭାଷାର ସୁରକ୍ଷା ନିମନ୍ତେ ସମସ୍ତେ ପ୍ରୟାସ କରିବାକୁ ନେତାମାନେ ଆହ୍ୱାନ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ବିନୟ କୁମାର ସାହୁ, ଡା. ତୁଷାରକାନ୍ତି ନାୟକ, ପ୍ରଭୁଦତ୍ତ ଭଞ୍ଜ, ବ୍ଲକ ସଭାପତି ବିପ୍ରବର ସାହୁ, ସ୍ମିତାରାଣୀ ସାମଲ, ରୁବେନା ବେଗମ୍ ପ୍ରମୁଖ ଯୋଗଦେଇଥିଲେ। ଟାଉନ ସଭାପତି ବିକାଶ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

**ଗଁଦିଆ:** ସଦର ବ୍ଲକ ଭଗବାନପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଓଡ଼ିଶା ଦିବସ ପାଳନ କରାଯାଇଛି। ପ୍ରଥମେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ପ୍ରଧାନଶିକ୍ଷୟିତୀ ଚନ୍ଦ୍ରକାନ୍ତି ଷଡ଼ଙ୍ଗୀ, ବରିଷ୍ଠ ଶିକ୍ଷକ ଦୀନବନ୍ଧୁ ପୋଇ, ସୁକାନ୍ତି ସାହୁ, ନନ୍ଦିନୀ ସାହୁ, ନୀଲମ ଜସ୍ମିନ ରାଉତ ପ୍ରମୁଖ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଜନ୍ମଭୂମି ଓ ମାତୃଭାଷାର ସମ୍ମାନ ରଖି ତା’ର ପ୍ରଗତିରେ ସହାୟକ ହେବାକୁ ସମସ୍ତେ ଶପଥ ନେଇଥିଲେ। ଶିକ୍ଷକ ଦୀନବନ୍ଧୁ ପୋଇ ଧନ୍ୟବାଦ ଅର୍ପଣ କରିଥିଲେ।

**ଗଁଦିଆ:** କରମୂଳସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଐରା ଦ୍ୱାରା ପରିଚାଳିତ ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟରେ ଓଡ଼ିଶା ଦିବସ ପାଳନ କରାଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ସୁରେଶ କୁମାର ପଣ୍ଡା, ଶିକ୍ଷକ ଦ୍ୱାରିକା ପ୍ରସାଦ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସମାଜସେବୀ ପ୍ରଦ୍ୟୁମ୍ନ ପଣ୍ଡା ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋଚନା କରିଥିଲେ। ପିଲାମାନଙ୍କ ମଧ୍ୟରେ ଝୋଟି, ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଶିକ୍ଷକ ରମାକାନ୍ତ ପଲିତା, ଉତ୍ସବ ନାୟକ, ଦିବ୍ୟରଞ୍ଜନ ନାୟକ, ଶଶିଭୂଷଣ ଶତପଥୀ, କୈଳାସ ନାୟକ, ପ୍ରଭାତ ତରାଇ, ଶିକ୍ଷୟିତ୍ରୀ ଗୀତାଞ୍ଜଳି ବେହେରା, ବନଜାବାଳା ରାଉତ, ଲିମନ ଲିସା ପତି, ପଲ୍ଲିଶ୍ରୀ ରାଉତ, ମିନତୀ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ନେଇ ଏକ ଦେଶାତ୍ମବୋଧକ ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ କରାଯାଇଥିଲା।

**ଢେଙ୍କାନାଳ:** ଆମ୍ ଆଦମୀ ପାର୍ଟି ଢେଙ୍କାନାଳ ଶାଖା ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଛି। ଜିଲ୍ଲା ସମ୍ପାଦକ ଅନିଲ ସାମଲଙ୍କ ତତ୍ତ୍ୱାବଧାନରେ ରାଜ୍ୟ ସଙ୍ଗଠନ ସମ୍ପାଦକ ଭରତ କୁମାର ଦାସ, ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ,



ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା, ଓଡ଼ାପଡ଼ା ବ୍ଲକ ସଭାପତି ଇଂ ପୀତାମ୍ବର ଦାସ, ନଗର ଉପସଭାପତି ବିଜୟ




ଦାସ, ବରିଷ୍ଠ ସଦସ୍ୟ ପ୍ରସନ୍ନ ବରାଳ, ଜୟଦେବ ବେହେରା, ଚିନ୍ମୟ ସେନାପତି, ବିଜୟ ନାଏକ ପ୍ରମୁଖ ଯୋଗଦେଇ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ଧୂପଦାନ ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

**ଢେଙ୍କାନାଳ:** ସ୍ଥାନୀୟ ସୁନ୍ଦରୀଖାଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାରମ୍ଭ ଯଜ୍ଞ ଓ ଓଡ଼ିଶା ଦିବସ ପାଳନ ସହ ଗୃହ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର କୋଷାଧ୍ୟକ୍ଷ ଉମାପ୍ରସାଦ ପଟ୍ଟନାୟକଙ୍କ ପୌରୋହିତ୍ୟରେ ବିଦ୍ୟାରମ୍ଭ ଯଜ୍ଞ କରାଯାଇଥିଲା। ଓଡ଼ିଶା ଦିବସ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟ ଅରୁନ୍ଧତୀ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ବାବୁଚାନ୍ଦ ମହାଳିକ ସ୍ୱାଗତ ଭାଷଣ ଦେଇଥିଲେ। ଆର୍‌ଏସ୍‌ଏସ୍‌ର ସହ ବିଭାଗ ସଂଘଚାଳକ ହୃଦାନନ୍ଦ ଶତପଥୀ, ଜିଲ୍ଲା ସଂଘଚାଳକ ଅଶୋକ କୁମାର ଭଞ୍ଜ, ଶିକ୍ଷା ବିକାଶ ସମିତି ସହ ଜିଲ୍ଲା ପ୍ରମୁଖ ମନମୋହନ ତ୍ରିପାଠୀ ଓଡ଼ିଶା ଦିବସ ଉପରେ ବକ୍ତବ୍ୟ ରଖିଥିଲେ। ସମ୍ପାଦକ ଗଗନ ବିହାରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**ଢେଙ୍କାନାଳ:** ଢେଙ୍କାନାଳ ନିର୍ବାଚନ ମଣ୍ଡଳୀ ବିଜେଡି ତରଫରୁ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲଙ୍କ ନିର୍ଦ୍ଦେଶକ୍ରମେ ଦଳର ଜିଲ୍ଲା କାର୍ଯ୍ୟାଳୟରେ ଓଡ଼ିଶା ଦିବସ ପାଳନ ହୋଇଛି। ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ଦିପ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ଯୋଗଦେଇ ଓଡ଼ିଶାର ବରପୁତ୍ରମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, ଜିଲ୍ଲା ଉପସଭାପତି ଅଜୟ କୁମାର ଭଞ୍ଜ, ଟାଉନ ସଭାପତି ବିନୋଦ କୁମାର ମହାନ୍ତି, ଛାତ୍ର ସଭାପତି ଆର୍ଯ୍ୟନ ଦାସ, କାଉନସିଲର ସାଗିର ମହମ୍ମଦ, ବଂଶୀଧର ଦଳେଇ, ଛାତ୍ର ଜନତା ଦଳ ସାଧାରଣ ସମ୍ପାଦକ କୁଳଦୀପ ମହାପାତ୍ର, ଶ୍ରଦ୍ଧାଞ୍ଜଳି ସାହୁ, ଜୋସ୍ନାରାଣୀ ମଣ୍ଡଳ, ବିଷ୍ଣୁପ୍ରସାଦ କର ପମୁଖଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସକାଳ ୮ଟାରେ ଜିଲ୍ଲା ମହକୁମାରେ ଥିବା ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ନଗର ଯୁବ ସଭାପତି ବ୍ରହ୍ମାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଢେଙ୍କାନାଳ:** ରଥଗଡ଼ାସ୍ଥିତ ଉତ୍ଫୁଲ୍ଲା କାର୍ଯ୍ୟାଳୟରେ ଉତ୍ଫୁଲ୍ଲାର ସଭାପତି ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଦିବସ ପାଳିତ ହୋଇଛି। ପରିବେଶବିତ୍ ଉପେନ୍ଦ୍ର ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ୨୦୩୬ରେ ଓଡ଼ିଶା ପ୍ରଥମ ଭାଷାଭିତ୍ତିକ ରାଜ୍ୟ ରୂପେ ଶତବାର୍ଷିକୀ ପାଳନ କରିବ। ସେହି ଅନୁସାରେ ସରକାର ବିକଶିତ ଓଡ଼ିଶା-୨୦୩୬ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ପଦକ୍ଷେପ ନେଇଛନ୍ତି। ଏଥିରେ ଉତ୍ଫୁଲ୍ଲାର ସମ୍ପାଦକ କବି ବାହାଦୁର ପାଟ୍ଟସାହାଣୀ, ଯୁଧିଷ୍ଠିର ସାହୁ, ଅବିନାଶ ଦାସ, ବିପିନ ବେହେରା, ବ୍ରହ୍ମାନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇ ଓଡ଼ିଶା ଦିବସ ପାଳନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟାଳୟ ସମ୍ପାଦକ ବିଚିତ୍ରାନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।





**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୪.୮୪ • ପାଉଣ୍ଡ ୧୨୫.୧୨
- ୟୁରୋ ୧୦୭.୮୧ • ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୩୮,୪୫୦ (ନୂଆଦିଲ୍ଲୀ)
- ରୁପା : ୨,୫୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୩,୧୩୪.୦୦
- ନିଫ୍ଟି ୨୨,୬୭୯.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ବିଶ୍ୱ ଅର୍ଥନୀତିରେ ଯୁଦ୍ଧ ବିଭୀଷିକା

## ଲାଗିଲା ୫୦ ଲକ୍ଷ କୋଟିର ଆର୍ଥିକ ଝଟ୍‌କା



**ଆରବ ରାଷ୍ଟ୍ର ହରାଇଲେ ୨୦ ହଜାର କୋଟି, ଆମେରିକାର ସାମରିକ କ୍ଷତି ୫ ଲକ୍ଷ କୋଟି**

**ବିଶ୍ୱ ଅର୍ଥନୀତିରେ ପୁନରୁଦ୍ଧାର ପାଇଁ ଲାଗିବ ୨ ବର୍ଷ**

**୩୦ ବର୍ଷରେ ହିଁ ହୋଇପାରିବ ପରିବେଶ କ୍ଷତି ଭରଣା**

ନୂଆଦିଲ୍ଲୀ,୧୪(ଏଜେନ୍ସି): ଇରାନ୍ ଯୁଦ୍ଧକୁ ଇତି ମଧ୍ୟରେ ମାସେ ପୁରିଛି। ନିରନ୍ତର ଆକ୍ରମଣ ଏବଂ ସାମରିକ କାର୍ଯ୍ୟାନୁଷ୍ଠାନ ଦ୍ୱାରା ହୋଇଥିବା କ୍ଷତି ଯୁଦ୍ଧ କ୍ଷେତ୍ର ବାହାରେ ବହୁ ଦୂରକୁ ବ୍ୟାପିବାରେ ଲାଗିଛି। ସଂଘର୍ଷର ଆର୍ଥିକ ପ୍ରଭାବ ମଧ୍ୟପ୍ରାଚ୍ୟ ବାହାର ଦେଶଗୁଡ଼ିକରେ ପହଞ୍ଚିଛି। ଏହି ଯୁଦ୍ଧ କେବଳ ଇରାନ, ଇସ୍ରାଏଲ ଏବଂ ଆମେରିକା ସହିତ ଜଡିତ ଘାଟିଗୁଡ଼ିକୁ ପ୍ରଭାବିତ କରିନାହିଁ ବରଂ ବିଶ୍ୱ ଅର୍ଥନୀତିକୁ ମଧ୍ୟ ଦୋହଲାଇଦେଇଛି। ବିଶେଷଜ୍ଞମାନେ କହିଛନ୍ତି ଯେ ଅତି କମରେ ୧୪ଟି ରାଷ୍ଟ୍ର ଏହି ଯୁଦ୍ଧର ସିଧାସଳଖ ପରିଣାମ ଭୋଗିଥିବାବେଳେ, ଇନ୍ଧନ ମୂଲ୍ୟ ବୃଦ୍ଧି ଏବଂ ବାଣିଜ୍ୟ କାରବାର ବ୍ୟାହତ ହେବା ଯୋଗୁଁ ୩୦ରୁ ଅଧିକ ପ୍ରମୁଖ ବିଶ୍ୱ ଅର୍ଥନୀତି ଆର୍ଥିକ ଚାପ ଅନୁଭବ କରୁଛନ୍ତି। ଇରାନ୍ ଯୁଦ୍ଧରେ ବିଶ୍ୱକୁ ପାଖାପାଖି ୫୦ ଲକ୍ଷ କୋଟି ଟଙ୍କାର ଆର୍ଥିକ ଝଟ୍‌କା ଲାଗିଛି। ମିଳିତ ଜାତିସଂଘର ଏକ ନୂତନ ଅଧ୍ୟୟନ ଅନୁଯାୟୀ, ଇରାନ ବିରୁଦ୍ଧରେ ଆମେରିକା ଏବଂ ଇସ୍ରାଏଲୀ ଯୁଦ୍ଧ ମଧ୍ୟପ୍ରାଚ୍ୟରେ ଆଞ୍ଚଳିକ ବେକାରୀ ହାରରେ ୪ ପ୍ରତିଶତ ପଏଣ୍ଟ ପର୍ଯ୍ୟନ୍ତ ବୃଦ୍ଧି ଘଟାଇପାରେ। ଏଥିଯୋଗୁ , ପ୍ରାୟ ୩୬ ଲକ୍ଷ ଚାକିରି ଚାଲିଯିବାର ଭୟ ସୃଷ୍ଟି ହୋଇଛି। ଏହାଛଡା ଏହି ସଂଘର୍ଷ ପ୍ରାୟ ୪୦ ଲକ୍ଷ ଲୋକଙ୍କୁ ଦାରିଦ୍ର୍ୟ ଭିତରକୁ ଠେଲିଦେବ। ଏମିତିକି ଉପସାଗରୀୟ ରାଷ୍ଟ୍ରଗୁଡିକ ଯୁଦ୍ଧ ଯୋଗୁ ସେମାନଙ୍କର ଜିଡିପିରେ ୫.୨%ରୁ ହ୍ରାସର ସମ୍ମୁଖୀନ ହେବେ ବୋଲି କୁହାଯାଇଛି। ଏଥିରେ ଆରବ ରାଷ୍ଟ୍ରଗୁଡିକ ପ୍ରାୟ ୨୦ ହଜାର କୋଟି ଟଙ୍କାର କ୍ଷତି ସହିଛନ୍ତି। ହେଲେ ଯୁଦ୍ଧ ଏବେ ଏକ ଦୀର୍ଘକାଳୀନ ପରିବେଶଗତ ବିନାଶ ବିଷୟରେ ଚିନ୍ତା ସୃଷ୍ଟି କରିଛି।

ବିଶେଷଜ୍ଞମାନେ ଆକଳନ କରିଛନ୍ତି ଯେ ୩୦ ଦିନର ଏହି ଯୁଦ୍ଧରେ ୩୦ ହଜାରରୁ ଅଧିକ କ୍ଷେପଣାସ୍ତ୍ର, ଡ୍ରୋନ୍ ଏବଂ ବୋମା ଆକ୍ରମଣ ହୋଇଛି। ଏହାର ଅର୍ଥ ହେଉଛି ପ୍ରାୟ ପ୍ରତି ମିନିଟ୍‌ରେ ବିଭିନ୍ନ ଅଞ୍ଚଳରେ ଆକ୍ରମଣ ହେଉଛି। ସାମରିକ କାର୍ଯ୍ୟକଳାପର ତୀବ୍ର ଗତି ସହର, ସାମରିକ ଘାଟି ଏବଂ ବେସାମରିକ ଭିତ୍ତିଭୂମିର ବ୍ୟାପକ ଧ୍ୱଂସ କରିଛି। ଉପଲବ୍ଧ ତଥ୍ୟ ଅନୁସାରେ, ଏହି ଯୁଦ୍ଧରେ ଏ ପର୍ଯ୍ୟନ୍ତ ୮ ୭୧୦ ନିଶ୍ଚିତ ମୃତ୍ୟୁ ହୋଇଛି। ୩୪,୦୦୦ ରୁ ଅଧିକ ଲୋକ ଆହତ ହୋଇଛନ୍ତି, ଯେତେବେଳେ କି ଆବାସିକ ଅଞ୍ଚଳ ଏବଂ ସାର୍ବଜନୀନ ସୁବିଧା ସମେତ ୧୫,୦୦୦ ରୁ ଅଧିକ ସ୍ଥାନ କ୍ଷତିଗ୍ରସ୍ତ କିମ୍ବା ନଷ୍ଟ ହୋଇଛି। ଏସୀୟ ଅର୍ଥନୀତି କଥା କହିଲେ, ଚୀନ୍, ଜାପାନ ଏବଂ ଦକ୍ଷିଣ କୋରିଆ ଭଳି ଏସୀୟ ଅର୍ଥନୀତି ସହିତ ୟୁରୋପର ଦେଶଗୁଡ଼ିକ ପୂର୍ବରୁ ଆର୍ଥିକ କ୍ଷେତ୍ରରେ ମନ୍ଥରତାର ସଙ୍କେତ ଦେଇସାରିଲେଣି। ବିଶେଷଜ୍ଞମାନେ ଆକଳନ କରିଛନ୍ତି ଯେ କେବଳ ପ୍ରଥମ ମାସ ମଧ୍ୟରେ ସଂଘର୍ଷରୁ ମୋଟ ବିଶ୍ୱ ଆର୍ଥିକ କ୍ଷତି ପ୍ରାୟ ୫୯୦ ବିଲିୟନ ଡଲାର (ପ୍ରାୟ ୪୯ ଲକ୍ଷ କୋଟି ଟଙ୍କା) ହେବ। ଯଦିଓ ସାମରିକ କାର୍ଯ୍ୟକଳାପ ତୁରନ୍ତ ବନ୍ଦ ହୋଇଯାଏ, ଅର୍ଥନୀତିଜ୍ଞମାନେ ବିଶ୍ୱାସ କରନ୍ତି ଯେ ବିଶ୍ୱ ଅର୍ଥନୀତି ପୁନରୁଦ୍ଧାର ପାଇଁ ଅତି କମରେ ଏକରୁ ଦୁଇ ବର୍ଷ ଲାଗିବ।

ଯଦିଓ ଆମେରିକା ମୁଖ୍ୟ ଯୁଦ୍ଧକ୍ଷେତ୍ରରୁ ଭୌଗୋଳିକ ଭାବରେ ଦୂରରେ ରହିଛି, ତଥାପି ସେ ଏହାର ସାମରିକ କାର୍ଯ୍ୟକୁ ବଜାୟ ରଖିବା ପାଇଁ ଏଥିରେ ବିପୁଳ ପରିମାଣରେ ଅର୍ଥ ଖର୍ଚ୍ଚ କରିଛି। ପେଣ୍ଟାଗନର ଆକଳନ ଅନୁଯାୟୀ ଆମେରିକା ସଂଘର୍ଷର ପ୍ରାରମ୍ଭିକ ଦିନଗୁଡ଼ିକରେ ପ୍ରତିଦିନ ପ୍ରାୟ ୧୫,୬୬୬ କୋଟି ଟଙ୍କା ଖର୍ଚ୍ଚ କରିଥିଲା। ସମସ୍ତ ଖର୍ଚ୍ଚ ମିଶିଲେ ଯୁଦ୍ଧରେ ସାମରିକ ବାବଦରେ ଆମେରିକାର କ୍ଷତି ପ୍ରାୟ ୫ ଲକ୍ଷ କୋଟି ଟଙ୍କା ହେବ ବୋଲି କୁହାଯାଉଛି। ଅପରପକ୍ଷେ ଯୁଦ୍ଧ ଝଟ୍‌କା ଇସ୍ରାଏଲ୍‌କୁ ବି ଲାଗିଛି। ଇରାନ୍ ଯୁଦ୍ଧରେ ଦେଶ ପ୍ରାୟ ୧୦୦ କୋଟି ଟଙ୍କା ଖର୍ଚ୍ଚ କରିଛି। ଗତ ମାସରେ ଆକ୍ରମଣାତ୍ମକ ଆକ୍ରମଣ ଏବଂ ପ୍ରତିରକ୍ଷା ପଦକ୍ଷେପ ପାଇଁ ୯୧,୦୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ପ୍ରତ୍ୟକ୍ଷ ସାମରିକ ଖର୍ଚ୍ଚ ବ୍ୟତୀତ, ଇସ୍ରାଏଲ ସୀମିତ କାର୍ଯ୍ୟକଳାପ, ଜରୁରୀକାଳୀନ ଗତିବିଧି ଏବଂ ବାରମ୍ବାର କ୍ଷେପଣାସ୍ତ୍ର ଆକ୍ରମଣ ଯୋଗୁଁ ଆର୍ଥିକ ବାଧାପ୍ରାପ୍ତ ହୋଇଛି। ଅର୍ଥନୈତିକ ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି ଯେ ଯୁଦ୍ଧ ଯୋଗୁଁ ଇସ୍ରାଏଲର ଜିଡିପି ପ୍ରାୟ ୧ ପ୍ରତିଶତ ହ୍ରାସ ପାଇବ। ସଂଘର୍ଷ କେତେ ଦିନ ଜାରି ରହିବ ତାହା ଉପରେ ନିର୍ଭର କରି ବର୍ତ୍ତମାନର କ୍ଷତିରୁ ପୁନରୁଦ୍ଧାର ଦୁଇ ବର୍ଷରୁ ଅଧିକ ସମୟ ନେଇପାରେ।

ଇରାନ୍ ଯୁଦ୍ଧରେ ଆର୍ଥିକ କ୍ଷତି ଏବଂ ମାନବ ମୃତାହତ ବ୍ୟତୀତ, ପରିବେଶଜନିତ କ୍ଷତି ଏହାର ସବୁଠାରୁ ଗମ୍ଭୀର ଦୀର୍ଘକାଳୀନ ପରିଣାମ ମଧ୍ୟରୁ ଗୋଟିଏ। ନିରନ୍ତର ବିସ୍ଫୋରଣ, ତେଲ ନିଆଁ ଏବଂ ଶିଳ୍ପ କାରଖାନା ଧ୍ୱଂସ ବାୟୁ ଏବଂ ପାଣିରେ ପ୍ରଦୂଷକ ପଦାର୍ଥ ଛାଡିଛି। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଏଥିରେ କ୍ଷତିଗ୍ରସ୍ତ ପରିବେଶ ବ୍ୟବସ୍ଥାକୁ ପୁନରୁଦ୍ଧାର କରିବାକୁ ୨୦ ରୁ ୩୦ବର୍ଷ ଲାଗିପାରେ। ଦୂଷିତ ମାଟି, ନଷ୍ଟ ଭିତ୍ତିଭୂମି ଏବଂ କ୍ଷତିଗ୍ରସ୍ତ ତୈଳ ପାଇପଲାଇନଗୁଡ଼ିକ ସ୍ଥାୟୀ ପରିବେଶଗତ ବିପଦ ସୃଷ୍ଟି କରିବାର ସମ୍ଭାବନା ଅଛି। ଯୁଦ୍ଧ ଦ୍ୱିତୀୟ ମାସରେ ପ୍ରବେଶ କରିବା ସହିତ, ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ ଜାରି ଯୁଦ୍ଧ ଆର୍ଥିକ କ୍ଷତି ଏବଂ ପରିବେଶଗତ କ୍ଷତି ଉଭୟକୁ ବୃଦ୍ଧି କରିପାରେ, ଯାହା ସାରା ବିଶ୍ୱ ପାଇଁ ପୁନରୁଦ୍ଧାରକୁ ଅଧିକ କଷ୍ଟକର କରିପାରେ।

## ଇରାନ୍‌ର ୧୩ ଲକ୍ଷ କୋଟି କ୍ଷତି

ନୂଆଦିଲ୍ଲୀ,୧୪(ଏଜେନ୍ସି): ମଧ୍ୟ ପ୍ରାଚ୍ୟ ଯୁଦ୍ଧ ନିଆଁରେ ବର୍ତ୍ତମାନ ସାରା ବିଶ୍ୱ ଜଳୁଛି। ଏହି ଯୁଦ୍ଧରେ ଇରାନ୍ ଗୁରୁତର କ୍ଷତିର ସମ୍ମୁଖୀନ ହୋଇଛି। ରଣନୈତିକ ସ୍ଥାନ ଏବଂ ଭିତ୍ତିଭୂମିକୁ ଟାର୍ଗେଟ କରି ନିରନ୍ତର ବିମାନ ଆକ୍ରମଣ ଯୋଗୁଁ ଇରାନ୍‌କୁ ବହୁ କୋଟି ଯଙ୍କାର କ୍ଷତି ସହିବାକୁ ପଡିଛି। ଅର୍ଥନୈତିକ ଆକଳନ ସୂଚିତ କରୁଛି ଯେ ଚାଲିଥିବା ଏହି ସଂଘର୍ଷ ଯୋଗୁଁ ଇରାନ୍‌ର ଜିଡିପିରେ ପ୍ରାୟ ୨୦ ପ୍ରତିଶତ ହ୍ରାସ ପାଇପାରେ। ଏଥିରେ କେବଳ ଭିତ୍ତିଭୂମିର କ୍ଷତି

**ଜିଡିପି ୨୦% ହ୍ରାସ ପାଇପାରେ**

**ଦାରିଦ୍ର୍ୟ ସୀମା ରେଖା ତଳକୁ ଚାଲିଯିବେ ୪ କୋଟି ଲୋକ**

ଆକଳନ କରାଯାଇଛି। ଏହା ବ୍ୟତୀତ, ଇରାନର ତୈଳ ରପ୍ତାନି ଯାହା ଦୈନିକ ପ୍ରାୟ ୧୧୦୦ କୋଟି ଟଙ୍କାର ହେବ। ଯୁଦ୍ଧରେ ତୈଳ ବିଶୋଧନାଗାର ନଷ୍ଟ ଏବଂ ପରିବହନ ବାଧା ଯୋଗୁଁ ପ୍ରାୟ ୩୩,୦୦୦ କୋଟି ଟଙ୍କା କ୍ଷତି ହୋଇଛି। ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ ଆର୍ଥିକ ସଙ୍କଟ ଜାରି ରହିଲେ ଇରାନ୍‌ରେ ପ୍ରାୟ ୪ କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ତଳକୁ ଚାଲିଯିବାର ଭୟ ରହିଛି। ସାମଗ୍ରିକ ଭାବରେ, ପ୍ରଥମ ମାସରେ ଯୁଦ୍ଧରେ ଇରାନର ମୋଟ କ୍ଷତି ପ୍ରାୟ ୧୩ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଆକ୍ରମଣରେ ହଜାର ହଜାର କୋଠାବାଡି ନଷ୍ଟ ହୋଇଯାଇଛି। ଅନୁକୂଳ ପରିସ୍ଥିତିରେ ମଧ୍ୟ, ପୁନଃନିର୍ମାଣ ପ୍ରୟାସ ୧୦ ବର୍ଷ ଲାଗିଯାଇପାରେ।

## ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନ; ଓଡ଼ିଶା ପାଇବ ୫୩ କୋଟି

**୮ ରାଜ୍ୟ ପାଇଁ ୧,୫୩୬ କୋଟି ମଞ୍ଜୁର**

ଭୁବନେଶ୍ୱର,୧୪(ସମିସ): କେନ୍ଦ୍ର ସରକାର ୨୦୨୫-୨୫ ଆର୍ଥିକବର୍ଷରେ ପଞ୍ଚାୟତିରାଜ ସଂସ୍ଥାମାନଙ୍କ ଲାଗି ୮ଟି ରାଜ୍ୟକୁ ପଞ୍ଚଦଶ ଅର୍ଥ ଆୟୋଗ ବନ୍ଧିତ ଓ ଅଣବନ୍ଧିତ ଅନୁଦାନ ଜାରି କରିଛନ୍ତି। ଏହି ରାଜ୍ୟଗୁଡ଼ିକ ହେଲେ ଓଡ଼ିଶା, ଅରୁଣାଚଳପ୍ରଦେଶ, ଗୁଜରାଟ, ଗୋଆ, ରାଜସ୍ଥାନ, ତେଲେଙ୍ଗାନା ଓ ଉତ୍ତରାଖଣ୍ଡ।

ଏହି ପାଣ୍ଠିରେ ନିୟମିତ ଅନୁଦାନ ସମେତ ଅନ୍ୟ ଆର୍ଥିକ ବର୍ଷରେ ଅଟକି ରହିଥିବା କିସ୍ତିକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ଏସବୁ ରାଜ୍ୟରେ ଗ୍ରାମୀଣ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକୁ ସୁଦୃଢ କରିବା ଲକ୍ଷ୍ୟରେ ମୋଟ ୧୫୩୬.୧୪ କୋଟି ଟଙ୍କା ଜାରି କରାଯାଇଛି। ଏହି ରାଶି ମଧ୍ୟରୁ ଓଡ଼ିଶା ବନ୍ଧିତ ଅନୁଦାନଭାବେ ୫୩ କୋଟି ୧୩ ଲକ୍ଷ ଟଙ୍କା ପାଇବ। ଏହା ମଧ୍ୟରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଅଟକି ରହିଥିବା ପ୍ରଥମ ଓ ଦ୍ୱିତୀୟ କିସ୍ତି ଅନ୍ତର୍ଭୁକ୍ତ। ରାଜ୍ୟର ୧୦ଟି ଯୋଗ୍ୟ ଜିଲ୍ଲା ପଞ୍ଚାୟତ, ୧୭ଟି ଯୋଗ୍ୟ ବ୍ଲକ ପଞ୍ଚାୟତ, ୪୦ଟି ଯୋଗ୍ୟ ଗ୍ରାମ ପଞ୍ଚାୟତ (ଉଭୟ କିସ୍ତି) ଓ ୧୫ଟି ଯୋଗ୍ୟଗ୍ରାମ ପଞ୍ଚାୟତ (୨ୟ କିସ୍ତି) କୁ ଏହି ରାଶି ମିଳିବ। ଓଡ଼ିଶାକୁ ମିଳିବାକୁ ଥିବା ରାଶି ବନ୍ଧିତ ଅନୁଦାନ ହୋଇଥିବାରୁ ତାହା କେବଳ (କ) ପରିମଳ ଏବଂ ଘରୋଇ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ପ୍ରକ୍ରିୟାକରଣ ସମେତ ଓଡିଏଫ୍ ସ୍ଥିତିର ରକ୍ଷଣାବେକ୍ଷଣ, ଏବଂ ବିଶେଷକରି ମାନବ ମଳ ଏବଂ ବର୍ଜ୍ୟ ପରିଚାଳନା; ଏବଂ (ଖ) ପାନୀୟ ଜଳ ଯୋଗାଣ, ବର୍ଷାଜଳ ଅମଳ ଏବଂ ଜଳ ପୁନଃଚକ୍ରଣ ପାଇଁ ବ୍ୟବହାର ହେବ। ଅନ୍ୟପକ୍ଷରେ ବେତନ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠାନ ଖର୍ଚ୍ଚ ବ୍ୟତୀତ, ସମ୍ବିଧାନର ଏକାଦଶ ଅନୁସୂଚୀରେ ଅନ୍ତର୍ଭୁକ୍ତ ୨୯ ବିଷୟ ଅଧୀନରେ ଅଞ୍ଚଳଭିତ୍ତିକ ଆବଶ୍ୟକତା ପାଇଁ ପଞ୍ଚାୟତିରାଜ ପ୍ରତିଷ୍ଠାନ/ଗ୍ରାମୀଣ ସ୍ଥାନୀୟ ସଂସ୍ଥାଗୁଡ଼ିକ ଦ୍ୱାରା ଅଣବନ୍ଧିତ ଅନୁଦାନ ବ୍ୟବହାର କରାଯାଏ।

## ନୂଆ ଆର୍ଥିକବର୍ଷରୁ ମହଙ୍ଗା ମାଡ଼ — ୧୫ଟି କ୍ଷେତ୍ରରେ ବଡ଼ ପରିବର୍ତ୍ତନ

**ଗ୍ୟାସ ସିଲିଣ୍ଡରଠାରୁ ରେଳ ଟିକଟ୍ ବାତିଲ ଯାଏ ସବୁ ନିୟମ ବଦଳିଲା**

ନୂଆଦିଲ୍ଲୀ,୧୪(ଏଜେନ୍ସି): ଏପ୍ରିଲ ପହିଲାରୁ ୨୦୨୬-୨୭ ଆର୍ଥିକବର୍ଷ ଆରମ୍ଭ ହୋଇଯାଇଛି। ନୂଆ ଆର୍ଥିକବର୍ଷରୁ ଆରମ୍ଭ ହେବା କ୍ଷଣି ଲୋକଙ୍କ ଉପରେ ହୋଇଛି ମହଙ୍ଗା ମାଡ଼। ଏଥିରେ ବାଣିଜ୍ୟିକ ଗ୍ୟାସ ସିଲିଣ୍ଡରର ମୂଲ୍ୟ ୨୧୮ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହୋଇଛି। ଏଥିସହିତ ଟ୍ରେନ୍ ଟିକଟ୍ ବାତିଲ ନିୟମ, ଫାସ୍‌ଟ୍ୟାଗ୍,ଟୋଲ୍ ଟିକସ ଏବଂ ଆୟକର ସହିତ ଜଡିତ ନିୟମକୁ ମିଶାଇ ମୋଟ ୧୫ଟି କ୍ଷେତ୍ରରେ ବଡ଼ ପରିବର୍ତ୍ତନ ହୋଇଛି।

ତୈଳ କମ୍ପାନୀଗୁଡ଼ିକ ବାଣିଜ୍ୟିକ ଗ୍ୟାସ ସିଲିଣ୍ଡରର ମୂଲ୍ୟରେ ୨୧୮ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହାଛଡା ଟ୍ରେନ୍ ଟିକଟ ବାତିଲ୍ ନିୟମରେ ବଡ଼ ପରିବର୍ତ୍ତନ ହୋଇଛି। ଏଥିରେ ଟ୍ରେନ ଛାଡିବାର ୮ ଘଣ୍ଟା ପୂର୍ବରୁ ଟିକଟ ବାତିଲ କଲେ ହିଁ ଟଙ୍କା ଫେରସ୍ତ ମିଳିବ। ପୂର୍ବରୁ ଏହି ସମୟ ସୀମା ୪ ଘଣ୍ଟା ଥିଲା। ଯାତ୍ରୀମାନେ ଟ୍ରେନ୍ ଛାଡିବାର ୩୦ ମିନିଟ୍ ପୂର୍ବରୁ ସେମାନଙ୍କର ବୋର୍ଡିଂ ଷ୍ଟେସନ ମଧ୍ୟ ପରିବର୍ତ୍ତନ କରିପାରିବେ। ଏଥିରେ ଲୋକଙ୍କ ଉପରେ ଯେଉଁ ପ୍ରଭାବ ପଡ଼ିବ ତାହା ହେଲା, ସମୟ ମଧ୍ୟରେ ଟିକେଟ୍ ବାତିଲ ନ କଲେ ଆର୍ଥିକ କ୍ଷତି ସହିବାକୁ ହେବ। ଏଥିସହ ଏପ୍ରିଲ ପହିଲାରୁ, ଫାସ୍‌ଟ୍ୟାଗ୍ ବାର୍ଷିକ ପାସ ରି-ନ୍ୟୁ କରିବା ପାଇଁ ଆପଣଙ୍କୁ ଅଧିକ ଖର୍ଚ୍ଚ କରିବାକୁ ପଡିବ। ଏନ୍‌ଏଚ୍‌ଏଆଇ ବାର୍ଷିକ ପାସର ମୂଲ୍ୟ ୨.୫% ବୃଦ୍ଧି କରିଛି। ଫଳରେ ବାର୍ଷିକ ପାସ୍ ପାଇଁ ୩,୦୦୦ ଟଙ୍କା ବଦଳରେ ୩,୦୭୫ ଟଙ୍କା ଦେବାକୁ ପଡିବ। ଏହି ପାସ୍ ଦ୍ୱାରା କାର ବ୍ୟବହାରକାରୀମାନେ ଦେଶବ୍ୟାପୀ ୨୦୦ଟି ଟୋଲ୍ ପ୍ଲାଜାରେ ନ ଅଟକି ଯାତ୍ରା କରିପାରିବେ। ଆଜିଠାରୁ ସମସ୍ତ ଟୋଲ୍ ପ୍ଲାଜାରେ ନଗଦ କାରବାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ଟୋଲ୍ ଟିକସ ପେମେଣ୍ଟ କେବଳ ଫାସ୍‌ଟ୍ୟାଗ୍ କିମ୍ବା ୟୁପିଆଇ ଭଳି ଡିଜିଟାଲ୍ ମାଧ୍ୟମରେ କରାଯାଇପାରିବ। ଏପ୍ରିଲ ପହିଲାରୁ ବାଣିଜ୍ୟିକ ଏବଂ ଯାତ୍ରୀବାହୀ ଯାନଗୁଡ଼ିକର ମୂଲ୍ୟ ୨% ରୁ ୩% ବୃଦ୍ଧି ପାଇଛି। ଯଦି କାର ବୁକ୍ ହୋଇଛି, କିନ୍ତୁ ୩୧ ମାର୍ଚ୍ଚ ସୁଦ୍ଧା ଇନଭଏସ୍ ଦିଆଯାଇ ନ ଥିଲେ ଗ୍ରାହକଙ୍କୁ ବର୍ଦ୍ଧିତ ମୂଲ୍ୟ ଦେବାକୁ ପଡିବ। ଏଥିରେ ଶୋ'ରୁମ୍ ମୂଲ୍ୟ ସହିତ, ବର୍ଦ୍ଧିତ ମୂଲ୍ୟରେ ପଞ୍ଜୀକରଣ ଶୁଳ୍କ ମଧ୍ୟ ଲାଗୁ ହେବ।

ତେବେ ଏପ୍ରିଲରୁ ନୂଆ ଆୟକର ଆଇନ ୨୦୨୫ କାର୍ଯ୍ୟକାରୀ ହୋଇଛି। ତେଣୁ ଏବେ ଫାଇନାନ୍ସିଆଲ୍ ଓ ଆସେସ୍‌ମେଣ୍ଟ ଇଅର ପରିବର୍ତ୍ତେ ଟିକସ ବର୍ଷ ଶବ୍ଦ ବ୍ୟବହୃତ ହେବ। ଏହା କରଦାତାଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଦୂର କରିବ। ୨୦୨୪ -୨୫ରେ ଟଙ୍କା ରୋଜଗାର କରିଥିଲେ, ଟିକସଦାତା ଜୁଲାଇ ୨୦୨୫ରେ କର ଦେବେ। ଏହାବ୍ୟତୀତ ଏଣିକି ଫର୍ମ ୧୬ ବଦଳରେ ନୂଆ ଫର୍ମ ୧୩୦ ଏବଂ ୧୩୧ ବ୍ୟବହର କରାଯିବ। ପୂର୍ବରୁ ଟିଡିଏସ୍ କାଟ୍‌ର ପ୍ରମାଣ ପାଇଁ ଫର୍ମ ୧୬ ଏବଂ ଅନ୍ୟାନ୍ୟ ଆୟ ପାଇଁ ଫର୍ମ ୧୬ଏ ବ୍ୟବହାର କରାଯାଉଥିଲା। ଏଚ୍‌ଆର୍‌ଏ ଉପରେ ଟିକସ ଛାଡ଼ ପାଉଥିବା କର୍ମଚାରୀଙ୍କୁ ଏବେ ଭଡ଼ା ରସିଦ ଦାଖଲ କରିବାକୁ ପଡିବ। ଯଦି ବାର୍ଷିକ ଭଡ଼ା ୧ ଲକ୍ଷରୁ ଅଧିକ ହୁଏ, ତେବେ ଘରମାଲିକଙ୍କ ପାନ୍ ପ୍ରଦାନ କରିବା ବାଧ୍ୟତାମୂଳକ ହେବ। ଏହାଛଡା ସୋଭରେନ୍ ଗୋଲ୍ଡ ବଣ୍ଡ ଉପରେ ନୂଆ ଟିକସ ନିୟମ ଲାଗୁ କରାଯିବା ସହ ପାନ୍ କାର୍ଡ ବନାଇବା ପାଇଁ ଜନ୍ମ ତାରିଖ ଜାଣିବାକୁ ଆଧାରକାର୍ଡକୁ ଏବେ ବୈଧ ଡକ୍ୟୁମେଣ୍ଟ ତାଲିକାରୁ ହଟାଇ ଦିଆଯାଇଥିବା ଭଳି ନୂଆ ନିୟମ କାର୍ଯ୍ୟକାରୀ ହୋଇଛି।

## ବିକଶିତ୍ ଓଡ଼ିଶା ପାଇଁ ବକ୍ସାଇଟ୍ ଖଣି ଖନନ ଜରୁରୀ

ଭୁବନେଶ୍ୱର, ୧୪(ସମିସ): ଆସୋଚାମ୍ ଏବଂ ଆଇସିଆରଏର ସଦ୍ୟତମ ୨୦୨୬ ଶିଳ୍ପ ରିପୋର୍ଟ ଅନୁଯାୟୀ, ଓଡ଼ିଶା ଆନୁଷ୍ଠାନିକ ଭାବରେ ଭାରତର ଖଣି ଅର୍ଥନୀତିରେ ସର୍ବବୃହତ ଅବଦାନକାରୀ ଭାବରେ ଉଭା ହୋଇଛି, ଯାହା ଦେଶର ଖଣି ମୋଟ ମୂଲ୍ୟ ସଂଯୋଜିତ (ଜିଭିଏ)ର ୧୪% ଅଟେ। ରାଜ୍ୟର ଶିଳ୍ପ ସଫଳତା ବର୍ତମାନ ଲୁହାପଥର ଏବଂ କୋଇଲାରେ ରେକର୍ଡ ଭାଙ୍ଗିବା ଉତ୍ପାଦନ ଦ୍ୱାରା ନିର୍ଭର କରୁଛି, ଶିଳ୍ପ ନେତାମାନଙ୍କ ମଧ୍ୟରେ ଏକ ବଢୁଥିବା ସହମତ ହେଉଛି ଯେ ରାଜ୍ୟର ପରବର୍ତୀ ଅର୍ଥନୈତିକ ସୀମାକୁ ଅନଲକ୍ କରିବା ପାଇଁ ବକ୍ସାଇଟ୍ ଆଡକୁ ଏକ ସୁଚିନ୍ତିତ ଏବଂ ଜରୁରୀ ପରିବର୍ତନ ଆବଶ୍ୟକ। ବର୍ତମାନ, ଓଡ଼ିଶାରେ ଭାରତର ମୋଟ ବକ୍ସାଇଟ୍ ସଂରକ୍ଷଣର ୫୧% - ୫୯% ମଧ୍ୟରେ ଅଛି, ତଥାପି ଏହି ଜମାଗୁଡ଼ିକର ୨୫% ରୁ କମ୍ ସକ୍ରିୟ ଉତ୍ପାଦନରେ ଅଛି। ଯଦିଓ ରାଜ୍ୟ ୨୦୨୨-୨୩ ଆର୍ଥିକ ବର୍ଷରେ ୧୭.୪ ନିୟୁତ ଟନ୍ ବକ୍ସାଇଟ୍ ଉତ୍ପାଦନ କରିଥିଲା, ଯାହା ଭାରତର ମୋଟ ଉତ୍ପାଦନର ୭୩% ଥିଲା। ୧୫୫ ନିୟୁତ ଟନ୍ ଲୁହାପଥର ଏବଂ ୨୩୭ ନିୟୁତ ଟନ୍ କୋଇଲା ଉତ୍ପାଦନ ଦ୍ୱାରା ଏହି ସଂଖ୍ୟାଗୁଡ଼ିକ ଏ ପର୍ଯ୍ୟନ୍ତ କମ୍।

## ଦିବ୍ୟାଙ୍ଗଙ୍କ ସ୍ୱପ୍ନକୁ ଶକ୍ତି ଦେଇଛି ଜିଓ




ମୁମ୍ବଇ,୧୪: 'ଜିଓ ଗ୍ରାହକ ସହଯୋଗୀ' ବା ଜିଓ କଷ୍ଟମର ଆସୋସିଏଟ ଭାବରେ ଘରୁ କାମ କରି ସ୍ୱାବଲମ୍ବୀ ହୋଇଛନ୍ତି ପୁରୀ ଜିଲ୍ଲାର ନିମାପଡା ବ୍ଲକର ଅମୁନିଆପାଟଣା ଗାଁର ଦିବ୍ୟାଙ୍ଗ ଯୁବତୀ ଅନିତା ସାହୁ। ଅନିତାଙ୍କ ଦୃଢ ମନୋବଳ ତଥା ବାସ୍ତବରେ ପ୍ରେରଣାଦାୟକ ଯାତ୍ରାର ସ୍ୱୀକୃତି ସ୍ୱରୂପ, ରିଲାଏନ୍ସ ଜିଓର ଓଡ଼ିଶା ବ୍ୟବସାୟ ମୁଖ୍ୟ ଗୌରବ କୁମାର ଏକ ଭିଡିଓ କଲ୍ ମାଧ୍ୟମରେ ତାଙ୍କ ସହିତ କଥା ହୋଇଥିଲେ ଏବଂ ସମସ୍ତ ପ୍ରତିବନ୍ଧକର ମୁକାବିଲା କରି ସଫଳ ହେବାର ତାଙ୍କର ଦୃଢ଼ ସଂକଳ୍ପକୁ ପ୍ରଶଂସା କରିଥିଲେ। ଅନିତାଙ୍କ କାହାଣୀ ସାରା ଓଡ଼ିଶାର ହଜାର ହଜାର ଯୁବତୀ ଓ ମହିଳାମାନଙ୍କୁ ସେମାନଙ୍କ ଘରେ ରହି ନିଜ ସମୟ ସୁବିଧା ଅନୁସାରେ କାର୍ଯ୍ୟ କରିବା ତଥା ରୋଜଗାର ପଥ ଅନୁସରଣ କରିବାକୁ ପ୍ରେରିତ କରିଛି। ନିଜ ଅଭିଜ୍ଞତାକୁ ଆଧାର କରି ଅନିତା କୁହନ୍ତି, "ନିଜ ଉପରେ ଆତ୍ମବିଶ୍ୱାସ ଏବଂ 'ମୁଁ ଏହା କରିପାରିବି' ମାନସିକତା ସହିତ, ମହିଳାମାନେ ଘରୁ କିମ୍ବା ଯେକୌଣସି ସ୍ଥାନରୁ କାମ କରି ଭଲ ରୋଜଗାର କରିପାରିବେ ଏବଂ ସେମାନଙ୍କର ଲକ୍ଷ୍ୟ ହାସଲ କରିପାରିବେ। ବର୍ତ୍ତମାନ ଓଡ଼ିଶାରେ ୨୬୦୦ ରୁ ଅଧିକ ଯୁବତୀ ଏବଂ ମହିଳା ଜିଓ କଷ୍ଟମର ଆସୋସିଏଟ୍ ଭାବରେ କାମ କରି ସେମାନଙ୍କ ସ୍ୱପ୍ନ ପୂରଣ କରୁଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ଜିଓ କଷ୍ଟମର ଆସୋସିଏଟ୍ (ଜେସିଏ) କାର୍ଯ୍ୟକ୍ରମ ଏକ ଆକାଂକ୍ଷୀ କାର୍ଯ୍ୟକ୍ରମ, ଯାହା ମହିଳାଙ୍କୁ ସ୍ୱାବଲମ୍ବୀ ହେବାରେ ସାହାଯ୍ୟ କରେ। ଏହା ମହିଳାମାନଙ୍କୁ ମୁକ୍ତବୃତ୍ତ ବା ଫ୍ରିଲାନ୍ସିଂ ଭିତ୍ତିରେ ନିୟୋଜିତ କରେ, ଯାହା ସେମାନଙ୍କୁ ଘରେ ବସି ସେମାନଙ୍କ ସୁବିଧା ଅନୁଯାୟୀ କାମ କରିବା ସହିତ ରୋଜଗାର କରିବାର ସୁଯୋଗ ଦିଏ। ଜେସିଏମାନଙ୍କର ପ୍ରମୁଖ ଭୂମିକା ହେଉଛି ଗ୍ରାହକମାନଙ୍କୁ ରିଚାର୍ଜ କରିବାରେ ସହାୟତା କରିବା, ଅନଲାଇନ୍ ପେମେଣ୍ଟ ବିକଳ୍ପଗୁଡ଼ିକ ସହିତ ପରିଚିତ କରାଇବା ଏବଂ ଜିଓଏୟାରଫାଇବର ବୁକିଂ ଭଳି କ୍ରୟ ନିଷ୍ପତ୍ତି ନେବାରେ ସମ୍ଭାବ୍ୟ ଗ୍ରାହକମାନଙ୍କୁ ସହାୟତା କରିବା। ଗ୍ରାହକ ପରିଚାଳନା ଶିଷ୍ଟାଚାର, ସେବା ଏବଂ ଉତ୍ପାଦକତା ଦକ୍ଷତା ଶିଖିବା ସହିତ ଡିଜିଟାଲ ଉପାୟରେ କାର୍ଯ୍ୟ କରିବା ଜେସିଏମାନଙ୍କୁ କେବଳ ଜୀବନରେ ଉନ୍ନତି କରିବା ପାଇଁ ନୁହେଁ ବରଂ ସମସ୍ତ ଭାରତୀୟଙ୍କ ପାଇଁ ଜିଓ ଡିଜିଟାଲ ଜୀବନର ମିଶନରେ ସାହାଯ୍ୟ କରିବା ପାଇଁ ସଜ୍ଜିତ କରିଛି। ନିରନ୍ତର ତାଲିମ, ଦକ୍ଷତା ବିକାଶ ଏବଂ ଡିଜିଟାଲ ଉପକରଣ ସହିତ, ଜେସିଏମାନେ ସମସ୍ତ ସମ୍ଭାବ୍ୟ ଉପାୟରେ ଗ୍ରାହକମାନଙ୍କୁ ସହାୟତା କରିବାକୁ ପ୍ରସ୍ତୁତ।

## ଭାମସି ରାମ ମୋହନ ବୁରାଙ୍କୁ ପାୱାର ଗ୍ରୀଡ୍ ସିଏମ୍‌ଡି ଦାୟିତ୍ୱ



ନୂଆଦିଲ୍ଲୀ,୧୪: ଭାମସି ରାମ ମୋହନ ବୁରା ଶକ୍ତି ମନ୍ତ୍ରଣାଳୟ ଅଧୀନରେ ଏକ ମହାରତ୍ନ ସାର୍ବଜନୀନ କ୍ଷେତ୍ର ସଂସ୍ଥା, ପାୱାର ଗ୍ରୀଡ କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ (ପାୱାର ଗ୍ରୀଡ) ର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ (ସିଏମଡି) ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପଦୋନ୍ନତି ପୂର୍ବରୁ, ସେ ପାୱାର ଗ୍ରୀଡରେ ନିର୍ଦ୍ଦେଶକ (ପ୍ରକଳ୍ପ) ଭାବରେ କାର୍ଯ୍ୟ କରିଥିଲେ। ଜଣେ ଦକ୍ଷ ଇଞ୍ଜିନିୟରିଂ ବୃତ୍ତିଗତ, ଶ୍ରୀ ଭାମସି ଜଣେ ଇଞ୍ଜିନିୟରିଂ ସ୍ନାତକ। ସେ ଯୋଜନା ଏବଂ ପ୍ରକଳ୍ପ ପରିଚାଳନାରେ ପିଜି ଡିପ୍ଲୋମା ଏବଂ ଗୁରୁଗ୍ରାମର ମ୍ୟାନେଜମେଣ୍ଟ ଡେଭଲପମେଣ୍ଟ ଇନଷ୍ଟିଚ୍ୟୁଟ୍ (ଏମଡିଆଇ) ରୁ ମ୍ୟାନେଜମେଣ୍ଟରେ ପିଜି ଡିପ୍ଲୋମା ହାସଲ କରିଛନ୍ତି। ଏହା ସହିତ, ସେ ହାର୍ଭାର୍ଡ ମ୍ୟାନେଜ ମେଣ୍ଟର (ଏଚଏମଏମ) ପ୍ରୋଗ୍ରାମ ଏବଂ ଇଣ୍ଡିଆନ ସ୍କୁଲ ଅଫ୍ ବିଜନେସ (ଆଇଏସବି), ହାଇଦ୍ରାବାଦରେ ଆଡଭାନ୍ସଡ୍ ମ୍ୟାନେଜମେଣ୍ଟ ପ୍ରୋଗ୍ରାମ ମାଧ୍ୟମରେ ତାଙ୍କର ନେତୃତ୍ୱ ଦକ୍ଷତାକୁ ନିପୁଣ କରିଛନ୍ତି।

## ପଣ୍ୟ ପରିବହନରେ ପୂର୍ବତଟ ରେଳପଥ ଏକ ନମ୍ବର ରେଳ ଜୋନ୍

ଭୁବନେଶ୍ୱର, ୧୪ (ସମିସ): ପୂର୍ବତଟ ରେଳପଥ ପୁଣି ଥରେ ଭାରତୀୟ ରେଳବାଇର ପ୍ରମୁଖ ପଣ୍ୟ ପରିବହନକାରୀ ଜୋନ୍ ଭାବେ ନିଜର ସ୍ଥାନକୁ ସୁଦୃଢ଼ କରିଛି। ୨୦୨୫–୨୬ ଆର୍ଥିକ ବର୍ଷରେ ଏହା ୨୮୬.୩ ନିୟୁତ ଟନ୍‌ର ସର୍ବକାଳୀନ ସର୍ବାଧିକ ପଣ୍ୟ ପରିବହନ ହାସଲ କରିଛି। ପୂର୍ବବର୍ଷ ୨୦୨୪–୨୫ ଆର୍ଥିକ ବର୍ଷରେ ୨୫୯.୨୫ ନିୟୁତ ଟନ୍ ପରିବହନ ସହିତ ତୁଳନା କରିଲେ, ଏହା ପ୍ରାୟ ୨୭ ନିୟୁତ ଟନ୍ ଅଧିକ ଏବଂ ପ୍ରାୟ ୧୦.୪ ପ୍ରତିଶତ ବୃଦ୍ଧିକୁ ପ୍ରତିଫଳିତ କରୁଛି। ଏହି ସଫଳତା ଜୋନ୍‌ର ନିରନ୍ତର ଅଭିବୃଦ୍ଧି ଏବଂ ପରିଚାଳନାଗତ ଉତ୍କର୍ଷତାକୁ ସ୍ପଷ୍ଟ କରୁଛି। ପଣ୍ୟ ପରିବହନରେ ବୃଦ୍ଧି ସହିତ, ଏହି ଜୋନ୍‌ର ପଣ୍ୟ ପରିବହନ ଆୟରେ ମଧ୍ୟ ଯଥେଷ୍ଟ ବୃଦ୍ଧି ରେକର୍ଡ ହୋଇଛି। ୨୦୨୫–୨୬ ଆର୍ଥିକ ବର୍ଷରେ ପୂର୍ବ ତଟ ରେଳପଥ ପଣ୍ୟ ପରିବହନରୁ ୨୯,୪୫୬.୬୦ କୋଟି ଟଙ୍କା ଆୟ କରିଥିବା ବେଳେ, ୨୦୨୪–୨୫ ଆର୍ଥିକ ବର୍ଷରେ ଏହି ଆୟ ୨୬,୬୯୧.୮୨ କୋଟି ଟଙ୍କା ଥିଲା। ଏହା ୧୦ ପ୍ରତିଶତରୁ ଅଧିକ ବୃଦ୍ଧିକୁ ପ୍ରତିଫଳିତ କରୁଛି। ଏହି ଦୃଢ଼ ଆର୍ଥିକ ପ୍ରଦର୍ଶନ ଭାରତୀୟ ରେଳବାଇର ପଣ୍ୟ ପରିବହନ କ୍ଷେତ୍ରରେ ଏହାର ଅଗ୍ରଣୀ ସ୍ଥାନକୁ ଆହୁରି ସୁଦୃଢ଼ କରିଛି। ଏହି ସଫଳତା ସହିତ ପୂର୍ବ ତଟ ରେଳପଥ ପଣ୍ୟ ପରିବହନ କ୍ଷେତ୍ରରେ ଭାରତୀୟ ରେଳବାଇର ସମସ୍ତ ରେଳ ଜୋନ୍‌ମାନଙ୍କ ମଧ୍ୟରେ ନିଜର ଶୀର୍ଷସ୍ଥାନ ବଜାୟ ରଖିଛି। ଚଳିତ ଆର୍ଥିକ ବର୍ଷରେ ଭାରତୀୟ ରେଳବାଇ ହାସଲ କରିଥିବା ମୋଟ ୧୬୬୯.୯ ନିୟୁତ ଟନ୍ ପଣ୍ୟ ପରିବହନରେ ପୂର୍ବ ତଟ ରେଳପଥର ଅବଦାନ ୧୭.୧ ପ୍ରତିଶତ ରହିଛି।

## ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ୬୫ତମ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର,୧୪(ସମିସ): ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଏକ ନୂତନ ଶାଖା ଗଞ୍ଜାମ ଜିଲ୍ଲାର ଲୋଚାପଡାଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ନୂତନ ଶାଖା ସହିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଗଞ୍ଜାମ ଜିଲ୍ଲାରେ ମୋଟ୍ ଶାଖା ସଂଖ୍ୟା ୭ରେ ପହଞ୍ଚିଛି। ଏହି ନୂତନ ଶାଖା ସହିତ ରାଜ୍ୟରେ ବ୍ୟାଙ୍କର ମୋଟ୍ ଶାଖା ସଂଖ୍ୟା ୬୫ରେ ପହଞ୍ଚିଛି । ବ୍ୟାଙ୍କ ରାଜ୍ୟରେ ଏହାର ଉପସ୍ଥିତି ଏବଂ ଗ୍ରାହକଙ୍କ ପହଞ୍ଚକୁ ଆହୁରି ସୁଦୃଢ କରିବା ପାଇଁ ବିଭିନ୍ନ ଯୋଜନା ଘୋଷଣା କରିଛି। ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବା ଉଦ୍ୟୋଗୀ ପ୍ରଭାତ ତ୍ରିପାଠୀ ଏବଂ ଏନ୍ ପିତାମ୍ବର ପାତ୍ର ଏହି ନୂତନ ଶାଖାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏନ୍ ଗଙ୍ଗାଧର ପାତ୍ର, ଏନ୍ ରାମ ପ୍ରଭା, ପଦ୍ମଲୋଚନ ପାତ୍ର, ଏନ୍ ଧନୁର୍ଦ୍ଧର ପାତ୍ରଙ୍କ ସମେତ ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ପ୍ରବନ୍ଧକ ଦିଲ୍ଲୀପ କୁମାର ରାଉଳ, ଉପ- ଅଞ୍ଚଳ ପ୍ରବନ୍ଧକ ସଞ୍ଜିବ କୁମାର ଦାଶ ଏବଂ ଲୋଚାପଡା ଶାଖାର ଶାଖା ପ୍ରବନ୍ଧକ ସୌକତ ରାୟ ପ୍ରମୁଖ ଉପସ୍ଥିତ ଥିଲେ।



## ଆଜିର ରାଶିଫଳ

**ମେଷ:** ନୂଆ କାମ ପାଇଁ ଯୋଜନା ପ୍ରସ୍ତୁତ କରିବେ । ବିଦ୍ୟାର୍ଥୀ ପଢ଼ାରେ ଧ୍ୟାନ ଦେବେ । ଆୟ ଅନୁସାରେ ବ୍ୟୟ ହେବ । ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖାଦେଇପାରେ । ଦାନ ଧର୍ମ କରନ୍ତୁ ।

**ବୃଷ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ । ପିତାମାତାଙ୍କ ଆଶୀର୍ବାଦରୁ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି । ଦୂରସ୍ଥାନକୁ ଯାତ୍ରା ଯୋଗ ରହିଛି । ମହିଳାମାନେ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିବେ ।

**ମିଥୁନ:** ଦୀର୍ଘ ଦିନର ଆଶା ପୂରଣ ହେବ । ପ୍ରଭାବଶାଳୀ ବ୍ୟକ୍ତିଙ୍କ ସାହାଯ୍ୟ ମିଳିପାରେ । ବିଦ୍ୟାର୍ଥୀ କ୍ୟାରିୟରକୁ ନେଇ ଚିନ୍ତିତ ରହିପାରନ୍ତି । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ ।

**କର୍କଟ:** ସଠିକ୍ ସମୟରେ ନିଷ୍ପତ୍ତି ନେବା ଜରୁରି । ଦୂରସ୍ଥାନକୁ ଯାତ୍ରା କରିପାରନ୍ତି । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଯାନବାହନ କିଣିପାରନ୍ତି । ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ ।

**ସିଂହ:** ଅଟକି ରହିଥିବା କାମ ପୂରା ହେବ । ନିଜ ଲୋକ ଶତ୍ରୁ ସାଜିପାରନ୍ତି । ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ମାନସମ୍ମାନ ବୃଦ୍ଧି ପାଇବ ।

**କନ୍ୟା:** ଯୋଜନା ମୁତାବକ କାମ କରନ୍ତୁ । ଉଦ୍ଧାର ଦେଇଥିବା ଟଙ୍କା ଫେରି ପାଇବେ । ପରଚର୍ଚ୍ଚାଠାରୁ ଦୂରେଇ ରୁହନ୍ତୁ । ଅଫିସ୍‌ରେ ନୂଆ କାମ ମିଳିପାରେ । ଚକ୍ଷୁ ସମସ୍ୟା ହୋଇପାରେ ।

**ତୁଳା:** ଆପଣଙ୍କ ପରିଶ୍ରମର ଫଳ ମିଳିବ । ଦୀର୍ଘ ଦିନର ଆଶା ପୂରଣ ହେବ । ପରିବାର ସଦସ୍ୟଙ୍କ ସହିତ ସମୟ ଅତିବାହିତ ହେବ । ଅତ୍ୟଧିକ କାମକୁ ନେଇ ଚିନ୍ତା ବଢ଼ିପାରେ । ଦାନ ଧର୍ମ କରନ୍ତୁ ।

**ବିଛା:** ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିବେ । ଲକ୍ଷ୍ୟ ପୂରା ହେବ । କଣ୍ଠଶିଳ୍ପୀଙ୍କ ପାଇଁ ଆଜି ଦିନଟି ବହୁତ ଭଲ । ପୁରୁଣା ନିବେଶରୁ ଲାଭ ମିଳିବ । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ ।

**ଧନୁ:** ଅଟକି ଥିବା ଧନ ଫେରି ପାଇବେ । ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି । ଅତ୍ୟଧିକ କାମ ଚାପ ଚିନ୍ତା ବଢ଼ାଇପାରେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ମକର:** ଦିନଟି ସୁଖପ୍ରଦାନ କରିବ । ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ଆୟ ଅନୁସାରେ ଅଧିକ ଖର୍ଚ୍ଚ ହେବ । ଲୋକସମ୍ପର୍କ ବୃଦ୍ଧି ପାଇବ । ଅଫିସ୍ କାମ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି ।

**କୁମ୍ଭ:** ଅଟକି ଥିବା କାମ ପୂରା ହେବ । ଅଚାନକ ଖୁସି ଖବର ମିଳିପାରେ । ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂଆ କାମ ଆରମ୍ଭ କରିବେ । ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ ।

**ମୀନ:** ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ । ଘର ପାଇଁ ମୂଲ୍ୟବାନ ସାମଗ୍ରୀ କିଣିବେ । ଅଯଥା ଖର୍ଚ୍ଚ କରିପାରନ୍ତି । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ ।

## ଆଜିର ଇତିହାସ

- ୧୯୦୨- ଲସ୍‌ଏଞ୍ଜେଲସ୍‌ରେ ପ୍ରଥମ ମୋସନ୍ ପିକଚର୍ ଥିଏଟର୍ ଖୋଲିଲା ।
- ୧୯୪୨- କଂଗ୍ରେସ କ୍ରିପସ୍ ମିଶନ୍ ପ୍ରସ୍ତାବକୁ ଖାରଜ କଲା ।
- ୨୦୦୧- ନେପାଳରେ ମାଓବାଦୀମାନେ ୩୫ ପୁଲିସ୍ ଅଧିକାରୀଙ୍କୁ ହତ୍ୟା କଲେ ।
- ୨୦୦୭- ସୋଲୋମନ୍ ଦ୍ୱୀପରେ ସୁନାମି ଆସିଥିଲା ।
- ୨୦୧୧- ଭାରତ ଦ୍ୱିତୀୟ ଥର କ୍ରିକେଟ୍ ବିଶ୍ୱକପ୍ ଜିତିଲା ।

## 'ଭୁଲଭୁଲୈୟା' ଠାରୁ ଅଲଗା 'ଭୂତ୍‌ବଙ୍ଗଳା'- ପ୍ରିୟଦର୍ଶନ



ବଲିଉଡ୍ ଅଭିନେତା ଅକ୍ଷୟ କୁମାରଙ୍କ ଫିଲ୍ମ 'ଭୂତ୍‌ବଙ୍ଗଳା'ର ରିଲିଜ୍‌କୁ ଦର୍ଶକେ ଅପେକ୍ଷା କରି ରହିଛନ୍ତି । ଏହି ଫିଲ୍ମ ମାଧ୍ୟମରେ ପ୍ରିୟଦର୍ଶନ ଓ ଅକ୍ଷୟ, ୧୫ ବର୍ଷ ପରେ ଏକାଠି କାମ କରୁଛନ୍ତି । ପୂର୍ବରୁ ଏହା ଏପ୍ରିଲ୍ ୧୦ ତାରିଖରେ ମୁକ୍ତିଲାଭ କରିବ ବୋଲି ଘୋଷଣା କରାଯାଇଥିଲେ ବି 'ଧୁରନ୍ଧର ୨'ର ବକ୍ସ ଅଫିସ୍ ଦବ୍‌ଦବାକୁ ଦେଖି ଏହାର ରିଲିଜ୍‌କୁ ଘୁଞ୍ଚାଇ ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି । ନିକଟରେ ଏହାର ଟିଜର୍ ରିଲିଜ୍ ହୋଇଥିଲା । ଟିଜର୍‌ରେ ଅକ୍ଷୟ, ରାଜପାଲ ଯାଦବ ଓ ପରେଶ ରାୱଲଙ୍କୁ ଏକାଠି ଦେଖିବାକୁ ମିଳିଥିଲା । ଏହାପୂର୍ବରୁ ଏହି ତିନି କଳାକାରଙ୍କୁ ୨୦୦୭ ରେ ଆସିଥିବା 'ଭୁଲ୍‌ଭୁଲୈୟା' ଫିଲ୍ମରେ ଏକାଠି ଦେଖିବାକୁ ମିଳିଥିଲା । ଟିଜର୍ ଦେଖିବା ପରେ ଦର୍ଶକେ ଏହାକୁ 'ଭୁଲ୍‌ଭୁଲୈୟା' ସହ ତୁଳନା କରିବାକୁ ଲାଗିଛନ୍ତି । ନିକଟରେ ପ୍ରିୟଦର୍ଶନ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ ଏସମ୍ପର୍କରେ ମୁହଁ ଖୋଲିଛନ୍ତି । ପ୍ରିୟଦର୍ଶନ ଏନେଇ କହିଛନ୍ତି, "ଆପଣ ଦୁଇଟି ଫିଲ୍ମ ଏକାଭଳି କହିପାରିବେ ନାହିଁ । କାରଣ ଦୁଇଟି ଫିଲ୍ମର ଦୃଷ୍ଟିକୋଣ ପୂରାପୂରି ଅଲଗା ।" 'ଭୁଲଭୁଲୈୟା' ଏକ ସାଇକୋଲଜିକାଲ ଥ୍ରିଲର୍ ଏବଂ 'ଭୂତ୍‌ବଙ୍ଗଳା' ଏକ ଫାଣ୍ଟାସି ଫିଲ୍ମ । 'ଭୂତ୍‌ବଙ୍ଗଳା' ପୂରାପୂରି ନୂଆ ଫିଲ୍ମ । ଏହା କୌଣସି ଫିଲ୍ମର ରିମେକ୍ ନୁହେଁ । ଏହାର କାହାଣୀ ଏପରି ଲେଖା ହୋଇଛି, ଯାହାକୁ ଦେଖି ଦର୍ଶକେ ଉତ୍ସାହିତ ହୋଇଯିବେ । ଏହାର ୯୦% କାହାଣୀ ପୂର୍ବରୁ ଲେଖା ହୋଇଥିଲା ଏବଂ ୧୦% ସେଟ୍‌ରେ ହିଁ ପ୍ରସ୍ତୁତ କରାଯାଇଛି । "

## ବିଶ୍ୱ ଅଟିଜିମ୍ ସଚେତନତା ଦିବସ



ପ୍ରତିବର୍ଷ ଏପ୍ରିଲ ୨ ତାରିଖରେ ବିଶ୍ୱ ଅଟିଜିମ୍ ସଚେତନତା ଦିବସ ପାଳନ କରାଯାଏ । ୨୦୦୭ ରୁ ଆରମ୍ଭ ହୋଇଥିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଅଟିଜିମ୍ ବିଷୟରେ ସମାଜରେ ସଚେତନତା ସୃଷ୍ଟି କରିବା ଏବଂ ପୀଡ଼ିତ ପିଲାଙ୍କୁ ସମର୍ଥନ ଓ ସାମିଲ କରିବା । ଏହି ଅବସରରେ ବିଭିନ୍ନ ସଂସ୍ଥା ପକ୍ଷରୁ ଏନେଇ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଏ । ଅଟିଜିମ୍ ବିକାର ହେଉଛି ଏକ ଜଟିଳ ସ୍ନାୟୁତନ୍ତ୍ର ବିକାଶଜନିତ ଅବସ୍ଥା, ଯାହା ବ୍ୟକ୍ତିମାନଙ୍କ ସାମାଜିକ ଆଚରଣ, ଯୋଗାଯୋଗ ଏବଂ ବ୍ୟବହାରରେ ପ୍ରଭାବ ପକାଇଥାଏ । ଏହି ବିକାର ସାଧାରଣତଃ ଶିଶୁର ଜନ୍ମ ହେବା ପ୍ରଥମ ୨-୩ ବର୍ଷରେ ଦେଖାଯାଏ ଏବଂ ସାରାଜୀବନ ରହିଥାଏ । ଏହି ରୋଗରେ ପିଲାଟି କାହା ସହିତ କଥା ହୁଏ ନାହିଁ । ଆଖିରେ ଆଖି ମିଶାଇ କଥା କହିପାରେ ନାହିଁ । ନିଜେ ଏକା ଏକା ବସି ଖେଳେ । ଗୋଟିଏ କଥାକୁ ବାରମ୍ବାର କହେ ଓ ଗୋଟିଏ କାମକୁ ବାରମ୍ବାର କରିଥାଏ । ବର୍ଷକର ଶିଶୁକୁ ନାଁ ଧରି ଡାକିଲେ ସେ ଜାଣିପାରେ ନାହିଁ । ସେମାନଙ୍କର ଭାଷାର ବିକାଶ ବିଳମ୍ବ ହୋଇପାରେ କିମ୍ବା ଭାଷା ଅସ୍ୱାଭାବିକ ହୋଇପାରେ । କଥାବାର୍ତ୍ତା କଲାବେଳେ ସେମାନେ ବିଭିନ୍ନ ଶବ୍ଦର ଠିକ୍ ଭାବରେ ବ୍ୟବହାର କରିପାରନ୍ତି ନାହିଁ । ଅଟିଜିମ୍ ରୋଗରେ ପିଲାମାନଙ୍କ ଖେଳିବାର ଶୈଳୀରେ ମଧ୍ୟ ଅସ୍ୱାଭାବିକତା ଦେଖାଯାଇଥାଏ । ସେମାନେ ସାଧାରଣ ଭାବରେ ବ୍ୟବହାର ହେଉଥିବା ଖେଳଣା ସହିତ ଖେଳି ନ ଥାନ୍ତି । ତେବେ ଝିଅମାନଙ୍କ ଅପେକ୍ଷା ପୁଅମାନେ ବେଶି ଏହି ରୋଗର ଶିକାର ହୋଇଥାଆନ୍ତି । କେତେକ ଜେନେଟିକ୍ ଏବଂ ପରିବେଶଗତ କାରଣ ଏହି ବ୍ୟାଧି ପାଇଁ ଦାୟୀ ବୋଲି ବିବେଚନା କରାଯାଏ । ଯେଉଁଥିରେ ଗର୍ଭାବସ୍ଥାରେ ହିଁ ଶିଶୁର ମସ୍ତିଷ୍କ ବିକାଶରେ ମଧ୍ୟ ବାଧା ହୋଇଥାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ')ର ତଥ୍ୟ ମୁତାବକ, ପ୍ରତି ୧୦୦ ଶିଶୁଙ୍କ ମଧ୍ୟରେ ଜଣେ ଅଟିଜିମ୍‌ର ଶିକାର । ଏହାଠୁ ବେଶି ଉଦ୍‌ବେଗର କଥା ହେଲା, କ୍ରମାଗତ ଭାବେ ଏଭଳି ଶିଶୁଙ୍କ ସଂଖ୍ୟା ବଢ଼ି ଚାଲିଛି । ଏହି ରୋଗର ଶିକାର ଶିଶୁମାନଙ୍କର ମସ୍ତିଷ୍କ ବିକାଶ ବିଳମ୍ବ ହୋଇଥାଏ । ଅଟିଜିମ୍ ସମ୍ପୂର୍ଣ୍ଣ ଭାବେ ଠିକ୍ ହେବା ରୋଗ ନୁହଁ, କିନ୍ତୁ ପ୍ରାରମ୍ଭିକ ଚିହ୍ନଟ ଓ ନିୟମିତ ଚିକିତ୍ସା ଦ୍ୱାରା ଶିଶୁମାନେ ସ୍ୱାଧୀନ ଓ ସଫଳ ଜୀବନ ଅତିବାହିତ କରିପାରିବେ । ସ୍ପିଚ୍ ଥେରାପି, ଅକ୍ୟୁପେସନାଲ୍ ଥେରାପି ଓ ସ୍ପେସିଆଲ୍ ଏଜୁକେସନ୍ ଠିକ୍ ସମୟରେ ଆରମ୍ଭ କରିଲେ ଅଟିଜିମ୍ ଥିବା ଶିଶୁମାନଙ୍କ ସକ୍ଷମତା ବୃଦ୍ଧି ପାଇବ । ଅଭିଭାବକମାନେ ଧୈର୍ଯ୍ୟର ସହିତ ପିଲାର ଚିକିତ୍ସା କରାଇଲେ ଧୀରେ ଧୀରେ ପିଲାର ବ୍ୟବହାରରେ ଉନ୍ନତି ଦେଖାଯାଇଥାଏ । ପିଲାର ସାମାଜିକ ଓ ଯୋଗାଯୋଗ ଦକ୍ଷତା ବୃଦ୍ଧି ପାଇଥାଏ । ତା'ର ଭାଷାରେ ମଧ୍ୟ ଧୀରେ ଧୀରେ ବିକାଶ ଘଟିଥାଏ ।

## ବର କନିଆଙ୍କ ଏଲ୍‌ଇଡି ପୋଷାକ

ବଲିଉଡ୍ ଅଭିନେତା ମିଥୁନ ଚକ୍ରବର୍ତ୍ତୀଙ୍କ ଆଇକନିକ୍ ଗୀତ 'ଆଇ ଆମ୍ ଏ ଡିସ୍କୋ ଡ୍ୟାନ୍ସର'ରେ ସେ ଏକ ଲାଇଟ୍‌ଯୁକ୍ତ ଜ୍ୟାକେଟ୍ ପିନ୍ଧି ଫେସନ୍ ଜଗତରେ ବେଶ୍ ହଇଚଇ ସୃଷ୍ଟି କରିଥିଲେ । ଏବେ ସାମାଜିକ ଗଣମାଧ୍ୟମରେ ଏଭଳି ଲାଇଟ୍ ଲାଗିଥିବା ପୋଷାକ ପିନ୍ଧି କିଛି ବର କନିଆ ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଗୋଟିଏ ଭିଡିଓରେ ଦେଖିବାକୁ ମିଳିଛି ଯେ, ବର ଜଣକ ଯେଭଳି ଭାବେ ପୋଷାକ ପିନ୍ଧି ବରଯାତ୍ରୀଙ୍କ ସହ ନଜର ଆସିଛନ୍ତି, ଲାଗୁଛି ସେମାନଙ୍କ ସହିତ ଯେମିତି କୌଣସି ଚଳନ୍ତା ଲାଇଟ୍ ସିଷ୍ଟମ୍ ଅଛି । ତେବେ ସମ୍ପୃକ୍ତ ବର ଜଣକ ସେରୱାନି ଓ ପଗଡ଼ିରେ ଏଲ୍‌ଇଡି ଲାଇଟ୍ ଖଞ୍ଜା ଯାଇଛି । ଏହି ଲାଇଟ୍‌ଗୁଡ଼ିକ ଲଗାତାର ଚିକ୍‌ମିକ୍ କରୁଛି । ବରକୁ ଏଲ୍‌ଇଡି ଲାଇଟ୍ ଲାଗିଥିବା ପୋଷାକ ପିନ୍ଧିବାର ଦେଖି ଲୋକେ ଖୁବ୍ ଥଟ୍ଟା ପରିହାସ ବି କରିଛନ୍ତି । ଏପରିକି ବର ଜଣକ ବିଜୁଳି ବିଭାଗର କର୍ମଚାରୀ ବୋଲି ଲୋକେ ପ୍ରତିକ୍ରିୟା ଦେଇଛନ୍ତି । କେବଳ ସେତିକି ନୁହେଁ, ବାହାଘରରେ ଲାଇଟ୍ କଟିଗଲେ ବରକୁ ଷ୍ଟେଜ୍‌ରେ ଛିଡ଼ା କରିଦେବା କଥା ବୋଲି ଅନେକେ କହିଛନ୍ତି । ଅନ୍ୟପଟେ ଯୁବତୀମାନେ ବି ଏଲ୍‌ଇଡି ଲାଇଟ୍ ସାଜସଜ୍ଜାରୁ ବାଦ୍ ପଡ଼ି ନାହାନ୍ତି । ଅନ୍ୟ ଏକ ଭିଡିଓରେ ଦେଖାଯାଇଛି ଯେ, ଜଣେ କନିଆ ନାଲି ଶାଢ଼ି ପିନ୍ଧି ମୁଣ୍ଡରେ ଓଢ଼ଣା ଦେଇ ବସିଛନ୍ତି । ହେଲେ ସମସ୍ତଙ୍କ ନଜର ତାଙ୍କ ହାତ ଉପରେ ପଡ଼ିଛି । ସେ ପିନ୍ଧିଥିବା ଚୁଡ଼ିଗୁଡ଼ିକରେ ଏଲ୍‌ଇଡି ଲାଇଟ୍ ଲାଗିଛି । ଯାହାକି କିଛି ସେକେଣ୍ଡରେ ରଙ୍ଗ ବଦଳାଉଛି । କେବଳ ଚୁଡ଼ି ନୁହେଁ, ଆଉ ଏକ ଭିଡିଓରେ ଅନ୍ୟ ଜଣେ କନିଆ ଏମିତି ଏକ ଲେହେଙ୍ଗା ପିନ୍ଧିଛନ୍ତି, ଯାହାର ଚାରିପାର୍ଶ୍ୱରେ ରଙ୍ଗବେରଙ୍ଗ ଲାଇଟ୍ ଲାଗିଛି । ଏପରିକି ଏହି କନିଆ ଜଣକ କେଶରେ ବି ଲାଇଟ୍ ଲଗାଇଛନ୍ତି । ତାଙ୍କୁ ଅନ୍ୟ ଜଣେ ମହିଳା ଧରିଛନ୍ତି, ଯେମିତି ଲାଇଟ୍‌ର ତାରଗୁଡ଼ିକ ଏପଟସେପଟ ହୋଇ ନ ଯାଉ । ପରମ୍ପରାରେ ପ୍ରଯୁକ୍ତିର ଏହି ସ୍ପର୍ଶକୁ ଲୋକେ ଖୁବ୍ ପସନ୍ଦ କରିଛନ୍ତି ।



## ସବୁଠୁ ଦାମୀ ହ୍ୟାଣ୍ଡବ୍ୟାଗ୍

ସାଧାରଣତଃ ମହିଳାମାନେ ହ୍ୟାଣ୍ଡବ୍ୟାଗ୍ ଧରିବାକୁ ପସନ୍ଦ କରନ୍ତି । ଏଥିରେ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ନିଜର ଅତ୍ୟାବଶ୍ୟକୀୟ ଜିନିଷ ରଖିଥାନ୍ତି । ରଙ୍ଗ, ଡିଜାଇନ୍, ଆକାର ଏବଂ ମୂଲ୍ୟ ଅନୁସାରେ ବିଭିନ୍ନ ଡିଜାଇନର ହ୍ୟାଣ୍ଡବ୍ୟାଗ୍ ରହିଛି । ସେହିପରି କିଛି ମହିଳା ଦାମୀ ପର୍ସ ଧରିବାକୁ ପସନ୍ଦ କରନ୍ତି । ଯାହା ସେମାନଙ୍କ ଆଭିଜାତ୍ୟ ଏବଂ ଷ୍ଟାଇଲ୍‌କୁ ଦର୍ଶାଇଥାଏ । ତେବେ ଏପରି କିଛି ହ୍ୟାଣ୍ଡବ୍ୟାଗ୍ ରହିଛି ଯାହା କିଣିବା ସାଧାରଣ ଲୋକ ପକ୍ଷେ ସମ୍ଭବ ନୁହେଁ । ସେହିଭଳି ପ୍ରସିଦ୍ଧି ଲାଭ କରିଥିବା ଦାମୀ ବ୍ୟାଗ୍‌କୁ ନେଇ ଏହି ଉପସ୍ଥାପନା ।

### ବୋରିନି ମିଲାନେସୀ



ବୋରିନି ମିଲାନେସୀ ଦାମୀ ବ୍ୟାଗ୍ ମଧ୍ୟରୁ ଗୋଟିଏ । ଇଟାଲୀ ଲଗ୍‌ଜୁରୀ ବ୍ରାଣ୍ଡ ଦ୍ୱାରା ନିର୍ମିତ ଏହି ବ୍ୟାଗ୍‌ର ମୂଲ୍ୟ ୫୩ କୋଟି ରହିଛି । ନୀଳରଙ୍ଗର ଏହି ବ୍ୟାଗ୍ ରେ ହୀରା ଖଚିତ ହୋଇଛି । ଏଥିରେ ୧୦ଟି ସୁନା ପ୍ରଜାପତି ରହିଛି । ଏହା ବ୍ୟାଗ୍‌ର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣା ବଢ଼ାଇ ଦେଇଥିଲା । ଏହି ବ୍ୟାଗ୍‌କୁ ପ୍ରସ୍ତୁତ କରିବାକୁ ୧୦୦୦ ଘଣ୍ଟା ସମୟ ଲାଗିଥିଲା । ଏହା ସାମୁଦ୍ରିକ ପ୍ରଦୂଷଣ ସମ୍ପର୍କରେସଚେତନତା ସୃଷ୍ଟି କରିବା ସହ ପାଣି ସଂଗ୍ରହ ଉଦ୍ଦେଶ୍ୟରେ ତିଆରି ହୋଇଥିଲା ।

### ହର୍ମିସ୍ ସେକ୍ ବିଜୌ ବିର୍କିନ୍ ବ୍ୟାଗ୍



ଏହା ବିଶ୍ୱର ଦାମୀ ହ୍ୟାଣ୍ଡବ୍ୟାଗ୍ ତାଲିକାରେ ଦ୍ୱିତୀୟ ସ୍ଥାନରେ ଅଛି । ୧୮ କ୍ୟାରେଟ୍ ରୋଜ୍ ଗୋଲ୍ଡରେ ନିର୍ମିତ ଏହି ବ୍ୟାଗ୍‌ରେ ୨୭୧୨ଟି ହୀରା ଖଚିତ ହୋଇଛି । ଏହି ବ୍ୟାଗ୍‌କୁ ଜଣେ ଚାହିଁଲେ ବ୍ରେସ୍‌ଲେଟ୍ ଭଳି ପିନ୍ଧି ମଧ୍ୟ ପାରିବେ । ଏଭଳି ମାତ୍ର ତିନୋଟି ବ୍ୟାଗ୍ ତିଆରି କରାଯାଇଛି । ଏହାର ଦାମ୍ ଭାରତୀୟ ମୁଦ୍ରାରେ ୧୬ରୁ ୧୭ କୋଟି ହେବ । ଏହାକୁ ଡିଜାଇନର୍ ପିୟରେ ହାର୍ଡି ନିର୍ମାଣ କରିଥିଲେ ।

### ମୌୱାଦ ୧୦୦୧ ନାଇଟ୍‌ସ ଡାଇମଣ୍ଡ ପର୍ସ

ଏହା ବିଶ୍ୱର ସବୁଠୁ ଦାମୀ ଏବଂ ବିଳାସମୟ ବ୍ୟାଗ୍ ତାଲିକାରେ ସର୍ବାଗ୍ରେ ରହିଛି । ଏହାକୁ ମୌୱାଦ ଜୁଏଲର୍ସ ନିର୍ମାଣ କରିଛି । ଏଥିରେ ୪୫୧୭ ହୀରା ଖଚିତ ରହିଛି । ଏହାକୁ ୧୦ ଜଣ କାରିଗର ଏକତ୍ର ହୋଇ ୮, ୮୦୦ ଘଣ୍ଟାରେ ପ୍ରସ୍ତୁତ କରିଥିଲେ । ୨୦୧୧ ମସିହାରେ ଏହାର ବିଶ୍ୱର ସବୁଠୁ ଦାମୀ ହ୍ୟାଣ୍ଡବ୍ୟାଗ୍ ଭାବେ ଗିନିଜ୍ ରେକର୍ଡ କରିଥିଲା । ଏହାର ଦାମ୍ ୩୩ କୋଟିରୁ ଅଧିକ ।



### କ୍ଲିଓପେଟ୍ରା କ୍ଲଚ୍



ଲାନା ମାର୍କ୍ସ ଦ୍ୱାରା ଡିଜାଇନ୍ କ୍ଲିଓପେଟ୍ରା ବିଳାସମୟ କ୍ଲଚ୍ ମଧ୍ୟରୁ ଗୋଟିଏ । ଏହା ୧୯୬୩ ମସିହାର ଐତିହାସିକ ଫିଲ୍ମ କ୍ଲିଓପେଟ୍ରାରୁ ପ୍ରେରିତ । ଏହାର ପ୍ରତିଟି ଅଂଶକୁ ଖୁବ୍ ନିଖୁଣ ଭାବେ ନିର୍ମିତ । ଏହାର ମୂଲ୍ୟ ୨.୯୮ କୋଟି ରହିଛି । ଏହାକୁ ଆଞ୍ଜେଲିନା ଜୋଲି, ଚାର୍ଲୀଜ୍ ଥେରାନ ଭଳି ପ୍ରସିଦ୍ଧି ଲାଭ କରିଥିବା ଅଭିନେତ୍ରୀମାନେ ଓସ୍କାର ରେଡ୍ କାର୍ପେଟରେ ବ୍ୟବହାର କରିଥିଲେ । ଏହା ଆମେରିକୀୟ କୁମ୍ଭୀର ଚର୍ମରେ ତିଆରି ହୋଇଥିବାବେଳେ ଏଥିରେ ୪୦ କ୍ୟାରେଟ୍‌ର ୧୬୦୦ ହୀରା ଖଚିତ ରହିଛି । ଏହା କେବଳ ଫେଶନ ଆସେସରିଜ୍ ନୁହେଁ, ଶକ୍ତି, ସୌନ୍ଦର୍ଯ୍ୟ ଏବଂ ଅକଳ୍ପନୀୟ ଧନର ପ୍ରତୀକ ଭାବେ ପରିଚିତ ।

## ସୁଶ୍ରୀ

## ରେଡିୟମ୍ ପଲିସ୍ ଜୁଏଲାରୀ



**ରେଡିୟମ୍ ପଲିସ୍ ଜୁଏଲାରୀ ଖୁବ୍ ଲୋକପ୍ରିୟ ରହିଛି । ଏହା ଦେଖିବାକୁ ସୁନ୍ଦର ଏବଂ ଆକର୍ଷଣୀୟ ହୋଇଥାଏ । ଏହା ଦୂରରୁ ହୀରା ଭଳି ମନେ ହୋଇଥାଏ । ତେବେ କିଛି ଭିନ୍ନ ଡିଜାଇନର ଅଳଙ୍କାର ପିନ୍ଧିବାକୁ ଚାହୁଁଥିଲେ, ରେଡିୟମ୍ ପଲିସ୍ ଅଳଙ୍କାର ପିନ୍ଧିପାରିବେ । ଏହାର ବିଭିନ୍ନ ଡିଜାଇନ୍ ଉପଲବ୍ଧ ଜାଣିବା ସେ ବିଷୟରେ...**

### ବ୍ରେସ୍‌ଲେଟ୍

ରେଡିୟମ୍ ପଲିସ୍ ବ୍ରେସ୍‌ଲେଟ୍ ଆଖିକୁ ଆକର୍ଷଣୀୟ ଦିଶିଥାଏ । କର୍ମଜୀବୀ ମହିଳାମାନେ, ଗୋଟେ ହାତରେ ଘଣ୍ଟା ଏବଂ ବ୍ରେସ୍‌ଲେଟ୍ ପିନ୍ଧିବାକୁ ଚାହୁଁଥିଲେ ଏହା ପିନ୍ଧିପାରିବେ । ଏହା ବିଭିନ୍ନ ଡିଜାଇନରେ ଉପଲବ୍ଧ । । ଏହା ଅଧିକ ଦିନ ଲାଷ୍ଟିଙ୍ଗ୍ କରିଥାଏ ।

### ନେକ୍‌ଲେସ୍

ଅଧିକାଂଶ ଲୋକେ ହୀରା କିଣିବାକୁ ପସନ୍ଦ କରନ୍ତିନି । କାରଣ ଏହାର ରିସେଲ୍ ଭ୍ୟାଲୁ ନ ଥାଏ । ତେଣୁ ହୀରା ଡିଜାଇନର ହାର ପିନ୍ଧିବାକୁ ଚାହୁଁଥିଲେ ଏହି ରେଡିୟମ୍ ଅଳଙ୍କାର ପିନ୍ଧିପାରିବେ । ଏହା ସୁନ୍ଦର ଏବଂ ଷ୍ଟାଇଲିଶ୍ ଦେଖାଯାଏ ।

### ମୁଦି ଏବଂ କାନଫୁଲ

ଦିନପିନ୍ଧା ପାଇଁ ରେଡିୟମ୍ କାନଫୁଲ ଏବଂ ମୁଦି ବେଶ୍ ଭଲ ହୋଇଥାଏ । ଏହା ହାଲୁକା ହେବା ସହ ପିନ୍ଧିବାକୁ ଆରାମଦାୟକ ଲାଗିଥାଏ । ସେହିପରି ଏଥିରେ ଶୀଘ୍ର ମଇଳା ମଧ୍ୟ ଜମେ ନାହିଁ । ଏହା ଆଖିକୁ ଖୁବ୍ ଆକର୍ଷଣୀୟ ଦିଶିଥାଏ ।

## ମୋ ହାଣ୍ଡିଶାଳରୁ...

## ୱାଟର୍‌ମେଲନ୍ ରାଇସ୍

### ଆବଶ୍ୟକ ସାମଗ୍ରୀ

ବିରିୟାନି ଚାଉଳ – ଏକ କପ୍, ତରଭୂଜ - ଫାଳେ, କଖାରୁ ମଞ୍ଜି – ଏକ ଚାମଚ, ଜିରା ପାଉଡର୍ – ଏକ ଚାମଚ, ଚିଲ୍ଲି ଫ୍ଲେକ୍ସ – ଅଧା ଚାମଚ, ଲଙ୍କାଗୁଣ୍ଡ- ଅଧା ଚାମଚ, ସୋରିଷ – ଅଧା ଚାମଚ, ତେଲ – ଆବଶ୍ୟକତା ଅନୁସାରେ, ଲୁଣ – ସ୍ୱାଦ ଅନୁସାରେ ।



### ପ୍ରସ୍ତୁତି ପ୍ରଣାଳୀ

ଏକ ବାଉଲ ପାଣି ଦେଇ ଚାଉଳକୁ ୩୦ ମିନିଟ୍ ବତୁରାଇ ରଖନ୍ତୁ । ଏହାପରେ ତରଭୂଜକୁ କାଟି ମଞ୍ଜି ବାଛନ୍ତୁ । ଏହାକୁ ଜାର୍‌ରେ ଦେଇ ଗ୍ରାଇଣ୍ଡିଂ କରନ୍ତୁ । ପରେ ଏହାକୁ ଛାଣି ଏକ ତରଭୁଜ ଜୁସ୍‌କୁ ଏକ ପାତ୍ରରେ ରଖନ୍ତୁ । ଗ୍ୟାସ୍‌ରେ କଡ଼େଇ ବସାଇ ଚାଉଳ ଦିଅନ୍ତୁ । ଏହାପରେ ତରଭୂଜ ଜୁସ୍ ଦିଅନ୍ତୁ । ସେଥିରେ ଜୀରା ଗୁଣ୍ଡ, ଚିଲ୍ଲି ଫ୍ଲେକ୍ସ, ଲୁଣ ସମେତ ଲଙ୍କାଗୁଣ୍ଡ ଦେଇ ୨୦ - ୩୦ ମିନିଟ୍ ଢାଙ୍କୁଣୀ ଘୋଡ଼ାଇ ଦିଅନ୍ତୁ । ଭାତ ହୋଇଗଲେ ଗ୍ୟାସ ବନ୍ଦ କରି ଦିଅନ୍ତୁ । ଆଉ ଏକ କଡ଼େଇରେ ସାମାନ୍ୟ ତେଲ, ସୋରିଷ ଏବଂ କଖାରୁ ମଞ୍ଜି ଦେଇ ଛୁଙ୍କ କରନ୍ତୁ । ଏହାପରେ ଭାତକୁ ଥାଳିରେ କାଢ଼ି ଏହା ଉପରେ ସୋରିଷ ଏବଂ କଖାରୁ ମଞ୍ଜି ଛୁଙ୍କ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ୱାଟର୍‌ମେଲନ୍ ରାଇସ୍' ।

## ତ୍ୱଚା ପାଇଁ କାକୁଡ଼ି

**ଖରାଦିନେ ତ୍ୱଚାରେ ଟ୍ୟାନିଙ୍ଗ୍, ସନ୍‌ବର୍ଣ୍ଣ ସମେତ ଜଳାପୋଡ଼ା ହୋଇଥାଏ । ଏଥିରୁ ମୁକ୍ତି ପାଇବା ପାଇଁ ମହିଳାମାନେ ବିଭିନ୍ନ ଉପାୟ ଆପଣାଇଥାନ୍ତି । ଅନେକେ ଘରୋଇ ଉପଚାର ସମେତ ଦାମୀ ପ୍ରସାଧନ ଲଗାଇଥାନ୍ତି । ହେଲେ ରସାୟନିକ ପ୍ରସାଧନ ତ୍ୱଚାରେ ସମସ୍ୟା ସୃଷ୍ଟି କରିଥାଏ । ତେଣୁ ଖରାଦିନେ ତ୍ୱଚାର ଚମକ ଆଣିବାକୁ ଚାହୁଁଥିଲେ, କାକୁଡ଼ି ଆଇସ୍ କ୍ୟୁବରେ ତ୍ୱଚାର ଯତ୍ନ ନେଇପାରିବେ ।**



### ପ୍ରସ୍ତୁତି

ଏଥିପାଇଁ ପ୍ରଥମେ ସତେଜ କାକୁଡ଼ି ନେଇ ଭଲରେ ଧୋଇ ଛୋଟ ଖଣ୍ଡରେ କାଟନ୍ତୁ । ଏହାକୁ ଜାରରେ ଦେଇ ଗ୍ରାଇଣ୍ଡିଂ କରନ୍ତୁ । ଏହାକୁ ଛାଣି ସାମାନ୍ୟ ଗୋଲାପଜଳ ମିଶାଇ ଆଇସ ଟ୍ରେର ଦେଇ ଫ୍ରିଜରରେ ରଖି ଦିଅନ୍ତୁ ।

### ଲଗାଇବା ବିଧି

ଗୋଟିଏ ଆଇସ୍ କ୍ୟୁବ୍ ନେଇ ଏହାକୁ ହାଲୁକା ହାତରେ ମଥା, ନାକ ଏବଂ ଗାଲରେ ମସାଜ୍ କରନ୍ତୁ । ଏହା ତ୍ୱଚାରେ ଥିବା ନାଲିଦାଗକୁ ଦୂର କରିବା ସହ ସତେଜ ଏବଂ ଦାଗମୁକ୍ତ କରିଥାଏ । ଏଥିସହ ଏହା ମୁହଁ ଫୁଲା ମଧ୍ୟ ଦୂର କରେ ।

ଆଇପିଏଲ୍-୧୯: ନଟରାଜ-ଏନ୍‌ଗିଡ଼ିଙ୍କ କମାଲ, ରିଜଭୀଙ୍କ ଅର୍ଦ୍ଧଶତକ

# ସୁପର୍ ଜାଏଣ୍ଟ୍ସକୁ ହରାଇଲା ଦିଲ୍ଲୀ କ୍ୟାପିଟାଲ୍ସ

ଲକ୍ଷ୍ନୌ, ୧।୪ (ଏଜେନ୍ସି)

ଆଇପିଏଲ୍‌ର ଚଳିତ ୧୯ତମ ସଂସ୍କରଣରେ ଦିଲ୍ଲୀ କ୍ୟାପିଟାଲ୍ସ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଦୁଇ ଦ୍ରୁତ ବୋଲର ଟି ନଟରାଜନ ଓ ଲୁନଗି ଏନଗିଡିଙ୍କ ଚମତ୍କାର ବୋଲିଂ ଏବଂ ସମୀର ରିଜଭୀଙ୍କ ଦାୟିତ୍ୱପୂର୍ଣ୍ଣ ବ୍ୟାଟିଂ ବଳରେ ଦିଲ୍ଲୀ ୬ ୱିକେଟ୍‌ରେ ଘରୋଇ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସକୁ ମାତ୍ ଦେଇଛି। ଏହି ବିଜୟ ସହ ଅକ୍ଷର ପଟେଲଙ୍କ ନେତୃତ୍ୱାଧୀନ ଦିଲ୍ଲୀ ୨ ପଏଣ୍ଟ ପାଇ ଖାତା ଖୋଲିଛି।

୧୪୨ ରନର ଛୋଟିଆ ସ୍କୋରକୁ ପିଛା କରିଥିବା ଦିଲ୍ଲୀ ପାୱାର ପ୍ଲେ'ର ୫ ଓଭର ମଧ୍ୟରେ ଆଗଧାଡ଼ିର ୪ ବ୍ୟାଟର୍ ଲୋକେଶ ରାହୁଲ, ପାଥୁମ ନିଶାଙ୍କ (୧ ରନ), ନୀତୀଶ ରାଣା (୧୫) ଓ ଅଧିନାୟକ ଅକ୍ଷରଙ୍କ ୱିକେଟ୍ ହରାଇଥିଲା। ଓପନର୍ ରାହୁଲ ଓ ଅକ୍ଷର ଖାତା ଖୋଲିବା ପୂର୍ବରୁ ପ୍ରଥମ ବଲରେ ଆଉଟ୍ ହୋଇଥିଲେ। ତେବେ ଏହାପରେ ୫ମ ୱିକେଟ୍‌ରେ ସମୀର ରିଜଭୀ ଓ ଟ୍ରିଷ୍ଟାନ ଷ୍ଟବ୍ସ ଧୈର୍ଯ୍ୟର ସହ ବ୍ୟାଟିଂ କରି ଶତକୀୟ ଭାଗୀଦାରି ଗଢ଼ି ଦଳକୁ ଆଉ କୌଣସି କ୍ଷତି ହେବାକୁ ନ ଦେଇ ବିଜୟୀ କରାଇଥିଲେ। ଫଳରେ ୧୭.୧ ଓଭରରେ ଦିଲ୍ଲୀ ୪ ୱିକେଟ୍ ହରାଇ ସହଜରେ ବିଜୟୀ ହୋଇଥିଲା। ୫ ଚୌକା ଓ ୪ ଛକା ବଳରେ ସମୀର ୪୭ ବଲରେ ୭୦ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ସେହିଭଳି ଷ୍ଟବ୍ସ ୩୨ ବଲରେ ୩୯ ରନର ଅପରାଜିତ ପାଳି ଖେଳିଥିଲେ। ସୁପର ଜାଏଣ୍ଟ୍ସର ପ୍ରିନ୍ସ ଯାଦବଙ୍କୁ ୨ଟି ଓ ମହମ୍ମଦ ସାମିଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା। ପୂର୍ବରୁ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଲକ୍ଷ୍ନୌ ସୁପର୍ ଜାଏଣ୍ଟସ ପ୍ରତିପକ୍ଷ ଦ୍ରୁତ ବୋଲିଂକୁ ସାମ୍ନା କରି ନ ପାରି ୧୮.୪ ଓଭରରେ ୧୪୧ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା।



ଅବଦୁଲ ସମାଦ ୩୬ ଓ ଓପନର୍ ମିଚେଲ ମାର୍ଶ ୩୫ ରନର ଉପଯୋଗୀ ପାଳି ଖେଳିଥିଲେ। ଆଇଡେନ ମାର୍କରମଙ୍କ ସ୍ଥାନରେ ଇନିଂସ ଓପନ କରିଥିବା ଅଧିନାୟକ ଋଷଭ ପନ୍ତ ୯ ବଲରେ ୭ ରନ କରି ନିରାଶ କରିଥିଲେ। ମାର୍କରମ ୧୧, ନିକୋଲସ ପୁରନ ୮, ଆୟୁଷ ବଦୋନୀ ୦ କରିଥିଲେ । ଏନ୍‌ଗିଡି ଓ ନଟରାଜନ ୩ଟି ଲେଖାଏ ଏବଂ କୁଲଦୀପ ଯାଦବଙ୍କୁ ୨ଟି ୱିକେଟ୍ ମିଳିଥିଲା।

**ସଂକ୍ଷିପ୍ତ ସ୍କୋର**

**ଲକ୍ଷ୍ନୌ** - ୧୪୧/୧୦, ୧୮.୪ ଓଭର (ପନ୍ତ- ୯, ମାର୍କରାମ- ୧୧, ସମାଦ- ୩୬, ମାର୍ଶ- ୩୫, ଲୁନଗି- ୩/୨୭, ନଟରାଜ- ୩/୨୯) ।
**ଦିଲ୍ଲୀ** - ୧୪୫/୪, ୧୭.୧ ଓଭର (ସମୀର- ଅପରାଜିତ ୭୦, ଷ୍ଟବ୍ସ- ଅପରାଜିତ- ୩୯, ରାହୁଲ-୦, ନିଶାଙ୍କ- ୧, ପ୍ରିନ୍ସ- ୨/୨୦) ।



**ଆଜିର ଆଇପିଏଲ୍ ମ୍ୟାଚ୍**
**କୋଲକାତା** ବନାମ **ହାଇଦରାବାଦ**
ଭେନ୍ୟୁ-କୋଲକାତା
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

## ଆୟରଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା

ମୁଲାନପୁର, ୧।୪ (ଏଜେନ୍ସି): ଚଳିତ ଆଇପିଏଲ୍-୧୯ରେ ଶ୍ରେୟାସ ଆୟରଙ୍କ ନେତୃତ୍ୱାଧୀନ ପଞ୍ଜାବ କିଙ୍ଗ୍ସ ବିଜୟରୁ ଅଭିଯାନ ଆରମ୍ଭ କରିଛି। ମଙ୍ଗଳବାର ରାତିରେ ଏଠାରେ ଅନୁଷ୍ଠିତ ମ୍ୟାଚରେ ପଞ୍ଜାବ ୩ ୱିକେଟରେ ଗୁଜରାଟ ଟାଇଟାନ୍ସକୁ ହରାଇଥିଲା। ଅଷ୍ଟ୍ରେଲୀୟ ବ୍ୟାଟର୍ କୁପର କନୋଲୀ ୪୪ ବଲରେ ୭୨ ରନର ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳି



**ସ୍ଲୋ ଓଭର ବୋଲିଂ**

ପଞ୍ଜାବକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପଞ୍ଜାବ ଜିତିଥିଲେ ମଧ୍ୟ ଆୟରଙ୍କ ଉପରେ ଜରିମାନା ଲାଗିଛି। ଧାର୍ଯ୍ୟ ସମୟସୀମା ମଧ୍ୟରେ ପଞ୍ଜାବ ବୋଲିଂ ଶେଷ କରିପାରି ନ ଥିବାରୁ ଅଧିନାୟକ ଭାବେ ଆୟରଙ୍କ ଉପରେ ୧୨ ଲକ୍ଷ ଟଙ୍କ ଜରିମାନା କରାଯାଇଛି। ଆଇପିଏଲ୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି 'ଆଇପିଏଲ୍ ଆଚରଣ ସଂହିତାର ଧାରା ୨.୨୨ ଅନୁଯାୟୀ ଏହା ପଞ୍ଜାବ ଦଳର ପ୍ରଥମ ସ୍ଲୋ-ଓଭର ତ୍ରୁଟି ହୋଇଥିବାରୁ ଆୟରଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଯଦି ଟୁର୍ଣ୍ଣାମେଣ୍ଟରେ ପଞ୍ଜାବ ସମାନ ତ୍ରୁଟି ପୁଣି କରେ ତେବେ ଏହି ଜରିମାନା ଦ୍ୱିଗୁଣିତ ହୋଇଯିବ।'

## କଟକରେ ହେବ ପ୍ରଥମ ସର୍ବଭାରତୀୟ ଇନ୍‌ଡୋର୍ ରୋଇଂ



ଭୁବନେଶ୍ୱର, ୧।୪ (ସମିସ): ପ୍ରଥମ ସର୍ବଭାରତୀୟ ଇନଡୋର ରୋଇଂ ଚାମ୍ପିଅନସିପ୍ ଆସନ୍ତା ୮ ତାରିଖରୁ କଟକରେ ଆରମ୍ଭ ହେବ। ଭାରତୀୟ ରୋଇଂ ମହାସଂଘ ଓ ଓଡ଼ିଶା ଆସୋସିଏସନ ଫର୍ ରୋଇଂ ଆଣ୍ଡ ସ୍କଲିଂର ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ୪ ଦିନ ଧରି ଜବାହରଲାଲ ନେହରୁ ଇନଡୋର ଷ୍ଟାଡିୟମରେ ଖେଳାଯିବ। ଅଭିନବ ଢଙ୍ଗରେ ଆୟୋଜିତ ହେଉଥିବା ଏହି ଜଳକ୍ରୀଡ଼ାରେ ପାଣି କିମ୍ବା ଡଙ୍ଗା ବ୍ୟବାହାର କରାଯିବ ନାହିଁ। ଡଙ୍ଗା ଭଳି ଏକ ମେସିନ ଜରିଆରେ ପ୍ରତିଯୋଗୀମାନେ ମୁକାବିଲା କରିବେ। ୩୫୦ ପୁରୁଷ ଓ ୨୫୦ ମହିଳାଙ୍କୁ ମିଶାଇ ମୋଟ୍ ୬୦୦ ରୋୟର ଏଥିରେ ଭାଗନେବେ। ବୁଧବାର ବାରବାଟୀ ଗେଷ୍ଟ ହାଉସରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡ଼ିଶା ସଂଘର ସଭାପତି ବିନୋଦ ଦାଶ, ସମ୍ପାଦକ ଅମରଜ୍ୟୋତି ସିଂଦେଓ ଏହି ସୂଚନା ଦେଇଛନ୍ତି। ଓଡ଼ିଶାର ୩୩ଜଣିଆ ଦଳ ଏହି ପ୍ରତିଯୋଗିତାରେ ଭାଗନେବ।

## ଏକଲବ୍ୟ ପୁରସ୍କାର ଲାଗି ଦରଖାସ୍ତ ଆହ୍ୱାନ

ଭୁବନେଶ୍ୱର, ୧।୪ (ସମିସ): ଇମ୍ଫା ଗ୍ରୁପ୍ ଦ୍ୱାରା ପରିଚାଳିତ 'ଇଣ୍ଡିଆନ ମେଟାଲାସ୍ ପବ୍ଲିକ ଚାରିଟେବଲ୍ ଟ୍ରଷ୍ଟ' (ଇମ୍ପାକ୍ଟ) ତରଫରୁ ସମ୍ମାନଜନକ ୩୪ତମ ଏକଲବ୍ୟ ପୁରସ୍କାର-୨୦୨୬ ପାଇଁ ନାମାଙ୍କନ ପତ୍ର ଆହ୍ୱାନ କରାଯାଇଛି। ଏକଲବ୍ୟ ପୁରସ୍କାର ହେଉଛି ଓଡ଼ିଶାର ଉତ୍କୃଷ୍ଟ ଯୁବ କ୍ରୀଡ଼ାବିତ୍‌ଙ୍କ ପାଇଁ ବାର୍ଷିକ କ୍ରୀଡ଼ା ପୁରସ୍କାର। ଯାହାର ପୁରସ୍କାର ରାଶି ୭ ଲକ୍ଷ ଟଙ୍କା ରହିଛି। ମୁଖ୍ୟ ପୁରସ୍କାର ବ୍ୟତୀତ ଦୁଇଜଣ ଉପବିଜେତାଙ୍କୁ ପୁରସ୍କାର ଆକାରରେ ୧.୫ ଲକ୍ଷ ଟଙ୍କା ଲେଖାଏ ଦିଆଯିବ। ଆଗ୍ରହୀ କ୍ରୀଡ଼ାବିତ୍‌ମାନେ ଓଡ଼ିଶା ମଧ୍ୟରେ ଥିବା କ୍ରୀଡ଼ା ସଂଗଠନ/ବୋର୍ଡ/ସଂଘ, ବିଶ୍ୱବିଦ୍ୟାଳୟ, କଲେଜ ଏବଂ ସ୍କୁଲ ମାଧ୍ୟମରେ ସେମାନଙ୍କର ନାମାଙ୍କନ ପତ୍ର ପଠାଇପାରିବେ। ପ୍ରାର୍ଥୀଙ୍କ ବୟସ ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ୨୫ ବର୍ଷରୁ ଅଧିକ ହୋଇ ନ ଥିବା ଆବଶ୍ୟକ। ପ୍ରାର୍ଥୀମାନେ ନିଜର ବୟସ ପ୍ରମାଣପତ୍ର ସହିତ ଗତ ଦୁଇବର୍ଷ (୧ ଏପ୍ରିଲ ୨୦୨୪ରୁ ୩୧ ମାର୍ଚ୍ଚ ୨୦୨୬) ମଧ୍ୟରେ ରାଜ୍ୟସ୍ତରୀୟ, ଜାତୀୟସ୍ତରୀୟ ଏବଂ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ହାସଲ କରିଥିବା ବିଭିନ୍ନ କୃତିତ୍ୱର ପ୍ରମାଣପତ୍ର ସହିତ ଦରଖାସ୍ତ ଦଖଲ କରିବା ଆବଶ୍ୟକ। ଆସନ୍ତା ମେ ୩୧ ତାରିଖ ସୁଦ୍ଧା 'ଏକଲବ୍ୟ ପୁରସ୍କାର, ଇମ୍ପାକ୍ଟ, ଇମ୍ଫା ବିଲ୍ଡିଂ, ଭୁବନେଶ୍ୱର- ୭୫୧୦୧୦ ଠିକଣାରେ ଦରଖାସ୍ତ ପହଞ୍ଚିବା ଆବଶ୍ୟକ। ଏହାବ୍ୟତୀତ ପ୍ରାର୍ଥିପତ୍ରଗୁଡ଼ିକ ekalabya@imfa.inକୁ ଇମେଲ କରିହେବ।

## ୪୦ ବର୍ଷ ପରେ ଫିଫା ବିଶ୍ୱକପ୍‌କୁ ଇରାକର ଯୋଗ୍ୟତା ଅର୍ଜନ

ମେକ୍ସିକୋ ସିଟି, ୧।୪ (ଏଜେନ୍ସି): ଦୀର୍ଘ ୪୦ ବର୍ଷର ବ୍ୟବଧାନ ପରେ ଇରାକ ଫୁଟବଲ ଦଳ ଆଗାମୀ ଫିଫା ବିଶ୍ୱକପକୁ ଯୋଗ୍ୟତା ଅର୍ଜନ କରିଛି। ଘରୋଇ ମେକ୍ସିକୋ ବିପକ୍ଷରେ ବୁଧବାର ଅନୁଷ୍ଠିତ ଇଣ୍ଟରକଣ୍ଟିନେଣ୍ଟାଲ ପ୍ଲେ-ଅଫ୍‌ର ଦ୍ୱିତୀୟ ଫାଇନାଲ ମ୍ୟାଚରେ ଇରାକ ୨-୧ ଗୋଲରେ ବଲ୍‌ଭିଆକୁ ପରାସ୍ତ କରିଥିଲା। ଏହି ବିଜୟ ସହ ଇରାକ ଫିଫା ବିଶ୍ୱକପ୍



ଲାଗି ରହିଥିବା ଶେଷ ତଥା ୪୮ତମ ସ୍ଥାନଟି ପୂରଣ କରିଛି। ଇରାକ ଏଥିପୂର୍ବରୁ ପ୍ରଥମ ଓ ଶେଷଥର ଲାଗି ମେକ୍ସିକୋରେ ଅନୁଷ୍ଠିତ ୧୯୮୬ ବିଶ୍ୱକପ୍ ଖେଳିଥିଲା। ମଧ୍ୟପ୍ରାଚ୍ୟରେ ଯୁଦ୍ଧର ଭୟଙ୍କର ସ୍ଥିତି ମଧ୍ୟରେ ଇରାକର ଏହି ସଫଳତା ଦେଶବାସୀଙ୍କ ମନରେ ବେଶ୍ ଖୁସି ଆଣିଛି। ଅଷ୍ଟ୍ରେଲିଆର ଗ୍ରାହମ ଆର୍ନୋଲ୍ଡ ବର୍ତ୍ତମାନ ଇରାକ ଦଳର ମୁଖ୍ୟ ପ୍ରଶିକ୍ଷକ ରହିଛନ୍ତି। ଫଳରେ ସେ ପ୍ରଥମ ଅଷ୍ଟ୍ରେଲୀୟ କୋଚ୍ ଭାବେ ଫିଫା ବିଶ୍ୱକପ୍‌ରେ ଏକ ବିଦେଶୀ ଦଳକୁ ପ୍ରତିନିଧିତ୍ୱ କରିବେ।

## ୪ଥରର ବିଜେତା ଇଟାଲୀ ପୁଣି ନିରାଶ

ଜେନିକା, ୧।୪ (ଏଜେନ୍ସି): ଚାରିଥରର ଚାମ୍ପିଅନ ଇଟାଲୀ ଫୁଟବଲ୍ ଦଳ ଚଳିତ ବର୍ଷ ହେବାକୁ ଥିବା ଫିଫା ବିଶ୍ୱକପକୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଛି। ବୁଧବାର ଅନୁଷ୍ଠିତ ୟୁରୋପିଆନ ଯୋଗ୍ୟତା ପର୍ଯ୍ୟାୟର ଏକ ମ୍ୟାଚରେ ଘରୋଇ ବୋସନିଆ ସୁଟ୍‌ଆଉଟ୍‌ରେ ୪-୧ ଗୋଲ୍ (୧-୧)ରେ ଇଟାଲୀକୁ ପରାସ୍ତ କରିଥିଲା। ଏହି ପରାଜୟ ପରେ ଇଟାଲୀର ଫିଫା ବିଶ୍ୱକପ୍ ଯୋଗ୍ୟତା ଅର୍ଜନ କରିବା ଆଶା ମଉଳିଯାଇଛି। ଇଟାଲୀ ଏଥିସହ କ୍ରମାଗତ ୩ଟି ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ହାସଲ କରିବାରେ ଅସମର୍ଥ ହୋଇଛି। ଏଥିପୂର୍ବରୁ ଋଷିଆରେ ଅନୁଷ୍ଠିତ ୨୦୧୮ ଓ ୨୦୨୨ କତାର ବିଶ୍ୱକପକୁ ମଧ୍ୟ ଇଟାଲୀ ଟିକଟ୍ ହାସଲ କରିପାରି ନ ଥିଲା। ଫିଫା ବିଶ୍ୱକପ୍ ଚାମ୍ପିଅନ ହୋଇଥିବା କୌଣସି ଦଳ କ୍ରମାଗତ ୩ଟି ବିଶ୍ୱକପକୁ ଯୋଗ୍ୟତା ଅର୍ଜନ କରି ନ ପାରିବା ଏହା ପ୍ରଥମ ଘଟଣା। ଅପରପକ୍ଷରେ ସୁଟ୍‌ଆଉଟ୍‌ରେ ବିଜୟୀ ହୋଇ ବୋସନିଆ ଫିଫା ବିଶ୍ୱକପ୍ ଗ୍ରୁପ୍-ବି'ରେ ଅନ୍ତିମ ତଥା ୪ର୍ଥ ଦଳ ଭାବେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ବୋସନିଆ ସହ କାନାଡା, କତାର ଓ ସୁଇଜରଲାଣ୍ଡ ରହିଛି।

ମହିଳା ଦିନିକିଆ କ୍ରିକେଟ୍‌ରେ ଇତିହାସ

## ନ୍ୟୁଜିଲାଣ୍ଡକୁ ଐତିହାସିକ ବିଜୟ ଦେଲେ କେର୍

ୱେଲିଂଟନ, ୧।୪ (ଏଜେନ୍ସି): ମହିଳା ଦିନିକିଆ କ୍ରିକେଟ୍‌ରେ ଇତିହାସ ସୃଷ୍ଟି ହୋଇଛି। ନ୍ୟୁଜିଲାଣ୍ଡ ଦଳ ଦିନିକିଆ କ୍ରିକେଟ୍‌ରେ ସର୍ବାଧିକ ରନ ଚେଜ୍ କରି ନୂଆ କୀର୍ତ୍ତିମାନ ସ୍ଥାପନ କରିଛି। ବୁଧବାର ଏଠାରେ ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ ମ୍ୟାଚରେ ଦକ୍ଷିଣ ଆଫ୍ରିକା ମହିଳା ଦଳ ପକ୍ଷରୁ ଧାର୍ଯ୍ୟ ୩୪୭ ରନର ବିଶାଳ ଲକ୍ଷ୍ୟକୁ ଘରୋଇ ନ୍ୟୁଜିଲାଣ୍ଡ ୪୯.୪ ଓଭରରେ ୮ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଅଧିନାୟିକା ଆମେଲିଆ କେର ୧୭୯ ରନର ଅପରାଜିତ ଶତକୀୟ ପାଳି ଖେଳି ଏହି ବିଜୟରେ ନାୟିକା ସାଜିଥିଲେ। ପୂର୍ବରୁ ମହିଳା ଦିନିକିଆ କ୍ରିକେଟ୍ ଇତିହାସରେ ସର୍ବାଧିକ ରନ ଚେଜ୍ ଭାରତ ନାମରେ ରହିଥିଲା। ଗତ ବର୍ଷ ବିଶ୍ୱକପ୍‌ରେ ନଭି ମୁମ୍ବଇରେ ଅନୁଷ୍ଠିତ ମ୍ୟାଚରେ ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୩୩୯ ରନର କଷ୍ଟସାଧ୍ୟ ଲକ୍ଷ୍ୟକୁ ଭାରତୀୟ ମହିଳା ଦଳ ୫ ୱିକେଟ୍‌ରେ ହାସଲ କରିନେଇଥିଲା। ବୁଧବାର ବେସନ ରିଜର୍ଭ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ହାଇସ୍କୋରିଂ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୬ ୱିକେଟ ହରାଇ ୩୪୬ ରନର ବଡ଼ ସ୍କୋର କରିଥିଲା। ଦଳ



ପକ୍ଷରୁ ଆନେକ ବୋଷ୍ଟ ୯୧, ଅଧିନାୟିକା ଲୌରା ୱଲଭାର୍ଡଟ ୬୯, ସୁନେ ଲସ୍ ୪୦ ରନ କରିଥିଲେ। ତେବେ ନିମ୍ନକ୍ରମରେ କ୍ଲୋଏ ଟ୍ରାୟନ ୨୫ ବଲରେ ୫୨ ରନର ଦ୍ରୁତ ପାଳି ଖେଳିବାରୁ ଦକ୍ଷିଣ ଆଫ୍ରିକା ସ୍କୋର ୩୫୦ ନିକଟତର ହୋଇଥିଲା। ଘରୋଇ ନ୍ୟୁଜିଲାଣ୍ଡର ବ୍ରେ ଇଲିଙ୍ଗଙ୍କୁ ୩ଟି ୱିକେଟ ମିଳିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୫ମ ଓଭରରେ ନିର୍ଭରଯୋଗ୍ୟ ଓପନର ସୁଜି ବେଟ୍ସ (୮ ରନ)ଙ୍କ ୱିକେଟ୍ ହରାଇଥିଲା। ତେବେ ଏହାପରେ ବ୍ୟାଟିଂ କରିବାକୁ ଆସିଥିବା ଆମେଲିଆ କେର୍ ଅଧିନାୟିକା ପାଳି ଖେଳିଥିଲେ। ସେ ଶେଷ ପର୍ଯ୍ୟନ୍ତ ୧୭୯ ରନରେ ଅପରାଜିତ ରହି ଦଳକୁ ୨ଟି ବଲ୍ ଓ ୱିକେଟ୍ ବଳକା ଥାଇ ଜିତାଇଥିଲେ। ୧୩୯ ବଲର ଏହି ପାଳିରେ ସେ ୨୩ଟି ଚୌକା ଓ ଗୋଟିଏ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଜାବେଲ୍ ୬୮ ରନ କରିଥିଲେ। ପୂର୍ବରୁ ପ୍ରଥମ ମ୍ୟାଚକୁ ୨ ୱିକେଟରେ ହାରିଥିବା ନ୍ୟୁଜିଲାଣ୍ଡ ଏଥିସହ ସିରିଜକୁ ୧-୧'ର ସମାନସ୍ତରକୁ ଆଣିଛି। ନିର୍ଣ୍ଣାୟକ ୩ୟ ଦିନିକିଆ ଶନିବାର ଏଠାରେ ଖେଳାଯିବ।

ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା

## ରୋଶନ, ଦୟାନିଧି, ଦମୟନ୍ତୀ, ଧନମତୀଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୧।୪ (ସମିସ): ଛତିଶଗଡ଼ର ରାୟପୁରରେ ଚାଲିଥିବା ପ୍ରଥମ ଜନଜାତି କ୍ରୀଡ଼ାରେ ଓଡ଼ିଶାର କ୍ରୀଡ଼ାବିତ୍‌ମାନଙ୍କ ଦମ୍‌ଦାର ପ୍ରଦର୍ଶନ ଜାରି ରହିଛି। ପ୍ରତିଯୋଗିତାରେ ବୁଧବାର ଓଡ଼ିଶା ୮ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ୪ଟି ସ୍ୱର୍ଣ୍ଣ ଏବଂ ଦୁଇଟି ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ରହିଛି। ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରୁ ଓଡ଼ିଶା ଏହି ସମସ୍ତ ପଦକ ଜିତିଛି। ପୁରୁଷ ୪୦୦ ମିଟର ରେସରେ ରୋଶନ ଖାଡ଼ିଆ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ସେ ୫୩.୪୧ ସେକେଣ୍ଡରେ ରେସ୍ ଫିନିଶ କରି ପ୍ରଥମ ସ୍ଥାନ ହାସଲ କରିଥିଲେ। ସେହିଭଳି ୮୦୦



ରୋଶନ ଖାଡ଼ିଆ ଦୟାନିଧି ମୁଣ୍ଡା ଦମୟନ୍ତୀ ଖେସ୍

ମିଟର ରେସରେ ଦୟାନିଧି ମୁଣ୍ଡାଙ୍କୁ ସ୍ୱର୍ଣ୍ଣିମ ସଫଳତା ମିଳିଛି। ମହିଳା ହାଇଜମ୍ପରେ ଦୀପା କିଶାନ ଓ ଜାଭେଲିନ ଥ୍ରୋ'ରେ ଦମୟନ୍ତୀ ଖେସ୍ ପୋଡିୟମର ପ୍ରଥମ ସ୍ଥାନରେ ରହି ରାଜ୍ୟ ପାଇଁ ସ୍ୱର୍ଣ୍ଣ ପଦକ ସଫଳତା ଆଣିଥିଲେ। ଅପରପକ୍ଷରେ ଓଡ଼ିଶାର ପୂର୍ଣ୍ଣିମା ସାଣ୍ଡିଲ ମହିଳା ୮୦୦ ମିଟର ରେସରେ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ଜିତିଥିଲେ। ଅନ୍ୟତମ ରୌପ୍ୟ ପଦକ ଆଲିଶ ଏକ୍କା ହାସଲ କରିଥିଲେ। ସେ ମହିଳା ୧୦ ହଜାର ମିଟର ଚାଲିରେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ମହିଳା ୪୦୦ ମିଟର ହର୍ଡଲ୍ସରେ ବାସନ୍ତୀ ମାଝୀ ଓ ମହିଳା ହାଇଜମ୍ପରେ କବିତା ତାଡିଙ୍ଗି କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଏଥିସହ ଓଡ଼ିଶାର ମୋଟ୍ ପଦକ ସଂଖ୍ୟା ୪୩ରେ ପହଞ୍ଚିଛି। ଯେଉଁଥିରେ ୧୭ଟି ସ୍ୱର୍ଣ୍ଣ, ୧୦ଟି ରୌପ୍ୟ ଓ ୧୬ଟି କାଂସ୍ୟ ପଦକ ରହିଛି।

## ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ରଗ୍‌ବୀ ଆରମ୍ଭ

ଭୁବନେଶ୍ୱର, ୧।୪ (ସମିସ): ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରଗବୀ ଚାମ୍ପିଅନସିପ୍ (ପୁରୁଷ ଓ ମହିଳା) ବୁଧବାର ଉଦ୍‌ଘାଟିତ ହୋଇଯାଇଛି। କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ରାହୁଲ ବୋଷ ରଗ୍‌ବୀ ଷ୍ଟାଡିୟମରେ ଉଦଘାଟିତ ହୋଇଥିବା ଏହି ପ୍ରତିଯୋଗିତାରେ ୬୭ଟି ପୁରୁଷ ଦଳ ଓ ୬୧ଟି




ମହିଳା ଦଳ ଅଂଶଗ୍ରହଣ କରିଛନ୍ତି। ଗୁରୁବାରଠାରୁ ପ୍ରତିଯୋଗିତା ଆରମ୍ଭ ହେବାକୁ ଯାଉଥିବାବେଳେ ୨୦୦୦ରୁ ଊର୍ଦ୍ଧ୍ୱ ଖେଳାଳିଙ୍କ କ୍ରୀଡ଼ାକୌଶଳ ଦେଖିବାକୁ ମିଳିବ। ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତା ଏପ୍ରିଲ ୬ ତାରିଖ ପର୍ଯ୍ୟନ୍ତ ଖେଳାଯିବ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟର ଭାଇସ ଚାନସେଲର ସରଣଜିତ୍ ସିଂହ, କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ଓଡ଼ିଶା ରଗ୍‌ବୀ ଫୁଟବଲ ୟୁନିୟନର ଉପସଭାପତି ଉପେନ୍ଦ୍ର କୁମାର ମହାନ୍ତି, କିଟ୍‌ର ରେଜିଷ୍ଟ୍ରାର ଜ୍ଞାନରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ। ଉଲ୍ଲେଖଯୋଗ୍ୟ ବିଶ୍ୱ ରଗ୍‌ବୀ ସଂଘର ମାନ୍ୟତାପ୍ରାପ୍ତ ଗ୍ରାଉଣ୍ଡ ରାହୁଲ ବୋଷ ରଗ୍‌ବୀ ଷ୍ଟାଡିୟମରେ ଏହା ପ୍ରଥମ ଟୁର୍ଣ୍ଣାମେଣ୍ଟ ହେବ। ତେଣୁ ବିଧିଅନୁସାରେ ଗ୍ରାଉଣ୍ଡର ପୂଜାପାଠ ଆଦି କରାଯାଇଥିଲା।

## ଏସିଆନ୍ ଟ୍ରାକ୍ ସାଇକ୍ଲିଂ; ସ୍ୱସ୍ତିଙ୍କ ୨ ଜାତୀୟ ରେକର୍ଡ

ଭୁବନେଶ୍ୱର, ୧।୪ (ସମିସ): ଫିଲିପାଇନ୍ସରେ ଶେଷ ହୋଇଥିବା ୪୫ତମ ଏସିଆନ୍ ଟ୍ରାକ୍ ସାଇକ୍ଲିଂ ଚାମ୍ପିଅନସିପ୍‌ରେ ଓଡ଼ିଶାର ସ୍ୱସ୍ତି ସିଂ ଦମ୍‌ଦାର ପ୍ରଦର୍ଶନ କରି ଦୁଇଟି ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ସ୍ୱସ୍ତି ୪ କିମି ଟିମ୍ ପୁରସିଟ୍‌ରେ ୪ ମିନିଟ ୩୭.୩୭ ସେକେଣ୍ଡରେ ରେସ୍ ଫିନିଶ କରିଥିଲେ। ସେହିଭଳି ୪ କିମି ଇଣ୍ଡିଭିଜୁଆଲ୍ ପୁରସିଟ୍ ଇଭେଣ୍ଟରେ ସ୍ୱସ୍ତି ୪ ମିନିଟ୍ ୫୯.୫୯ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିଲେ। ହର୍ଶିତା ଝାକରଙ୍କୁ ସାଥୀ କରି ସ୍ୱସ୍ତି ମାଡିସନ ଇଭେଣ୍ଟରେ ୫ମ ସ୍ଥାନ ହାସଲ କରିଥିଲେ। ଯାହାକି ତାଙ୍କର ଏହି ଇଭେଣ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ ହୋଇଛି।

ଓସିଏ କ୍ଲବ ଲିଗ୍: ଶିଭମ୍‌ଙ୍କ ଦ୍ୱିଶତକ, ଶୁଭ୍ରାଂଶୁଙ୍କ ଶତକ

## ସେମିରେ ୟୁନିୟନ ସ୍ପୋର୍ଟିଂ-ରାଇଜିଂ ଷ୍ଟୁଡେଣ୍ଟ୍ସ

ଭୁବନେଶ୍ୱର, ୧।୪ (ସମିସ)

ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା କ୍ଲବ ଲିଗ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଛି। ଗୁରୁବାର ବାରବାଟୀ ଷ୍ଟାଡିୟମରେ ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟ୍ସ ଓ ୟୁନିୟନ ସ୍ପୋର୍ଟିଂ ସାମ୍ନାସାମ୍ନି ହେବେ। ସେହିଭଳି ବିଶ୍ୱଭାରତୀ କ୍ରିକେଟ୍ କ୍ଲବ ଓ ଜୁଭେନାଇଲ୍ କ୍ଲବ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ରେଭେନସା ଗ୍ରାଉଣ୍ଡ-୧ରେ ଖେଳାଯିବ।

ବୁଧବାର ବାରବାଟୀରେ ଅନୁଷ୍ଠିତ ପ୍ରଥମ କ୍ୱାର୍ଟରରେ ରାଇଜିଂ ଷ୍ଟୁଡେଣ୍ଟ୍ସ ଦଳ ୧୬୪ ରନର ବିଶାଳ ବ୍ୟବଧାନରେ ଜଗତପୁର ଆଥ୍‌ଲେଟିକ ଆସୋସିଏସନକୁ ପରାସ୍ତ କରିଥିଲା। ଶୁଭ୍ରାଂଶୁ ସେନାପତି (୭୨ ବଲରେ ୧୨୪ ରନ) ଓ ରାଜେଶ ଧୁପର (୧୦୬ ବଲରେ ୧୧୭ ରନ)ଙ୍କ ଶତକ ସହାୟତାରେ ରାଇଜିଂ ଷ୍ଟୁଡେଣ୍ଟ୍ସ ୫୦ ଓଭରରେ ୯ ୱିକେଟ୍ ହରାଇ ୪୨୫




ରନର ବିଶାଳ ସ୍କୋର କରିଥିଲା। ଚଳିତ ଟୁର୍ଣ୍ଣାମେଣ୍ଟରେ ବାରବାଟୀରେ ଏହା ପ୍ରଥମ ୪୦୦ରୁ ଊର୍ଦ୍ଧ୍ୱ ସ୍କୋର ଥିଲା। ଜବାବରେ ଜଗତପୁର ଦଳ ୪୩.୧ ଓଭରରେ ୨୬୩ ରନରେ ଅଲଆଉଟ୍ ହୋଇଯାଇଥିଲା। ଆଦିତ୍ୟ ଚୌଧୁରୀ ୮୫ ଓ ଦେବାଶିଷ ସାମନ୍ତରାୟ ୬୨ ରନ କରିଥିଲେ। ବିଜୟୀ ଦଳର ସୌମ୍ୟରଞ୍ଜନ ଲେଙ୍କାଙ୍କୁ ୪ଟି ୱିକେଟ୍ ମିଳିଥିଲା। ସେହିଭଳି ସନସାଇନ ଗ୍ରାଉଣ୍ଡରେ ଅନୁଷ୍ଠିତ ୪ର୍ଥ କ୍ୱାର୍ଟରରେ ୟୁନିୟନ ସ୍ପୋର୍ଟିଂ ୯୫ ରନରେ ବାରବାଟୀ କଲଚୁରାଲ ୟୁନିୟନକୁ ହରାଇ ସେମିରେ ପ୍ରବେଶ କରିଛି। ବିଜୟୀ ଦଳର ଶିଭମ ଚୌଧୁରୀ ୧୫୫ ବଲରେ ୨୦୦ ରନର ଅପରାଜିତ ପାଳି ଖେଳିବା ଉଲ୍ଲେଖନୀୟ ପାଳି ଥିଲା। ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ୩ୟ କ୍ୱାର୍ଟରରେ ଜୁଭେନାଇଲ କ୍ଲବ ୮ ୱିକେଟରେ ରୟାଲ କ୍ଲବକୁ ମାତ୍ ଦେଇଥିଲା। ଜୁଭେନାଇଲର ଆକାଶ ସେନଗୁପ୍ତା ୨୭ ରନ ବ୍ୟୟରେ ୫ ୱିକେଟ୍ ନେଇ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ରେଭେନସା ଗ୍ରାଉଣ୍ଡରେ ଅନୁଷ୍ଠିତ ୩ୟ କ୍ୱାର୍ଟରରେ ବିଶ୍ୱଭାରତୀ ଦଳ ୪ ୱିକେଟରେ ସନସାଇନ କ୍ଲବକୁ ହରାଇଛି। ଶେଖ ରସିଦଙ୍କ ୧୧୪ ରନ ବଳରେ ସନସାଇନ ୪୯.୫ ଓଭରରେ ୨୬୩ ରନରେ ସୀମିତ ରହିଥିଲା। ପ୍ରତିପକ୍ଷ ବୋଲର ସୁବ୍ରତ ଜେନା ୩ଟି ୱିକେଟ ନେଇଥିଲେ। ଜବାବରେ ହେମନ୍ତ ନାୟକ (୮୨ ରନ), ଜ୍ଞାନ ନାୟକ (୬୯) ଓ ଗୌରବ କୁମାର (୫୦)ଙ୍କ ଅର୍ଦ୍ଧଶତକ ବଳରେ ବିଶ୍ୱଭାରତୀ ୪୫.୨ ଓଭରରେ ୬ ୱିକେଟ ହରାଇ ବିଜୟୀ ହୋଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO
PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS